RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR

♦VOLUME- 44 ♦ISSUE-33 ♦MONDAY ♦27 JULY 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୩୩ ♦ସୋମବାର ♦୨୭ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପଦକ ଅଭିଯାନ

# ମୀରାବାଈ ଆଣିଲେ ପ୍ରଥମ ସ୍ୱର୍ଣ୍ଣ

ଗ୍ଲାସଗୋ, ୨୬।୭ (ଏଜେନ୍ସି): ମହାନ ଭାରୋତ୍ତୋଳିକା ମୀରାବାଈ ଚାନୁ ସ୍କଟଲାଣ୍ଡ ରାଜଧାନୀ ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪୮ କିଗ୍ରା ଓଜନବର୍ଗରେ ମୀରାବାଈ ଏହି ସଫଳତା ପାଇଛନ୍ତି। ଏଥିରେ ମୀରାବାଈ ମୋଟ୍ ୧୯୦ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯେଉଁଥିରେ ସେ ସ୍ନାଚରେ ରେକର୍ଡ ୮୫ କ୍ରିଗା ଓ କ୍ଲିନ ଆଣ୍ଡ ଜର୍କରେ ୧୦୫ କିଗ୍ରା ଭାର ସଫଳତାର ସହ ଉଠାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ୩୧ ବର୍ଷୀୟା ମୀରାବାଈଙ୍କ ଏହା ହେଉଛି ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସଫଳତା। ଏଥିପୂର୍ବରୁ ୨୦୧୮ ଗୋଲ୍ଡକୋଷ୍ଟ ଓ ୨୦୨୨ ବର୍ମିଂହାମ ସଂସ୍କରଣରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ମୀରାବାଈ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ (୨୦୧୪) ସହ ମୋଟ୍ ୪ଟି ପଦକ ବିଜୟୀ ହୋଇଛନ୍ତି। ମୀରାବାଈଙ୍କ ସ୍ୱର୍ଣ୍ଣିମ ସଫଳତା ସହ ଭାରତ ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ତାଲିକାରେ ୭ମ ସ୍ଥାନକୁ ଉଠିଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ସାମିଲ ରହିଛି। ମୀରାବାଈଙ୍କ ପୂର୍ବରୁ ରବିବାର ଅପରାହ୍ଣରେ ରିଷିକାନ୍ତ ସିଂ ପୁରୁଷ ୬୦ କିଗ୍ରା ଭାରୋତ୍ତୋଳନରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଶୁକ୍ରବାର ରାତିରେ ପାରା ଶକ୍ତିଉତ୍ତୋଳକ ଝାଣ୍ଟୁ କୁମାର କାଂସ୍ୟ ପଦକ ସଫଳତା ଆଣିଥିଲେ। ଯାହାକି ଭାରତ ପାଇଁ ପ୍ରଥମ ପଦକ ଥିଲା।

# ଅଧରପଣା ପାଇ ତୃପ୍ତ ହେଲେ ଅଶରୀରୀ



## ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ

ପୁରୀ, ୨୬।୭ (ସମିସ): ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ସୋମବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ୧ ଘଣ୍ଟା ୪୨ ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୪୨ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭାଙ୍ଗିଥିଲା। ରବିବାର ଆଷାଢ ଶୁକ୍ଳ ଦ୍ୱାଦଶୀ ▶ପୃଷ୍ଠା-୭



## ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬


# ଚମକିଲେ ଜ୍ୟୋତିର୍ମୟୀ

ମୁମ୍ବାଇ, ୨୬।୭ (ଏଜେନ୍ସି): ପୁଣି ଜାତୀୟ ସ୍ତରରେ ଚମକିଲେ ଓଡ଼ିଆ ଝିଅ। ଦେଶର ଲୋକପ୍ରିୟ ସଙ୍ଗୀତଭିତ୍ତିକ ରିଅଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬'ର ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ପ୍ରତିଭାବାନ ଗାୟିକା ଜ୍ୟୋତିର୍ମୟୀ ନାୟକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦୀର୍ଘ ୧୦ ମାସର ସଙ୍ଗୀତ ଯାତ୍ରା ପରେ ଆୟୋଜିତ ଭବ୍ୟ ଫିନାଲେରେ ଦେଶର ବିଭିନ୍ନ ରାଜ୍ୟର ୫ଜଣ ପ୍ରତିଭାଶାଳୀ ପ୍ରତିଯୋଗୀଙ୍କୁ ପଛରେ ପକାଇ ଜ୍ୟୋତିର୍ମୟୀ ଓଡ଼ିଶାରୁ ପ୍ରଥମ ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ବିଜୟିନୀ ହୋଇଛନ୍ତି। ଜ୍ୟୋତିର୍ମୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଗ୍ରାମର ଝିଅ। ଜ୍ୟୋତିର୍ମୟୀଙ୍କ ବିଜୟ ଓଡ଼ିଶାର ▶ପୃଷ୍ଠା-୭

## କେନ୍ଦ୍ର ସରକାରଙ୍କ ପରୀକ୍ଷା ସଂସ୍କାର

# ଗଠନ ହେଲା ଟାସ୍କଫୋର୍ସ

## ନେତୃତ୍ୱ ନେବେ ନନ୍ଦନ ନିଲେକାନି



### ପେପର ଲିକ୍ ବିରୋଧରେ କଠୋର ଆଇନ

### ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନା

### ଆଜି ଲୋକସଭାରେ ଆସିବ ସଂଶୋଧନ ବିଲ୍

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପରିପ୍ରେକ୍ଷୀରେ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ଆନ୍ଦୋଳନକାରୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହିତ ଅନେକ କାର୍ଯ୍ୟାନୁଷ୍ଠାନ ପରେ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାର ଆଜି ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏହାସହିତ ପ୍ରଶ୍ନପତ୍ର ଲିକ୍ ବିରୋଧରେ କଠୋର ଆଇନ ପାଇଁ ଆସନ୍ତାକାଲି ଲୋକସଭାରେ ଏକ ସଂଶୋଧନ ବିଲ ଆଗତ କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ପ୍ରଶ୍ନପତ୍ର ଲିକ୍‌ରେ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗି ଏହି ବିଲରେ ବ୍ୟବସ୍ଥା ରହିଛି।

ପରୀକ୍ଷା ପରିଚାଳନା ପଦ୍ଧତିକୁ ଅଧିକ ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଯେଉଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିଛନ୍ତି, ତାହାର ନେତୃତ୍ୱ ନେବେ ଇନଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି। ▶ପୃଷ୍ଠା-୭

## ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବରତା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପ୍ରସ୍ତୁତି

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ନେଇ ସାରା ଦେଶରେ ଆକ୍ରୋଶ ବୃଦ୍ଧି ପାଇଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଏହି ଘଟଣାରେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଏବଂ ଦାୟୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ଜୁଲାଇ ୨୦ରେ ଦିଲ୍ଲୀରେ ହୋଇଥିବା ପୁଲିସର "ବର୍ବର ଆକ୍ରମଣ' ପାଇଁ ଜବାବ ମାଗିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ପେଲେଟ୍ ଗନ୍ ଭଳି ମାରାତ୍ମକ ଅସ୍ତ୍ର ବ୍ୟବହାର ପାଇଁ ଗୃହମନ୍ତ୍ରୀ ଅନୁମତି ଦେଇଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧୀ ସାହିଲ ଲୋଚାବ ନାମକ ଜଣେ ୧୯ ବର୍ଷୀୟ ଛାତ୍ରଙ୍କୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରି ପେଲେଟ୍ ଗନ୍ ମାଡ଼ରେ ତାଙ୍କର ଗୋଟିଏ ଆଖିର ଦୃଷ୍ଟିଶକ୍ତି ନଷ୍ଟ ହେବାକୁ ଥିବା ବିଷୟରେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରତା ନେଇ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଲୋକସଭାରେ ସରକାରଙ୍କୁ ଘେରିବାକୁ ଯୋଜନା କରିଥିବା ସୂଚନା ମିଳିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡଗେ କହିଛନ୍ତି ଯେ, ଏବେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ମାଗିବା ପାଳି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ତଥା ପେଲେଟ୍ ଗନ୍ ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ▶ପୃଷ୍ଠା-୭

## ଅବପାତ ଘନୀଭୂତ

# ଆହୁରି ୪୮ ଘଣ୍ଟା ବର୍ଷା

ଭୁବନେଶ୍ୱର, ୨୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପନେଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ

### ଆଜି ୩ ଜିଲ୍ଲାରେ ସ୍କୁଲ ଛୁଟି

ଆହୁରି ଦୁଇ ଦିନ ଏହି ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏପରିକି କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ହେବାର ରହିଛି। ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ▶ପୃଷ୍ଠା-୭

## ବଜ୍ରପାତ ନେଲା ୩ ଚାଷୀଙ୍କ ଜୀବନ

କାମାକ୍ଷାନଗର/ରାଜବରହମପୁର, ୨୬।୭ (ସମିସ): ରବିବାର ଅପରାହ୍ଣରେ ବଜ୍ରପାତରେ ୩ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳର ବିଲ କାମ ବେଳେ ବଜ୍ରପାତରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାଲେଶ୍ୱର ଜିଲ୍ଲ ନୀଳଗିରି ବ୍ଲକ୍ ଅଞ୍ଚଳର ଜଣେ ଚାଷୀଙ୍କ ଜୀବନ ଯାଇଛି। କାମାକ୍ଷାନଗର ଥାନା ବାଲିପଡ଼ା ଗ୍ରାମର ସନ୍ତୋଷ ଦେହୁରୀ ଓ ତାଙ୍କ ପୁଅ ସତ୍ୟନାରାୟଣ ରବିବାର ଅପରାହ୍ଣରେ ଧାନ ରୋଇବାକୁ ବିଲକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ବିଲ ଭିତରେ ଟଳି ପଡ଼ିଥିଲେ। ନିକଟରେ ଥିବା କିଛି ▶ପୃଷ୍ଠା-୭

# ସିଜେପି ପରେ ଇଜେପି

### ୧୦୦% ପେଟ୍ରୋଲ ଚୟନ ବିକଳ୍ପ ଦାବି

### କାର ଉପରେ ଇଥାନଲ୍ ଇନ୍ଧନର ପରୀକ୍ଷା ନିରୀକ୍ଷା ନ ହେଉ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ପତ୍ର ଲିକ୍ ପରେ ଏବେ ଗାଡ଼ିର ଇନ୍ଧନ ଟାଙ୍କିକୁ ନେଇ ଚିନ୍ତିତ ଦେଶର ସାଧାରଣ ଜନତା। ଲୋକଙ୍କ ଏହି ସମସ୍ୟାକୁ ନଜରରେ ରଖି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପଦାଙ୍କ ଅନୁସରଣ କରି, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ 'ଇ-୨୦ ଜନତା ପାର୍ଟି' (ଇଜେପି) ନାମକ ଏକ ନୂତନ ଗ୍ରୁପ ଉଭା ହୋଇଛି। ଏହା ଏବେ ସରକାରଙ୍କ ନିକଟରେ ଇଥାନଲ୍-ମିଶ୍ରିତ ପେଟ୍ରୋଲ ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ବିକଳ୍ପ ଦାବି କରୁଛି। ଇ-୨୦ ପେଟ୍ରୋଲକୁ ନେଇ ସାରା ଦେଶରେ ବିବାଦ ମଧ୍ୟରେ ଏହି ନୂଆ ସୋସିଆଲ ମିଡିଆ ଗ୍ରୁପ ସୃଷ୍ଟି ହୋଇଛି। କାରଣ ବର୍ତ୍ତମାନ ଦେଶରେ ଅନେକ ବ୍ୟବହାରକାରୀ ଇ-୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ଗାଡ଼ି ମାଇଲେଜ୍ ସହିତ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଇଜେପିର ଦାବି ହେଉଛି, ଲୋକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଇ-୨୦ ଇଥାନଲ୍ ମିଶ୍ରଣ ଇନ୍ଧନ ବ୍ୟବହାର ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ▶ପୃଷ୍ଠା-୭

## ଚାଉଳ ପୋକମରା ଔଷଧ ଗନ୍ଧରେ ୨ ଶିଶୁ ମୃତ

### ମା' ଅସୁସ୍ଥ

ଭାପୁର, ୨୬।୭ (ସମିସ): ଚାଉଳରେ ପୋକ ନ ହେବା ପାଇଁ ପୋକମରା ଔଷଧ ଦିଆଯାଇଥିଲା। ସେହି ଗନ୍ଧରେ ଗୋଟିଏ ପରିବାରର ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ମଧ୍ୟ ଅସୁସ୍ଥ ହୋଇପଡ଼ିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବାଉଁଶବାଟୀ ପଞ୍ଚାୟତ କଇଁଥପୋଖରୀ ଗ୍ରାମରେ ଶନିବାର ଘଟିଛି ଏହି ଅଘଟଣ। ଗ୍ରାମର ଯଦୁ ସାହୁଙ୍କ ସ୍ତ୍ରୀ ରୁବି ସାହୁ ଚାଉଳ ପୋକ ମାରିବା ପାଇଁ ପୋକମରା ଔଷଧ ଆଣି ଘରେ ରଖିଥିଲେ। ପୋକମରା ଔଷଧକୁ କଣାକରି ଘରେ ରଖିଥିବା ବେଳେ କବାଟ ଝରକା ଦେଇ ଏସି ଲଗାଇ ଦୁଇ ପୁଅ ଝିଅଙ୍କୁ ଧରି ଶୁକ୍ରବାର ରାତିରେ ରୁବି ଶୋଇଯାଇଥିଲେ। ପୋକମରା ଔଷଧ ଗନ୍ଧରେ ରୁବିଙ୍କର ବାନ୍ତି ହେବାପରେ ଦୁଇବର୍ଷର ପୁଅ ▶ପୃଷ୍ଠା-୭

## ୧୦୪୦ ନିୟୁତ ୟୁନିଟ୍ ଉତ୍ପାଦନ ପାଇଁ ୧୦୮୩ ନିୟୁତ ୟୁନିଟ୍ ବିଜୁଳି ଖର୍ଚ୍ଚ

# କାହା ସ୍ୱାର୍ଥରେ ବ୍ୟୟହେବ ୪ ହଜାର କୋଟି ?

### ବିବାଦୀୟ କମ୍ପାନୀ ସହ ଚୁକ୍ତିକୁ ନେଇ ଅଡୁଆରେ ସରକାର

### ବୁଝାମଣାକୁ ନେଇ ପ୍ରଶ୍ନ ଉଠାଇଲେ ଶକ୍ତି ସମୀକ୍ଷକ ଓ ବିରୋଧୀ

ଭୁବନେଶ୍ୱର, ୨୬।୭ (ସମିସ): ସ୍ୱଚ୍ଛ ଓ ସବୁଜ ବିଦ୍ୟୁତ ଉତ୍ପାଦନ ପାଇଁ ଶୁକ୍ରବାର ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚପିସି) ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରା ଷ୍ଟ୍ରକଚର ଲିମିଟେଡ୍ (ଏମଇଆଇଏଲ) ସହିତ ଆନୁଷ୍ଠାନିକ ଭାବେ ଏକ ଚୁକ୍ତିନାମା ପତ୍ର (ଲେଟର ଅଫ ଇଣ୍ଟେଣ୍ଟ) ସ୍ୱାକ୍ଷର କରିଛି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ଉପସ୍ଥିତିରେ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ (ପିଏସପି) କରିବା ପାଇଁ ଉକ୍ତ ଚୁକ୍ତିନାମାଟି ସ୍ୱାକ୍ଷର ହୋଇଛି। ପ୍ରକଳ୍ପଟିକୁ ନିର୍ମାଣ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ୩୧୬୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥରେ ଅପର ଇନ୍ଦ୍ରାବତୀ ପିଏସପିରେ ୧୫୦ ମେଗାୱାଟ କ୍ଷମତା ବିଶିଷ୍ଟ ୪ଟି ଜେନେରେଟର ସ୍ଥାପନ ହେବ ବୋଲି କୁହାଯାଇଛି। ମାତ୍ର ସରକାରଙ୍କ ଏହି ଚୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିରୋଧୀ ରାଜନୈତିକ ଦଳ। ଅନ୍ୟ ରାଜ୍ୟରେ ବିବାଦୀୟ ଓ ଖିଲାପୀ ସଂସ୍ଥା ସହ ବୁଝାମଣା କରିବାକୁ ସରକାର କାହିଁକି ଆଗ୍ରହ ପ୍ରକାଶ କଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗରେ ଓଏଚପିସି ଦାଖଲ କରିଥିବା ସତ୍ୟପାଠ ଅନୁସାରେ ପ୍ରକଳ୍ପରୁ ବାର୍ଷିକ ୧ ହଜାର ୪୦ ନିୟୁତ ୟୁନିଟ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ଥିବା ବେଳେ ସେଥିପାଇଁ ୧ ହଜାର ୨୮୩ ନିୟୁତ ୟୁନିଟ ବ୍ୟବହାର ହେବ। ଅର୍ଥାତ ପ୍ରକଳ୍ପରୁ ଯେତିକି ବିଦ୍ୟୁତ ଉତ୍ପାଦନ ହେବ ତାହା ଠାରୁ ଅଧିକ ୨୪୩ ନିୟୁତ ୟୁନିଟ ପ୍ରକଳ୍ପରେ ଖର୍ଚ୍ଚ ହେବ। ▶ପୃଷ୍ଠା-୭



ସକାଳ THE SAKALA
ସମ୍ବଲପୁର
www.sakalaepaper.com

# ବର୍ଷା ହେଲେ ଜଳବନ୍ଦୀ ଜୟନ୍ତପୁର

ସମ୍ବଲପୁର,୨୬।୭ (ସମିସ)



ସରକାର ବିକାଶର ନୂଆ ନୂଆ ଦାବି କରୁଥିବାବେଳେ ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅଧୀନ ଜୟନ୍ତପୁର ଡାକଘରୋ ଛକ ଆଜି ମଧ୍ୟ ଡ୍ରେନେଜ ବ୍ୟବସ୍ଥାରୁ ବଞ୍ଚିତ। ଫଳରେ ପ୍ରତ୍ୟେକ ବର୍ଷ ଏଠାକାର ଲୋକଙ୍କ ପାଇଁ ଆଶୀର୍ବାଦ ନୁହେଁ, ବରଂ ଅଭିଶାପର କାରଣ ପାଲଟିଛି। ବର୍ଷା ପରେ ରାସ୍ତାରେ ଜମିଥିବା ପାଣି ସିଧାସଳଖ ଘର ଭିତରକୁ ପଶିଯାଇ ଅନେକ ପରିବାରଙ୍କ ଜନଜୀବନକୁ ବ୍ୟାହତ କରିଦେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବର୍ଷ ବର୍ଷ ଧରି ଏହି ସମସ୍ୟା ନେଇ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳିଛି, ସ୍ଥାୟୀ ସମାଧାନ ନୁହେଁ। ଗତକାଲିର ବର୍ଷାରେ ଅଭି ସୁନାନୀ, ରାଜୁ ସୁନାନୀ, ବିକ୍ରମ ସୁନାନୀଙ୍କ ସମେତ ପ୍ରାୟ ୮ରୁ ୧୦ଟି ପରିବାରର ଘରେ ପାଣି ପଶିଥିଲା। ଘରର ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଓ ଦୈନନ୍ଦିନ ବ୍ୟବହାରର ଜିନିଷପତ୍ର କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଘର ଭିତରେ ଜମିଥିବା ପାଣି ବାହାର କରିବା ପାଇଁ ଆଜି ସୋମାନଙ୍କୁ ନିଜ ଖର୍ଚ୍ଚରେ ମୋଟର ପମ୍ପ ବ୍ୟବହାର କରିବାକୁ ପଡ଼ିଛି। ଅର୍ଥାତ୍ ସରକାରୀ ବ୍ୟବସ୍ଥା ଯେଉଁଠାରେ ବିଫଳ, ସେଠାରେ ସାଧାରଣ ଲୋକେ ନିଜେ ନିଜର ଉଦ୍ଧାରକର୍ତ୍ତା ସାଜିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ପ୍ରତିବର୍ଷ ଏକେ ସମସ୍ୟା ଦେଖାଦେଉଛି, ତେବେ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା ନିର୍ମାଣ କାହିଁକି ହେଉନାହିଁ? ବିକାଶ ପାଇଁ ଖର୍ଚ୍ଚ ହେଉଥିବା ସରକାରୀ ଅର୍ଥ କେଉଁଠି ବିନିଯୋଗ ହେଉଛି। ଲୋକଙ୍କ ମୌଳିକ ସମସ୍ୟା ସମାଧାନ ଅପେକ୍ଷା କେବଳ କାଗଜକଲମରେ ବିକାଶ ଯୋଜନା ସୀମିତ ରହିଯାଉନାହିଁ ତ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଜଳ ଜମି ରହିବା ଫଳରେ ମଶାର ପ୍ରାଦୁର୍ଭାବ ବଢ଼ୁଛି ଏବଂ ଡେଙ୍ଗୁ, ମ୍ୟାଲେରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର ଆଶଙ୍କା ମଧ୍ୟ ସୃଷ୍ଟି ହେଉଛି। ଛୋଟ ପିଲା, ବୃଦ୍ଧ ଓ ମହିଳାମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି। ଏହି ଘଟଣା କେବଳ ଜୟନ୍ତପୁରର ସମସ୍ୟା ନୁହେଁ, ବରଂ ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମି ବିକାଶର ବାସ୍ତବଚିତ୍ରକୁ ସାମ୍ନାକୁ ଆଣିଛି। ବିକାଶର ପ୍ରଚାର ଓ ବାସ୍ତବ ସ୍ଥିତି ମଧ୍ୟରେ ଥିବା ପାର୍ଥକ୍ୟ ଏଠାରେ ସ୍ପଷ୍ଟ ଦେଖାଯାଉଛି। ଯୁଯୁମୁରା ବ୍ଲକ ପ୍ରଶାସନ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା କରୁଛନ୍ତି, ନା ପୁଣି ଆସନ୍ତା ବର୍ଷାରେ ଏହି ଦୃଶ୍ୟର ପୁନରାବୃତ୍ତି ହେବ ତାହା ଦେଖିବାକୁ ବାକି ରହିଲା।

**ଘରେ ପଶୁଛି ପାଣି, ବର୍ଷ ବର୍ଷର ଦୁଃଖକୁ ଶୁଣୁନି ପ୍ରଶାସନ**

## ଯୁବତୀଙ୍କ ଝୁଲନ୍ତା ଶବ ଉଦ୍ଧାର

କୁଚିଣ୍ଡା,୨୬।୭ (ସମିସ): ବାମରା ବ୍ଲକ୍ ସଦର ମହକୁମା ଅଧୀନ ଗୋବିନ୍ଦପୁର ଜଗନ୍ନାଥ ମନ୍ଦିର ନିକଟରେ ଜଣେ ଯୁବତୀଙ୍କ ମୃତ୍ୟୁ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବତୀ ଜଣକ ହେଲେ ଗୋବିନ୍ଦପୁର ନିବାସୀ ଅଶୋକ ସୋନିଙ୍କ ଝିଅ ଖୁସବୁ ସୋନି। ସୂଚନା ଅନୁଯାୟୀ, ଖୁସବୁ କିଛିଦିନ ଧରି ମାନସିକ ଚାପରେ ରହୁଥିବା ଜଣାପଡ଼ିଛି। ଗତକାଲି ଘରେ କେହି ନଥିବା ସମୟରେ ସେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବାବେଳେ ତାଙ୍କ ଶବ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ପଡ଼ୋଶୀମାନେ ଘଟଣା ଜାଣି ତୁରନ୍ତ ଗୋବିନ୍ଦପୁର ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ହୀରାକୁଦ ଡ୍ୟାମ୍‌ର ୮ ଗେଟ୍ ଖୋଲା

ସମ୍ବଲପୁର,୨୬।୭ (ସମିସ): ଉପରମୁଣ୍ଡରେ ବର୍ଷା ପରିମାଣ କମିବା ଫଳରେ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ହ୍ରାସ୍ ପାଇଛି। ତେଣୁ ଡ୍ୟାମ କର୍ତ୍ତୃପକ୍ଷ ରବିବାର ସନ୍ଧ୍ୟାରେ ୪ଟି ଗେଟ ବନ୍ଦ କରିଛନ୍ତି। ଏବେ ହୀରାକୁଦ ଜଳସ୍ତର ୬୧୧.୭୭ ଫୁଟ୍ ରହିଛି। ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୧୯ ତାରିଖ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ଆଜି ଦିନ ତମାମ ୧୨ଟି ଗେଟ ଦେଇ ଜଳ ନିଷ୍କାସନ ହେଉଥିଲା। ବାମ ପାଶ୍ୱର୍ର ୩ଟି ଓ ଡାହାଣ ପାଶ୍ୱର୍ର ଗୋଟାଏ ଗେଟ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ, ନଦୀବନ୍ଧର ବାମପାଶ୍ୱର୍ର ୫ଟି ଏବଂ ଡାହାଣ ପାଶ୍ୱର୍ର ୩ଟି ଏହିପରି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୨୩,୧୩୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୭୯,୩୦୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୪୫,୫୧୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୪୦୧ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୧୩୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ପଥର୍ଲାଠାରେ ୪୨,୭୦୭ କ୍ୟୁସେକ୍, ଖଇରମାଲଠାରେ ୪,୬୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୦୭,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୩,୮୩,୮୦୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି।

## ୧୪ ଲକ୍ଷର ରଡ୍ ଚୋରି, ଜଣେ ଗିରଫ



ସମ୍ବଲପୁର,୨୬।୭ (ସମିସ): ଶ୍ୟାମ ମେଟାଲିକ୍ସରୁ ଆଠମଲ୍ଲିକ ପଠାଯାଉଥିବା ପ୍ରାୟ ୧୪ ଲକ୍ଷ ଟଙ୍କା ମୂଲ୍ୟର ଲୁହା ଛଡ଼ ଓ ଗାଡ଼ି ଗାଏବ ହୋଇଯିବା ଘଟଣାରେ ରେଙ୍ଗାଲି ପୁଲିସ ଜଣକୁ ଗିରଫ କରିଛି। ଚଢ଼ଉ କରି ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ସୁନ୍ଦରଗଡ଼ ଜିଲ୍ଲା ମହୁଲପଡ଼ା ଥାନା ଅଧୀନ ଜିନାକେଲା ଗ୍ରାମର ଅମରେଶ ଅମାନ୍ତ (୧୮)। ଗତ ୨୪ ତାରିଖରେ ଅନୁଗୁଳ ଆପେକ୍ସ ଲଜିଷ୍ଟିକ୍ସର ଇନ୍-ଚାର୍ଜ ରାମବାଗ ରେଙ୍ଗାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ ୧୬/୧୭ ଜୁଲାଇ ରାତିରେ ରେଙ୍ଗାଲିସ୍ଥିତ ଶ୍ୟାମ ମେଟାଲିକ୍ସରୁ ଆଠମଲ୍ଲିକ ଅଭିମୁଖେ ୧୪ ଲକ୍ଷ ଟଙ୍କାର ଛଡ଼ ବୋଝେଇ କରି ବାହାରିଥିବା ଏକ ଟ୍ରକ୍ ଡ୍ରାଇଭର ସହ ନିଖୋଜ ହୋଇଯାଇଥିଲା। ତଦନ୍ତରେ ଅଭିଯୁକ୍ତ ଅମରେଶ ଅମାନ୍ତକୁ ଅଟକ ରଖି ଜେରା କରିଥିଲା। ଜେରା ସମୟରେ ଜଣାପଡ଼ିଥିଲା ଯେ, ଟ୍ରକ୍ ମାଲିକ ଓ ତାଙ୍କ ସହଯୋଗୀମାନେ ମିଶି ଏକ ସ୍ୱତନ୍ତ୍ର ସିମ୍ କାର୍ଡ ଓ ମୋବାଇଲ ମାଧ୍ୟମରେ ଏହି ଚୋରିର ଚକ୍ରାନ୍ତ ରଚିଥିଲେ। ଅମରେଶର ସୂଚନା ଆଧାରରେ ପୁଲିସ ପୂର୍ଣ୍ଣାକୋଟ ଥାନା ଅନ୍ତର୍ଗତ କୁମୁରୀ ଗ୍ରାମସ୍ଥିତ ଏକ ଗୋଦାମରେ ଚଢ଼ଉ କରି ସମସ୍ତ ଚୋରି ସାମଗ୍ରୀ ଜବତ କରିଛି। ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ରେଙ୍ଗାଲବେଡ଼ାରେ ବାହୁଡ଼ା ଯାତ୍ରା

ଜମନକିରା,୨୬।୭ (ସମିସ): ଜମନକିରା ବ୍ଲକ୍ ଭୋଜପୁର ପଞ୍ଚାୟତ ରେଙ୍ଗାଲବେଡାରେ ଆଜି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧାମୂର୍ତ୍ତି ରଥାରୁଢ଼ ହୋଇ ଥିବାବେଳେ ଜନସାଧାରଣ ଦର୍ଶନ କରିଥିଲେ। ଗତକାଲି ପୂଜକ ଶ୍ରୀବତ୍ସ ପଣ୍ଡା ପୂଜାର୍ଚ୍ଚନା କରି ଥିବାବେଳେ ମନ୍ଦିର ପରିଚାଳନା କମିଟି ସଭାପତି ଲକ୍ଷ୍ମଣ କୁମାର ଗଡତିଆ ଛେରାପହଁରା କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ଼ କରିଥିଲେ। ରଥ ଯାତ୍ରା ପରିଚାଳନା କମିଟି ଅଶୋକ ଅଗ୍ରୱାଲ , ମୋହନ ଲାଲ ବାଘ, ସମ୍ପାଦକ ଚିତ୍ତ ରଞ୍ଜନ ରଣା, ଚିତ୍ତ ରଞ୍ଜନ ଶର୍ମା, ଅଦିତ ଦଣ୍ଡିଆ, ସଂଜିତ ମହାନ୍ତି, ଟିକନ ଶର୍ମା, ଅସିତ ମହାନ୍ତି, ମଣ୍ଟୁ ମହାନ୍ତି, ରିକି ଶର୍ମା, ରାଜିନ ବେହେରାଙ୍କ ତଦାରଖ ସହ କୁଚିଣ୍ଡା ପୁଲିସ ସହଯୋଗରେ ରଥଟଣା ଶେଷହୋଇଥିଲା। ସେହିପରି କଟଙ୍ଗପାଣି ଗ୍ରାମ ରେ ମଧ ବାହୁଡ଼ା ଯାତ୍ରା ହୋଇଯାଇଛି।

## ବଡ଼ରମାରେ ବାହୁଡ଼ା ଯାତ୍ରା

ଜମନକିରା,୨୬।୭ (ସମିସ): ଜମନକିରା ବ୍ଲକ୍ ବଡ଼ରମା ଗ୍ରାମରେ ଆଜି ବାହୁଡ଼ା ଯାତ୍ରାସହ ସନ୍ଧ୍ୟାରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଗୌନ୍ତିଆ ପର୍ଶୁରାମ ପଟେଲ ଛେରାପହଁରା କରିଥିବା ବେଳେ ପୂଜକ ଭାବରେ ପଣ୍ଡିତ ମନୋଜ କୁମାର ଧର ପୂଜାକର୍ମ କରିଥିଲେ। କର୍ତ୍ତା ଭାବରେ ଆଲୋକ ପ୍ରଧାନ ରହି ଥିବାବେଳେ ପାଟ ଦଉଡ଼ି ଧରିଥିଲେ ଗଣେଶ ସାହୁ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ମଣ୍ଟୁ ଭୋଇ, ଚିଣ୍ଟୁ ଦେବ, ବୈକୁଣ୍ଠ ଷଣ୍ଢ, ସୁମନ୍ତ ସାହୁ, ପ୍ରସନ୍ନ ପଟେଲ, ପ୍ରକାଶ ବାଘ, ଅରୁଣ ପଟେଲ, ଚନ୍ଦନ ଦେହୁରୀ, ଟିଲୁ ସାହୁ ବୁଲୁ ସାହୁ, ଲିପୁନ ପଧାନ, ଜଗନ୍ନାଥ ପଧାନ ସହ ଗ୍ରାମ ବାସୀ ସହଯୋଗ କରିଥିଲେ।

## ଲଗାଣ ବର୍ଷାରେ ହନ୍ତସନ୍ତ ଗ୍ରାମବାସୀ

ରେଢ଼ାଖୋଲ,୨୬।୭ (ସମିସ): ଲଗାଣ ବର୍ଷାର ପ୍ରକୋପରେ ରେଢ଼ାଖୋଲ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଜଳମଗ୍ନ ହୋଇ ରହିଛି। ରେଢ଼ାଖୋଲ ସହରର ବିଭିନ୍ନ ୱାର୍ଡରେ ରାସ୍ତା ଉପରେ ଆଣ୍ଠୁଏ ପାଣି ରହି ଯାତାୟତ ବାଧାପ୍ରାପ୍ତ ହୋଇଛି। ବିଶେଷକରି ପ୍ରାୟ ବିଦ୍ୟାଳୟରେ ଛାତ ଏବଂ ଆଜବେଷ୍ଟସରୁ ପାଣି ଅହରହ ଭାବରେ ନିର୍ଗତ ହେଉଛି। ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ହେଉଛି। ସେହିପରି ରେଢ଼ାଖୋଲ ବ୍ଲକ କୁକୁଡାବାହାଲି ୬ ନମ୍ବର ୱାର୍ଡରେ ନୂଆସାହିର ବାସିନ୍ଦା କାଳନ୍ଦୀ ସାହୁଙ୍କ ପରିବାରର ପରିସ୍ଥିତି ଅଧିକ ସଙ୍କଟଜନକ ହୋଇପଡ଼ିଛି। ଲଗାତାର ବର୍ଷା ଯୋଗୁଁ ରାସ୍ତାରେ ଡ୍ରେନ ନାହିଁ ଓ ବାରି ପଛରେ ଲହଡ଼ି ମାରୁଛି ବର୍ଷା ଜଳ ଓ ଘର ଭିତରେ ମଧ୍ୟ ଆଣ୍ଠୁଏ ଉଚ୍ଚର ପାଣି ପଶିଯାଇଛି। ପ୍ରଶାସନକୁ ଖବର ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ନିରାଶ ହୋଇ ପରିବାର ଲୋକେ ନିଜ ଉଦ୍ୟମରେ ବିଭିନ୍ନ ଉପାୟରେ ଘରୁ ପାଣି ନିଷ୍କାସନ କରୁଛନ୍ତି। ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ଗୁରୁତର ହେବାର ଆଶଙ୍କା ଥିବାରୁ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସହ ଦୀର୍ଘମିଆଦି ସମାଧାନ ପାଇଁ ପ୍ରଶାସନ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ସମ୍ବଲପୁରୀ ଏକତା ମଞ୍ଚ ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର,୨୬।୭ (ସମିସ): ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଆସନ୍ତା ଅଗଷ୍ଟ ୧ ତାରିଖରେ ହେବାକୁଥିବା 'ସମ୍ବଲପୁରୀ ଦିନ' ଉପଲକ୍ଷେ ଏକ ସ୍କୁଲ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସମ୍ବଲପୁରୀ ଏକତା ମଞ୍ଚ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ପାଟଣେଶ୍ୱରୀ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ୫ଶହରୁ ଉର୍ଦ୍ଧ୍ୱ କୁନି କୁନି ପ୍ରତିଯୋଗୀ ଅଂଶଗ୍ରହଣ କରି ଚିତ୍ରାଙ୍କନ କ୍ଷେତ୍ରରେ ନିଜ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମଞ୍ଚ ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ସମୀର ବାବୁ, ଡ. ସଞ୍ଜୀବ ମିଶ୍ର, ଭୋଲା ମହାଉମ, ସୂର୍ଯ୍ୟ ଗୁରୁ, ଅମିତ ପତି, ବିନାୟକ ରାମ, ସ୍ୱୟଂସିଦ୍ଧା ପଟ୍ଟନାୟକ, ସୁପ୍ରିତ ଠେଲା, କାଞ୍ଚନ ଲୋହାର, ଅରୁଣ ଦାସ, ଅଜିତ ବେହେରା, ରାଜୀବ ସାହୁ, ଅରବିନ୍ଦ ସାହୁ, ସୁବ୍ରତ ପାଣିଗ୍ରାହୀ, ସୌମିକ ବାବୁ ଏବଂ ସ୍ୱାଧୀନ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ପବ୍ଲିକ୍ ଲାଇବ୍ରେରୀରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର

ସମ୍ବଲପୁର,୨୬।୭ (ସମିସ): ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ଆନୁକୂଲ୍ୟରେ ହେଉଥିବା ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିରର ପଞ୍ଚଦଶତମ ରବିବାସରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୨୨ଟି ବିଦ୍ୟାଳୟରୁ ୪୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପ୍ରାର୍ଥନା ପରେ ଅବସରପ୍ରାପ୍ତ ଭାଷାଶିକ୍ଷକ ପଦ୍ମନାଭ ମହାକୁଡ଼ ଆସ ନିର୍ଭୁଲ୍ ଇଂରାଜୀ କହିବା ଶିକ୍ଷା ଦେଇଥିଲେ। ପ୍ରଥମ ଅଧିବେଶନରେ ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମରେ ଅହିଂସା ଶୀର୍ଷକ ଆଲୋଚନା କରି ଡ.ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଡ. ମୀନକେତନ ପାଠୀ ଅହିଂସା ଆଚରଣ ଦ୍ୱାରା ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ କକ୍ଷ-ପ୍ରଦୂଷଣ ସମ୍ପର୍କରେ ଆଲୋଚନା କରି ସୁସ୍ଥ ଜୀବନ ପାଇଁ, ପ୍ରଦୂଷଣ ମୁକ୍ତ ପରିବେଶ ସୃଷ୍ଟି କର ବୋଲି ଶିକ୍ଷାର୍ଥୀଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ନିରୁପମା ବଡ଼ପଣ୍ଡା, ଉଦିତ ଚନ୍ଦ୍ର ପାଟଯୋଶୀ ତଥା ଅଶୋକ କୁମାର ମିଶ୍ର ଉପସ୍ଥିତ ରହି ଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ-ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ,ଡ. ଗିରିଧାରୀ ହୋତା, ହରି ନାରାୟଣ ପଣ୍ଡା ଓ ପୃଥ୍ୱୀରାଜ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଫିସ ସହକାରୀ ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ।

## ବାମରାରେ ପାଗଳ କୁକୁରର ଆତଙ୍କ

**● ୨୫ରୁ ଅଧିକ ଲୋକ ଆହତ**

କୁଚିଣ୍ଡା,୨୬।୭ (ସମିସ): ବାମରା ବ୍ଲକ୍ ସଦର ମହକୁମାରେ ରବିବାର ସକାଳେ ଏକ ପାଗଳ କୁକୁରର ଆତଙ୍କ ଦେଖିବାକୁ ମିଳିଛି। ସକାଳ ପ୍ରାୟ ୬.୩୦ଟାରୁ ଆରମ୍ଭ ହୋଇଥିବା ଏହି ଘଟଣାରେ କୁକୁରଟି ସହରର ବିଭିନ୍ନ ଅଞ୍ଚଳରେ ଘୁରି ବୁଲି ଯାହାକୁ ପାଇଲା ତାଙ୍କୁ କାମୁଡ଼ି ଆତଙ୍କ ସୃଷ୍ଟି କରିଥିଲା। ଫଳରେ କିଛି ସମୟ ପାଇଁ ସମଗ୍ର ବାମରା ସହରରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, କୁକୁରଟି ପ୍ରଥମେ ବିଜୁ ପଟ୍ଟନାୟକ ଛକରେ କେତେକ ଲୋକଙ୍କୁ କାମୁଡ଼ିବା ପରେ ଷ୍ଟେସନବସ୍ତି, ରେଲୱେ କଲୋନୀ, ରେଲୱେ ଷ୍ଟେସନ ପରିସର, ପୁରୁଣା ବସଷ୍ଟାଣ୍ଡ, ଥାନା ଛକ, ପିଡବ୍ଲୁଡି ଆଇବି, ବଡ଼ ଡୁମେରମୁଣ୍ଡା ଏବଂ ତାଲଡିହି ଅଞ୍ଚଳ ପର୍ଯ୍ୟନ୍ତ ଦୌଡ଼ି ଯାଇ ଅନେକ ଲୋକଙ୍କ ଉପରେ ଆକ୍ରମଣ କରିଥିଲା। କୁକୁରଟିର ହଠାତ୍ ଆକ୍ରମଣରେ ରାସ୍ତାରେ ଥିବା ଲୋକମାନେ ଭୟଭୀତ ହୋଇ ଇତସ୍ତତଃ ଦୌଡ଼ାଦୌଡ଼ି କରିଥିଲେ। ଏହି ଘଟଣାରେ ସନ୍ତୋଷ ମଲ୍ଲିକ, ଶରତ ସାମାଦ, ହର୍ଷ ତନ୍ତି, ଓକିଲ ଧର୍ମେନ୍ଦ୍ର ବର୍ମା, କୁଶ ବାଘ, ଅରୁଣ ଦେବ, ନଇବୁଲ ଶେଖ, ତ୍ରିଶୂଳା ନେଟୀ, ସୁକୁନ ଟପ୍ପୋ, ପ୍ରୀତି ନାଏକ, ପ୍ରତାପ ବରୁଆ, ଚୁମକି ପ୍ରଧାନ, ଉର୍ମିଳା ତିୱାରୀ, ଏମ୍.ଡି. ମୁବାରକ, ଏମ୍.ଡି. ରାହତ ଇମାନ, ଜୟ ପ୍ରକାଶ ମିଶ୍ର, ପୁଟି ବାଗ, ଦିର୍ଜୁ କବାଟ, କୁଞ୍ଜବିହାରୀ କିସାନ, ସାବିତ୍ରୀ ପଞ୍ଚଭାୟାଙ୍କ ସମେତ ୨୫ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିବା ବେଳେ ଆବଶ୍ୟକୀୟ ଆଣ୍ଟି-ରେବିଜ୍ ଟିକା ଓ ଔଷଧ ପ୍ରଦାନ କରାଯାଇଛି।

## ପଶ୍ଚିମାଞ୍ଚଳ ଏକତା ମଞ୍ଚର ସାଂସ୍କୃତିକ ଶୋଭାଯାତ୍ରା

ସମ୍ବଲପୁର,୨୬।୭ (ସମିସ): ସମ୍ବଲପୁର ଜେଲ୍ ଛକ ନିକଟରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା 'ସମ୍ବଲପୁରୀ ଦିନ' ଦେଶ ବିଦେଶରେ ସମ୍ବଲପୁରୀକୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ଚଳିତ ବର୍ଷ ସମ୍ବଲପୁରୀ ଡେରାରେ ୧୪ ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ରବିବାର ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**● କାରଗିଲ ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି**
**● ସମ୍ବଲପୁରୀ ପିନ୍ଧି ରାଜରାସ୍ତାରେ ନାଚିଲେ କଳାକାର ଓ ସମ୍ବଲପୁରୀ ପ୍ରେମୀ**

ଶୋଭାଯାତ୍ରା କୁଞ୍ଜେଲପଡା, ଝାଡୁଆପଡା, ନନ୍ଦପଡା, ହାଟପଡା, ଦଲେଇପଡା, ମୁନିସିପାଲିଟି ଛକ ଦେଇ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାକୁ ପହଞ୍ଚି ଥିଲା। ସମ୍ବଲପୁରୀ ବାଦ୍ୟର ତାଳେତାଳେ କଳାକାର ଏବଂ କର୍ମକର୍ତ୍ତା ମାନେ ରାସ୍ତା ସାରା ନୃତ୍ୟ ପ୍ରଦର୍ଶନ କରିଥିଲେ। ଆଜି କାରଗିଲ ସହିଦ ଦିବସ ଥିବାରୁ କଚେରୀ ଛକ ସ୍ଥିତ ସହିଦ ସ୍ମାରକୀ ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶୋଭାଯାତ୍ରା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଗୁରୁ ବହିଦାରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶୋଭାଯାତ୍ରାରେ ଶତାଧିକ କଳାକାର ସମ୍ବଲପୁରୀ ଡେରାରେ ପ୍ରଶିକ୍ଷାର୍ଥୀ, ପଶ୍ଚିମାଞ୍ଚଳ ଯୁବ ଏକତା ମଞ୍ଚ ଏବଂ ନାରୀଶକ୍ତିର ସଦସ୍ୟ ମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜନରେ ଶୋଭାଯାତ୍ରା ସଂଯୋଜକ ଅମନ ଚିରଗୁନ, ହିମାଂଶୁ ସାହୁ, ପ୍ରେମ ସାହାଣୀ, ରାହୁଲ ଗୁପ୍ତା, ସୁଭମ ସାହୁ, ପ୍ରଥମ ନାରାୟଣ ପଣ୍ଡା, ଦେବୀ ପ୍ରସାଦ ଭୋଇ, ଡ ସ୍ୱୟଂ ପ୍ରକାଶ ପଣ୍ଡା, ଅମିତାଭ ମାଝୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ସମ୍ବଲପୁରୀ ଦିନ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ଏଥିରେ ୧୩୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ସନ୍ତୋଷ କୁମାର ବରିହା, ସମ୍ମାନିତ ଅତିଥି ଭାବେ ଡ. ସତ୍ୟନାରାୟଣ ଠାକୁର, ଲିଲିମା ବରିହା ଯୋଗ ଦେଇଥିଲେ। ପ୍ରତିଯୋଗିତା ଆୟୋଜନରେ ଚିତ୍ରକଳା ସଂଯୋଜକ ସୁରେନ୍ଦ୍ର ବଗର୍ତ୍ତି, ଲଳିତା ଭୋଇ, ଅମିତ ଦାସ, ସିପ୍ରା ଚକ୍ରବର୍ତ୍ତୀ, ପ୍ରଜ୍ଞା ସାହୁ, ଯାମିନୀ ଠାକୁର, ଭୂମିସୁତା ମେହେର, ସନ୍ତୋଷ ବଡାଇ, ଅନୁପମା ରାଉତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ବୁର୍ଲା ସମ୍ବଲପୁରୀ ଏକତା ମଞ୍ଚର ସମ୍ବଲପୁରୀ ଦିନ ଲାଗି ଶୋଭାଯାତ୍ରା



ସମ୍ବଲପୁର, ୨୬।୭ (ସମିସ): ବୁର୍ଲା ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ୪ର୍ଥ ସମ୍ବଲପୁରୀ ଦିନ ଉପଲକ୍ଷେ ବୁର୍ଲାସ୍ଥିତ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ପହଞ୍ଚି ଥିଲା। ଶୋଭାଯାତ୍ରା ସମୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କଳା ବିକାଶ କେନ୍ଦ୍ର ତଥା ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଶୋଭାଯାତ୍ରାରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ପରେ ଅନୁଷ୍ଠାନ ତରଫରୁ ଆନ୍ତଃ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନ ଦିବସରେ ପ୍ୟାରୀମୋହନ ପୁଜାହାରୀଙ୍କ ସଭା ପତିତ୍ୱରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ସମ୍ବଲପୁର ଡା. ପୁଷ୍ପାଞ୍ଜଳି ପଣ୍ଡା, ସମ୍ମାନିତ ଅତିଥି ମୁଖ୍ୟ ହୀରାକୁଦ ଜଳବିଭାଗର ରଞ୍ଜନ କୁମାର ମହାନ୍ତି, ପିଏମଶ୍ରୀ ଉଚ୍ଚ ବାଳକ ବିଦ୍ୟାଳୟ ମୁଖ୍ୟ କରନ ଶର୍ମା ପ୍ରମୁଖ ଉପସ୍ଥିତ ଥିବା ସମୟରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ପ୍ରାୟ ୨୫ ରୁ ଉର୍ଦ୍ଧ୍ୱ ଗୃହିଣୀ ତଥା କର୍ମଜୀବୀ ମହିଳା ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ ଲେଥା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଅଗଷ୍ଟ ୧ ତାରିଖରେ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅଗଷ୍ଟ ୨ରେ ଡାକ୍ତର ଅର୍ଚ୍ଚନା ପାଢ଼ୀ ତଥା ସାଥି ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ସହ ବିଭିନ୍ନ ସମାଜର ସମ୍ବଲପୁରୀ ଖାଦ୍ୟ ବିତରଣ କରାଯିବା ପାଇଁ କମିଟି ତରଫରୁ ନିଷ୍ପତି ନିଆଯାଇଛି। ପରିଶେଷରେ ସହ ସମ୍ପାଦକ ଜୟନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ସମୟରେ ବୁର୍ଲା ସମ୍ବଲପୁରୀ ଏକତା ମଞ୍ଚର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ, ସଭ୍ୟା ମାନେ ସହଯୋଗ କରିଥିଲେ।

## ସ୍କୁଲସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ



ସମ୍ବଲପୁର,୨୬।୭ (ସମିସ): ସମ୍ବଲପୁର ଜିଲ୍ଲା ଚେସ୍ ସଂଘ ଓ ଜଗନ୍ନାଥ କଲୋନୀ କ୍ଲବ୍ ବୁଢ଼ାରଜା ଆନୁକୁଲ୍ୟରେ ସ୍କୁଲ ସ୍ତରୀୟ ଚେସ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ଆଖପାଖର ଦୁଇଶହ ଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସଭାରେ ପ୍ରତିଷ୍ଠିତ ସମାଜସେବୀ ତଥା ସାଥୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ସତ୍ୟଘନ ଲାଲ ସାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସବ ଜୁନିଅର ଗ୍ରୁପରେ କେନ୍ଦ୍ରୀୟ ବିଦ୍ୟାଳୟ -୧ ର କପିସ ଥାପା ପ୍ରଥମ, ଧନକଉଡ଼ାର ପୁନ୍ୟସ୍ଲୋକ ପଟେଲ ଦ୍ୱିତୀୟ ଓ ଡିଏଭି ସ୍କୁଲର ଶ୍ରିସ୍ମିଥ ଷଡ଼ଙ୍ଗୀ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜୁନିଅର ଗ୍ରୁପରେ ଡ଼ିଏଭି ସ୍କୁଲର ପ୍ରଜ୍ୱଳ ସରକାର ପ୍ରଥମ, ସେଣ୍ଟ ଜୋସେଫ ସ୍କୁଲର ଅଂଶୁମାନ ପାଣିଗ୍ରାହୀ ଦ୍ୱିତୀୟ ଓ ଆଦିତ୍ୟ କୁମାର ମେହେର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଜିଲ୍ଲା ଚେସ ସଂଘର ସମ୍ପାଦକ ବିଧୁ ଭୂଷଣ ମିଶ୍ର, ଜଗନ୍ନାଥ କଲୋନୀ କ୍ଲବ ସମ୍ପାଦକ ସମରଜୀତ ପଟ୍ଟନାୟକ ଅନ୍ୟ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ୬ ଜଣ ପ୍ରତିଯୋଗୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍କୁଲର ପ୍ରାୟ ୮୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ କଲୋନୀ କ୍ଲବ ସଭାପତି ସୁଶାନ୍ତ ନାଥ ପୁରସ୍କାର ବିତରଣୀ ସଭା ପରିଚାଳନା କରିଥିଲେ।

## 'ଆଲୋକ'ର ସପ୍ତମ ପ୍ରତିଷ୍ଠା ଦିବସ



ସମ୍ବଲପୁର,୨୬।୭ (ସମିସ): ବୁର୍ଲାସ୍ଥିତ ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଉପଦେଷ୍ଟା ପ୍ରଫେସର ରାମ ନରେଶ ମହାଲିଙ୍ଗ, ପ୍ରଫେସର ସଞ୍ଜୟ କୁମାର ପଟ୍ଟନାୟକ, ପ୍ରଫେସର ପ୍ରୟାସ ଡନସେନା, ଡ. ହୀରକ ଚକ୍ରବର୍ତ୍ତୀ, ଡ. କୃପାସିନ୍ଧୁ ମହନ୍ତ, ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, ଅଶ୍ୱିନୀ କୁମାର ସାହୁ, ଶାନ୍ତନୁ ମଞ୍ଜରୀ ଦାସ, ଆଲୋକିନୀ ଆଚାର୍ଯ୍ୟ, ମନୋରମା ଦାସ, ବୀଣାପାଣୀ ବେହେରା, ଡ. ଅମିୟ କୁମାର ସାହୁ, କୁନ୍ଦନ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଆଲୋକ ମାସିକ ଶିଶୁ ସାହିତ୍ୟ ପତ୍ରିକାର ୩୮ତମ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଉପସ୍ଥିତ ଅତିଥି ମାନେ ଶିଶୁ ଲେଖକ ମାନଙ୍କୁ ସମ୍ମାନୀତ କରିଥିଲେ। ପ୍ରକାଶଥାଉକି ସାତବର୍ଷ ମଧରେ ୩୦ ଜଣ ଛାତ୍ରଛାତ୍ରୀ ଓଡ଼ିଶା ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ କରିଛନ୍ତି। ୫୪ ଜଣ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବର୍ତ୍ତମାନ ୭ ଜଣ ଯୁକ୍ତ ତିନି ପାଠ ପଢୁଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଅଚ୍ୟୁତାନନ୍ଦ ମେହେର, ସ୍ୱୀକୃତି ପାଣିଗ୍ରାହୀ, କିଶୋର ଓରାମ, ହେମନ୍ତ ଅଣ୍ଡିଲ, ରାଜ କିଶୋର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଆଜି ଅନୁଷ୍ଠାନ ପକ୍ଷରୁ ୭୦ଟି ଆମ୍ବଗଛ ଚାରା ରୋପଣ କରାଯାଇଥିଲା।

## ସମ୍ବଲପୁର ମଣ୍ଡଳରେ ଆନ୍ତଃ-ମଣ୍ଡଳ ସାଂସ୍କୃତିକ ପ୍ରତିଯୋଗିତା

ସମ୍ବଲପୁର,୨୬।୭ (ସମିସ)



ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ପକ୍ଷରୁ ରବିବାର ସ୍ଥାନୀୟ ରେଳବାଇ ଇନଷ୍ଟିଚ୍ୟୁଟ୍‌ରେ ଆନ୍ତଃ-ମଣ୍ଡଳ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ରେଳ କର୍ମଚାରୀ, ସେମାନଙ୍କ ପରିବାରର ସଦସ୍ୟଙ୍କ ପାଇଁ ନିଜର କଳା ପ୍ରତିଭା ପ୍ରଦର୍ଶନ କରିବାର ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିଲା। ଏହି ଅବସରରେ ବହୁ ସଂଖ୍ୟକ ପ୍ରତିଯୋଗୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମଞ୍ଜୀତ ସିଂହ ସଂସନୱାଲ, ଏବଂ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସଭାପତି ବିନ୍ଦୁ ଚୌଧରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭୋକାଲ କ୍ଲାସିକାଲ୍ ବର୍ଗରେ ଜ୍ୟୋସ୍ନା ବାଗ ପ୍ରଥମ, ଅଦିତି ଆଦ୍ୟାଶକ୍ତି ଶର୍ମା ଦ୍ୱିତୀୟ ଏବଂ ଲିପଂଶୀ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭୋକାଲ ସୋଲୋ (ଲାଇଟ୍) ବର୍ଗରେ ଜ୍ୟୋସ୍ନା ବାଗ ପ୍ରଥମ, ଜାବେଶ ଭେିନା ଦ୍ୱିତୀୟ ଏବଂ ସୁନନ୍ଦା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ବାଦ୍ୟଯନ୍ତ୍ର (କ୍ଲାସିକାଲ୍) ବର୍ଗରେ ଲିପଂଶୀ ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବାଦ୍ୟଯନ୍ତ୍ର (ଲାଇଟ୍) ବିଭାଗରେ ଅରୁଣ କୁମାର ସୁନା ପ୍ରଥମ ସ୍ଥାନ ଅଧିକାର କରିଥିଲେ।ଏକକ ଶାସ୍ତ୍ରୀୟ ନୃତ୍ୟ ବର୍ଗରେ ପ୍ରିୟାଂଶା ସାହୁ ପ୍ରଥମ, ଅଦିତି ଆଦ୍ୟାଶକ୍ତି ଶର୍ମା ଦ୍ୱିତୀୟ ଏବଂ ଶ୍ରୀଧି କୁମୁରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦଳୀୟ ଲୋକନୃତ୍ୟ ବର୍ଗରେ ଅରୁଣ କୁମାର ସୁନା ଓ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଉତ୍ତମ ସିଂହ ଓ ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ମୋନୋ ଆକ୍ଟ ବର୍ଗରେ ନିହାର ରଞ୍ଜନ ଲେଙ୍କା ପ୍ରଥମ, ତ୍ରିଲୋଚନ ବରିହା ଦ୍ୱିତୀୟ ଏବଂ ଉମାକାନ୍ତ ପୁଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ବିଜେତାମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ମଣ୍ଡଳ କର୍ମିକ ଅଧିକାରୀ ରାଜେଶ୍ୱର ଟିଗ୍ଗା କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ।

## ୭ ବର୍ଷ ପୂରିଲା ଟିମ୍ କ୍ଲିନ୍ ସିଟି ଅଭିଯାନ

# ସହରକୁ ସ୍ୱଚ୍ଛ ଓ ନିର୍ମଳ ଉଦ୍ଦେଶ୍ୟରେ ଜାରି ରହିଛି ସାପ୍ତାହିକ ସେବାକାର୍ଯ୍ୟ

ବ୍ରହ୍ମପୁର,୨୬।୭(ସମିସ)

ବ୍ରହ୍ମପୁର ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଉଦ୍ଦେଶ୍ୟରେ ଦୀର୍ଘ ୭ବର୍ଷ ପୂର୍ବେ ସ୍ୱେଚ୍ଛାସେବୀ ସଂଗଠନ ଟିମ କ୍ଲିନ୍ ସିଟି (ଟିସିସି)ଗଢ଼ି ଉଠିଥିଲା। ସହରର ସମସ୍ତ ରାସ୍ତା ପାଶ୍ୱର୍ ପ୍ରାଚୀରରୁ ପୋଷ୍ଟର ଓ ପ୍ଲାଷ୍ଟିକ ଫ୍ଲେକ୍ସ ବ୍ୟାନର ବାହାର କରିବା ସହିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫେଇ ଓ ସୁରକ୍ଷା ଏବଂ ସର୍ବୋପରି ସହରରେ ବୁଲୁଥିବା ମାନସିକ ବିକୃତ ଏବଂ ଅସହାୟ ଓ ନିରାଶ୍ରୟଙ୍କୁ ସହାୟତା ପ୍ରଦାନ ସାଙ୍ଗକୁ ସଡ଼କ ଦୁର୍ଘଟଣାରେ ଆହତଙ୍କୁ ମେଡିକାଲରେ ପହଞ୍ଚାଇବା ଭଳି କାର୍ଯ୍ୟ ଟିସିସି ପକ୍ଷରୁ ଜାରି ରହିଛି। ଏହି କର୍ଯ୍ୟକୁ ଲୋକଙ୍କ ସମର୍ଥନ ଓ ସହଯୋଗ ମିଳିବା ଫଳରେ ସଂଗଠନ ପକ୍ଷରୁ ଏହାକୁ ସହର ମଧ୍ୟରେ ସୀମିତ ନରଖି ସହର ବାହାରେ ଏପରିକି ଜିଲ୍ଲା ବାହାରକୁ ସମ୍ପ୍ରସାରଣ କରାଯାଇଥିବା ଟିମ ପକ୍ଷରୁ କୁହାଯାଇଛି। ସଂଗଠନର କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବହୁ ସଂଖ୍ୟାରେ ସମଭାବାପନ୍ନ ବ୍ୟକ୍ତି ସାମିଲ ହୋଇଛନ୍ତି। ପୂର୍ବରୁ ଯଦିଓ ପ୍ରତିଦିନ ଏହି କାର୍ଯ୍ୟ ଚାଲୁଥିଲା ବର୍ତ୍ତମାନ ସାପ୍ତାହିକ ଗୋଟିଏ ଦିନ ରବିବାର ସକାଳ ସମୟରେ ହାତକୁ ନିଆଯାଉଛି। ଏହି କ୍ରମରେ ଆଜି ବ୍ରହ୍ମପୁର ସହରରେ ମେଡିକାଲ ଛକ ଠାରୁ ଖୋଡାସିଙ୍ଗି ମଧ୍ୟରେ ଥିବା ରାସ୍ତା ପାଶ୍ୱର୍ ପ୍ରାଚୀର ଓ ଆଶ୍ରୟ ସ୍ଥଳୀ ଗୁଡିକୁ ସଫା କରାଯାଇଥିଲା। ଏଥିରେ ଟିମର ବହୁ ସଦସ୍ୟଙ୍କ ସହିତ ବ୍ରହ୍ମପୁର ମହାନଗର ନିଗମ(ବିଏମସି)ର ସ୍ଥାନୀୟ ସଫେଇ କର୍ମଚାରୀଙ୍କ ସହଯୋଗ କରିଥିଲେ। ରାସ୍ତା ପାଶ୍ୱର୍ ପ୍ରାଚୀରରେ ପୋଷ୍ଟର ଲଗାଇବା ଦ୍ୱାରା ସହରର ସୁନ୍ଦରତା ନଷ୍ଟ ହେଉଥିବାରୁ ବିଏମସି ପକ୍ଷରୁ ଜରିମାନା ବ୍ୟବସ୍ଥା କରାଯାଇଛି। ସେହିଭଳି ବହୁ ଅର୍ଥ ବ୍ୟୟ କରି ରାସ୍ତା ପାର୍ଶ୍ୱ ପ୍ରାଚୀରକୁ ସମାଜକୁ ବାର୍ତ୍ତା ପ୍ରଦାନ କରୁଥିବା ଚିତ୍ରିତ କରାଯାଇଛି। ବର୍ତ୍ତମାନ ସେଗୁଡ଼ିକର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। ଆସନ୍ତୁ ସମସ୍ତେ ମିଳିମିଶି ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ବୋଲି ଟିମ ପକ୍ଷରୁ ଆହ୍ୱାନ ଦିଆଯାଇଛି।



- ଯାତ୍ରୀ ଆଶ୍ରୟସ୍ଥଳୀ, ପବ୍ଲିକ୍ ଟଏଲେଟ୍ ଓ ରାସ୍ତାପାର୍ଶ୍ୱ ପ୍ରାଚୀର ସଫେଇ ସାମିଲ
- ଟିମର ଅଭିଯାନକୁ ମିଳୁଛି ବିଏମ୍‌ସି ଓ ସହରବାସୀଙ୍କ ସମର୍ଥନ

## ସମ୍ପନ୍ନ ହେଲା ଅଧରପଣା ନୀତି, ଆଜି ନୀଳାଦ୍ରି ବିଜେ

ବ୍ରହ୍ମପୁର,୨୬।୭(ସମିସ): ସହରର ବିଭିନ୍ନ ସ୍ଥାନରେ ରହିଥିବା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ଉପରେ ରବିବାର ପାରମ୍ପରିକ ଅଧରପଣା ନୀତି ସମ୍ପନ୍ନ ହୋଇଛି। ବୈଦିକ ନୀତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାରେ ଅଧରପଣା ଅର୍ପଣ କରିଥିବା ବେଳେ ରଥ ନିକଟରେ ଭକ୍ତଙ୍କ ସମାଗମ ହୋଇଥିଲା। ସହରର ଗୋଷାଣିନୂଆଗାଁ, ସାନବଜାର, ବଡ଼ ବଜାର, ଆଙ୍କୁଲି ଭଳି ବିଭିନ୍ନ ସ୍ଥାନରେ ଅଧରପଣା ନୀତ ଦେଖିବାକୁ ଭକ୍ତଙ୍କ ପ୍ରଭଳ ଭିଡ଼ ଦେଖିବାକୁ ମିଳିଥିଲା। ଅନ୍ୟପପକ୍ଷରେ ଅଧରପଣା ନୀତି ସଗନୀ ପରେ ରଥଯାତ୍ରାର ଶେଷ ପର୍ବ ନୀଳାଦ୍ରି ବିଜେ ପାଇଁ ସମଫ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି ଚତୁର୍ଦ୍ଧା ମୂର୍ତ୍ତି ରଥରୁ ଶ୍ରୀମନ୍ଦିରକୁ ପହଣ୍ଡି ବିଜେ କରିବେ। ଏ ଅବସରରେ ବିଭିନ୍ନ ମନ୍ଦିର ଓ ପୂଜା ମଣ୍ଡପରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଭକ୍ତଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଛି।

## ଛିଦ୍ରମୟ ଅସ୍ଥି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବ୍ରହ୍ମପୁର,୨୬।୭(ସମିସ): ସ୍ଥାନୀୟ ଲିଙ୍ଗରାଜ ନଗର ସ୍ଥିତ ବାସଭବନରେ ପଦ୍ମଶ୍ରୀ ଡା. କୃଷ୍ଣ ମୋହନ ପାଠୀଙ୍କ ଅସ୍ଥି ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରର ଉଦଘାଟନ କରିଥିଲେ ଓ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବ୍ରହ୍ମପୁର ପୂର୍ବତନ ବିଧାୟକ ଡା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ପୂର୍ବତନ ବିଇଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ସ୍ୱାସ୍ଥ୍ୟ ଶିବିରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରରେ ଛିଦ୍ରମୟ ଅସ୍ଥି ସ୍ୱାସ୍ଥ୍ୟ (ଓଷ୍ଟିଓପୋରୋସିସ) ପରୀକ୍ଷା ତଥା ଇଉରିକ୍ ଏସିଡ, ସ୍ନାୟୁ ଦୌର୍ବଲ୍ୟତା ଇତ୍ୟାଦି ପରୀକ୍ଷା କରାଯିବା ସହିତ ଉପଯୁକ୍ତ ଡାକ୍ତରୀ ପରାମର୍ଶ ଉପଲବ୍ଧ କରାଯାଇଥିଲା।

ପଦ୍ମଶ୍ରୀ ଡା. କୃଷ୍ଣ ମୋହନ ପାଠୀଙ୍କ ସୁପୁତ୍ର ସମାଜସେବୀ ଇଂ. ବିଭୂ ପ୍ରସାଦ ପାଠୀ ସ୍ୱାସ୍ଥ୍ୟ ଶିବିରର ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ବ୍ରହ୍ମପୁର ତଥା ଅନ୍ୟାନ୍ୟ ଅଞ୍ଚଳର ବହୁ ବ୍ୟକ୍ତି ସେମାନଙ୍କ ପରିବାରର ସଦସ୍ୟ ଯୋଗଦେଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ଡ. ପାଠୀଙ୍କ ଠାରୁ ଡାକ୍ତରୀ ପରାମର୍ଶ ନେଇଥିଲେ। ଅନେକ ଔଷଧ ଓ ଡାଏଗ୍ନୋଷ୍ଟିକ ସଂସ୍ଥା ଏହି ଶିବିରରେ ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ଯୋଗାଇଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଇଂ. ବିଜୟ ଚନ୍ଦ୍ର ମିଶ୍ର, ଆଇନଜୀବୀ ରମେଶ ଚନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ମନୋଜ କୁମାର ପାଣିଗ୍ରାହୀ, ଏ. ରାଜା ରାଓ ଓ କୃଷ୍ଣ ସାହୁ ଉପସ୍ଥିତ ଥିଲେ।

## ପୁରୀ ବାହୁଡ଼ା ଯାତ୍ରାରେ ବୃଦ୍ଧା ନିଖୋଜ

ହୁମ୍ମା, ୨୬।୭(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତର ଏଚ୍. ବୁରୁଡି ଗ୍ରାମର ବାସନ୍ତୀ ରଣା ନାମକ ଜଣେ ବୃଦ୍ଧା ମହିଳା ପୁରୀ ବାହୁଡ଼ା ଯାତ୍ରା



ଦର୍ଶନ ପାଇଁ ସମ୍ପର୍କୀୟଙ୍କ ସହ ଯାଇଥିବା ବେଳେ ପ୍ରବଳ ଭିଡ଼ ମଧ୍ୟରେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଶନିବାର ପୁରୀ ଶ୍ରୀମନ୍ଦିରର ଉତ୍ତର ଦ୍ୱାର ନିକଟରେ ସେ ନିଖୋଜ ହୋଇଥିଲେ। ଘଟଣା ପରେ ପୁରୀ ପୁଲିସର ହେଲ୍ପଡେସ୍କରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କର ସନ୍ଧାନ ମିଳିନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି। ବାସନ୍ତୀ ରଣାଙ୍କ ପରିବାର ଗଞ୍ଜାମ ଜିଲ୍ଲା ଏସପି ଓ ପୁରୀ ଜିଲ୍ଲା ଏସପିଙ୍କୁ ତୁରନ୍ତ ତାଙ୍କୁ ଠାବ କରି ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ଯଦି କୌଣସି ବ୍ୟକ୍ତି ବାସନ୍ତୀ ରଣାଙ୍କ ସମ୍ପର୍କରେ କୌଣସି ସୂଚନା ପାଆନ୍ତି, ତେବେ ତାଙ୍କ ପୁଅ ତୋଫାନ ରଣାଙ୍କ ମୋବାଇଲ ନମ୍ବର ୮୩୨୮୮୫୩୮୦୬ରେ କିମ୍ବା ନିକଟସ୍ଥ ପୁରୀ ପୁଲିସକୁ ତୁରନ୍ତ ସୂଚନା ଦେବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ୩ ଟନ୍ ତିଳ ବିହନ ଚୋରି ଘଟଣାର ପର୍ଦ୍ଦାଫାସ୍

# ମୁଖ୍ୟ ଅଭିଯୁକ୍ତ ଗିରଫ, ୩ ଲକ୍ଷ ନଗଦ ଓ ମୋବାଇଲ୍ ଜବତ

ବ୍ରହ୍ମପୁର,୨୬।୭(ସମିସ)

ବ୍ରହ୍ମପୁର ବଡ଼ବଜାର ଥାନା ପୁଲିସ ୩ ଟନ୍ ତିଳ ବିହନ ଚୋରି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଭଦ୍ରକ ଜିଲ୍ଲା ବଂଶଦା ଥାନା ଅନ୍ତର୍ଗତ ସୁବାଡ଼ିଆ ଗ୍ରାମର ସରବା ଓରଫ ବୃନ୍ଦାବନ ନାୟକ (୩୧)। ଅଭିଯୁକ୍ତଙ୍କ ନିକଟରୁ ଏବଂ ମାମଲା ସହ ଜଡ଼ିତ ବ୍ୟକ୍ତିଙ୍କଠାରୁ ୩ଲକ୍ଷ ନଗଦ ଟଙ୍କା ଓ କାରବାରର ପ୍ରମାଣ ଥିବା ଏକ ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ୨ ଜାନୁଆରୀ ୨୦୨୬ରେ ବ୍ରହ୍ମପୁରର ସୁରେନ୍ଦ୍ର କୁମାର ନାୟକ ଲେଙ୍କା ଟ୍ରାନ୍ସପୋର୍ଟ ମାଧ୍ୟମରେ କଟକସ୍ଥିତ ଅଞ୍ଚଳା ଏଜେନ୍ସିକୁ ପଠାଇବା ପାଇଁ ବୃନ୍ଦାବନ ଚଳାଉଥିବା ମହିନ୍ଦ୍ରା ପିକ୍-ଅପ୍ ଭ୍ୟାନ୍‌ରେ ୩ ଟନ୍ ତିଳ ବିହନ ଲୋଡ୍ କରିଥିଲେ। ମାତ୍ର ଗାଡ଼ିଟି ଗନ୍ତବ୍ୟସ୍ଥଳରେ ପହଞ୍ଚିନଥିଲା ଏବଂ ଚାଳକଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହାପରେ ବଡ଼ବଜାର ଥାନାରେ ମାମଲା ରୁଜୁ ହୋଇଥିଲା।



ଦୀର୍ଘଦିନର ତଦନ୍ତ ଓ ଗୁପ୍ତ ସୂଚନା ଆଧାରରେ ପୁଲିସ ୨୫ ଜୁଲାଇ ୨୦୨୬ ସନ୍ଧ୍ୟା ପ୍ରାୟ ୬ଘଣ୍ଟ ୩୦ଟାରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ସେ କେନ୍ଦୁଝର ଜିଲ୍ଲା ଘଟଗାଁର ବିଦ୍ୟାଧର ପ୍ରଧାନ ଓରଫ ମାନସଙ୍କୁ ତିଳ ବିହନ ୨ଲକ୍ଷ ୫୦ହଜାରରେ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ତଦନ୍ତ ଜାରି ରଖିଛି ପୁଲିସ ବୋଲି ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ନାବାଳିକାଙ୍କୁ ଦୁଷ୍କର୍ମ, ଗର୍ଭପାତ କରାଇବା ଓ ଟଙ୍କା ଦାବି ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୨୬।୭(ସମିସ): ନାବାଳିକାଙ୍କୁ ଦୁଷ୍କର୍ମ କରି ଗର୍ଭବତୀ କରିବା, ପରେ ତାଙ୍କର ଗର୍ଭପାତ କରାଇବା ସହ ମୋଟା ଅଙ୍କର ଟଙ୍କା ଦାବି କରିଥିବା ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ବିଲାଞ୍ଜିନଗର ଗ୍ରାମର ପ୍ରଶାନ୍ତ କୁମାର ଆଚାରି (୩୧)। ପୁଲିସ କହିବା ଅନୁଯାୟୀ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଟାଉନ ଥାନାରେ ୩୨୮/୨୦୨୫ ନମ୍ବରରେ ଏକ ମାମଲା ରୁଜୁ କରାଯାଇଥିଲା।

ମାମଲାର ପ୍ରାରମ୍ଭିକ ତଦନ୍ତରୁ ଅଭିଯୁକ୍ତଙ୍କ ବିରୋଧରେ ନାବାଳିକାଙ୍କ ସହ ଦୁଷ୍କର୍ମ, ଗର୍ଭପାତ କରାଇବା ଏବଂ ଟଙ୍କା ଦାବି ଭଳି ସଙ୍ଗୀନ ଅଭିଯୋଗ ରହିଥିବାରୁ ପୁଲିସ ତାଙ୍କୁ ଗିରଫ କରିଛି। ତଦନ୍ତକାରୀ ଅଧିକାରୀ ବିଭିନ୍ନ ସାକ୍ଷ୍ୟ, ପୀଡ଼ିତାଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିବା ପରେ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି ହୋଇଥିବା ବେଳେ ପୁଲିସ ପକ୍ଷରୁ ମାମଲାର ତଦନ୍ତ ଜାରି ରହିଛି।

## ମାନବବାଦୀ ହେତୁବାଦୀ ସଂଗଠନର ଆଲୋଚନାଚକ୍ର

ବ୍ରହ୍ମପୁର,୨୬।୭(ସମିସ)

ସ୍ଥାନୀୟ ଏକ ଘରୋଇ ବିଦ୍ୟାଳୟରେ ମାନବବାଦୀ ହେତୁବାଦୀ ସଂଗଠନ ଗଞ୍ଜାମ ଜିଲ୍ଲା ପକ୍ଷରୁ ଶିକ୍ଷାନୀତି ସମାଜରେ ଅନ୍ଧବିଶ୍ୱାସ ଓ ଅବୈଜ୍ଞାନିକ ବିଚାର ଦୂରକରିବାରେ କେତେ ସହାୟକ ବିଷୟ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଉପ ସଭାପତି କିଶୋର ଚନ୍ଦ୍ର ମିଶ୍ର ସଭାପତିତ୍ୱ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ସୋମନାଥ ବେହେରା ଯୋଗ ଦେଇଥିଲେ। ନୂତନ ଶିକ୍ଷାନୀତି ୨୦୨୦ ଭିତ୍ତିରେ ଘରୋଇକରଣ, ବ୍ୟବସାୟୀକରଣ କରିବା, କେନ୍ଦ୍ରୀକରଣ କରିବା, ଶିକ୍ଷାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ହଟାଇବା ପାଇଁ ଏହାର ସାମ୍ପ୍ରଦାୟିକରଣ, ସଭ୍ୟତାକୁ ଧ୍ୱଂସ କରିବା ପାଇଁ ସରକାରୀ ଶିକ୍ଷାର ବିକୃତିକରଣ ସରକାରୀ ଭାବେ କରାଯାଉଛି। ଏହା ପଛରେ ମନୁବାଦୀ ବିଚାରରେ ଭାରତକୁ ପଙ୍ଗୁକରାଇ କେନ୍ଦ୍ରୀଭୂତ କ୍ଷମତାର ଲାଳସା ମେଣ୍ଟାଇବାକୁ ଯାଇ ଫାସିବାଦ ରାସ୍ତା ଆପଣାଇଛି। ଏ ନେଇ ବହୁ ଉଦାହରଣ ଉପସ୍ଥାପନ କରିବା ସହ ଏହି ଶିକ୍ଷା ସମାଜରେ ଥିବା ଅନ୍ଧବିଶ୍ୱାସ ଦୂର କରିବା ଅପେକ୍ଷା ଦୃଢ଼ୀଭୂତ କରାଇ



ବିଜ୍ଞାନକୁ ବିକୃତ କରାଯିବର ପରିକଳ୍ପନା କରାଯାଇଛି ବୋଲି କୁହାଯାଇଥିଲା। ଆଲୋଚନା ଚକ୍ର ସଙ୍ଗଠନର ସଭାପତି ଇ. ଟି.ରାଓ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତ ରାୟ, ଡ. ବିଧୁପ୍ରଭା ରଥ, ପରିବେଶବିଦ ପ୍ରଫୁଲ୍ଲ ସାମନ୍ତରାୟ, ଶ୍ୟାମ ସୁନ୍ଦର ଖାଡେଙ୍ଗା, ବୃନ୍ଦବାନ ଖଟେଇ, ଅଶୋକ ଦଲାଇ, ମଧୁ ସୂଦନ ସେଠୀ, ସୁନେଜ କୁମାର ପାଣିଗ୍ରାହୀ, ଅବନୀ ଗୟା, ମହର୍ଶୀ ସିଂ, ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଡି. ମୋହନ ରାଓ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ କେ. ନଂଦେଷୁ ସେନାପତି ପ୍ରାରମ୍ଭିକ ସୂଚନାଦେଇ ମହାନ ହେତୁବାଦୀ ଓ ମାନବବାଦୀ ଗୋପରାଜୁ ରାମଚନ୍ଦ୍ର ରାଓଙ୍କ ୫୧ତମ ମୃତ୍ୟୁ ବାର୍ଷିକୀରେ ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ. ବାସବା ରାଜୁ, ଆଦିତ୍ୟ ରଥ, ବୈକୁଣ୍ଠ ନାଥ ବାରିକ, କିଷାନ କୁମାର ସାହୁ, କୁମୁଦ ଚନ୍ଦ୍ର ବେହେରା, ଅନିର୍ବାଣ ଗୌତମ, କୈଳାଶ ବେହେରା, ହକିମ୍ ଖାଁ, ଶୁଭସ୍ମିତା ପାଣିଗ୍ରାହୀ, ଗାୟତ୍ରୀ ପାଣିଗ୍ରାହୀ, ଗଦା ଚନ୍ଦ୍ର, ସଂଜୀତ ସାହୁ, ଲାକ୍ଷ୍ମୀ ମାନସିଂହ, ସନ୍ତୋଷ କୁମାର ମିଶ୍ର, ରବିନାରାୟଣ ଆଚାର୍ଯ୍ୟ, ଇଜୁ ଅମିନ ଖାଁ, ମନୀଷା କେଶର ଓ ଗଣାପତି ବେହେରା ଉପସ୍ଥିତ ଥିଲେ।

## ତ୍ରିନାଥ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ

ଧରାକୋଟ,୨୬।୭(ସମିସ)

ଧରାକୋଟ ଦମକଳ କେନ୍ଦ୍ରରେ ଥିବା ଶ୍ରୀ ତ୍ରିନାଥ ସ୍ୱାମୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।

ଅଗ୍ନିଶମ ବାହିନୀ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ କର୍ତ୍ତା ଭାବରେ ପବିତ୍ର ବେହେରା ଓ ତାଙ୍କ ଧର୍ମପତ୍ନୀ ପ୍ରଜ୍ଞା ବେହେରା ଦାୟିତ୍ୱ ତୁଲାଇଥିଲେ। ପ୍ରଭାତରୁ ହୋମ, ମନ୍ତ୍ର ପାଠ, ବେଦ ପାଠ,ନାମ ଜପ ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ଅଗ୍ନିଶମ ବାହିନୀ ଅଧିକାରୀ ଚିତ୍ତରଞ୍ଜନ ସାହୁ ଅତିଥି ଭାବରେ ଉପସ୍ଥିତ ରହିଥିବା ବେଳେ କଳିଙ୍ଗ ତରେଇ, ସନୋଜ ପ୍ରଧାନଙ୍କ ସମେତ ସମସ୍ତ ଆଗ୍ନିକ ସହଯୋଗ କରିଥିଲେ।



## ତାଲିମପ୍ରାପ୍ତ କଳା କ୍ରୀଡ଼ା ଶିକ୍ଷକ ମହାସଂଘର ସମ୍ମିଳନୀ

ବ୍ରହ୍ମପୁର,୨୬।୭(ସମିସ): ରେଳ ଷ୍ଟେସନ ରୋଡ଼ ସ୍ଥିତ ସର୍କିଟ ହାଉସ ପରିସରରେ ରବିବାର ରାଜ୍ୟ ତାଲିମପ୍ରାପ୍ତ କଳା କ୍ରୀଡା ଶିକ୍ଷକ ମହାସଂଘର ଜିଲ୍ଲା ଶାଖା ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଜିଲ୍ଲା ସଭାପତି ମନୋଜ କୁମାର ଚୌଧୁରୀ ଅଧ୍ୟକ୍ଷତା ଅନୁଷ୍ଠିତ ସମ୍ମିଳନୀରେ ସଂଗଠନ ସରକାରଙ୍କ ନିକଟରେ ବାରମ୍ବାର ଦାବୀ କରିବା ସତ୍ତ୍ୱେ କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ ନକରିବା ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସିଲାବସ ବାହାରି ଛାତ୍ରଛାତ୍ରୀଙ୍କୁ କଳା ଓ କ୍ରୀଡା ବହି ପଢେଇବା ପାଇଁ ଶିକ୍ଷକ ପ୍ରସ୍ତୁତ ଅଛନ୍ତି। କିନ୍ତୁ ସରକାର ଶିକ୍ଷକମାନଙ୍କ ନିୟମିତ କଥା ବିଚାରକୁ ନେଇ ନଥିବା ବୈଠକରେ ମତପ୍ରକାଶ ପାଇଥିଲା। ଗଞ୍ଜାମ ଜିଲ୍ଲା ସଂଗଠନ ସମ୍ପାଦକ ସ୍ୱପ୍ନେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ଦେବଦତ୍ତ ଶତପଥୀ, ଉପସଭାପତି ରଶ୍ମିରଞ୍ଜନ ଶାହାଣୀ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ପଣ୍ଡା, ଗଜପତି ଜିଲ୍ଲାରୁ ରମେଶ ଚନ୍ଦ୍ର ସାହୁ ଓ କଳାହାଣ୍ଡିରୁ ମୃତ୍ୟୁଞ୍ଜୟ ମୁଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲାର ଶତାଧିକ ଶିକ୍ଷକଶିକ୍ଷୟତ୍ରୀ ଯୋଗଦେଇଥିଲେ।



## ଜଗଦଲପୁରରେ କାର୍ଗିଲ ବିଜୟ ଦିବସ ପାଳିତ

# ସହିଦ୍ ଶ୍ରୀନିବାସ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି







ବ୍ରହ୍ମପୁର,୨୬।୭(ସମିସ)

ସହରତଳି ଅଞ୍ଚଳ ଜଗଦଲପୁରରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଉକ୍ତ ଗ୍ରାମରେ ଜନ୍ମିତ କାର୍ଗିଲ ଯୁଦ୍ଧରେ ସହିଦ୍ ଜବାନ ଶ୍ରୀନିବାସ ପାତ୍ର ବିରତ୍ୱର ସହ ଲଢ଼ି ଦେଶ ମାତୃକାର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରି ଶତ୍ରୁ ପକ୍ଷର ଗୁଳିରେ ସହିଦ୍ ହୋଇଥିଲେ। ତାଙ୍କର ତ୍ୟାଗ, ସାହସ ଓ ବଳିଦାନକୁ ସମ୍ମାନ ଜଣେଇ ତାଙ୍କର ଗ୍ରାମରେ ସ୍ଥାପିତ ହୋଇଥିବା ପ୍ରତିମୂର୍ତ୍ତି ପ୍ରତିବର୍ଷ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ସେହିକ୍ରମରେ ରବିବାର ବିଭିନ୍ନ ସଂଗଠନ ଓ ମାନ୍ୟଗଣ ବ୍ୟକ୍ତି ବିଶେଷ ଏକତ୍ରିତ ହୋଇ ସହିଦ୍ ଶ୍ରୀନିବାସ ପାତ୍ରଙ୍କ ସ୍ମୃତଚାରଣ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସହିଦ୍ ଶ୍ରୀନିବାସ ସ୍ମୃତି କମିଟି ଓ ଜଗଦଲପୁର ଗ୍ରାମ୍ୟ କମିଟି ଦ୍ୱାରା ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ସହିଦ୍ ଶ୍ରୀନିବାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଗିଲ ସହିଦ୍ ଶ୍ରୀନିବାସ ପାତ୍ରଙ୍କ ଫଟୋ ଚିତ୍ର ନେଇ ଗ୍ରାମ ଭ୍ରମଣ କରାଯାଇଥିଲା। ଗେଟ ବଜାର ଠାରୁ ରତ୍ନପୁର ଭାୟା ଲୋଚାପଡା ରୋଡକୁ ସହିଦ୍ ଶ୍ରୀନିବାସ ମାର୍ଗ ରୂପେ ଘୋଷଣା କରିବାକୁ ବହୁ ଦିନରୁ ଦାବୀ ହୋଇ ଆସୁଥିବାରୁ ତାହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବୀ କରାଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସ୍କେଟିଂ ପ୍ରତିଷ୍ଠାନର ପିଲାମାନେ ଯୋଗଦେଇ ସ୍କେଟିଂ କଳା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। କମିଟିର ସଭାପତି ଏମ. ଲାବଣ୍ୟ ପାତ୍ର ଓ ସମ୍ପାଦକ ସୁନିଲ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଙ୍ଗଳା ପାତ୍ର, ନିଳାଞ୍ଚଳ ପାତ୍ର, ମଙ୍ଗଳା ସେଠୀ, ସୁଦାମ ପାତ୍ର, କ୍ରିଷ୍ଣା ମୂର୍ତ୍ତି ପାତ୍ର, ଗଙ୍ଗା ପାତ୍ର, ପବିତ୍ର ବାଡତ୍ୟା, ରବୀନ୍ଦ୍ର ବାଡତ୍ୟା, ଟୁକୁନା ଦାସ, ମୁନା ପାତ୍ର, ନରସିଂହ ପାତ୍ର, ଦେବୀ ପ୍ରସାଦ ଦାସ, ଯୋଗୀନ୍ଦ୍ର ବକ୍ସି, କାଳିନ୍ଦୀ ଚରଣ ନାୟକ, ଅଜିତ୍ ପଟ୍ଟନାୟକ, ଗୌରୀ ପଟ୍ଟନାୟକ ଓ ଦିଗାମ୍ବର ସାମନ୍ତରାୟ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୬/୭/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୨,୭୮,୭୩୯/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍














# ଆଜିଠୁ ଶୋଭାପାଇବ ନୀଳକନ୍ଦର

ପୁରୀ,୨୬।୭ (ସମିସ)



## ନୀଳାଦ୍ରିବିଜେ ପହଣ୍ଡି ୪ଟାରୁ

ଚଳିତବର୍ଷ ପାଇଁ ଶ୍ରୀମନ୍ଦିର ବାହାରେ ସରିଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ପବିତ୍ର ବାହୁଡ଼ା ଯାତ୍ରାରେ ଜନ୍ମବେଦୀରୁ ବାହୁଡ଼ି ଆସିଛନ୍ତି ଦାରୁବ୍ରହ୍ମ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୁଢ଼ ଠାକୁର ସୁନାବେଶରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ସେମାନଙ୍କୁ କୃତାର୍ଥ କରିଛନ୍ତି। ରବିବାର ରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ସୋମବାର ନୀଳାଦ୍ରିବିଜେ। ଏହି ପବିତ୍ର ତିଥିରେ ରତ୍ନବେଦୀକୁ ବିଜେ କରିବେ ଦାରୁଦିଅଁ। ଶୋଭା ପାଇବ ନୀଳକନ୍ଦର। ଏହାସହିତ ଶେଷ ହେବ ଶ୍ରୀଗୁଣ୍ଡିଚା ଯାତ୍ରା। ଆଉ ମଙ୍ଗଳବାରଠୁ ଭକ୍ତଙ୍କୁ ମିଳିବ ନୀଳାଚଳ ଅବଢ଼ା। ପୁଣି ଶ୍ରୀମନ୍ଦିରରେ ଲାଗିବ ଗହଳି ଚହଳି।

ନୀଳାଦ୍ରିବିଜେ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇରହିଛି ପ୍ରଶାସନ। ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ନିଜ ନିଜର ପ୍ରସ୍ତୁତି ସାରିଛନ୍ତି। ଏହି ମହାନ ପର୍ବର ଅନ୍ତିମ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ଅପେକ୍ଷାରତ। ନୀଳାଦ୍ରିବିଜେ ନୀତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଥ ଉପରେ ଠାକୁରଙ୍କ ନୀତିକୁ ତ୍ୱରାନ୍ୱିତ କରି ଅପରାହ୍ଣ ୪ଟା ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହେବ।

### ନୀଳାଦ୍ରିବିଜେ ନୀତି ନିର୍ଘଣ୍ଟ

ତିନିରଥରେ ମଙ୍ଗଳ ଆଳତି ପ୍ରାତଃ ୪ଟା, ମଇଲମ-ତଡ଼ପଲାଗି ୪ଟା ୩୦, ଅବକାଶ ଭୋର ୫ଟା, ବେଶ ଶେଷ ୫ଟା ୩୦, ଗୋପାଳବଲ୍ଲଭ ସକାଳ ୬ଟା ୩୦, ସକାଳ ଧୂପ ୭ଟାରୁ ୮ଟା, ମଇଲମ ୮ଟା ୩୦, ମହାସ୍ନାନ ଓ ସର୍ବାଙ୍ଗ ୯ଟା ୩୦, ବେଶଶେଷ ପୂର୍ବାହ୍ଣ ୧୦ଟା, ମଧ୍ୟାହ୍ନ ଧୂପ ସାଢେ ୧୦ରୁ ସାଢେ ୧୧, ମଇଲମ ଓ ବେଶ ୧୧ଟା ୪୫ରୁ ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ଆଳତି ୧୨ଟା ୧୫, ସନ୍ଧ୍ୟାଧୂପ ସାଢ଼େ ୧୨ରୁ ସାଢ଼େ ୧ଟା, ଚାରବନ୍ଧା ସାଢ଼େ ୧ଟାରୁ ସାଢ଼େ ୩ଟା, ସିଂହାସନ ମାଜଣା ୩ଟା ୩୦, ପୁଷ୍ପାଞ୍ଜଳି ୩ଟା ୫୦, ପହଣ୍ଡି ଆରମ୍ଭ ୪ଟା, ପହଣ୍ଡି ଶେଷ ରାତି ୧୦ଟା, ରୁନ୍ଧା ଶେଷ ସାଢେ ୧୨ଟା, ଦଇତାପତି ସର୍ବାଙ୍ଗ ୧ଟା, ଶ୍ରୀମୁଖ ଖଣ୍ଡୁଆ ୧ଟା ୧୦, ଚାରମାଳ ଫିଟା ୧ଟା ୧୫ରୁ ୨ଟା ୧୫, ସୁଦର୍ଶନ ସିଂହାସନକୁ ବିଜେ ୨ଟା ୩୦, ଶ୍ରୀମୁଖ ଖଣ୍ଡୁଆ ମଇଲମ ୨ଟା ୩୦, ଚକା ପୋଛା ୨ଟା ୪୫, ସିଂହାସନ ଧୂଆ ୩ଟା, ମାଧବ, ଶ୍ରୀଦେବୀ ଓ ଭୂଦେବୀ ସିଂହାସନକୁ ବିଜେ ୩ଟା ୧୦, ମହାସ୍ନାନ ଶେଷ ୩ଟା ୩୦, ରୋଷ ହୋମ ୩ଟା ୩୫, ମଇଲମ ୩ଟା ୩୫, ଚନ୍ଦନଲାଗି ୩ଟା ୪୫, ସୂର୍ଯ୍ୟପୂଜା ଭୋର ୪ଟା, ଦ୍ୱାରପାଳ ପୂଜା ୪ଟା ୧୫, ବଡ଼ସିଂହାର ବେଶ ୪ଟା ୧୫, ବଡ଼ସିଂହାର ଭୋଗ ୪ଟା ୪୫ ଓ ରାତ୍ର ପହୁଡ଼ ଭୋର ୫ଟାରେ ହେବାକୁ ନୀତି ନିର୍ଘଣ୍ଟ ହୋଇଛି।

## ନେଇଗଲେ ଅଧରପଣା

ପୁରୀ,୨୬।୭ (ସମିସ): ପ୍ରତିବର୍ଷ ରଥ ଉପରେ ଅଧରପଣା ହାଣ୍ଡି ଭାଙ୍ଗିବା ବେଳେ କିଛି ସେବାୟତ ପଣା ନେଇଥାନ୍ତି। କେହି କେହି ରଥ ଉପରେ ଟିଫିନ, ଗଡ୍ଡୁ, ଭଙ୍ଗା କୁଡୁଆ, ହାଣ୍ଡି ଆଦିରେ ପୁରାଇ ପଣା ସଂଗ୍ରହ କରନ୍ତି। ପୁଣି କେତେଜଣ ତଳେ ଠିଆ ହୋଇ ବାଲ୍‌ଟି, ଜରି ଆଦି ଦେଖାଇ ପଣା ନେଇଥାନ୍ତି। ପ୍ରତିବର୍ଷ ଭଳି ଏଥର ମଧ୍ୟ ଅଧରପଣା କେହି ସଂଗ୍ରହ କିମ୍ବା ନେଇପାରିବେ ନାହିଁ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଯଦିଓ ଭଙ୍ଗା ପୂର୍ବରୁ କେହି ପଣା ନେଇ ନ ଥିଲେ ଭାଙ୍ଗିବା ପରେ ତଳକୁ ଗଡୁଥିବା ପଣାକୁ କେତେଜଣ ନେଉଥିବା ଦେଖିବାକୁ ମିଳିଥିଲା। ସେମାନେ ଗଡ୍ଡୁ, ଭଙ୍ଗା କୁଡଆ, ଜରିରେ ପଣା ସଂଗ୍ରହ କରିଥିଲେ। କିନ୍ତୁ ସେମିତି କୌଣସି ବିଶୃଙ୍ଖଳା କରି ନ ଥିଲେ।

## ଶ୍ରୀମନ୍ଦିରରେ ଗୋଟିଏ ଦିନ ରସଗୋଲା ଭୋଗ

# ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରନ୍ତି ମହାପ୍ରଭୁ

ପୁରୀ,୨୬।୭ (ସମିସ)

ଶ୍ରୀଗୁଣ୍ଡିଚା ଯାତ୍ରାର ଶେଷ ପର୍ବ ନୀଳାଦ୍ରିବିଜେରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବିଜେ କରିଥାନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ବଢିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗ ଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀଘରକୁ ବିଜେ କରାଇଥାନ୍ତି। ଏହାପରେ ଗୋଟି ପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥାନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା’ ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢାଇଥାନ୍ତି। ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହେ ଓ ପରେ ଖୋଲିଦିଆଯାଏ। ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପର ପାଶ୍ୱର୍ରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାରଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଛ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥାନ୍ତି। ଏହାପରେ ଘଷାବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ କରାଯାଇଥାଏ। ଭିତରଛ ମହାପାତ୍ରଙ୍କ ଘରେ ଶୁଦ୍ଧପୁତ ଭାବେ ଏହି ରସଗୋଲା



ପ୍ରସ୍ତୁତ ହୋଇଥାଏ। କଥିତ ଅଛି, ରଥଯାତ୍ରାରେ ମହାଲକ୍ଷ୍ମୀଙ୍କୁ ସଙ୍ଗରେ ନେଇ ନ ଥିବାରୁ ସେ ମାନ କରିଥାନ୍ତି। ଏହିଦିନ ମହାପ୍ରଭୁ ରସଗୋଲା ଖୁଆଇ ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥାନ୍ତି। ଏହିଦିନ ଅନେକ ବ୍ୟକ୍ତିବିଶେଷ, ମଠବାଡି ଓ ସେବକମାନେ ରଥ ଉପରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ ଲଗାଇଥାନ୍ତି।

## ■ ସିଂହାସନ ମାଜଣା ଆଜି

# ବନ୍ଧାଯିବ କନକମୁଣ୍ଡି ଚାନ୍ଦୁଆ

ପୁରୀ,୨୬।୭ (ସମିସ): ମଠ ସଂସ୍କୃତି ଓ ପରମ୍ପରାକୁ ନେଇ ଶ୍ରୀକ୍ଷେତ୍ର ବେଶ୍ ସମୃଦ୍ଧ। ଶ୍ରୀମନ୍ଦିରରେ ଅଧିକାଂଶ ରୀତିନୀତି ଓ ଯାନିଯାତ୍ରା ସହିତ ମଠଗୁଡ଼ିକର ସମ୍ପର୍କ ବହୁ ପ୍ରାଚୀନ କାଳରୁ ରହିଆସିଛି। ସମ୍ପ୍ରତି ସେହି ପରମ୍ପରା କେତେକାଂଶରେ ଲୋପ ପାଇଯାଇଥିଲେ ହେଁ କେତେକ ରୀତିନୀତି, ବେଶ, ପର୍ବପର୍ବାଣି ସହ ନିର୍ଦ୍ଦିଷ୍ଟ ମଠମାନଙ୍କ ସମ୍ପର୍କ ଏବେ ବି ଅକ୍ଷୁଣ୍ଣ ରହିଛି। ଏଥିମଧ୍ୟରୁ ବଡ଼ଓଡ଼ିଆ ମଠ ଅନ୍ୟତମ। ସୋମବାର ନୀଳାଦ୍ରିବିଜେ। ରତ୍ନସିଂହାସନକୁ ଫେରିଯିବେ ଚତୁର୍ଦ୍ଧାବିଗ୍ରହ। ଏହି ଅବସରରେ ବଡ଼ଓଡିଆ ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିସହ ମଠ ମହନ୍ତ ସିଂହାସନ ମାଜଣା କରିବେ। ନୀଳଚକ୍ରରେ ମଠ ପକ୍ଷରୁ ଧ୍ୱଜା ବନ୍ଧାଯିବା ପରେ ରଥାରୁଢ ଠାକୁର ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ବିଜେ କରିବା ପରମ୍ପରା ରହିଛି। ଏ ସମ୍ପର୍କରେ ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ କୁହନ୍ତି, ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ସମୟରୁ ମଠ ରତ୍ନସିଂହାସନର ରକ୍ଷଣାବେକ୍ଷଣ ଏବଂ ମାଜଣା କରିଆସୁଛି। ପରମ୍ପରା ମୁତାବକ, ନୀଳାଦ୍ରିବିଜେ ଦିନ ସକାଳେ ରତ୍ନସିଂହାସନ ଉପରେ ମଠ ପକ୍ଷରୁ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିପାଇଁ ପାଟ ଏବଂ ସୂତା କପଡ଼ାରେ ଚାନ୍ଦୁଆ ତିଆରି ସରିଛି। ସେହିପରି ମଠ ପକ୍ଷରୁ ନୀଳଚକ୍ରରେ ୧୪ ହାତର ପତାକା (ଧ୍ୱଜା) ବିନା ଦେୟରେ ବନ୍ଧାଯିବ। ସନ୍ଧ୍ୟା ଧୂପ ପରେ ସିଂହାସନ ମାଜଣା ହେବ ବୋଲି ମଠ ମହନ୍ତ କହିଛନ୍ତି।

**ସିଂହାସନ ମାଜଣା:** ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ସମୟରୁ ବଡ଼ଓଡ଼ିଆ ମଠ ମହନ୍ତମାନେ ରତ୍ନସିଂହାସନ ମାଜଣା କରିଆସୁଛନ୍ତି। ନୀଳାଦ୍ରିବିଜେ ଦିନ ମାଜଣା କରାଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନଠାରୁ ସୂଚନା ପାଇବା ପରେ ମଠ ମହନ୍ତ ଶ୍ରୀମନ୍ଦିର ଅଭିମୁଖେ ବାହାରିଥାନ୍ତି। ଗର୍ଭଗୃହ ଭିତରକୁ ଯାଇ ସିଂହାସନ ମାଜଣା କରିଥାନ୍ତି। ପୂର୍ବରୁ ମଠରେ ଘୋରା ଯାଇଥିବା ଚନ୍ଦନ, କର୍ପୂର, କେଶର, କସ୍ତୁରୀ ଏବଂ ଚୁଆରେ ମହନ୍ତ ମାଜଣା କରନ୍ତି। ପ୍ରାୟ ଦୁଇଘଣ୍ଟା ଧରି ଏହା ଚାଲେ।

# ୭ ସ୍ୱୋକ୍ସ ଭର୍ଦ୍ଧ୍ୟୁର ଫାଉଣ୍ଡେସନ୍‌ର ସେବା



ପୁରୀ,୨୬।୭ (ସମିସ): ରଥଯାତ୍ରା ଅବସରରେ ୭ ସ୍ୱୋକ୍ସ ଭର୍ଦ୍ଧ୍ୟୁର ଫାଉଣ୍ଡେଶନ ପୁରୀ ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ହଜାର ହଜାର ଭକ୍ତ, କର୍ତ୍ତବ୍ୟରତ ପୁଲିସ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସେବା ପ୍ରଦାନ କରାଯାଇଥିଲା। ଗୁଣ୍ଡିଚା ଯାତ୍ରା ଦିନ ସନ୍ଧ୍ୟା ୫ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଫାଉଣ୍ଡେଶନର ସ୍ୱେଚ୍ଛାସେବୀମାନେ ଦଶ ହଜାର ଭକ୍ତଙ୍କୁ ଖେଚୁଡ଼ି, ଡାଲେମା, ରୁଟି ସହ ମିନେରାଲ୍ ପାନୀୟ ଜଳ ବଣ୍ଟନ କରିଥିଲେ। ଏହାସହ ରଥଯାତ୍ରାରେ ନିରନ୍ତର ସେବାରେ ନିୟୋଜି ଓଡ଼ିଶା ପୁଲିସ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ କର୍ତ୍ତବ୍ୟରତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଫାଉଣ୍ଡେଶନ ପରିସରରେ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା, ଯାହାଦ୍ୱାରା ସେମାନଙ୍କୁ ଧାଡ଼ିରେ ଠିଆ ହେବାକୁ ପଡ଼ି ନ ଥିଲା। ୧୦ ଜଣ ଫିଜିଓଥେରାପି ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜରୁରୀ ବିଭାଗରେ ୧୬ ଓ ୨୪ ତାରିଖ ଦିନ ନିୟୋଜିତ କରାଯାଇଥିଲା। ୧୭ ତାରିଖରେ ଏକ ଅବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟା ଦର୍ଶନ ଅବସରରେ ବ୍ୟାରିକେଡ ଭକ୍ତଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ବାହୁଡ଼ା ଯାତ୍ରା ସକାଳୁ ମସଲା ଉପମା, ମଟର ତରକାରୀ ଓ ପାନୀୟ ଜଳ ଭକ୍ତଙ୍କୁ ବଣ୍ଟା ଯାଇଥିଲା। ଏହି ଅବସରରେ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶେଖର ପାତ୍ର କହିଛନ୍ତି ଯେ, “ଭକ୍ତଙ୍କ ସେବା ହିଁ ମହାପ୍ରଭୁ ଜଗନ୍ନାଥଙ୍କ ସେବା। ଏହି କଠିନ ଯାତ୍ରାରେ ଯାହା କିଛି ସମ୍ଭବ ହୋଇଛି, ତାହା କେବଳ ମହାପ୍ରଭୁଙ୍କ ଅସୀମ କୃପା, ପ୍ରଶାସନର ସହଯୋଗ, ଆମ ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କ ପ୍ରୟାସ ପାଇଁ ସମ୍ଭବ ହୋଇଛି।

# ଭିଡ଼ ଭିତରେ ଭିନ୍ନ ପରିଚୟ ‘ଜଗା ଚାକର ସଂଘ’

ପୁରୀ,୨୬।୭ (ସମିସ)



ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଜଗା ଚାକର ସଂଘ’ ପକ୍ଷରୁ ଗୁଣ୍ଡିଚା ଯାତଠାରୁ ସୁନାବେଶ ପର୍ଯ୍ୟନ୍ତ ବିବିଧ ସେବା ପ୍ରଦାନ କରାଯାଇଛି। ପ୍ରତ୍ୟେକ ଦିନ ପ୍ରାତଃ ସମୟରେ ଗୁଣ୍ଡିଚା ମନ୍ଦିର ନିକଟରୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନାମ ସଂକୀର୍ତ୍ତନ କରି ସଂଘର ଚାକରମାନେ ଶ୍ରୀମନ୍ଦିର ନିକଟରେ ପହଞ୍ଚୁଥିଲେ। ରଥଯାତ୍ରା ସମୟରେ ପରିବେଶ ଓ ପରିମଳକୁ ସୁସ୍ଥ ରଖିବା ପାଇଁ ବଡ ଦାଣ୍ଡକୁ ସଫେଇ କରୁଥିଲେ। ସଂଘ ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ଉପ ସଭାପତି ପ୍ରିୟଦର୍ଶିନୀ ନାୟକ, ସାଧାରଣ ସମ୍ପାଦକ ସନ୍ତୋଷ ମିଶ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ମୁଖ୍ୟ ଉପଦେଷ୍ଟା ସଦାନନ୍ଦ ସାହୁ, ସହ ସମ୍ପାଦକ ଧର୍ମାନନ୍ଦ ସାହୁ, କାର୍ଯ୍ୟ ନିର୍ବାହୀ ସଦସ୍ୟ ବସନ୍ତ କୁମାର ସାହୁ, ହୃଦାନନ୍ଦ ଭୋଇ, ପ୍ରସନ୍ନ କୁମାର ଚୌଧୁରୀ, ଦୁଃଶାସନ ପଲେଇ, ପ୍ରଦୀପ ମଣ୍ଡଳ, ପ୍ରେମାନନ୍ଦ ପାତ୍ର, ଜୟନ୍ତୀ ନାୟକ, କନକ ପରିଡ଼ା, ଅଭୟ ପରିଡ଼ା, ଲୋନୀ ସାହୁ, ରମେଶ ଦଳେଇ, ଘାସିରାମ ନାୟକ, ନିରୋଦ ନାୟକ, ମନୋଜ କଂସା ବେହେରା, ଜନ୍ମେଜୟ ଦଳେଇଙ୍କ ସମେତ ବହୁ ଯୁବକ ଏବଂ ମହିଳା ସକ୍ରିୟ ସହଯୋଗ କ୍ରମେ ଜଳ ସିଞ୍ଚନ, ଛାୟା ସେବା, ପରିମଳ ସେବା, ପାନୀୟ ଜଳ, ଆମ୍ବୁଲାନ୍ସ ସେବା, ଗୁଆ ଘିଅରେ ପ୍ରସ୍ତୁତ ଖାଦ୍ୟ ବଣ୍ଟନ, ଔଷଧ ବଣ୍ଟନ, ବିଞ୍ଚଣା ସେବା ଆଦି ପ୍ରଦାନ କରାଯାଇଥିଲା।

ସେହିପରି ସଂଘ ସଦସ୍ୟଙ୍କ ଦ୍ୱାରା ଆଧ୍ୟାତ୍ମିକ ଚେତନା ନାଟକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରା ସମୟରେ ଅନୁଷ୍ଠାନର ଭିନ୍ନ ଭିନ୍ନ ଦିବସରେ ୩ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାକର ସେବା କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡିଛି। କେବେଳ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସେବା ମନୋବୃତ୍ତି ନେଇ ଆତ୍ମପ୍ରକାଶ କରିଥିବା ଏହି ଅନୁଷ୍ଠାନ ଚଳିତ ବର୍ଷ ରଥଯାତ୍ରାରେ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଠାରୁ ଆଶୀର୍ବାଦ ସାଉଁଟିବା ସହ ଭିଡ଼ ଭିତରେ ଭିନ୍ନ ପରିଚୟ ସୃଷ୍ଟି କରିବା ସହିତ ବିଭିନ୍ନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏବଂ ପୁରୀ ଅତିରିକ୍ତ ଜିଲ୍ଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ଶିବିରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ସହ ଢେର ସାରା ପ୍ରଶଂସା ଦେଇଥିବା ଦେଖିବାକୁ ମିଳିଛି।

# ଚଳଚ୍ଚିତ୍ର ‘ଶ୍ରୀଅଙ୍ଗ ଖଣ୍ଡୁଆ’ କାହାଣୀ ମହାପ୍ରଭୁଙ୍କୁ ସମର୍ପିତ

ପୁରୀ,୨୬।୭ (ସମିସ): ଖଣ୍ଡୁଆ...! ଏହି ନାମଟି କେବଳ ଏକ ବସ୍ତ୍ରର ପରିଚୟ ନୁହେଁ। ଏହା ହେଉଛି ଭକ୍ତିର ସୂତାରେ ବୁଣା ଏକ ଅନନ୍ତ ସମ୍ପର୍କର ଗାଥା। ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶାର ତନ୍ତଶାଳରେ ଜନ୍ମ ନେଉଥିବା ଏହି ପବିତ୍ର ପାଟ, ଆଜି ବି ନେଇ ଚାଲିଛି ଆସ୍ଥା, ପରମ୍ପରା ଏବଂ ଅପାର ଭକ୍ତିର ସନ୍ଦେଶ। ବୁଣାକାରର କର୍ମଠ ହାତରେ ଯେତେବେଳେ ସୂତା ପରେ ସୂତା ଯୋଡ଼ି ହୁଏ, ସେତେବେଳେ ସେ କେବଳ ଏକ ବସ୍ତ୍ର ବୁଣୁ ନ ଥାଏ... ସେ ବୁଣୁଥାଏ ନିଜର ବିଶ୍ୱାସ, ନିଜର ଭକ୍ତି ଏବଂ ନିଜର ଆତ୍ମାର ଅର୍ପଣ। ତନ୍ତର ପ୍ରତ୍ୟେକ ଝଙ୍କାରରେ ଗୁଞ୍ଜରିତ ହୁଏ ଜୟ ଜଗନ୍ନାଥର ଧ୍ୱନି। ପ୍ରତ୍ୟେକ ସୂତାରେ ଥାଏ ମହାପ୍ରଭୁଙ୍କ ପ୍ରତି ଅଗାଧ ଶ୍ରଦ୍ଧା। ବୁଣାକାର ଘରୁ ବାହାରି ଏହି ଖଣ୍ଡୁଆ ଯେତେବେଳେ ନୀଳାଚଳ ଅଭିମୁଖେ ଯାତ୍ରା କରେ, ସେତେବେଳେ ଏହା ଆଉ ଏକ ସାଧାରଣ ପାଟ ହୋଇ ରହେନାହିଁ। ଏହା ହୋଇଯାଏ ଭକ୍ତିର ଦୂତ।

ଶ୍ରୀମନ୍ଦିରର ଗର୍ଭଗୃହରେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଶ୍ରୀଅଙ୍ଗରେ ଲାଗିବା ମାତ୍ରେ ଏହି ଖଣ୍ଡୁଆ ପାଏ ତାହାର ପରମ ସାର୍ଥକତା। ଏମିତି ଏକ ଦିବ୍ୟ କାହାଣୀକୁ ନେଇ ଆସୁଛି ସାମାଜିକ-ଆଧ୍ୟାତ୍ମିକ ଓଡ଼ିଆ ସିନେମା “ଶ୍ରୀଅଙ୍ଗ ଖଣ୍ଡୁଆ’। ରବିବାର ପବିତ୍ର ଅଧରପଣା ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ରଥ ଉପରେ ମହାପ୍ରଭୁଙ୍କୁ କାହାଣୀଟିକୁ ଛୁଆଁଇ ସମର୍ପିତ କରାଯାଇଛି। ଷ୍ଟୁଡିଓ ଥ୍ରୀ ସିକ୍ସଟି ୫ ଫିଲ୍ମସ ବ୍ୟାନରରେ ଡ. କେ. ତମନ୍ନା ପ୍ରଯୋଜିତ, ଶ୍ୟାମା ପ୍ରସାଦ ମିଶ୍ରଙ୍କ କାହାଣୀ, ଚିତ୍ରନାଟ୍ୟ, ସଂଳାପ ଏବଂ ନିର୍ଦ୍ଦେଶନାରେ ଖୁବ୍‌ଶୀଘ୍ର ଏହି ସିନେମାର ଶୁଟିଂ ଆରମ୍ଭ ହେବ। କାହାଣୀ ସମର୍ପଣ ଦିବସରେ ସେବାୟତ ଅଭିନେତା ଶମ୍ଭୁ ଖୁଣ୍ଟିଆ, ସିନେମାର ଉପଦେଷ୍ଟା ଓ ଗୀତିକାର ଡ. ବଦ୍ରି ମିଶ୍ର, ସୁସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତିଙ୍କ ସହିତ ଅନେକ ସେବାୟତ ଉପସ୍ଥିତ ରହିଥିଲେ।

## ପୁରୀରୁ କମିନି ରଥଯାତ୍ରା ଭିଡ଼

# ଛୁଟିଦିନ ପାଇଁ ଲାଗିରହିଛି ଭକ୍ତଙ୍କ ଗହଳି

ପୁରୀ,୨୬।୭ (ସମିସ)

ପ୍ରତିବର୍ଷ ରଥଯାତ୍ରାରେ ଭିଡ଼ ହୋଇଥାଏ। କିନ୍ତୁ କିଛିବର୍ଷ ହେବ ଗହଳି ଏମିତି ହେଉଛି ଯେ, ନିୟନ୍ତ୍ରଣ କରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ହେଉଛି। ଚଳିତବର୍ଷ ରଥଯାତ୍ରା, ନବମୀ ସନ୍ଧ୍ୟା ଦର୍ଶନ ଓ ବାହୁଡ଼ାରେ ମଧ୍ୟ ପ୍ରବଳ ଭିଡ଼ ହୋଇଥିଲା। ସାଧାରଣତଃ ରଥଯାତ୍ରାଠାରୁ ହେଉଥିବା ଗହଳି ସୁନାବେଶ ପର୍ଯ୍ୟନ୍ତ ରହିଥାଏ। ସୁନାବେଶ ପରଦିନ ଯଦିଓ ଲୋକ ଥାଆନ୍ତି କିନ୍ତୁ ଭିଡ଼ କମିଯାଏ। କିନ୍ତୁ ଏଥର ସପ୍ତାହନ୍ତ ଛୁଟିଦିନ ଯୋଗୁ ଏବେ ବି ପୁରୀରେ ଗହଳି ରହିଛି। କାରଣ ମାସ ଶେଷ ଶନିବାର ଏବଂ ରବିବାର ଯୋଗୁ ଏହି ପରିସ୍ଥିତି ଉପୁଜିଛି। ରବିବାର ଅଧରପଣା ନୀତି ଥିବାବେଳେ ବଡ଼ଦାଣ୍ଡରେ ବାହୁଡ଼ା ଯାତ୍ରା ଭଳି ଲୋକଙ୍କ ଗହଳି ଜଣାପଡୁଥିଲା। ଫଳରେ ରଥଯାତ୍ରା ପୂର୍ବଦିନଠାରୁ ଟ୍ରାଫିକ କଟକଣା ଯୋଗୁ ହନ୍ତସନ୍ତ ହେଉଥିବା ପୁରୀବାସୀ ରବିବାର ବି ଏଭଳି ସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

## କଟକଣା ଯୋଗୁଁ ହନ୍ତସନ୍ତ ହେଉଛନ୍ତି ପୁରୀବାସୀ

ପୁରୀର ବୁଦ୍ଧିଜୀବୀଙ୍କ ମତରେ, ରଥଯାତ୍ରା ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା, ବ୍ୟାରିକେଡ୍, ରାସ୍ତା ବନ୍ଦ ଓ ଯାତାୟାତ ନିୟନ୍ତ୍ରଣ ଯୋଗୁଁ ସ୍ଥାନୀୟ ଲୋକଙ୍କ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହେଉଛି। ଘରୁ ବାହାରିବା, କାର୍ଯ୍ୟସ୍ଥଳକୁ ଯିବା, ପିଲାମାନଙ୍କୁ ସ୍କୁଲ କିମ୍ବା କୋଚିଂକୁ ପଠାଇବା, ଏପରି



କି ଜରୁରୀ କାମରେ ହସ୍ପିଟାଲ କିମ୍ବା ଔଷଧ ଦୋକାନକୁ ଯିବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି। ବୃଦ୍ଧ, ରୋଗୀ, ଗର୍ଭବତୀ ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ସବୁଠାରୁ ଅଧିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଜରୁରୀ ଚିକିତ୍ସା ସେବା ପହଞ୍ଚିବାରେ ବିଳମ୍ବ, ଆମ୍ବୁଲାନ୍ସ ଚଳାଚଳରେ ବାଧା ଉପୁଜିଥାଏ। ଏହି ସମୟରେ ବଜାରରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପନିପରିବା, କ୍ଷୀର, ଔଷଧ, ଗ୍ୟାସ୍ ଇତ୍ୟାଦି ସଂଗ୍ରହ କରିବାରେ ଅସୁବିଧା ହୁଏ। ଘରୋଇ ସହାୟକ, ବିତରଣ କର୍ମଚାରୀ ଓ ଅନ୍ୟାନ୍ୟ ସେବା ପ୍ରଦାନକାରୀମାନେ ମଧ୍ୟ ଅନେକ ସମୟରେ ଘରେ ପହଞ୍ଚି ପାରନ୍ତି ନାହିଁ। ଅତ୍ୟଧିକ ଭିଡ଼, ଧୂଳି, ଶବ୍ଦ ପ୍ରଦୂଷଣ, ଅସହ୍ୟ ଗରମ ଓ ଅବିରତ ଘୋଷଣା ଯୋଗୁଁ ସ୍ଥାନୀୟ ଲୋକଙ୍କ ଶାରୀରିକ ଓ ମାନସିକ ଚାପ ବଢ଼ିଥାଏ। ଅନେକ ପରିବାର ଦିନ ଦିନ ଧରି ଘର ଭିତରେ ରହିବାକୁ ବାଧ୍ୟ ହୁଅନ୍ତି। ପୁରୀବାସୀ ଭଗବାନ ଜଗନ୍ନାଥଙ୍କ ପ୍ରତି ଅଗାଧ ଭକ୍ତି ଓ ଶ୍ରଦ୍ଧା ରଖି ଏହି ସମସ୍ତ କଷ୍ଟକୁ ସେବାର ଅଂଶ ବୋଲି ସହି ନେଇଥାନ୍ତି। ତଥାପି ସେମାନଙ୍କ ଦୈନନ୍ଦିନ ଜୀବନ, ସ୍ୱାସ୍ଥ୍ୟ ଓ ସୁବିଧା ପ୍ରତି ଅଧିକ ଧ୍ୟାନ ଦେବା ସମୟର ଆବଶ୍ୟକତା ବୋଲି ସାମାଜିକ ଗଣମାଧ୍ୟମରେ ମତ ରଖିଛନ୍ତି।

# ପୋଖରୀରୁ ଗଳିତ ଶବ ଉଦ୍ଧାର

ତିହିଡ଼ି,୨୬।୭(ସମିସ):ତିହିଡ଼ି ଥାନା ଅନ୍ତର୍ଗତ ଗୁଆମାଳ ପଞ୍ଚାୟତ ବିଶ୍ୱନାଥପୁର ଗାଁରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଗାଁର ଦିପ୍ତିକାନ୍ତ ପାଣିଗ୍ରାହୀ ଓରଫ 'ବାଉ'ଙ୍କ(୩୮) ଗଳିତ ଶବ ଆଜି ଏକ ପୋଖରୀରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଗତ ଗୁରୁବାର ରାତି ପ୍ରାୟ ୯ଟା ବେଳେ ବାଉ ପଡ଼ୋଶୀ ଘରକୁ ଖେଳ ଦେଖିବା ପାଇଁ ଯାଇଥିଲେ। କିନ୍ତୁ ତା'ପରେ ସେ ଆଉ ଘରକୁ ଫେରିନଥିଲେ। ପରଦିନ ପରିବାର ଲୋକେ ତିହିଡ଼ି ଥାନାରେ ଏକ ନିଖୋଜ ମାମଲା ରୁଜୁ କରିଥିଲେ। ସେବେଠାରୁ ତାଙ୍କର କୌଣସି ସନ୍ଧାନ ମିଳୁନଥିଲା। ଆଜି ସକାଳେ ପରିବାର ସଦସ୍ୟମାନେ ଗ୍ରାମର ଏକ ପୋଖରୀରେ ବାଉଙ୍କର ଗଳିତ ଶବ ଭାସୁଥିବା ଦେଖିଥିଲେ। ମୃତକଙ୍କ ମୁହଁରେ ଆଘାତ ଚିହ୍ନ ଏବଂ ରକ୍ତାକ୍ତ ଅବସ୍ଥା ଥିବାରୁ ଘଟଣାକୁ ନେଇ ବିଭିନ୍ନ ସନ୍ଦେହ ସୃଷ୍ଟି ହୋଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଖବର ପାଇ ତିହିଡ଼ି ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରାଇଥିଲେ। ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ମେଡିକାଲ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ବର୍ତ୍ତମାନ ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ନୃତ୍ୟ ସଙ୍ଗୀତ ପରିଷଦର ଅଧକ୍ଷ ସମ୍ବର୍ଦ୍ଧିତ



ଧାମନଗର,୨୬।୭(ସମିସ): ଭଦ୍ରକ ସହର ସନ୍ନିଆ ଗ୍ରାମରେ ବହୁ ପ୍ରାଚୀନ ଶ୍ରୀରାଧା ମଦନମୋହନ ମନ୍ଦିରରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ୫ଦିନିଆ ରହଣି କାଳରେ ସେଠାରେ ଛାଡି ଯାଇଥିବା ସେହି ଦିବ୍ୟବସ୍ତ୍ର ବା କନ୍ଥା ପ୍ରତିବର୍ଷ ଶୁକ୍ଳ ପଞ୍ଚମୀ ତିଥିରେ ପ୍ରଦର୍ଶିତ ହୋଇଆସୁଛି। ଏହି ଅବସରରେ ଦିବ୍ୟବସ୍ତ୍ର ପ୍ରଦର୍ଶନ, ଧର୍ମସଭା ତଥା ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଯାଇଛି। ଡ.ଭାଗବତ ତ୍ରିପାଠୀଙ୍କ ସଭାପତିତ୍ୱରେ ତଥା ମହନ୍ତ ଆଶିଷଦେବ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ସ୍ୱତନ୍ତ୍ର ଅତିଥି ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ସମାନିତ ବକ୍ତା ଭାବରେ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିରକ୍ଷକ ସିଦ୍ଧାନ୍ତ ମହାରାଜ ପ୍ରଭୃତି ଯୋଗଦେଇ ଶ୍ରୀଚୈତନ୍ୟ ଜୀବନଦର୍ଶନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଓ ଜିଲାପାଳ ତଥା ଅନ୍ୟତମ ଅତିଥି ମାନଙ୍କ ଦ୍ୱାରା ଭଦ୍ରକ ନୃତ୍ୟ ସଙ୍ଗୀତ ପରିଷଦର ଅଧ୍ୟକ୍ଷ ତଥା ଧାମନଗର ମାଟିର ପ୍ରତିଭା ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ ଓ ନୃତ୍ୟ ନିର୍ଦ୍ଦେଶିକା ଗୁରୁ ସ୍ୱାଗତିକା ରାଉତ ପ୍ରଭୃତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଦ୍ୱାରା ଗୁରୁ ଶ୍ରୀ ମଲ୍ଲିକ ଧାମନଗର ମାଟିର ଗୌରବ ବୃଦ୍ଧି କରିପାରିଛନ୍ତି। ଶେଷରେ ଭଦ୍ରକ ନୃତ୍ୟ ସଂଗୀତ ପରିଷଦ ଦ୍ୱାରା ଚିତାକର୍ଷକ ଓଡିଶୀ ନୃତ୍ୟ ଓ ସୁଦୂର କଳାହାଣ୍ଡିର ବଜାସାଲ ଓ ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ କରାଯାଇଥିଲା।

# ନଦୀ ବନ୍ଧ ମରାମତି ଦାବି



ବାରିକପୁର, ୨୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ସାନ ବନସ୍ତା ଠାରେ ଯଥାଶୀଘ୍ର ନଦୀବନ୍ଧର ଅସ୍ଥାୟୀ ମରାମତି ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି। ଏଠାରେ ସୂଚିତ ୧୫ଦିନ ପୂର୍ବରୁ ଗ୍ରାମର ଅଧିକାରୀ ଗୋଡ଼ା ନିକଟରେ ପ୍ରାୟ ଶହେ ମିଟର ନଦୀବନ୍ଧ ଧସି ଯାଇଥିଲା। ୩ମାସ ପୂର୍ବରୁ ନଦୀବନ୍ଧ ସୁରକ୍ଷା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପଥର ପ୍ୟାକିଂ ହୋଇଥିଲା। ପ୍ରଥମ ଲଘୁଚାପ ଜନିତ ବର୍ଷା ଯୋଗୁଁ ମାତ୍ରାଧିକ ଭାବେ ପଥର ପ୍ୟାକିଂ ଭାଗ ବୈତରଣୀ ଶାଖା ନାଳକୁ ଧସି ଯାଇଥିଲା। ବର୍ତ୍ତମାନ ବର୍ଷା ଓ ବନ୍ୟା ସମୟ ଆହୁରି ୩ମାସ ବାକିଥିବା ବେଳେ ଏହାର ଅସ୍ଥାୟୀ ମରାମତି ପାଇଁ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ବ୍ୟବସ୍ଥା ହୋଇଛି। ପ୍ରଥମରୁ ସ୍ଥାନୀୟ ବାସିନ୍ଦା ଓ ବିଭାଗ ମଧ୍ୟରେ ବିବାଦ ଯୋଗୁ ମରାମତି କାମଟି ବିଳମ୍ବରେ ଆରମ୍ଭ ହୋଇଥିଲା। ଏବେ ପୁଣି ଲଘୁଚାପ ବର୍ଷା ଜାରି ରହିଥିବା ବେଳେ ନଦୀରେ ବନ୍ୟା ଆସିବା ନେଇ ଲୋକେ ଆଶଙ୍କା କରିଛନ୍ତି। ତେଣୁ ଅସ୍ଥାୟୀ ମରାମତି କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ହୋଇପାରୁନି ଗମେଇ ନଦୀରେ ଜଳ ନିଷ୍କାସନ

## ଚାଷ ଜମିର ୮ ଫୁଟ ପାଣି





ଭଦ୍ରକ/ବାସୁଦେବପୁର,୨୬।୭(ସମିସ)

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତର ତାମିଲ ସୁଆଁ ଠାରେ ଗମେଇ ନଦୀର ଜଳ ନିଷ୍କାସନ ମାର୍ଚ୍ଚ ମାସରେ ୩ କୋଟି ୬୨ ଲକ୍ଷ ୫୩ ହଜାର ୩୩୬ ଟଙ୍କା ବ୍ୟୟରେ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ବାଟବଣା ହୋଇଯାଇଛି। ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ ଓ ଦିକ୍ଷିତବିନ୍ଧା ଗ୍ରାମର ଚାଷ ଜମିର ୮ ଫୁଟ ଉଚ୍ଚରେ ଜଳ ଜମିରହିଛି। ଲଘୁଚାପ ଜନିତ ବର୍ଷା ଯୋଗୁଁ ଅଧିକାଂଶ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଖସୁଛି ଉପର ମୁଣ୍ଡର ବର୍ଷା ପାଣି। ତଳ ମୁଣ୍ଡରେ ବନ୍ୟା ସୃଷ୍ଟି ହୋଇଛି। ଚାଷ ଜମିର ଆଠ ଦଶ ଫୁଟ ଉଚ୍ଚତାରେ ବନ୍ୟା ପାଣି ଲହରୀ ଭାଙ୍ଗୁଛି। ବାସୁଦେବପୁର ବ୍ଲକ ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତର ଗ୍ରାମ ଗୁଡିକ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବେଶ ପ୍ରଭାବିତ ହୋଇଛି। କାଂଶବାଂଶ ନଦୀ ଓ ଗମେଇ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଉପର ମୁଣ୍ଡର ବନ୍ୟା ଜଳ ତଳକୁ ଗଡିବାରୁ ଫୁଲୁଛି କାଂଶବାଂଶ ଓ ଗମେଇ ନଦୀ। ଜଳନିଷ୍କାସନ ହୋଇନପାରିବାରୁ ଚାଷ ଜମିର ସମୁଦ୍ରର ଭ୍ରମ ସୃଷ୍ଟି କରିଛି। ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ ଅଞ୍ଚଳର ଚାଷ ଜମି ବୁଡିଥିବା ବେଳେ ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ସୁଦର୍ଶନପୁର ଅଞ୍ଚଳର ତଳିଆ ଚାଷ ଜମି ବୁଡି ରହିଛି। ଘଣ୍ଟାକୁ ଘଣ୍ଟା ତୁହାକୁ ତୁହା ବର୍ଷା ଲାଗି ରହୁଛି। ରାସ୍ତା ଉପରେ ବନ୍ୟା ପାଣି ଚାଲୁଛି। ତଳିଆ ଅଞ୍ଚଳର ଘର ଗୁଡିକର ଚତୁପାର୍ଶ୍ୱରେ କାନ୍ଥରେ ବନ୍ୟା ପାଣି ଲାଗିଯାଇଛି। ଗାଁ ରାସ୍ତାର ଆଣ୍ଠୁଏ ପାଣି ଠିଆ ହୋଇଛି । ଗମେଇ ନଦୀର ତଳ ମୁଣ୍ଡ ପୋତି ଯାଇ ଥିବାରୁ ଜଳନିଷ୍କାସନ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ଓ ଜଳ ନିକାଶ ବିଭାଜନ ଭଦ୍ରକ ଶାଖା ପକ୍ଷରୁ ୩ କୋଟି ୬୨ ଲକ୍ଷ ୫୩ ହଜାର ୩୩୬ ଟଙ୍କାର ବ୍ୟୟରେ ଖନନ କରିବା ପାଇଁ ମାର୍ଚ୍ଚ ମାସ ୫ ତାରିଖରେ ଶିଳାନ୍ୟାସ ହୋଇଥିଲା । ଗମେଇ ନଦୀର ଶାଖା ନଦୀ ଖୋଲା ହୋଇଥିଲେ ବନ୍ୟା ପାଣି ସହଜରେ ନିଷ୍କାସନ ହୋଇଥାନ୍ତା। କାମ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇ ନଥିବାରୁ ଠିକାଦାର ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲିଛି। ଚଳିତ ବର୍ଷ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଦୁଇ ଥର ବନ୍ୟା ଦେଖା ଦେଇଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ଜଳ ନିଷ୍କାସନ ପାଇଁ ପ୍ରକଳ୍ପ ଶିଳାନ୍ୟାସ ହୋଇ ଅଧାପନ୍ତରିଆ ହୋଇ ପଡି ରହିଛି। ସମସ୍ତ ଚାଷୀଙ୍କ ଆଶା ଥିଲା ନଦୀ ଖନନ ହେଲେ ସହଜରେ ଜଳ ନିଷ୍କାସନ ହୋଇଯିବ । ଦୀର୍ଘ ଦିନର ସମସ୍ୟା ଦୂର ହେବ। ଦୂର ଦୃଷ୍ଟି ବିହିନ କାମ ଯୋଗୁଁ ବରଣ୍ଡୁଆ ପଞ୍ଚାୟତ, ସୁଦର୍ଶନପୁର ପଞ୍ଚାୟତ ଓ ପାଖ ପଡୋଶୀ ବାଲେଶ୍ୱର ଜିଲ୍ଲା ଚାଲୁଣୀଗାଁ ପଞ୍ଚାୟତ ଓ କ୍ଷୀରକୋଣା ପଞ୍ଚାୟତ (ଆଂଶିକ)ର ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ରହିଛି। ଚାଷୀର ବର୍ଷକର ଭାତ ହାଣ୍ଡି ଉଜୁଡି ଯାଇଛି।

## ଉନ୍ନତୀକରଣ ନାମରେ ବାଟବଣା ସାଢ଼େ ୩ କୋଟିର ପ୍ରକଳ୍ପ

# ବୁଡ଼ିଲା ଗ୍ରାମ୍ୟ ରାସ୍ତା

## କପାଳୀ ନଦୀରେ ବନ୍ୟା



ବନ୍ତ/ଆଗରପଡ଼ା,୨୬।୭(ସମିସ): ଉପରମୁଣ୍ଡରେ କ୍ରମାଗତ ବର୍ଷା ଯୋଗୁଁ କପାଳୀ ନଦୀର ଜଳସ୍ତର ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଞ୍ଚଳରେ ସୃଷ୍ଟି ହୋଇଛି ଭୟଙ୍କର ବନ୍ୟା ପରିସ୍ଥିତି। ରାମଚନ୍ଦ୍ରପୁର ପଞ୍ଚାୟତର ପାନପଦୀ-ରାମଚନ୍ଦ୍ରପୁର ମୁଖ୍ୟ ଗ୍ରାମ୍ୟ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଫଳରେ ସ୍ଥାନୀୟ ଗ୍ରାମବାସୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। କପାଳୀ ନଦୀର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ବନ୍ତ ବ୍ଲକର ବନ୍ତ, ରାମଚନ୍ଦ୍ରପୁର, ଟିଲୋ, ଛୟାଳସିଂ, ଗଣିଜାଙ୍ଗ, ରାମପୁର, ଏବଂ ରାମକୃଷ୍ଣପୁର ଭଳି ବହୁ ପଞ୍ଚାୟତରେ ଏବେ ବନ୍ୟା ଭୟ ଘାରିଛି। ବିଶେଷ କରି ରାମଚନ୍ଦ୍ରପୁର ପଞ୍ଚାୟତର ରାମଚନ୍ଦ୍ରପୁର, ପାଟଣା, ନିମାପଡ଼ା ଏବଂ ଟିଲୋ ପଞ୍ଚାୟତର ଶାସନ, ପୋଡ଼ାପଟଣା ଓ ଶାଳକଣିଆଁ ଭଳି ଗାଁ ଗୁଡ଼ିକରେ ବନ୍ୟା ଜଳ ଲୋକଙ୍କ ଘର ପାଖରେ ପହଞ୍ଚି ଗଲାଣି। ଯେଉଁ ଭଳି ଭାବେ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି, ଯେକୌଣସି ମୁହୂର୍ତ୍ତରେ ଏହି ଗାଁଗୁଡ଼ିକ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇପଡ଼ିବାର ଆଶଙ୍କା ଦେଖାଦେଇଛି। ଅଞ୍ଚଳରେ ବନ୍ୟା ପରିସ୍ଥିତି ଜଟିଳ ହେଉଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଆଗୁଆ ସଜାଗତା କିମ୍ବା ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାରମ୍ବାର ଗୁହାରି ପରେ ବି କୌଣସି ପ୍ରତିକାର ନହେବାରୁ, ବନ୍ୟା ଭୟରେ ଅଞ୍ଚଳବାସୀ ଏବେ ନିଦ୍ରାହୀନ ରାତି ବିତାଉଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଭଦ୍ରକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ଭଦ୍ରକ,୨୬।୭(ସମିସ): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଭଦ୍ରକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଭଦ୍ରକ ବ୍ଲକ ଅନ୍ତର୍ଗତ ତରାଗଣ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ବିମ୍ବାଧର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପଦାଧିକାରୀ,ଭଦ୍ରକ ଜିଲ୍ଲାର ୭ଟି ବ୍ଲକର ସଭାପତି,ସମ୍ପାଦକ ଓ କାର୍ଯ୍ୟକାରୀ ସଦସ୍ୟମାନେ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଚାନ୍ଦବାଲି ବ୍ଲକ ସଭାପତି ଅମୂଲ୍ୟ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଭଦ୍ରକ ଜିଲ୍ଲାରେ ଶୈକ୍ଷିକ ମହାସଂଘର ସଂଗଠନକୁ ସୁଦୃଢ କରିବା ସହିତ ଜିଲ୍ଲାରେ ଶୈକ୍ଷିକ ବାତାବରଣରେ ଶୃଙ୍ଖଳା ଆଣିବାକୁ ସଂଘ ପ୍ରଚେଷ୍ଟା କରିବ ବୋଲି ନେତୃତ୍ୱମାନେ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲା ଉପ-ସଭାପତି ପ୍ରଦୀପ କୁମାର ଦାଶ, ବାସୁଦେବପୁର ବ୍ଲକର ସୁବାସ ଚନ୍ଦ୍ର ବେହେରା, ତିହିଡି ବ୍ଲକର ପ୍ରଦୀପ କୁମାର ବାରିକ, ରାମପ୍ରସାଦ ବାରିକ, ଭଣ୍ଡାରିପୋଖରୀ ଉମାକାନ୍ତ ସାହୁ, ଭଦ୍ରକ ବ୍ଲକର କୃତିବାସ ରାଉତ, ବନ୍ତ ବ୍ଲକର ଶ୍ରୀଧର ପଣ୍ଡା, ନିରଞ୍ଜନ ରାଉତ,ଚାନ୍ଦବାଲି ବ୍ଲକର ମାନସ କୁମାର ପାଢି ପ୍ରମୁଖ ଯୋଗ ଦେଇ ଆସନ୍ତା ଅଗଷ୍ଟ ୨ତାରିଖରେ ଭଦ୍ରକ ସଂସ୍କୃତି ଭବନରେ ଜିଲ୍ଲା ସ୍ତରୀୟ ଗୁରୁ ବନ୍ଦନ କାର୍ଯ୍ୟକ୍ରମ ଏବଂ ସଭାପତି ଶ୍ରୀ ସେନାପତିଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ହେବ। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ, ଭଦ୍ରକ ବିଧାୟକ, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଜିଲ୍ଲାର ବହୁ ବୁଦ୍ଧିଜିବୀ ଯୋଗ ଦେବା ପାଇଁ ସଂଘ ତରଫରୁ ପ୍ରସ୍ତୁତି ହୋଇଛି ବୋଲି ସୂଚନା ଦିଆଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ କିଣା ଦାୟିତ୍ୱରୁ ସମିତିକୁ ବାଦ ପାଇଁ ଦାବି

ବାରିକପୁର, ୨୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତି ଗତ ୪/୫ବର୍ଷ ଧରି ବିଧି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରୁନାହିଁ। ଗଠିତ ପରିଚାଳନା କମିଟି ସଠିକ ଢଙ୍ଗରେ ଚାଲୁନାହିଁ। ସମିତିରେ ସ୍ଥାୟୀ ସମ୍ପାଦକ ନଥିବା ବେଳେ ନଗୁଆଁ ସମବାୟ ସମିତି ସମ୍ପାଦକ ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏଠାରେ ଗୋଦାମ ଗୃହ, ଧାନ ସଂଗ୍ରହ କେନ୍ଦ୍ର, ସଂରକ୍ଷଣ ଗୃହ ଆଦି ଭିତିଭୂମିର ଅଭାବ ରହିଛି। ତେଣୁ ସମସ୍ତ ବିଷୟ ଉପରେ ଅନୁଧାନ କରାଯିବା ସହିତ ସମିତିକୁ ଖରିଫ ଧାନ କ୍ରୟ ଅନୁମତିରୁ ବାଦ ଦେବା ପାଇଁ ଦାବି ହୋଇଛି। ଅଭିଯୋଗକାରୀ ରମେଶ ଚନ୍ଦ୍ର ନାୟକ, ପର୍ଶୁରାମ ସେନାପତି, ରତ୍ନାକର ଭଞ୍ଜ, ରାମଚନ୍ଦ୍ର ସେନାପତି, ନଟବର ରାଉଳ, ଅଚ୍ୟୁତାନନ୍ଦ ବେହେରା, ଦେବେନ୍ଦ୍ର ନାଥ ଧଳ, ବିଦ୍ୟାଧର ଜେନା, ଅନୁପମା ଦାସ, ଗୀତାରାଣୀ ନାୟକ, ଶଶୀକଳା ଶାସିନୀ, ସୁଧାଂଶୁ ନାୟକ ପ୍ରମୁଖ ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ ସହିତ ନିକଟସ୍ଥ ସମିତିକୁ ଦାୟିତ୍ୱ ହସ୍ତାନ୍ତର ପାଇଁ ନିବେଦନ କରିଛନ୍ତି।

## 'ସକାଳ' ପ୍ରଭାବ

# ସପ୍ତାହ ମଧ୍ୟରେ ହେବ ଅସ୍ଥାୟୀ ମରାମତି



ବେତାଳିଗାଁ,୨୬।୭(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ବୈତରଣୀ ନଦୀର ବାମ ପାର୍ଶ୍ୱ ବନ୍ଧରେ ଗାନ୍ଧୀଘାଟ ଜଳସମ୍ପଦ ବିଭାଗ ଅଧୀନ ବେତାଳିଗାଁ ସ୍ଲୁଇସ୍ ଗେଟ୍ ନିକଟସ୍ଥ ରାସ୍ତାର ଶୋଚନୀୟ ଅବସ୍ଥା ସମ୍ପର୍କରେ ଗତ ୨୧ ତାରିଖରେ ଦୈନିକ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରସାରଣ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ସ୍ୱରୂପ ଉକ୍ତ ସ୍ଥାନରେ ଅସ୍ଥାୟୀ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଛି। ବିଭାଗୀୟ ଏସଡିଓ ଓ ଜେଇଓ ଲୋକମାନଙ୍କହୀତକୁ ଦୃଷ୍ଟିରେ ରଖି ଏକ ସପ୍ତାହ ମଧ୍ୟରେ ଅସ୍ଥାୟୀ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗ ସେହି ପ୍ରତିଶ୍ରୁତିକୁ ପାଳନ କରି କାର୍ଯ୍ୟ ସମ୍ପନ୍ନ କରିଥିବାରୁ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନର ମରାମତି କେବଳ ଏକ ଅସ୍ଥାୟୀ ବ୍ୟବସ୍ଥା। ବିଭାଗ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆସନ୍ତା ନଭେମ୍ବର ମାସ ସୁଦ୍ଧା ଉକ୍ତ ରାସ୍ତାର ସ୍ଥାୟୀ ମରାମତି କାର୍ଯ୍ୟ ସମ୍ପନ୍ନ କରାଇବ ବୋଲି ଅଞ୍ଚଳବାସୀ ଦୃଢ଼ ଆଶା ପୋଷଣ କରିଛନ୍ତି। ସ୍ଥାୟୀ କାର୍ଯ୍ୟ ସମ୍ପନ୍ନ ହେଲେ ଏହି ରାସ୍ତା ଉପରେ ନିର୍ଭରଶୀଳ ବହୁ ଗ୍ରାମର ଲୋକମାନେ ବର୍ଷବର୍ଷ ଧରି ଭୋଗୁଥିବା ସମସ୍ୟାରୁ ମୁକ୍ତି ପାଇବେ।

# ଗତିପଥ ବଦଳିବା ନେଇ ଚିନ୍ତାରେ ଗ୍ରାମବାସୀ

## ସାଳନ୍ଦୀ ଫୁଲୁଛି

ବନ୍ତ/ଆଗରପଡ଼ା,୨୬।୭(ସମିସ)

ଗତ କିଛି ଦିନ ହେଲା ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେବାରୁ ନଦୀପାଣି କ୍ରମଶଃ ଫୁଲି ଗ୍ରାମାଭିମୁଖି ହେଉଥିବାରୁ ନଦୀ କୁଳିଆ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ସାଳନ୍ଦୀ ନଦୀ ବନ୍ତ ବ୍ଲକର ଆଗରପଡା ଦେଇ ବହି ଯାଇଥିବା ବେଳେ ଏହାର ଶାଖା ପ୍ରଶାଖା ନଦୀ ଗୁଡ଼ିକ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାକୁ ପ୍ରବାହିତ ହୋଇଛି। ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେବା ଫଳରେ ଓ ହଦଗଡ଼ ପାଣି ଛାଡିବା ଫଳରେ ବର୍ତ୍ତମାନ ସାଳନ୍ଦୀ ଫୁଲୁଛି ଓ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡକୁ ମାଡି ଆସୁଛି। ଏହାର ମୁଖ୍ୟ କାରଣ ନଦୀ ପଠାରେ ବେଆଇନ ଭାବେ ଗଢି ଉଠୁଥିବା ଇଟା ଭାଟି ଓ ବାଲି ଖନନ।

ପ୍ରକାଶ ଥାଉକି, ଆଗରପଡା ଥାନା ଅଧୀନ ଗୋପିନାଥପୁର, ମହାନ୍ତିପଡ଼ା, ଚାରିଗାଁ ଏବଂ ଅଣିଜୋ ଆଦି ପଞ୍ଚାୟତ ଅନ୍ତର୍ଗତ ସାଳନ୍ଦୀ ନଦୀରୁ ଦୀର୍ଘ ଦିନ ଧରି ବେନିୟମ ଭାବେ ମାଫିଆ ମାନେ ଦିନ ଦ୍ୱିପ୍ରହରରେ ବାଲି ଖୋଳି ନେଉଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଘାଟ ଗୁଡ଼ିକୁ ବର୍ଷ ୨୦୨୦ରେ ନିଲାମ କରାଯାଇଥିଲା। ନିଲାମ ପରେ ଅଞ୍ଚଳବାସୀ ବେଆଇନ ବାଲି ଖନନ ଉପରେ ରୋକ ଲାଗିବ ବୋଲି ଆଶା ବ୍ୟକ୍ତ କରିଥିବା ବେଳେ ଏଥିରେ ମଧ୍ୟ ସଫଳ ହୋଇ ପାରିନଥିଲେ। ସରକାରଙ୍କ ପ୍ରଦତ୍ତ ନିୟମକୁ କେହିବି ମାନୁ ନାହାନ୍ତି। ପୂର୍ବପରି ରାଜସ୍ୱ ବିଭାଗ କର୍ମଚାରୀଙ୍କ ଜ୍ଞାତ ସାରରେ ଦିନ ଦ୍ୱିପ୍ରହରରେ ଖୋଲାଖୋଲି ଭାବେ ନିର୍ଦ୍ଧାରିତ ନିୟମଠାରୁ ଅଧିକ ବାଲି ଖୋଳାଯାଇ ଟ୍ରାକ୍ଟର ଓ ଟ୍ରକରେ ଅନ୍ୟ ସ୍ଥାନକୁ ପଠାଯାଉଛି। ଏହା ଜାଣି ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଗ୍ରାମବାସୀ ମାନେ ଏହାକୁ ବିରୋଧ କଲେ ମାଫିଆ ମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କିଛି ସୁଫଳ ମିଳିପାରୁ ନାହିଁ। ଘାଟ ନିଲାମ କେବଳ ପ୍ରହସନ ପାଲଟିଛି। ପ୍ରତିଦିନ ଏହି ପରି ବେଧଡକ ବାଲିଖୋଳାଯାଉଥିବାରୁ ନଦୀର ଗତି ପଥ ପରିବର୍ତ୍ତନ ଘଟୁଛି। ଯାହାକି ପୂର୍ବ ବର୍ଷ ପରି ସାମାନ୍ୟ ବର୍ଷା ହେଲେ ନଦୀ ବଢ଼ି ପାଣି ଗାଁ ମଧ୍ୟକୁ ପଶିଆସି ଲୋକ ମାନଙ୍କର ବ୍ୟାପକ କ୍ଷତି ପହଁଚାଇବା ସମ୍ଭାବନା ସୃଷ୍ଟି କରୁଛି । ଆହୁରି ମଧ୍ୟ ବାଲି ମାଫିଆ ମାନେ ନଦୀ ତଟକୁ ଦୁଇ ତିନି ମଣିଷ ଲେଖାଏଁ ଖୋଳି ଦେବା ଦ୍ୱାରା ବିଭିନ୍ନ ସମୟରେ ଗୃହପାଳିତ ପଶୁ ମାନେ ଏଥିରେ ଖସିପଡି ଖଣ୍ଡିଆ ଖାବରା ହେଉଥିବାର ନଜିର ରହିଛି। ସାଳନ୍ଦୀ ନଦୀର ପାଶ୍ୱର୍ରେ ଥିବା କାଣ୍ଡବା, ସାହୁପଡା, ଶ୍ରୀରାମପୁର, ଅମରସିଂହପୁର, ଚାରିଗାଁ, ଚକ୍ରାପାଢୀ, ଅଣିଜୋ, ଇଟୁଆ,ବିରିଡିହି ଆଦି ଗ୍ରାମଗୁଡିକରେ ଅବାଧ ବାଲି ଖନନ ଯୋଗୁଁ ଆଗକୁ ସାଳନ୍ଦୀନଦୀରେ ଲୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି।



# କେନାଲ ବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା



ଭଣ୍ଡାରିପୋଖରୀ,୨୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକର ବୟାଁବନାପୁର ପଞ୍ଚାୟତ ଅନ୍ତର୍ଗତ ବୈତରଣୀ ନଦୀର ଶାଖା ହାଇଲେବୁଲ କେନାଲ ବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା। ଭଣ୍ଡାରିପୋଖରୀ ହାରାମଣି ଉଚ୍ଚ ବିଦ୍ୟାଳୟ ପାଖରେ ହାଇଲେବୁଲ୍ କେନାଲ ଉପରେ ଜାତୀୟ ରାଜପଥର ଏକ ଓଭର ବ୍ରିଜ୍ ନିର୍ମାଣ ହୋଇଥିବା ହେତୁ ଏହି ଜାଗାରେ ଜାତୀୟ ରାଜପଥର ବର୍ଷା ଜଳ ବ୍ରିଜ୍ ର ହୋଲ ଦେଇ ନିର୍ଗତ ହେଉଥିବା ହେତୁ କେନାଲ ବନ୍ଧ ଉପରେ ପଡ଼ି ବହୁ ପରିମାଣରେ ଗର୍ତ୍ତ ସୃଷ୍ଟି ହୋଇଗଲାଣି। ଏହି ରାସ୍ତାଦେଇ ଦୈନନ୍ଦିନ ବୟାଁବନାପୁର, ରଣଜିତ୍, ବାଲିପୋଖରୀ, ରାମଚନ୍ଦ୍ରପୁର ସମେତ ୩/୪ଟି ପଞ୍ଚାୟତ ଲୋକମାନେ ଯାତାୟାତ କରିଥାଆନ୍ତି। ଭଣ୍ଡାରିପୋଖରୀ ବ୍ଲକକୁ କେନାଲ ବନ୍ଧ ରାସ୍ତାଟି ମୁଖ୍ୟ ରାସ୍ତା ଭାବେ ସଂଯୋଗ ହୋଇଥିବା ବେଳେ ଏହି ରାସ୍ତା ଦେଇ ଶହ ଶହ କୋମଳମତି ଛାତ୍ର ଓ ଛାତ୍ରୀ ମାନେ ସ୍କୁଲ୍ ଓ କଲେଜ ଗୁଡ଼ିକୁ ପାଠ ପଢ଼ିବା ପାଇଁ ଦୈନନ୍ଦିନ ସାଇକଲ ଦ୍ୱାରା ଯାତାୟାତ କରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତାଟି ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାତାୟାତ କରିବା ପାଇଁ ମୁଖ୍ୟ ରାସ୍ତା ହୋଇଥିବା ହେତୁ ଦୁଇ ଦିନ ତଳେ ଜଣେ ବୃଦ୍ଧା ଚାଲିକି ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଯାଉଥିବା ସମୟରେ ପଡ଼ି କ୍ଷତିଗ୍ରସ୍ତ ହୋଇଥିବା ମଧ୍ୟ ସୂଚନା ମିଳିଛି। ଏହି କେନାଲ ବନ୍ଧ ରାସ୍ତା ଜାଗାଟି ଆଖୁଆପଦା ଜଳସମ୍ପଦ ବିଭାଗର ହୋଇଥିବା ହେତୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଜଳସମ୍ପଦ ବିଭାଗର ଅଧିକାରୀ ଏବଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ କରୁଥିବା ଦିଲ୍ଲୀପ ବିଲକନ୍ ସଂସ୍ଥାର ସର୍ବୋଚ୍ଚ ଅଧିକାରୀଙ୍କୁ ଏହି ରାସ୍ତାର ମରମତି କରି ସମସ୍ୟା ର ସମାଧାନ କରିବା ନିମନ୍ତେ ଜଣାଇଛନ୍ତି।

# ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଦୟନୀୟ ଅବସ୍ଥା



ଆନନ୍ଦପୁର,୨୬।୭ (ସମିସ): ମାତ୍ର ୪ ବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଥିଲା। ଏବେ ରାସ୍ତାର ଅବସ୍ଥା ନିଜ ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କଣ୍ଟାରୋହି-ବଳରାମପୁର ରାସ୍ତାର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। କଣ୍ଟାରୋହି-ବଳରାମପୁର ରାସ୍ତା ଉପରେ ଘସିପୁରା ବ୍ଲକର ଶାମୁକାନେଣ୍ଡି ଭଣ୍ଡାରିଡିହା ଖାଲିଆମେଣ୍ଟ ବଳରାମପୁର ତରିମୂଳ ୫ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ୪ବର୍ଷ ତଳେ ଏହି ରାସ୍ତା ନିର୍ମାଣ ହୋଇଥିଲା। ଏପରିକି ନିର୍ମାଣର ମାତ୍ର କିଛି ମାସ ପରେ ରାସ୍ତାର ପିଚୁ ଉଠି ଯାଇଥିଲା। ତେବେ ଏବେ ରହି ରାସ୍ତାରେ ଅନେକ ସ୍ଥାନରେ ବିରାଟ ଖାଲ ସୃଷ୍ଟିହୋଇଛି। ଚାରିଚକିଆ ଗାଡି ଯିବା ଦୂରର କଥା ସାଇକଲଟିଏ ମଧ୍ୟ ଯିବା ସମ୍ଭବ ହେଉନାହିଁ। ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ମଧ୍ୟ ଯିବାକୁ ସୁରକ୍ଷିତ ମଣୁନାହାଁନ୍ତି। ବର୍ଷାଦିନରେ ଖାଲରେ ପାଣି ଜମି ଯିବାରୁ ଦୁଖ ଆହୁରି ବଢିଯାଇଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ତୁରନ୍ତ ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କେନ୍ଦୁଝରର ବନଖଣ୍ଡରେ ପ୍ରଶାସନିକ ସଂସ୍କାର ସ୍ୱରୂପ ବିଟ୍ ବୃଦ୍ଧି ପ୍ରସ୍ତାବ

# ଅଛି ୧୦୫ଟି ବିଟ୍, ୩୫୦କୁ ସମ୍ପ୍ରସାରଣ ଯୋଜନା

କେନ୍ଦୁଝର, ୨୬।୭ (ସମିସ)

କେନ୍ଦୁଝର ବନଖଣ୍ଡରେ ବନ ବିଭାଗର କାର୍ଯ୍ୟଦକ୍ଷତାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ଜଙ୍ଗଲ ବିଭଗର ବିଟ ସଂଖ୍ୟା ବଢାଇବାକୁ ପ୍ରସ୍ତାବ ରହିଥିବା କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ପ୍ରକାଶ କରିଛନ୍ତି।

ଏବେ କେନ୍ଦୁଝର ବନଖଣ୍ଡରେ ୭ଟି ରେଞ୍ଜ ଅଧିନରେ ୧୦୫ଟି ଫରେଷ୍ଟ ବିଟ୍ ଥିବାବେଳେ ଏହାକୁ ୩୫୦ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ହେଉଥିବା ଜଣାପଡିଛି। କେନ୍ଦୁଝର ବନଖଣ୍ଡ ଅଧିନରେ ୭ଟି ରେଞ୍ଜ ରହିଛି। ଏହା ଅଧୀନରେ ୨୫ଟି ସେକ୍ସନ ଅଧିନରେ ୧୦୫ଟି ବିଟ୍‌ରେ ୫୯.୬୭୨ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବିଟ ସଂଖ୍ୟା ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି। ଏହାଦ୍ୱାରା ଜଙ୍ଗଲକୁ ଜଗିବା ସହ ଅନ୍ୟାନ୍ୟ କାର୍ଯ୍ୟକୁ ସୁସଂହତ ଭାବେ କରାଯାଇପାରିବ। ପ୍ରତି ରେଞ୍ଜରେ ଜଣେ ଲେଖାଏଁ ରେଞ୍ଜର ଥିବାବେଳେ ପ୍ରତି ସେକ୍ସନରେ ଜଣେ ଲେଖାଏଁ ଫରେଷ୍ଟର କାର୍ଯ୍ୟ କରିଥାନ୍ତି, ସେହିପରି ବିଟ ଅନୁସାରେ ଫରେଷ୍ଟ ଗାର୍ଡମାନଙ୍କୁ ନିୟୋଜିତ କରାଯାଇଥାଏ। କେନ୍ଦୁଝର ବନଖଣ୍ଡର ବଡବିଲ ରେଞ୍ଜରେ ୪ଟି ସେକ୍ସନ ଥିବାବେଳେ ଏଥିରେ ୧୫ଟି ବିଟ୍ ଏବେ ରହିଛି ଓ ପ୍ରତ୍ୟେକ ବିଟ ଅଧିନରେ ୨୭.୮୫ବର୍ଗ କିଲୋମିଟର ବନାଂଚଳ ରହିଛି। ନୂତନ ପ୍ରସ୍ତାବ ଅନୁଯାୟୀ ୧୫ଟି ବିଟକୁ ସଂପ୍ରସାରଣ କରାଯାଇ ୨୮ଟି ବିଟ କରାଯିବ ଓ ନୂତନ ବିଟରେ ୧୫ବର୍ଗ କିଲୋମିଟର ଜଙ୍ଗଲ ଅଂଚଳ ରହିବ। ପାଟଣା ରେଞ୍ଜ ଅଧିନରେ ୩ଟି ସେକ୍ସନର ୧୪ଟି ବିଟ ରହିଛି ଯାହା ମଧ୍ୟରେ ଏବେ ପ୍ରତ୍ୟେକ ବିଟରେ ୬୨.୭୪ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଏହାକୁ ବୃଦ୍ଧି କରାଯାଇ ୪୪ଟି ବିଟ୍ କରାଯିବ ଓ ନୂତନ ଭାବେ ପ୍ରତ୍ୟେକ ବିଟ ଅଂଚଳରେ ୨୧ବର୍ଗ କିଲୋମିଟର ଜଙ୍ଗଲ ରହିବ। ଘଟଗାଁ ବନାଞ୍ଚଳ ବା ରେଞ୍ଜରେ ୩ଟି ସେକ୍ସନ ଥିବା ସହ ୧୩ଟି ବିଟ୍ ରହିଛି। ଏବେ ପ୍ରତ୍ୟେକ ବିଟ୍ ଅଧିନରେ ୫୦.୬୯ ବର୍ଗ କିଲୋମିଟର ଜଙ୍ଗଲ ରହିଥିବାବେଳେ ନୂତନ ଭାବେ ଏହାକୁ ୧୩ରୁ ୪୧କୁ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଛି ଓ ନୂତନ ଭାବେ ପ୍ରତ୍ୟେକ ବିଟ୍ ଅଧିନରେ ହାରାହାରି ୧୭ ବର୍ଗ କିଲୋମିଟର ଜଙ୍ଗଲ ରହିବ। ଜଙ୍ଗଲ ବିଭାଗର ପ୍ରଶାସନିକ ଢାଂଚାକୁ ଅଧିକ କ୍ରିୟାଶୀଳ କରିବା ପାଇଁ କେନ୍ଦୁଝର ରେଞ୍ଜରେ ୪୧ଟି ବିଟ୍ କରାଯିବାକୁ ପ୍ରସ୍ତାବ ପ୍ରଦାନ କରାଯାଇଛି। ଏବେ କେନ୍ଦୁଝର ରେଞ୍ଜରେ ୪ଟି ସେକ୍ସନ ଅଧିନରେ ୧୯ଟି ବିଟ୍ ରହିଛି ଓ ୫୦.୪୫ବର୍ଗ କିଲୋମିଟର ଜଙ୍ଗଲ ରହିଛି। ନୂତନ ବିଟ ହେଲେ ପ୍ରତ୍ୟେକ ବିଟ ଅଧିନରେ ପାଖାପାଖି ୧୮ବର୍ଗ କିଲୋମିଟର ଜଙ୍ଗଲ ରହିବ ବୋଲି ଜଣାପଡିଛି। ଚମ୍ପୁଆ ରେଞ୍ଜ ଅଧିନରେ ୫ଟି ସେକ୍ସନରେ ୧୫ଟି ବିଟ ଥିବାବେଳେ ୭୩.୪୬ବର୍ଗ କିଲୋମିଟର ଜଙ୍ଗଲ ରହିଛି ଓ ନୂତନ ଭାବରେ ୬୧ଟି ବିଟ୍ ହେବା ପାଇଁ ପ୍ରସ୍ତାବ ରହିଛି। ନୂତନ ବିଟ ଅଧୀନରେ ୧୯ବର୍ଗ କିଲୋମିଟର ଜଙ୍ଗଲ ରହିବ। ଭୁୟାଁ-ଜୁଆଙ୍ଗ ପୀଢ ରେଞ୍ଜ ଅଧିନରେ ୨ଟି ସେକ୍ସନରେ ୧୧ଟି ବିଟ ରହିଥିବା?ବେଳ ଏବେ ପ୍ରତ୍ୟେକ ବିଟରେ ୧୦୧.୪ବର୍ଗ କିଲୋମିଟର ଜଙ୍ଗଲ ରହିଛି। ପ୍ରସ୍ତାବ ଅନୁଯାୟୀ ଏହି ରେଞ୍ଜରେ ୬୨ଟି ବିଟ ରହିବା ପାଇଁ ଯୋଜନା କରାଯାଇ ପ୍ରତ୍ୟେକ ବିଟ ଅଧିନରେ ୧୮ବର୍ଗ କିଲୋମିଟର ଜଙ୍ଗଲ ରହିବାର ପ୍ରସ୍ତାବ ରହିଛି। ଜଙ୍ଗଲ ବିଭାଗର ପ୍ରଶାସନିକ ସଂସ୍କାର ଅନୁଯାୟୀ ତେଲକୋଇ ରେଞ୍ଜ ଅଧିନରେ ୪ଟି ସେକ୍ସନ ଅଛି ଓ ୧୮ଟି ବିଟ୍ ଏବେ ରହିଛି ଏବଂ ପ୍ରତ୍ୟେକ ବିଟରେ ହାରାହାରି ୫୦.୩୪ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଏହାକୁ ବୃଦ୍ଧି କରାଯାଇ ୬୦ଟି ବିଟ୍ କରାଯିବ ଏବଂ ପ୍ରତ୍ୟେକ ବିଟ ଅଧୀନରେ ହାରାହାରି ୧୬ ବର୍ଗ କିଲୋମିଟର ଜଙ୍ଗଲ ରହିବ ବୋଲି ଡିଏଫଓ ଧନରାଜ ଏଚ୍‌ଡି ପ୍ରକାଶ କରିଛନ୍ତି। ରାଜ୍ୟର ସମସ୍ତ ଡିଭିଜନର ବିଟ୍ ସଂଖ୍ୟା ୩ ଗୁଣ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଛି। ରାଜ୍ୟରେ ମୋଟ ବିଟ୍ ସଂଖ୍ୟା ବୃଦ୍ଧି କରାଯାଇ ୩୦୮୨ ଟି ପ୍ରସ୍ତାବ ରହିଛି।

# ବୃକ୍ଷରୋପଣ କରି ଜନ୍ମଦିନ ପାଳିଲେ ମହେଶ୍ୱର



ଆନନ୍ଦପୁର, ୨୬।୭ (ସମିସ): ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁ ବୃକ୍ଷରୋପଣ କରି ନିଜର ୬୭ତମ ଜନ୍ମଦିନ ପାଳନ କରିଛନ୍ତି। ଆନନ୍ଦପୁର ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରାଯାଇଥିଲା। ପରେ ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟ ସଭାଗୃହଠାରେ ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଜନ୍ମ ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମ୍ବାଦିକ, ଓକିଲ, ବୁଦ୍ଧିଜୀବୀଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ବିଜେପି କୃଷକ ମୋର୍ଚ୍ଚା ର ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସାହୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ସଂଯୋଜକ ଶଙ୍କର୍ଷଣ ଜେନା, ହେମନ୍ତ ମଲ୍ଲିକ, ପବିତ୍ର ବେହେରା, ବିନୋଦ ଦାସ, ସୁଶ୍ରୀ ଝାନସୀରାଣୀ ଦାସ, ସୁଦର୍ଶନ ବଳ, ଯଜ୍ଞପ୍ରସାଦ ସାହୁ, ସୁଶୀଲ ହୋତା, ଦିଲୀପ କୁମାର ସିଂ, ଅଜୟ ହୋତା, ଦେବରଂଜନ ସାହୁ, ପ୍ରସନ୍ନ ମିଶ୍ର, ଅଶୋକ ରାଉତ, ସରୋଜ ସାହୁ, ଭଗବାନ ମହାରଣା, ମଳୟ ପଣ୍ଡା, କୋଦାର ସାମଲ, ନରେନ୍ଦ୍ର ରାଉତ, ପ୍ରୋମାନନ୍ଦ ମିଶ୍ର, କୈଳାସଚନ୍ଦ୍ର ସାମଲ, ନିରଞ୍ଜନ ପାଣିଗ୍ରାହୀ, ପ୍ରାଣବନ୍ଧୁ ସାହୁ, କୈଳାସଚନ୍ଦ୍ର ନାୟକ, ରାଜେନ୍ଦ୍ର ସାହୁ, ନିରାକାର ଦଲେଇ, ଅନନ୍ତ ବାରିକ ଶରତ ପାତ୍ର, ଯଶୋବନ୍ତ ଦାସଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିଥିଲେ।

# ପାଟଣାରେ ୨୭ତମ କାରଗିଲ ବିଜୟ ଦିବସ



ତୁରୁମୁଙ୍ଗା, ୨୬।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟସ୍ଥିତ ଭେଟେରାନ ୱେଲଫେୟାର ଆସୋସିଏସନ ପାଟଣା, ସାହାରପଡା କାର୍ଯ୍ୟାଳୟ ପରିସରରେ ରବିବାର ୨୭ତମ କାରଗିଲ ବିଜୟ ଦିବସ ଅବସରରେ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କାରଗିଲ ଯୁଦ୍ଧରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଅମର ସହିଦମାନଙ୍କ ସ୍ମୃତିରେ ଦୀପ ପ୍ରଜ୍ୱଳନ କରାଯିବା ସହ ଉପସ୍ଥିତ ସମସ୍ତ ସଦସ୍ୟ ନିରବ ପ୍ରାର୍ଥନା କରି ସହିଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପାଟଣା ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘର ସଭାପତି କ୍ୟାପଟେନ ଉପେନ୍ଦ୍ର ମହାନ୍ତ କାରଗିଲ ବିଜୟ ଦିବସ ପାଳନର ମହତ୍ତ୍ୱ ଉପରେ କହିଥିଲେ। ଏହି ଅବସରରେ ହାବିଲଦାର ମଧୁସୂଦନ ମହାନ୍ତ ବିଗତ ସଭାର ବିବରଣୀ ପାଠ କରିଥିଲେ। ଉପାଧ୍ୟକ୍ଷ ଜେଡବ୍ଲୁଓ ଭଗବାନ ମହାନ୍ତ ଓ ହନେରି ସୁବେଦାର ମେଜର ପ୍ରେମାନନ୍ଦ ମହାନ୍ତ କାରଗିଲ ବିଜୟ ଦିବସର ତାତ୍ପର୍ଯ୍ୟ ଏବଂ ସାମରିକ ଜୀବନର ବିଭିନ୍ନ ସ୍ମୃତି ଓ ଅନୁଭୂତି ଉପସ୍ଥାପନ କରିଥିଲେ। ଦେଶର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ସମସ୍ତ ସହିଦ ଯବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି କାରଗିଲ ବୀରମାନଙ୍କ ବଳିଦାନକୁ ସ୍ମରଣ କରିଥିଲେ।

# ଆନନ୍ଦପୁର ବ୍ରାହ୍ମଣ ମହାସଂଘର ବାର୍ଷିକ ଅଧିବେଶନ

ଆନନ୍ଦପୁର,୨୬।୭ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠାର ଭାଲୁକୁମା ଶ୍ରୀ ଗୋପେଶ୍ୱର ମନ୍ଦିର ପରିସରରେ ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଆବାହକ ମଦନ ପାଣିଙ୍କ ସଭାପତିତ୍ୱରେ ସମ୍ପାଦକ ପ୍ରଦୀପ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ଶାନ୍ତନୁ କାର୍ଯ୍ୟକାରୀ ସଦସ୍ୟ ମଧୁସୂଦନ ମିଶ୍ର, ଉପଦେଷ୍ଟା ତ୍ରିଲୋଚନ ଦାଶ, ଯାଜପୁରର ସୂର୍ଯ୍ୟମଣି ପଣ୍ଡା ଭଦ୍ରକର ରାଜେନ୍ଦ୍ର ପାଢ଼ୀ ସୁବାସଚନ୍ଦ୍ର ଦାଶ ସ୍ୱରୂପ ମିଶ୍ର ଭଗବାବ ମିଶ୍ର ଭରତଚନ୍ଦ୍ର ମିଶ୍ର ଆଞ୍ଚଳିକ ସଂଘର ସାରଙ୍ଗଧର ନନ୍ଦ ଯୋଗଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଶାନ୍ତ ପାଣି ବିଜୟ ମିଶ୍ର ଗଜେନ୍ଦ୍ର ମିଶ୍ର ପ୍ରମୁଖ ବୈଦିକ ସଂସ୍କୃତି, ରୀତିନୀତି, ପରମ୍ପରା, ଯଜ୍ଞ, ଅନୁଷ୍ଠାନ, ବେଦଶାସ୍ତ୍ର,



ମିଶ୍ର ଓ ସଂଯୋଜକ ମଦନ ମୋହନ ମିଶ୍ର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ସଂଘର ରାଜ୍ୟସଭାପତି ଡ଼ ସଦାନନ୍ଦ ଦୀକ୍ଷିତ ମୁଖ୍ୟବକ୍ତା ଭାବେ ସ୍ୱାମୀ ଚିନ୍ମୟାନନ୍ଦ ମହାରାଜ ଯୋଗଦେଇ ନିଜର ଆଚରଣ ଓ ଉଚ୍ଚାରଣରେ ଶାଳୀନତା ରକ୍ଷା କରିବାରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପସଭାପତି ରଞ୍ଜନ ପାଢ଼ୀ ରାଜ୍ୟ ଶ୍ରୀମଦ ଭଗବତ ଉପରେ ଆଲୋଚନା କରିଥିଲେ। ବୀରଭଦ୍ର ସେଠୀ ଉଦୟ ଗୁପ୍ତା ନବଘନ ସାହୁ ବିପିନ ପଲେଇ ପଞ୍ଚାନନ ପାତ୍ର ଲକ୍ଷ୍ମୀଧର ଦେହୁରୀ ଆନନ୍ଦ ପାତ୍ର ଶରତ ପଲେଇ ଜନ୍ମେଜୟ ପଲେଇ ପଦ୍ମନାଭ ଦେହୁରୀ ବିଭୀଷଣ ସାହୁ ନାରାୟଣ ବେଜ କୁନା ପଲେଇ ତ୍ରିଲୋଚନ ପଲେଇ ଏବଂ ଶ୍ରୀ ଗୋପେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

# ଅଟେଇ ଜଙ୍ଗଲରେ ୩୫୦ ସିଡ୍ ବଲ୍ ରୋପଣ

ଆନନ୍ଦପୁର, ୨୬।୭ (ସମିସ): ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତ ଅଧୀନସ୍ଥ ଅର୍ଜୁନବଣିଆ ଗ୍ରାମ ନିକଟରେ ଅଟେଇ ଜଙ୍ଗଲ ମଧ୍ୟରେ ୩୫୦୦ ବିଭିନ୍ନ ସିଡ୍ ବଲ୍ ନିକ୍ଷେପ କରାଯାଇଛି। ପ୍ରକୃତିବନ୍ଧୁ ତ୍ରିଲୋଚନ



ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ରେଞ୍ଜ ଅଫିସର ନବକିଶୋର ନାୟକ, ଫରେଷ୍ଟ ସ୍କ୍ୱାର୍ଡ ବିନୋଦ ବିହାରୀ ମହାନ୍ତି ଯୋଗ ଦେଇ ସିଡ୍ ବଲ୍ ନିକ୍ଷେପ ପ୍ରଣାଳୀ, ଶୈଳୀ ବାବଦରେ ଆଲୋଚନା କରିବା ସହ ୩୦୦୦ ବାଉଁଶ, ୨୫୦ ଜାମ୍ମୁ, ୨୫୦ ଖଜୁରୀ ସିଡ୍ ବଲ୍ ଆକାରରେ ଅଟେଇ ଜଙ୍ଗଲ ମଧ୍ୟକୁ ନିକ୍ଷେପ କରିଥିଲେ। ସ୍ୱେଚ୍ଛାସେବୀ ରାଜକିଶୋର ବାରିକ, ପ୍ରସନ୍ନ ନାହକ ଓ ମନୋଜ ସାହୁ ସହଯୋଗ କରିଥିଲେ। ହାତୀ ମଣିଷ ବିବାଦ କମାଇବା ପାଇଁ ଏବଂ ବନ୍ୟପ୍ରାଣୀ ମାନଙ୍କର ବାସସ୍ଥାନକୁ ସୁରକ୍ଷା ଦେବାପାଇଁ ବାଉଁଶ ଗଛର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବନ୍ୟପ୍ରାଣୀମାନଙ୍କର ବାସସ୍ଥାନ ନଷ୍ଟ ହେବା ଫଳରେ ସେମାନେ ସହରାଭିମୁଖୀ ହେଉଛନ୍ତି। ଏହି ସମସ୍ୟାକୁ ଆଖି ଆଗରେ ରଖି ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ପ୍ରାୟ ୧୦ ହଜାର ସିଡ୍ ବଲ୍ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସହାୟତାରେ ନିଜେ ପ୍ରସ୍ତୁତ କରିଛନ୍ତି। ଆନନ୍ଦପୁର ଉପଖଣ୍ଡ ତଥା କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ଜଙ୍ଗଲରେ ଏହାକୁ ବ୍ୟବହାର କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ନିକଟରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସହରକୁ ହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ଏହି ପ୍ରୟାସ ଦ୍ୱାରା ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀମାନଙ୍କର ବାସସ୍ଥାନକୁ ପୁନଃସ୍ଥାପନ କରିବାରେ ସହାୟକ ହୋଇପାରିବ ବୋଲି ଶ୍ରୀ ସାହୁ କହିଛନ୍ତି।

# 'ବାହୁଡ଼ିଲେ ମୋ ଜଗାକାଳିଆ' ନୃତ୍ୟାଭିନୟ ମଞ୍ଚସ୍ଥ



ଆନନ୍ଦପୁର, ୨୬।୭ (ସମିସ): ବୀଣାପାଣି କଳାନିକେତନ, ଶାଳପଡା ନୃତ୍ୟନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ବାହୁଡା ଯାତ୍ରା ଓ ସୁନାବେଶ ପରିପ୍ରେକ୍ଷୀରେ ହରିୟାଣାର ମାରୁତିକୁଞ୍ଜ ଓ ଉତ୍ତରପ୍ରଦେଶର ନୋଇଡା ଜଗନ୍ନାଥ ମନ୍ଦିରରେ ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ "ବାହୁଡ଼ି ମୋ ଜଗା ବଳିଆ, ମୋ ମା ମୋ ଗାଁ, ଏ ଯୁଗର କଥା, ସମ୍ବଲପୁରୀ ନୃତ୍ୟ, ପଲ୍ଲୀ ନୃତ୍ୟକୁ ପରିବେଷଣ କରିଥିଲେ। ଅଭିନେତ୍ରୀ ମିଲି ମହାନ୍ତି, ସିଲା ତ୍ରିପାଠୀ, ମୋନିକା ଦାଶ, ବିନୋଦ ଓଝା, ପ୍ରିୟଙ୍କା ସାହୁ, ଦେବହୁତି ପଟ୍ଟନାୟକ, ଅରଶ୍ମିତା ତ୍ରିପାଠୀ, ପରିଣତି ଚକ୍ର, ସାୟନି ନାୟକ, ଶୁଭଶ୍ରୀ ନାୟକ, ଗାୟତ୍ରୀ ସାମଲ, ଯଦୁନାଥ ପରିବେଷଣ କରିଥିଲେ। ଓଡ଼ିଆ ସଂସ୍କୃତି ପରମ୍ପରା ଯୁଗେ ଯୁଗେ ବଞ୍ଚି ରହିଛି ବୋଲି ଓଡ଼ିଆ ପ୍ରବାସୀମାନେ ମତ ବ୍ୟକ୍ତ କରିଥିଲେ। ଶେଷରେ ନୃତ୍ୟ ଗୁରୁ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲ୍ଲା ତୈଳିକ ବୈଶ୍ୟ ସମାଜର ବୈଠକ



କେନ୍ଦୁଝର, ୨୬।୭ (ସମିସ): ରବିବାର ତୈଳିକବୈଶ୍ୟ ସମାଜ କଲ୍ୟାଣମଣ୍ଡପରେ ସମାଜର ୧୪ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ସମ୍ପନ୍ନ ହୋଇଯାଇଛି। ଦେବ ବନ୍ଦନା ପରେ ଗତ ଚାରିବର୍ଷ ମଧ୍ୟରେ ଦିବଂଗତ ସଦସ୍ୟଙ୍କ ଅମରାତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇ ସଭାପତି ଡ଼ଃ ଜଗଦୀଶ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତା ରେ ବୈଠକ ଆରମ୍ଭ ହୋଇଥିଲା। ସମ୍ପାଦକ ପ୍ରଭାକର ବେହେରା ସଂଗଠନର କାର୍ଯ୍ୟକ୍ରମ ଓ ପ୍ରଗତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ମାୟାଧର ସାହୁ ବିଗତ ବର୍ଷର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ସମାଜର ୧୨ଜଣ ବରିଷ୍ଠ ସଦସ୍ୟଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରାଯିବା ସହିତ ଉତ୍ତରୀୟ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅମରବର ଖଟୁଆ ଓ ଭରତ ସାହୁ ପରିଚାଳନା କରିଥିଲେ। ନିର୍ବାଚନ ଅଧିକାରୀ ସନ୍ଦୀପ କୁମାର ବେହେରା ନିର୍ବାଚନ କାର୍ଯ୍ୟ ପରିଚାଳନା କରି ନୂତନ ପରିଷଦର ନିର୍ବାଚିତ ପ୍ରତିନିଧିଙ୍କ ନାମ ଘୋଷଣା କରିଥିଲେ। ବସନ୍ତ କୁମାର ସାହୁ ସଭାପତି, ବିଜୟ କୁମାର ବେହେରା, ଭରତଚନ୍ଦ୍ର ସାହୁ, ସୁଶୀଲ କୁମାର ସାହୁ ଉପସଭାପତି, ମାୟାଧର ସାହୁ ସମ୍ପାଦକ, ପଦ୍ମଲୋଚନ ସାହୁ, ନାରାୟଣ ସାହୁ, ଭାଗୀରଥି ସାହୁ, ସହସମ୍ପାଦକ, ପ୍ରଭାକର ବେହେରା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମାୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜରଙ୍ଗ ଦଳ ପକ୍ଷରୁ ନୂଆଗାଁରେ ବୃକ୍ଷରୋପଣ



ଆନନ୍ଦପୁର, ୨୬।୭ (ସମିସ): ବଜରଙ୍ଗ ଦଳ ତରଫରୁ ନୂଆଗାଁରେ ବୃକ୍ଷ ରୋପଣ କରାଯାଇଛି। ବର, ଓସ୍ତ, କୃଷ୍ଣଚୂଡ଼ା ୨୦ରୁ ଅଧିକ ବୃକ୍ଷରୋପଣ କରିବା ସହିତ ବୃକ୍ଷର ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ସଭ୍ୟ ପୂର୍ଣ୍ଣଚନ୍ଦ୍ର ମାଝୀ, ଚନ୍ଦନ କୁମାର ମାଝୀ, ବୀରକିଶୋର ଦାସ, ଆଶିଷ କୁମାର ସା, ରମେଶ ବେହେରା, ବାପି ରାଉତ, ଗୋପାଳ ମାଝୀ, ପ୍ରତାପ ମାଝୀ, ଖଗେଶ୍ୱର ମାଝୀ, ଭାସ୍କର ମାଝୀ ଯୋଗ ଦେଇଥିଲେ।

# ମଲ୍ଲିପଶି ହାଟ ପଡ଼ିଆରେ 'ମନ୍ କି ବାତ୍'

ତୁରୁମୁଙ୍ଗା, ୨୬।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୂଷାଖୋରି ପଞ୍ଚାୟତ



ମଲ୍ଲିପଶି ହାଟ ପଡ଼ିଆରେ ରବିବାର ୨୩୮ ନମ୍ବର ବୁଥ୍‌ରେ 'ମନ କି ବାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ବିଶ୍ୱନାଥ ନାୟକ, ବିଜେପି ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, ସ୍ଥାନୀୟ ସରପଞ୍ଚ ଭାମାମଣି ଦାସଙ୍କ ସହ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଥ୍ କର୍ମକର୍ତ୍ତା ଏବଂ ଅନେକ ସାଧାରଣ ଲୋକ ମଧ୍ୟ ଯୋଗଦେଇଥିଲେ।

# ପୁଣି ୮ ଘର ଭାଙ୍ଗିଲେ ହାତୀପଲ







ତୁରୁମୁଙ୍ଗା, ୨୬।୭ (ସମିସ) : କେନ୍ଦୁଝର ଜିଲ୍ଲା ଚମ୍ପୁଆ ଓ ପାଟଣା ରେଞ୍ଜରେ ହାତୀ ଆତଙ୍କ। ବିଳମ୍ବିତ ରାତିରେ ହାତୀପଲ ୮ଟି ଘର ଭାଙ୍ଗି ଦେଇଥିବା ବେଳେ ଚମ୍ପୁଆ ରେଞ୍ଜ ଜଜପଶି ମାଟିଆଳ ସାହିରେ ଘର ଭିତରେ ପଶି ଧାନ ଓ ଚାଉଳ ଖାଇ ନଷ୍ଟ କରିଛି ଦନ୍ତା। ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଚମ୍ପୁଆ ରେଞ୍ଜରେ ୨୫ ଟିକିଆ ହାତୀପଲ ୫ଟି ଘର ଭାଙ୍ଗିବା ସହ ପାଟଣା ରେଞ୍ଜରେ ଏକ ଗୋଠଛଡା ଦନ୍ତା ୩ଟି ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଛି। ହାତୀପଲଙ୍କ ଉପଦ୍ରବରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରାତି କାଟୁଥିବା ବେଳେ ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି।

## ନିଟ୍ ପରୀକ୍ଷାରେ ସଫଳ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ବନ୍ତ/ଆଗରପଡ଼ା, ୨୬।୭ (ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ କାଦୁବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନିଟ୍ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ର ନିଶ୍ଚଳ ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ନିଶ୍ଚଳ ନିଟ୍ ପରୀକ୍ଷାରେ ୬୪୧ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୨୧୨୭ ର୍‌ୟାଙ୍କ ହାସଲ କରି ବିଦ୍ୟାଳୟ, ବନ୍ତ ବ୍ଲକ ଓ ଭଦ୍ରକ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ନିଶ୍ଚଳ ଶିକ୍ଷକ ଅମୃତ ଲାଲ ମହାନ୍ତି ଏବଂ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତିଙ୍କ ସୁପୁତ୍ର। ଏହି ଅବସରରେ ପିଏମ୍‌ଶ୍ରୀ କାଦୁବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିମଳ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ସରପଞ୍ଚ ଭାଗିରଥି ସେଠି, ରବି ନାରାୟଣ ମହାନ୍ତି, ଶିକ୍ଷାବିତ ସଞ୍ଜୟ କୁମାର ମଜୁନଦାର, ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପୁରୀ, ଆଲୁମିନି କମିଟି ସଭାପତି ସୁବଳ କାନ୍ତ ପଣ୍ଡା, ଭଗବାନ ଗିରି, ସରୋଜ କୁମାର ବେହେରା, ସ୍ୱପ୍ନାଲୋକ ସୂତାର, ପ୍ରତାପ ମଲ୍ଲିକ, ମାନସ ସ୍ୱାଇଁ, କ୍ଷୀରୋଦ କୁମାର ଦାସ, ଆଶିଷ କୁମାର ବିଶ୍ୱାଳ, ରାଜକିଶୋର ଜେନା, ଜ୍ଞାନ ରଞ୍ଜନ ଖଣ୍ଡେଇ ପ୍ରମୁଖ ଉପସ୍ଥିତ ରହି ନିଶ୍ଚଳଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ନିଶ୍ଚଳଙ୍କ ସଫଳତାକୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଅଧ୍ୟବସାୟ, ନିଷ୍ଠା ଓ କଠିନ ପରିଶ୍ରମ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ବୋଲି ମତ ପ୍ରକାଶ କରିଥିଲେ। ନିଶ୍ଚଳ ମଧ୍ୟ ନିଜ ସଫଳତାର ଶ୍ରେୟ ନିଜ ପିତାମାତା, ଶିକ୍ଷକମାନେ ଓ ପରିବାରର ସହଯୋଗକୁ ଦେଇଥିଲେ। ଭବିଷ୍ୟତରେ ଜଣେ ସଫଳ ଡାକ୍ତର ହୋଇ ସମାଜ ଓ ଗ୍ରାମାଞ୍ଚଳର ଲୋକଙ୍କ ସେବା କରିବା ନିଶ୍ଚଳଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

# ଟେଣ୍ଡରରେ ଅଟକିଛି ଚାନ୍ଦବାଲି ହାଟର ଭାଗ୍ୟ

## ଅବ୍ୟବସ୍ଥା, ଅପରିଷ୍କାର ପରିବେଶ ଓ ମୌଳିକ ସୁବିଧାର ଅଭାବ





ଚାନ୍ଦବାଲି, ୨୬।୭ (ସମିସ)

ଭଦ୍ରକ ଜିଲ୍ଲାର ସର୍ବବୃହତ ଗ୍ରାମୀଣ ବଜାରମାନଙ୍କ ମଧ୍ୟରୁ ଅନ୍ୟତମ ଚାନ୍ଦବାଲି ହାଟ ଆଜି ପ୍ରଶାସନିକ ବିଳମ୍ବର ଏକ ଜୀବନ୍ତ ଉଦାହରଣ ପାଲଟିଛି। ଦୀର୍ଘ ଦିନ ଧରି ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ନ ହେବାରୁ ହାଟର ପରିଚାଳନା ଅନିଶ୍ଚିତତାରେ ଝୁଲି ରହିଛି। ଫଳରେ ଅବ୍ୟବସ୍ଥା, ଅପରିଷ୍କାର ପରିବେଶ ଓ ମୌଳିକ ସୁବିଧାର ଅଭାବ ମଧ୍ୟରେ ବ୍ୟବସାୟୀ ଓ ଖାଉଟିମାନେ ପ୍ରତିଦିନ ଦୁର୍ଭୋଗ ସହୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ହାଟରେ ସଫେଇ ବ୍ୟବସ୍ଥା ନିୟମିତ ନଥିବାରୁ ଚାରିଆଡ଼େ ଆବର୍ଜନା ଜମି ରହୁଛି। ବର୍ଷା ହେଲେ କାଦୁଅ ଓ ଜଳ ଜମାହେବା ସମସ୍ୟା ଯୋଗୁଁ ହାଟ ଚାଲିବା ମଧ୍ୟ କଷ୍ଟସାଧ ହୋଇପଡୁଛି। ପରିମଳ ବ୍ୟବସ୍ଥା, ପାନୀୟ ଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଅନ୍ୟପଟେ ଖାଉଟିମାନେ କହୁଛନ୍ତି, ପ୍ରତି ସପ୍ତାହରେ ହଜାର ହଜାର ଲୋକ ଏହି ହାଟକୁ ଆସୁଥିବା ସତ୍ତ୍ୱେ ହାଟର ପରିଚାଳନା ପ୍ରତି ଆବଶ୍ୟକ ଗୁରୁତ୍ୱ ଦିଆଯାଉନାହିଁ। ଅସ୍ୱାସ୍ଥ୍ୟକର ପରିବେଶରେ ପନିପରିବା ଓ ଖାଦ୍ୟ ସାମଗ୍ରୀ କିଣିବାକୁ ବାଧ୍ୟ ହେଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ, ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ହେବାର ପ୍ରକୃତ କାରଣ କ’ଣ? କାହିଁକି ଏତେ ଦିନ ଧରି ହାଟର ପରିଚାଳନାକୁ ସ୍ୱାଭାବିକ କରାଯାଇପାରୁନାହିଁ? ଏହାର ସ୍ପଷ୍ଟ ଉତ୍ତର ପାଇଁ ସାଧାରଣ ଲୋକ ଅପେକ୍ଷା କରୁଛନ୍ତି। ଚାନ୍ଦବାଲି ହାଟ କେବଳ ଏକ ବଜାର ନୁହେଁ; ଏହା ସ୍ଥାନୀୟ ଚାଷୀ, କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ଜୀବିକାର ପ୍ରମୁଖ କେନ୍ଦ୍ର। ତେଣୁ ଏହାର ପରିଚାଳନାରେ ଏକ ଦୀର୍ଘସୂତ୍ରୀ ବାଣିଜ୍ୟିକ ସୁବ୍ୟବସ୍ଥାର ଆବଶ୍ୟକତା ଅଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ବର୍ତ୍ତମାନ ସ୍ଥାନୀୟ ବ୍ୟବସାୟୀ, ଖାଉଟି ଓ ସାଧାରଣ ଜନତାଙ୍କ ଦାବି ହେଉଛି, ଟେଣ୍ଡର ପ୍ରକ୍ରିୟାକୁ ଶୀଘ୍ର ସମ୍ପନ୍ନ କରାଯାଇ ହାଟର ସୁଚାରୁ ପରିଚାଳନା ସୁନିଶ୍ଚିତ କରାଯାଉ। ସେପଟେ ଏହି ପ୍ରସଙ୍ଗରେ ଚାନ୍ଦବାଲି ଏନଏସସି ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀଙ୍କ ମତାମତ ଲୋଡ଼ାଯିବାରୁ ସେ, ପୂର୍ବ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ସ୍ୱଳ୍ପ ଥିବାରୁ ଏବେ ରିଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଖୁବ୍ ଶୀଘ୍ର ଏହା ସମାପନ କରାଯିବ ବୋଲି କହିଛନ୍ତି।

## ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଯାଜପୁର, ୨୬।୭ (ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ବାଙ୍କସାହି ଗ୍ରାମର ଯୁବକ ନିଶିଥ୍ କୁମାର ମହାପାତ୍ର (୪୦)ଙ୍କ ମୃତ ଦେହ ରବିବାର ସକାଳୁ ନିଜ ବାସଭବନରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଘରେ କେହି ନଥିବା ଅବସ୍ଥାରେ ନିଜ ଘରେ ଦୌଡି ଦେଇ ଆଇହତ୍ୟା କରିଥିବା କୁହାଯାଉଛି। ସେ କିଛି ଦିନ ଧରି ମାନସିକ ଦୁଃଶ୍ଚିନ୍ତାରେ ଦିନ କାଟୁଥିବା ସହିତ ଏଥିଯୋଗୁଁ ପାରିବାରିକ ବିବାଦ ମଧ୍ୟ ଲାଗିରହିଥିଲା। ନିଶିଥଙ୍କ ବାପା ସ୍ୱର୍ଗତ ନାରାୟଣ ମହାପାତ୍ର ଜଣେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଥିଲେ। ବାପା, ମା’, ଭଉଣୀଙ୍କ ମୃତ୍ୟୁ ପରେ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଚର୍ଚ୍ଚା ହେଉଛି। ରବିବାର ସକାଳୁ କବାଟ ଭାଙ୍ଗି ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥ?ଲା। ଶବ ବ୍ୟବଚ୍ଛେଦ ପରେ ନିଜ ଗାଁକୁ ମୃତ ଦେହକୁ ଅଣାଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ସ୍ୱର୍ଗତ ନିଶିଥ୍‌ଙ୍କ ଦୁଇଟି ପୁଅ ଏବଂ ଗୋଟିଏ ଝିଅ ଏବଂ ପତ୍ନୀ ଅଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଭଳି ପରିସ୍ଥିତିରେ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ

ବନ୍ତ/ଆଗରପଡ଼ା, ୨୬।୭ (ସମିସ): ବନ୍ତ ବ୍ଲକ ବିଟିପୁର ଶକ୍ତିକେନ୍ଦ୍ର ଅନ୍ତର୍ଗତ ୪ ନମ୍ବର ବିଟିପୁର ବୁଥ୍‌ର ବଙ୍ଗାଳୀସାହି ଗ୍ରାମଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୬ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କୃଷି ଅଧିକାରୀ ରାମଚନ୍ଦ୍ର ଦାସଙ୍କ ବାସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ ସିଂହ, ବିଜେପି ଯୁବ ନେତା ସପନ କୁମାର ସିଂହ, ବୁଥ୍ ସଭାପତି ବାବୁରାମ ବେହେରା, ମହତାବ ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଆରତୀ ପାତ୍ର, ବିଶ୍ୱନାଥ ସିଂହ, ଦେବେନ୍ଦ୍ର ଦାସଙ୍କ ସମେତ ବହୁ ସ୍ଥାନୀୟ ଯୁବକ, ଛାତ୍ର ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶ୍ରବଣ କରିଥିଲେ। ସେହିପରି ରାଉତରାପୁର, ବରହମପୁର, ଧାନଘର ବୁଥ୍ ସମେତ ବିଭିନ୍ନ ଶକ୍ତିକେନ୍ଦ୍ରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉତ୍ସାହର ସହ ଆୟୋଜିତ ହୋଇଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଭଦ୍ରକ, ୨୬।୭ (ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ସେଣ୍ଡିରା ଗ୍ରାମର ଜଣେ ଧର୍ମ ପରାୟଣ ମହିଳା କାଞ୍ଚନ ଖଣ୍ଡେଇ (୭୨)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସକାଳ ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ସେ ଗାଧୁଆ ଘରକୁ ଶୌଚ ହେବା ପାଇଁ ଯିବା ପରେ ସେହି ଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ମିତ୍ରଭାଷୀ ଓ ଧର୍ମ ପରାୟଣ ମହିଳା ଭାବେ ପରିଚିତ ଥିଲେ। ପୂର୍ବରୁ ସେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିଲେ। ଅବସରପରେ ସେ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ଜଡ଼ିତ ରଖିଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଜ୍ୟୋତିର୍ମୟୀଙ୍କ ବିଜୟରେ ବିଞ୍ଝାରପୁରରେ ଉତ୍ସାହ



ଯାଜପୁର, ୨୬।୭ (ସମିସ): ଜାତୀୟ ଟେଲିଭିଜନରେ ପ୍ରସାରିତ ଇଣ୍ଡିଆନ ଆଇଡଲର ଫାଇନାଲ ପ୍ରତିଯୋଗିତାରେ ଜ୍ୟୋତିର୍ମୟୀ ନାୟକ ଆଜି ବିଜୟୀ ହୋଇଛନ୍ତି। ଜ୍ୟୋତିର୍ମୟୀ ଖୁବ ଶିଘ୍ର ବିଞ୍ଝାରପୁର ବ୍ଲକ ଅରେଇ ଗ୍ରାମର ଆଶୁତୋଷ ସାମଲଙ୍କୁ ବିବାହ କରିବା ପାଇଁ ସ୍ଥିର ହୋଇଛି। ଆଜି ଜ୍ୟୋତିର୍ମୟୀ ଏହି ସୋରେ ବିଜୟୀ ହେବା ପରେ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନିଜ ଅଞ୍ଚଳର ହେବାକୁ ଥିବା ବୋହୂଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

## କାର୍ଗିଲ ବିଜୟ ଦିବସରେ ବୀର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ବିଞ୍ଝାରପୁର, ୨୬।୭ (ସମିସ): ବିଞ୍ଝାରପୁରସ୍ଥିତ ସୈନିକ ଡିଫେନ୍ସ ଏକାଡେମୀ ପକ୍ଷରୁ ବେଶ୍ ଶ୍ରଦ୍ଧା ଓ ଉତ୍ସାହର ସହ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି। ଅବୁଲ ହସନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସେନା ଅଧିକାରୀ ଶେଖ୍ ମୁକ୍ତାର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଗିଲ ଯୁଦ୍ଧର ବୀରଗାଥା ଓ ଦେଶପ୍ରେମର ବାର୍ତ୍ତା ଦେଇଥିଲେ। ଅନ୍ୟ ମାନଙ୍କ ଭିତରେ ବ୍ରଜସୁନ୍ଦର କଲେଜ ଅଧ୍ୟାପକ ଶରତ ଚନ୍ଦ୍ର ସାହୁ, ସରକାରୀ ଜୁନିଅର ଆଣ୍ଡ ସିନିଅର ମଦରସା ଅଧକ୍ଷ ସେକ ଜକିଉଲ୍ଲା ଉପସ୍ଥିତଥିଲେ। ଏହି ଅବସରରେ କାର୍ଗିଲ ଯୁଦ୍ଧର ୫୨୭ ଜଣ ବୀର ସହିଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଓ ମହମବତୀ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ସେହିପରି ଏକାଡେମୀର ପ୍ରଶିକ୍ଷାର୍ଥୀମାନେ ଭାରତୀୟ ସେନାର ବୀରତ୍ୱ ଓ ବଳିଦାନକୁ ସ୍ମରଣ କରିଥିବା ବେଳେ କାର୍ଗିଲ ଯୁଦ୍ଧରେ ସାମିଲ ଅବସରପ୍ରାପ୍ତ ସେନା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଦ୍ୟାଳୟରେ ୫୦ ଚାରାରୋପଣ

ଆରଡ଼ି, ୨୬।୭ (ସମିସ): ଚାନ୍ଦବାଲି ବ୍ଲକ ଆରଡ଼ି ପଞ୍ଚାୟତ ସ୍ଥିତ ସାନପଙ୍କି ଠାରେ ଥିବା ବିଏସ୍‌ଏସ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ସ୍ୱରାଜ୍ୟ ଖବର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ରଶ୍ମୀରଞ୍ଜନ ସାହୁଙ୍କ ଅଧ୍ୟକ୍ଷତା ଓ ସାମ୍ବାଦିକ ସ୍ୱାଧୀନ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱରାଜ୍ୟ କୁମାର ଜେନା, ଯାଜପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସୁଜିତ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ସୁଦେଶ ପଣ୍ଡା, ସାମାଜିକ କର୍ମୀ ନିହାର ରାୟ, ସାମ୍ବାଦିକ ଦୀପ୍ତି ରଞ୍ଜନ ନାୟକ, ଯୁବ ସାମ୍ବାଦିକ ଅଜିତ ରାୟ, ଇପ୍ସିତା ହୋତା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବୃକ୍ଷରୋପଣର ଆବଶ୍ୟକତା, ପରିବେଶ ସନ୍ତୁଳନ ରକ୍ଷାରେ ବୃକ୍ଷର ଭୂମିକା ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଅଧିକରୁ ଅଧିକ ଗଛ ଲଗାଇବାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସେମାନେ ଛାତ୍ରଛାତ୍ରୀଙ୍କୁ କେବଳ ଗଛ ଲଗାଇବା ନୁହେଁ, ବରଂ ସେଗୁଡ଼ିକର ଯତ୍ନ ନେଇ ସୁରକ୍ଷିତ ରଖିବା ପାଇଁ ମଧ୍ୟ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ୫୦ଟି ଚାରାରୋପଣ କରାଯାଇଥିଲା। ଶିକ୍ଷକ, ଛାତ୍ରଛାତ୍ରୀ ଓ ସାମାଜିକ କର୍ମୀମାନେ ଏଥିରେ ସକ୍ରିୟ ଭାବେ ସାମିଲ ହୋଇ ପରିବେଶ ସୁରକ୍ଷା ପ୍ରତି ନିଜର ଅଙ୍ଗୀକାର ବ୍ୟକ୍ତ କରିଥିଲେ। ଶେଷରେ ଗଣମାଧ୍ୟମ ସଂସ୍ଥାର ଭଦ୍ରକ ପ୍ରତିନିଧି ସମୀର କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।



## ଝାଡ଼େଶ୍ୱର ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ଦାନଗଦି, ୨୬।୭ (ସମିସ): ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷ ଡ.ଅକ୍ଷୟ କୁମାର ପଣ୍ଡା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସଙ୍ଗେ ସଙ୍ଗେ କଲେଜର ବିଭିନ୍ନ ନୀତିନିୟମ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ। ଏହି ଉତ୍ସବରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ପିଲାମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ନିଜର ପରିଚୟ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା କଲେଜର ପରୀକ୍ଷା ସଞ୍ଚାଳନ, ଆଇସିସି, ନାରୀ ସୁରକ୍ଷା କକ୍ଷ, ଜାତୀୟ ସେବା ଯୋଜନା, ରେଡ୍‌କ୍ରସ୍, ଲାଇବ୍ରେରୀ ଏବଂ ନୂତନ ବର୍ଷର ପିଲାମାନଙ୍କୁ ଟାଇମ୍ ଟେବୁଲ୍ ବଣ୍ଟନ ଆଦି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। କଲେଜର ଅଧ୍ୟାପିକା ମିରାମ୍ବିକା ସାହୁ, ପାରିଜାତ ମହାନ୍ତି, କଲ୍ୟାଣୀ ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ, ଇତିଶ୍ରୀ ମଲ୍ଲିକ ଅଧ୍ୟାପକ ରଞ୍ଜନ କୁମାର ସାହୁ, ତୋଫାନ କୁମାର ଜେନା, ଖଗେଶ କୁମାର ଜେନା, ଗୋବର୍ଦ୍ଧନ ସାହୁ, ଅଭୟ ସାହୁ, ମୁନ୍ନା ନାୟକ, ଅମର ସେଠୀ, ଶ୍ରୀମନ୍ତ ନାୟକ, ବାଇଧର ସାହୁ, ମନୋରଞ୍ଜନ ବିଶ୍ୱାଳ, ଡିଓ ସୁଷମା ପୃଷ୍ଟି, ଦିପ୍ତିମୟୀ ମହାରଣାଙ୍କ ସମେତ କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇ କାୟ୍ର୍ୟକ୍ରମକୁ ସଫଳ କରିଥିଲେ। ପରିଶେଷରେ ଓଡ଼ିଆ ଅଧ୍ୟାପକ ରଞ୍ଜନ କୁମାର ଖଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଲାୟନ୍ସ କ୍ଲବ୍ ଅଧିଷ୍ଠାନ ଦିବସ



ଭଦ୍ରକ, ୨୬।୭ (ସମିସ): ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭଦ୍ରକ ଲାୟନ୍ସ କ୍ଲବର ୪୬ତମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯିବା ସହ ନୂତନ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ପ୍ରକାଶ ଜେନା ପରିଚାଳନା କରିଥିବା ବେଳେ ସଭାପତି ଗୋବିନ୍ଦପ୍ରସାଦ ମୋର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମ ସମ୍ପର୍କରେ ସୁରେଶ ଚନ୍ଦ୍ର ମହାନ୍ତି ସୂଚନା ପ୍ରଦାନ କରିଥିଲେ। ସେହିପରି ମୁଖ୍ୟଅତିଥି ଭାବେ ପିଡିଜି ପ୍ରଭାତ ମହାନ୍ତି, ପ୍ରଲମ୍ବ ଜେନା, ସମ୍ମାନିତ ଅତିଥି ଭାବେ, ପିଡିଜି ପ୍ରଫୁଲ୍ଲ ସାମଲ, ପ୍ରଥମ ଭିଡିଜି ଅଶୋକ କୁମାର ମହାନ୍ତି, ଦ୍ୱିତୀୟ ଭିଡିଜି ଅକ୍ଷୟ ମହାନ୍ତି, ଆରସି ଓମ୍ ପ୍ରକାଶ ଗୁପ୍ତା, ଯେସି ସନ୍ତୋଷ କୁମାର ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସ୍ଥାନରେ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସେନ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିଭଳି ସମ୍ପାଦକ ଭାବେ ଦାୟିତ୍ୱ ନେଇଛନ୍ତି ଉମେଶ ଚନ୍ଦ୍ର ନାୟକ। କୋଷାଧ୍ୟକ୍ଷ ଭାବେ ପ୍ରକାଶ ଜେନା, ପ୍ରଥମ ଉପ ସଭାପତି ଅମ୍ରିତା ବଳଦେବ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶେଷ କରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

**ବଢୁଛି ଦଲାଲଙ୍କ ରାଜୁତି**

# ଥାନାରେ ମିଳୁନି ବରିଷ୍ଠ ନାଗରିକଙ୍କୁ ନ୍ୟାୟ

ଭଣ୍ଡାରିପୋଖରୀ, ୨୬।୭ (ସମିସ)

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେଶିଙ୍ଗା ପଞ୍ଚାୟତର ବିଶୋଳ ଗ୍ରାମର ଜଣେ ବୃଦ୍ଧା ବାସନ୍ତୀଲତା ଜେନା (୮୧) ନ୍ୟାୟ ପାଇଁ ଥାନାକୁ ଦୌଡ଼ି ଦୌଡ଼ି ହତାଶ ହୋଇଥିବା ଅଭିଯୋଗ କହିଛନ୍ତି। ଶ୍ରୀମତୀ ଜେନାଙ୍କ ସ୍ୱାମୀ ବଳରାମ ଜେନା ଓ ତାଙ୍କର ଏକ ମାତ୍ର ପୁତ୍ର ରବୀନ୍ଦ୍ର ଜେନାଙ୍କ ଦେହାନ୍ତ ହେଲା ପରେ ପାରିବାରିକ ସମସ୍ୟା ଉପୁଜିଥିଲା। ସେହି ସମୟରେ ତାଙ୍କ ବାସଭବନରେ ବାସନ୍ତୀଲତା ତାଙ୍କର ସାନ ଝିଅ ଓ ବୋହୂଙ୍କ ସହ ରହୁଥିଲେ, ପାରିବାରିକ ଅଶାନ୍ତି ଯୋଗୁଁ ଗ୍ରାମବାସୀ ସେତେବେଳେ ମୌଖିକ କିଛି ଭାଗ ବଣ୍ଟା ଚଳିବା ନିମନ୍ତେ କରିଦେଇଥିଲେ। ସେହିଦିନଠାରୁ ବାସନ୍ତୀଲତା ଓ ତାଙ୍କ ସାନ ଝିଅ ଅଲଗା ରହି ଆସୁଥିଲେ ଓ ବହୁ ମଧ୍ୟ ଅଲଗା ରହି ଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ଦୁଇ ତିନି ବର୍ଷ ହେବ ଶ୍ରୀମତୀ ଜେନାଙ୍କ ଭାଗ ଚାଷ ଜମିକୁ ବୋହୂ ଜୋର୍ ଜବରଦସ୍ତ କରି ଚାଷ କରୁଥିବା ଶ୍ରୀମତୀ ଜେନା ଗତବର୍ଷ ଥାନାରେ ଏକ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ବୋହୂ ଚାଷ କରି ଜମି ବାବଦକୁ କିଛି ଅର୍ଥ ରାଶି ପ୍ରଦାନ କରିବା ପାଇଁ ଲେଖା ପଢ଼ା ହୋଇଥିଲା। କିନ୍ତୁ ଶ୍ରୀମତୀ ଜେନାଙ୍କ ସେବା ଖର୍ଚ୍ଚ କରିବା ନିମନ୍ତେ ଅଧିକ ଅର୍ଥ ଆବଶ୍ୟକ ହେଉଥିବା ହେତୁ ସେ ନିଜ ଭାଗ ଜମିକୁ ନିଜ ହାତରେ କରିବା ପାଇଁ ଚାହୁଁ ଥିବାବେଳେ ତାଙ୍କ ବୋହୂ ଜୋର୍ ଜବରଦସ୍ତ କରି ଜମି ନଦେବାକୁ ଧମକ ଦେଇଥିବା ବୃଦ୍ଧା ଅଭିଯୋଗ କରିଛନ୍ତି। ଏଥି ନିମନ୍ତେ ଥାନାରେ ଶ୍ରୀମତୀ ଜେନାଙ୍କ ବୋହୂ କିଛି ମୁଷ୍ଟିମେୟ ଦଲାଲଙ୍କୁ ଧରି ଜମି ନଦେବାକୁ ଥାନା ବାବୁଙ୍କ ଜରିଆରେ ଚାପ ପକାଉଥିବା ବୃଦ୍ଧା ବାସନ୍ତି ନିଜେ ଅନୁଭବ କରୁଥିବା ଜାଣିବାକୁ ପାଇଛନ୍ତି। ଏଥି ନିମନ୍ତେ ଥାନା ବାବୁଙ୍କ ମତ ତମ ବୋହୂ ତ ଜମି ଦେବେନାହିଁ ବୋଲି କହୁଛନ୍ତି ବୋଲି କହି ଏହି ସବୁ ସମସ୍ୟା ବାବଦରେ ପୁଲିସ କିଛି କରିପାରିବ ନାହିଁ ବୋଲି କହି ପୁଲିସ ଘଟଣାରୁ ନିଜକୁ ଦୂରେଇଯିବା ଘଟଣା ବରିଷ୍ଠ ନାଗରିକ ମାନଙ୍କୁ ଚକିତ କଲାଭଳି ଘଟଣା ଦେଖିବାକୁ ମିଳିଛି। ଏହି ଘଟଣାରେ ଯାହା ଅନୁଭବ କରାଯାଏ ଥାନାରେ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନ ଦେବା ତ ଦୂରର କଥା ସାହାଯ୍ୟର ହାତ ବଢ଼ାଇବାରେ ଅସହାୟ ଭଣ୍ଡାରିପୋଖରୀ ପୁଲିସ ବୋଲି କହିଲେ ମଧ୍ୟ କିଛି ଅତ୍ୟୁକ୍ତି ହେବନାହିଁ। କାହିଁକି ନା ଥାନାକୁ ଏହି ଭଳି ଦୈନିକ ପ୍ରାୟ ଶହେଭାଗ ରୁ ଚାଳିଶଭାଗ ଏତଲା ଜମି ଜମା ବାବଦକୁ ଆସୁଥିବା ବେଳେ ଜଣେ ମଣିଷର ଶେଷ ସମୟରେ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ତାଙ୍କର ପିଲାମାନେ ସେବାସ୍ୱର୍ଚ୍ଚା କରିବା ବଦଳରେ ତାଙ୍କୁ ହଇରାଣ ହରକତ କରୁଛନ୍ତି। ଏଥି ନିମନ୍ତେ ଜିଲ୍ଲା ପୁଲିସ ବିଭାଗର ସର୍ବୋଚ୍ଚ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଆଗରପଡ଼ା ମେଡିକାଲ ପରିଦର୍ଶନ କଲେ ବିଧାୟକ

ବନ୍ତ/ଆଗରପଡ଼ା, ୨୬।୭ (ସମିସ): ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରାୟ ୧୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ତିନି ମହଲା କୋଠାଘର ନିର୍ମାଣରେ ଅହେତୁକ ବିଳମ୍ବ ଘଟୁଥିବାରୁ ବିଧାୟକ ଅସନ୍ତୋଷ ବ୍ୟକ୍ତ କରି ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ସଭାପତି ସତ୍ୟସାଧନ ବେଜଙ୍କ ସମେତ ମେଡିକାଲ ପକ୍ଷରୁ ବରିଷ୍ଠ କର୍ମଚାରୀ ଜୟପ୍ରକାଶ ମହାନ୍ତି ଓ ଚନ୍ଦନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



● ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ବାସଗୃହ

## ଉଦ୍‌ଘାଟନକୁ ମାସେ ପୂରିନି, ଛାତରୁ ବାହାରୁଛି ପାଣି

ଗରଦପୁର, ୨୬।୭ (ସମିସ): ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ବାସଗୃହ ଉଦ୍‌ଘାଟନକୁ ମାସେ ପୂରିନି, ହେଲେ ଛାତରୁ ପାଣି ବୋହିଲାଣି। ଏଭଳି ଏକ ନଗ୍ନ ଚିତ୍ର ଗରଦପୁର ତହସିଲ ଅଧୀନରେ ଥିବା ବେତାଗା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଗତ ସରକାରଙ୍କ ସମୟରେ ଏହି ନୂତନ କାର୍ଯ୍ୟାଳୟ ଓ ବାସଗୃହ ନିର୍ମାଣ ନିମନ୍ତେ ସେତେବେଳେ ମନ୍ତ୍ରୀ ଥିବା ଅତନୁ ସବ୍ୟସାଚୀ ନାୟକଙ୍କ ପ୍ରଚେଷ୍ଟାରେ ସରକାର ୧ କୋଟି ୩୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି ନୂତନ କାର୍ଯ୍ୟାଳୟ ଓ ବାସଗୃହର ୨୦୨୩ରେ କେବଳ ଫାଉଣ୍ଡେସନ ପଥର ଥାପି ହୋଇଥିଲା। ଏହାର କିଛିଦିନ ପରେ ସରକାର ବଦଳିବା ଓ ବିଧାୟକ ବଦଳିବା ପରେ ଏହାର କାର୍ଯ୍ୟ ମନ୍ଥର ଗତିରେ ଚାଲି ଚଳିତ ବର୍ଷ ଜୁନ୍ ୧୯ ତାରିଖରେ ଜିଲ୍ଲାପାଳ ରଘୁନାଥ ଆଡ଼। ଅଧ୍ୟକ୍ଷଙ୍କ ଉପସ୍ଥିତିରେ ସ୍ଥାନୀୟ ବିଧାୟକ ଅରବିନ୍ଦ ମହାପାତ୍ର ଉକ୍ତ କାର୍ଯ୍ୟାଳୟ ଓ ବାସଗୃହକୁ ଉଦଘାଟନ କରିଥିଲେ। ତେବେ କାର୍ଯ୍ୟାଳୟ ଛାତରୁ ପାଣି ବୋହୁଥିବା ନେଇ ଦେଖିବାକୁ ମିଳିଛି। ସରକାର ଜନସାଧାରଣଙ୍କ ପଇସାରୁ ଏତେ ଟଙ୍କା ବ୍ୟୟ କରିବା ପରେ ମଧ୍ୟ ଉକ୍ତ ଟଙ୍କା ପାଣିରେ ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ନୂତନ କାର୍ଯ୍ୟାଳୟର ଏପରି ଦୟନୀୟ ଅବସ୍ଥା ଦେଖି ଅଞ୍ଚଳବାସୀଙ୍କ ମନରେ କ୍ଷୋଭ ପ୍ରକାଶ ପାଇବା ସହ ଯଦି ଏହାର ନିରାକରଣ କରା ନ ଯାଏ, ତାହାହେଲେ କାର୍ଯ୍ୟାଳୟରେ ଜମିବାଡ଼ି କାଗଜପତ୍ର ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ନେଇ ଅଭିଯୋଗ ହେଉଛି। ଠିକାଦାରଙ୍କ ମନମାନୀ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ଆଗାମୀ ଦିନରେ ଅଘଟଣ ଘଟିବା ନେଇ ଜନସାଧାରଣ ଭୋଗି ପାରନ୍ତି ବୋଲି ଉକ୍ତ କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିବା ବେତାଗା, ପଦ୍ମପୁର ଓ ପାଟକୁରା ପଞ୍ଚାୟତବାସୀ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅମିତ ହୋତାଙ୍କୁ ପଚାରିବାରୁ ଏହାର ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## କାଟଶାବଣିଆ ସାମାଜିକ ସଂଗଠନର ଫଳ ଚାରା ବଣ୍ଟନ

ରାଜକନିକା, ୨୬।୭ (ସମିସ): ବାହୁଡ଼ା ଯାତ୍ରା ଅବସରରେ ରାଜକନିକା ବ୍ଲକ କାଟଶାବଣିଆ ପଞ୍ଚାୟତ ସାମାଜିକ ସଂଗଠନ ପକ୍ଷରୁ ପ୍ରତ୍ୟେକ ଘରେ ଫଳଚାରା ଯୋଗାଇ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ବାଜପୁରଠାରେ ଅନୁଷ୍ଠିତ ଚାରା ବଣ୍ଟନ କାର୍ଯ୍ୟକ୍ରମ ସଂଗଠନର ସଭାପତି ଶତ୍ରୁଘ୍ନ ସୂତାର, ସମ୍ପାଦକ ବିଶ୍ୱମ୍ଭର ପ୍ରଧାନ ଓ



କୋଷାଧ୍ୟକ୍ଷ ଧନୁର୍ଜୟ ଦାସଙ୍କ ମିଳିତ ସଂଯୋଜନାରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭାଗବତ ଦାସ, ଶିକ୍ଷକ ନାରାୟଣ ବେହେରା, ଶିବାନନ୍ଦ ରାଉତ, ପ୍ରସନ୍ନ ପତି, ପ୍ରମୋଦ ସୂତାର, ବିପିନ ବିହାରୀ ମହାନ୍ତି, ଚନ୍ଦନ ବିଶ୍ୱାଳ ଓ ସଦ୍‌ଗୃହସ୍ଥ ରାଉତ ପ୍ରମୁଖ ଯୋଗଦେଇ ପ୍ରତି ପରିବାରର ସଦସ୍ୟଙ୍କୁ ଗୋଟିଏ ଗୁଆ ଓ ଗୋଟିଏ ଜାମୁକୋଳି ଗଛ ଚାରା ପ୍ରଦାନ କରିଥିଲେ। କାଟଶାବଣିଆ ପଞ୍ଚାୟତର ସବୁ ଘରେ ଏହି ଚାରା ପହଞ୍ଚାଇବା ସହ ସମସ୍ତ ଅନୁଷ୍ଠାନକୁ ୨୦ଟି ଚାରା ଯୋଗାଇ ଦେବାକୁ ସଂଗଠନ ପକ୍ଷରୁ ହେଉଥିବା ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ଶୋକସଭା

ଡେରାବିଶ, ୨୬।୭ (ସମିସ): ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି (୧୦୩)ଙ୍କ ଗତ ୨୩ ତାରିଖରେ କଟକ ବଡ଼ ମେଡିକାଲରେ ବିୟୋଗ ହୋଇଯାଇଛି। କାଇପଡ଼ା ପଞ୍ଚାୟତସ୍ଥ ନିଜ ଜନ୍ମ ମାଟି ନିଳିକଣ୍ଠ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବିମ୍ବାଧରଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ଅଳାବାଙ୍କଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ବିଜୟ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ



ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜ କାନ୍ତ ସାହୁ, ଅଧ୍ୟାପକ ପ୍ରଭାକର ସାମଲ, ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ସମ୍ପାଦକ ରାକେଶ ପଣ୍ଡା, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ମହାପାତ୍ର, ଶିକ୍ଷାବିତ୍ ବିଧାନ ସାମଲ, ପ୍ରମୋଦ ବେହେରା ଓ କରୁଣାକର ସ୍ୱାଇଁ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଯୋଗଦେଇ ସ୍ୱର୍ଗତ ମୁଦୁଲିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାଇପଡ଼ା ସରପଞ୍ଚ ପ୍ରତାପ ବେହେରା, ପୂର୍ବତନ ସରପଞ୍ଚ ଦାମୋଦର ବେହେରା, ସାମାଜିକ କର୍ମୀ ଅଭିମନ୍ୟୁ ରାଉତ, ମଙ୍ଗୁଳ ସ୍ୱାଇଁ, ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି, ଦୀପକ ଓଝା, ରମେଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୁଦୁଲିଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବିମ୍ବାଧରଙ୍କ ତ୍ୟାଗ, ତପସ୍ୟା ଓ ଗାନ୍ଧୀବାଦୀ ଜୀବନାଦର୍ଶ ବିଷୟରେ ଯୁବପିଢ଼ିଙ୍କୁ ସଚେତନ କରାଇବା ପାଇଁ ଯେଉଁ ଉଦ୍ୟମ ତାହା ସବୁଦିନେ, ସବୁସମୟରେ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ଆସନ୍ତା ଅଗଷ୍ଟ ୩ ତାରିଖ ସୋମବାର ସ୍ୱର୍ଗତ ମୁଦୁଲିଙ୍କ ଦ୍ୱାଦଶାହ ତିଥିରେ ଜିଲ୍ଲାସ୍ତରୀୟ ସ୍ମୃତିଚାରଣ ସଭା ପାଇଁ ଏକ ସ୍ମୃତି କମିଟି ଗଠନ କରାଯାଇଥିଲା। ଏଥିରେ ୧୫ ଜଣ ବୁଦ୍ଧିଜୀବୀଙ୍କୁ ନେଇ ଏକ ସ୍ମୃତି କମିଟି ଗଠନ କରାଯାଇଛି। ଆଜି ସଭା ପୂର୍ବରୁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ସମାଜସେବୀ ଅଜୟ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ, ୨୬।୭ (ସମିସ): ବଙ୍ଗୁରିଆ ପଞ୍ଚାୟତ ରଘୁନାଥବାଟିପାଟଣା ଗ୍ରାମର ବିଶିଷ୍ଟ ସମାଜସେବୀ, ରାୟପୁର ଓଡ଼ିଆ ସମାଜର ପ୍ରତିଷ୍ଠାତା, ଗ୍ରାମ ସଭା କମିଟି ସଭାପତି ଅଜୟ ରାଉତଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଚିରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଦ୍ୟାଧର ନାୟକ ମେମୋରିଆଲ ଟ୍ରଷ୍ଟ



ସଭାପତି ଭଗବାନ ରାଉତ, ସମ୍ପାଦକ ରଞ୍ଜିତ ରାଉତ, ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ରମେଶ ସାହୁ, ଦେବରାୟ ସମ୍ବରସିଂହ କଲେଜ ଅଧ୍ୟାପକ ନୃସିଂହ ଚରଣ ସ୍ୱାଇଁ, ଶିକ୍ଷାବିତ ପାର୍ଥସାରଥୀ ଦାଶ, ଦିଲ୍ଲୀପ ଖଣ୍ଡାୟୀ, ରବୀନ୍ଦ୍ର ରାଉତ, ରମେଶ ସାହୁ, ଏଲଆଇସି ଅଭିକର୍ତ୍ତା ରଞ୍ଜିତ ପାତ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦିବଂଗତ ସମାଜସେବୀ ଶ୍ରୀ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାଶୀନାଥ ରାଉତଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରେ ସଙ୍ଗୀତଜ୍ଞ ସୁଧାଂଶୁ ଦାସ ଭଜନ ପରିବେଷଣ କରିଥିବାବେଳେ ପଣ୍ଡିତ ଗଣେଶ ଚନ୍ଦ୍ର ଶତପଥି ଗୀତା ପାଠ କରିଥିଲେ। ଅମୀୟ ରାଉତ ଧନ୍ୟବାଦ ଦେଇଥିଲେ।

**ତୁଳସୀକ୍ଷେତ୍ରରେ ଘୋଷଯାତ୍ରା**

# ରଘୁନାଥ ବେଶରେ ଝଲସିଲେ ତିନିଠାକୁର

କେନ୍ଦ୍ରାପଡ଼ା, ୨୬।୭ (ସମିସ)



ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ବାର୍ଷିକ ଘୋଷଯାତ୍ରାର ଅନ୍ତିମ ପର୍ବ ନୀଳାଦ୍ରି ବିଜେ ଅବସରରେ ରବିବାର ଅନୁଷ୍ଠିତ ହୋଇଥିବା ଦୁର୍ଲ୍ଲଭ ରଘୁନାଥ ବେଶ ଶ୍ରଦ୍ଧାଳୁଙ୍କୁ ଭକ୍ତିମୟ ପରିବେଶରେ ବିମୋହିତ କରିଥିଲା। ମହାପ୍ରଭୁ ବଳଦେବଜୀଉଙ୍କ ସହ ପ୍ରଭୁ ଜଗନ୍ନାଥ ଓ ଦେବୀ ସୁଭଦ୍ରା ପ୍ରାୟ ୩ରୁ କ୍ୱିଣ୍ଟାଲ ଚାନ୍ଦି ଅଳଙ୍କାରରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦିବ୍ୟ ଦର୍ଶନ ଦେଇଛନ୍ତି।

ଦୀର୍ଘ ୯ ଦିନର ଘୋଷଯାତ୍ରା ସମାପ୍ତ କରି ଶ୍ରୀଜୀଉମାନେ ରତ୍ନ ସିଂହାସନକୁ ବିଜେ କରିବା ପୂର୍ବରୁ ମଧ୍ୟାହ୍ନରୁ ରଘୁନାଥ ବେଶରେ ସଜ୍ଜିତ ହୋଇଥିଲେ। ଚାନ୍ଦିର ଧନୁ, ତୀର, କିରୀଟ, ବାହୁବନ୍ଧ, କୁଣ୍ଡଳ ଓ ବିଭିନ୍ନ ଅଳଙ୍କାରରେ ତିନି ଠାକୁରଙ୍କ ରୂପ ଅତ୍ୟନ୍ତ ମନୋହର ଦେଖାଯାଉଥିଲା। ଦୁର୍ଲ୍ଲଭ ଏହି ବେଶ ଦର୍ଶନ ପାଇଁ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ତୁଳସୀକ୍ଷେତ୍ରରେ ପୁରୀ ଶ୍ରୀମନ୍ଦିର ପରି ସୁନାବେଶ ପ୍ରଚଳିତ ନ ଥିବାବେଳେ ରଘୁନାଥ ବେଶର ସ୍ୱତନ୍ତ୍ର ପରମ୍ପରା ରହିଛି। ପୂର୍ବରୁ ସୋଲ ଓ ଫୁଲରେ ଅଳଙ୍କାର ପ୍ରସ୍ତୁତ କରି ଏହି ବେଶ କରାଯାଉଥିଲା। ସମୟକ୍ରମେ ଚାନ୍ଦିର ଅଳଙ୍କାର ବ୍ୟବହାର ବଢ଼ିଥିବାବେଳେ ଚଳିତବର୍ଷ ବିପୁଳ ପରିମାଣର ଚାନ୍ଦିରେ ଏହି ବେଶ ଅଧିକ ଆକର୍ଷଣୀୟ ହୋଇଥିଲା। ରଘୁନାଥ ବେଶରେ ହନୁମାନ, ଜାମ୍ବବାନ, ନଳ, ନୀଳ ପ୍ରମୁଖ ପାର୍ଶ୍ୱଦେବତାଙ୍କ ପୂଜା ମଧ୍ୟ ସମ୍ପନ୍ନ ହୋଇଥିଲା। ରାତିରେ ବଡ଼ଧୂପ ନୀତି ପରେ ବିଭୀଷଣ ପୂଜା ଅନୁଷ୍ଠିତ ହୋଇ ଶ୍ରୀଜୀଉମାନଙ୍କ ନୀଳାଦ୍ରି ବିଜେ ନୀତି ସମ୍ପାଦିତ ହୋଇଥିଲା। ଲୋକ ବିଶ୍ୱାସ ଅନୁଯାୟୀ, ରଥାରୂଢ଼ ମହାପ୍ରଭୁଙ୍କ ରଘୁନାଥ ବେଶ ଦର୍ଶନ କଲେ କୋଟିଜନ୍ମର ପୁଣ୍ୟ ଲାଭ ହେବା ସହ ପାପକ୍ଷୟ ହୁଏ। ଏହି ଆସ୍ଥାକୁ ନେଇ ଚଳିତବର୍ଷ ମଧ୍ୟ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତ ତୁଳସୀକ୍ଷେତ୍ରରେ ପହଞ୍ଚି ମହାପ୍ରଭୁଙ୍କ ଦିବ୍ୟ ରୂପ ଦର୍ଶନ କରି ଆଧ୍ୟାତ୍ମିକ ଆନନ୍ଦ ଲାଭ କରିଥିଲେ।

## ବେଲାରପୁରରେ ଘୋଷଯାତ୍ରା

ଡେରାବିଶ, ୨୬।୭ (ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁରରେ ଶ୍ରୀଗୁଣ୍ଡିଚା ତିଥି ଅବସରରେ ଆରମ୍ଭ ହୋଇଥିବା ନବଦିନାତ୍ମକ ଘୋଷଯାତ୍ରା ଶନିବାର ସନ୍ଧ୍ୟାରେ ଶେଷ ହୋଇଛି। ଏକାଦଶୀ ତିଥି ଥିବାରୁ ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ସୁନାବେଶ କରାଯାଇଥିଲା। ପରେ ବିଳମ୍ବିତ ରାତିରେ ରଥାରୁଢ଼ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ଅଣାଯାଇ ସିଂହାସନରେ ବିଜେ କରାଯାଇଥିଲା। ଏହି ଯାତ୍ରା ଦେଖିବା ପାଇଁ ବ୍ଲକ ଅଞ୍ଚଳର ବିଭିନ୍ନ



ପ୍ରାନ୍ତରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏହି କାର୍ଯ୍ୟକ୍ରମକୁ ରତ୍ନାକର ସାହୁଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଦାଣ୍ଡିସାହିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିଆରା ବାହୁଡ଼ା ଯାତ୍ରା

ପଟ୍ଟାମୁଣ୍ଡାଇ, ୨୬।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ଗ୍ରାମର ଲକ୍ଷ୍ମୀନାରାୟଣ ପୂଜା କମିଟି ଆନୁକୂଲ୍ୟରେ ନିଆରା ଢଙ୍ଗରେ ପୂଜକ, ବେଦଜ୍ଞ ପଣ୍ଡିତ ଓ ଶତାଧିକ ଶିଶୁଙ୍କ ଦ୍ୱାରା ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା’ ସୁଭଦ୍ରାଙ୍କ ପବିତ୍ର ବାହୁଡ଼ା ଯାତ୍ରା ଆୟୋଜନ କରାଯାଇଥିଲା। ପଣ୍ଡିତ ଦେବରାଜ ପାଢ଼ୀ, ଦେବ ଶର୍ମା, ପଣ୍ଡିତ ଅରୁଣ କୁମାର ପାଢ଼ୀ, ପଣ୍ଡିତ ପାର୍ଥସାରଥୀ ପାଢ଼ୀ, ପଣ୍ଡିତ ରାଜେନ୍ଦ୍ର ପାଢ଼ୀ, ପୂଜକ



ଧର୍ମେନ୍ଦ୍ର ପାଢ଼ୀ, ଜିତେନ୍ଦ୍ର ପାଢ଼ୀ ପ୍ରମୁଖ ପ୍ରଭୁଙ୍କ ସକାଳ ନୀତି ସମ୍ପନ୍ନ କରି ବାହୁଡା ଯାତ୍ରା ଆରମ୍ଭ କରିଥିଲେ। ପ୍ରଭୁଙ୍କ ଏହି ବାହୁଡା ଯାତ୍ରାରେ ମନ୍ଦିର ପରିଚାଳନା କମିଟିର ସୁଧାଂଶୁ ପ୍ରଧାନ, ପ୍ରଦୀପ ଦାସ, ସୁବାସ ଦାସ, ରାଜେଶ ପ୍ରଧାନ, ସରୋଜ ପ୍ରଧାନ, ଜ୍ୟୋତି ରଞ୍ଜନ ପ୍ରଧାନ, ବିନୋଦ ପାଢ଼ୀ, ଅଧ୍ୟାପକ ନିହାର ସୁତାର, ସୁଶୀଲ ପ୍ରଧାନ, ଶୋଭିତ ପ୍ରଧାନ, ହୃତିକ ପ୍ରଧାନ, ପ୍ରଭାତ ପ୍ରଧାନ, ଦୀପକ ପ୍ରଧାନ, ଜୀବନ ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ରଥ ଟାଣିବା ସହିତ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା’ ସୁଭଦ୍ରାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## କଳଦିଆରେ ରଥଯାତ୍ରା ସମ୍ପନ୍ନ

ଆଳି, ୨୬।୭ (ସମିସ): ଆଳି ବ୍ଲକ ଅଧୀନ ନମୌଜା ଅଞ୍ଚଳର କଳଦିଆରେ ରଥଯାତ୍ରା ସମ୍ପନ୍ନ ହୋଇଛି। ରଥ ଶନିବାର ସନ୍ଧ୍ୟାରେ ଚକଡ଼ା ଲାଗିଛି। ଶନିବାର ଅପରାହ୍ନରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଇ ଶ୍ରୀଜୀଉଙ୍କ ମୁଖ୍ୟ ପୂଜକ କ୍ଷୀରୋଦ କୁମାର ଦାଶଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ଭକ୍ତ ହରିବୋଲ ହୁଳହୁଳି ଧ୍ୱନି ଦେଇ ରଥଟାଣି ମନ୍ଦିର ସମ୍ମୁଖରେ ପହଞ୍ଚାଇ ଥିଲେ। ରଥରେ ସନ୍ଧ୍ୟା ଆଳତି ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଗତକାଲି ସନ୍ଧ୍ୟାରେ ସମସ୍ତ ନୀତିକାନ୍ତି ପରେ ରଥାରୂଢ଼ ଶ୍ରୀଜୀଉଙ୍କ ପବିତ୍ର ଏକାଦଶୀ ତିଥି ପାଳନ କରାଯାଇଥିଲା। ଏ ଅବସରରେ ଶ୍ରୀଜୀଉଙ୍କୁ ସୁନା ବେଶ କରାଯିବା ସହିତ ପୋଡ଼ପିଠା ଭୋଗ ଲାଗି କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଳି ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କଳଦିଆ ଗ୍ରାମରେ ହେଉଥିବା ଏହି ରଥଯାତ୍ରା ଆଜିକୁ ଶହେ ବର୍ଷ ତଳୁ ଆରମ୍ଭ ହୋଇଥିଲା। ଯାହାକି ପୁରୀସ୍ଥ ମାଦଳା ପାଞ୍ଜିରେ ବର୍ଣ୍ଣିତ ହୋଇଥିବା ମଧ୍ୟ



ମୁଖ୍ୟ ପୂଜକ ଉଲ୍ଲେଖ କରିଥିଲେ। ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତ ବର୍ଷ ପୁରୀରୁ ରଥ କାଠ ଅଣାଯାଇ ନୂତନ ରଥ ନିର୍ମାଣ କରାଯାଇଥିଲା। ଶ୍ରୀଜଗନ୍ନାଥ ସେବକମାନେ ଆଜିକୁ ୯ ଦିନ ଧରି ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି କରିଥିଲେ।

## ସାମ୍ବାଦିକ ଦୀପକ ନାୟକଙ୍କୁ ସମ୍ବର୍ଦ୍ଧନା

ଆଳି, ୨୬।୭ (ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଦ୍ୱାରା ବଡ଼ଦାଣ୍ଡରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି



କାର୍ଯ୍ୟକ୍ରମରେ ଦିନ ତମାମ ଆଗନ୍ତୁକ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏଥିସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଆଳି ବ୍ଲକର ଯୁବ ସାମ୍ବାଦିକ ଦୀପକ କୁମାର ନାୟକଙ୍କୁ ତାଙ୍କର ନିର୍ଭିକ ସାମ୍ବାଦିକତା ଓ ନିରବଚ୍ଛିନ୍ନ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜରେ ସତ୍ୟର ଆଲୋକ ବିସ୍ତାର କରୁଥିବା ଯୁବ ସାମ୍ବାଦିକଙ୍କ ସହ ବିଭିନ୍ନ କ୍ଷେତ୍ରରେ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆଜି ଏଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଳି ରାଜା ତଥା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ରାଜ୍ୟ ଉପଦେଷ୍ଟା ବ୍ରଜକେଶରୀ ଦେବ ଯୋଗ ଦେଇଥିଲେ। ମହାସଂଘର ଜିଲ୍ଲା ସଭାପତି ଶରତ ବେହୁରା, ରାଜ୍ୟ ଆବାହକ ସୁଧାଂଶୁ ବେହୁରା, ଜିଲ୍ଲା ଉପଦେଷ୍ଟା ଧନେଶ୍ୱର ରାଉତ, ସଂଯୋଜକ ଚନ୍ଦନ ପରିଡ଼ା, କାଯ୍ୟକାରୀ ସଭାପତି ଗୋଲେଖ ପଢ଼ିଆରୀ, ଜିଲ୍ଲା ସମ୍ପାଦକ ସୁମନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଜୁଲତା ବେହେରା, ସହଦେବ ସିଂ, ମିନତୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓଙ୍କ ବେଖାତିର

## ୪୯ ଦିନ ପରେ ବି କାର୍ଯ୍ୟକାରୀ ହେଲାନି ପିଇଓ ବଦଳି ନିର୍ଦ୍ଦେଶ

ମହାକାଳପଡ଼ା, ୨୬।୭ (ସମିସ): ମହାକାଳପଡ଼ା ବ୍ଲକରେ ତିନିବର୍ଷରୁ ଅଧିକ ଦିନ ଧରି କାର୍ଯ୍ୟରତ ଥିବା ପାଞ୍ଚଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ବଦଳି ନେଇ ଜାରି ହୋଇଥିବା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବାରୁ ପ୍ରଶ୍ନ ଉଠିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଚିଠି ନଂ ୯୫୬ ଅନୁସାରେ ସୁକୁମାର ମଣ୍ଡଳ, ବିଭୁରଞ୍ଜନ ସାହୁ, ପ୍ରକାଶ ମଲ୍ଲିକ, ମୃତ୍ୟୁଞ୍ଜୟ ରାଉତ ଓ ଚନ୍ଦନ କୁମାର ଦାସଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯାଇଥିଲା। ସେମାନଙ୍କ ସ୍ଥାନରେ ସ୍ୱାଗତିକା ବେହେରା, ଧର୍ମାନନ୍ଦ ବେହେରା, ନିରୋଦ ସ୍ୱାଇଁ, ପ୍ରଭାତ ମଲ୍ଲିକ ଓ ସ୍ମୃତିରେଖା ମହାନ୍ତିଙ୍କୁ ମହାକାଳପଡ଼ା ବ୍ଲକରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଆଦେଶରେ ୧୦ ଜୁନ ସୁଦ୍ଧା ସମ୍ପୃକ୍ତ ଅଧିକାରୀଙ୍କୁ ରିଲିଭ୍ କରି ରିପୋର୍ଟ ଦାଖଲ କରିବାକୁ ବିଡିଓଙ୍କୁ କୁହାଯାଇଥିଲା। ତେବେ ଅଭିଯୋଗ ହେଉଛି, ଆଦେଶ ଜାରି ହେବାର ୪୯ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପିଇଓଙ୍କୁ ଏପର୍ଯ୍ୟନ୍ତ ରିଲିଭ୍ କରାଯାଇନାହିଁ। ଏହାକୁ ନେଇ ସାଧାରଣ ଲୋକ ଓ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅଧିକାର କର୍ମୀ ସୁବ୍ରତ ସେଠୀଙ୍କ କହିବା ଅନୁଯାୟୀ, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବଦଳି ଆଦେଶ କାର୍ଯ୍ୟକାରୀ ନ ହେବାର କାରଣ ପ୍ରଶାସନ ସ୍ପଷ୍ଟ କରିବା ଆବଶ୍ୟକ। ସେ ବାହ୍ୟ ଚାପ ଥିବା ସନ୍ଦେହ ପ୍ରକାଶ କରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ କେତେକ କର୍ମଚାରୀ ନାମ ପ୍ରକାଶ ନ କରିବା ସର୍ତ୍ତରେ ଦାବି କରିଛନ୍ତି ଯେ, ବଦଳି ହୋଇଥିବା କେତେକ ଅଧିକାରୀଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଅଭିଯୋଗ ରହିଥିବାବେଳେ ସେମାନଙ୍କୁ ବ୍ଲକରେ ରଖିବା ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ଚାଲିଥିବା କଥା ଶୁଣିବାକୁ ମିଳୁଛି। ଏହି ଦାବିର ସ୍ୱାଧୀନ ସତ୍ୟାପନ ହୋଇପାରିନାହିଁ। ଏ ସମ୍ପର୍କରେ ମହାକାଳପଡ଼ା ବ୍ଲକ ପ୍ରଶାସନ କିମ୍ବା ଭାରପ୍ରାପ୍ତ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। କେବେ ବିଡିଓ ମହାଶୟ ପିଇଓଙ୍କୁ ରିଲିଭ କରିବେ, ତାହା ଦେଖିବାକୁ ବାକି ରହିଲା।

## ସାପ କାମୁଡ଼ାରେ ଯୁବ ଚାଷୀ ମୃତ

ଆଳି, ୨୬।୭ (ସମିସ): ସାନଆଙ୍କୋ ଗ୍ରାମରେ ଆଜି ସାପ କାମୁଡ଼ାରେ ଜଣେ ଯୁବ ଚାଷୀ ପ୍ରଶାନ୍ତ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ସେ ଚାଷ କାମ ନିମନ୍ତେ ବିଲକୁ ଯାଇଥିବାବେଳେ ସେଠାରେ ତାଙ୍କ ସାପ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବା ପରେ ପ୍ରଶାନ୍ତ ଚିତ୍କାର କରିଥିଲେ। ତାଙ୍କୁ ଆଳି ମେଡିକାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଆଳି ଥାନାରେ



ଲିଖିତ ଭାବେ ଜଣାଇବା ପରେ ଆଳି ମେଡିକାଲରେ ପ୍ରଶାନ୍ତଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ଅଧ୍ୟାପକଙ୍କ ଅକାଳ ବିୟୋଗ

ଡେରାବିଶ, ୨୬।୭ (ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ଅଧ୍ୟାପକ ଅଭିମନ୍ୟୁ ଦାସ (୫୭)ଙ୍କ ପୁରୀ ରଥଦାଣ୍ଡରେ ମା’ ସୁଭଦ୍ରାଙ୍କ ରଥ ଟାଣୁଥିବା ସମୟରେ ଅସୁସ୍ଥ ହୋଇପଡ଼ି ପରଲୋକ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସ୍ୱର୍ଗତ ଦାସ ବିଜେପି କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ବାହୁଡ଼ା ଦିନ ସେ ପୁରୀ ରଥଯାତ୍ରାକୁ ଯାଇ ମା’ ସୁଭଦ୍ରାଙ୍କ ରଥ ଟାଣୁଥିବା ସମୟରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରଦିନ ଶବ ବ୍ୟବଚ୍ଛେଦ କରାଯାଇ ମର ଶରୀରକୁ ନିଜ ଜନ୍ମସ୍ଥାନ କେଶରପୁରକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ନାବାଳକ ପୁଅ ଏସ୍‌ଏ ଶ୍ୟାମସୁନ୍ଦର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦାସଙ୍କର ପତ୍ନୀ ସସ୍ମିତା ଦାସ ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି।

## ବିଶ୍ୱ ଲୁଣା ଜଙ୍ଗଲ ଦିବସ

ରାଜନଗର, ୨୬।୭ (ସମିସ): ରାଜନଗର ବନଖଣ୍ଡ ଅଧୀନସ୍ଥ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ କନିକା ରେଞ୍ଜ ପରିସରରେ ବିଶ୍ୱ ଲୁଣା ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଓକରଙ୍କର ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆରସିସିଏଫ ପିଆର ଥର୍ନାରୀ, ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଅରୁଣ ନାୟକ, ଡିସିଏଫ ସମ୍ୟକ ସାମନ୍ତରାୟ, ସହକାରୀ ବନ ସଂରକ୍ଷକ ଗଗନବିହାରୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଲୁଣା ଜଙ୍ଗଲର ସୁରକ୍ଷା ଜନସାଧାରଣଙ୍କ ସହଯୋଗ ଓ ସହଭାଗିତାରେ କରିହେବ ବୋଲି ମତବ୍ୟକ୍ତ କରିଥିଲେ। ଗବେଷକ ପ୍ରସନ୍ନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେଚର୍ସ କ୍ଲବର ସ୍ୱେଚ୍ଛାସେବୀ ବିରଜାପ୍ରସାଦ ପତି ଓ ନାଗାନାରାୟଣ ହାଇସ୍କୁଲର ଛାତ୍ରୀ ତୃପ୍ତିପ୍ରିୟଦର୍ଶନୀ ବାରିକ ଲୁଣା ଜଙ୍ଗଲର ଉପକାରିତା ସମ୍ପର୍କରେ କହିଥିଲେ। ଶିକ୍ଷକ ଓମପ୍ରକାଶ ବାରିକ ଜନଜୀବନ ସୁରକ୍ଷାରେ ଲୁଣା ଜଙ୍ଗଲ ଭୂମିକା ଉପରେ କବିତା ପାଠ କରିଥିଲେ। ଲୁଣାଜଙ୍ଗଲ ସୃଷ୍ଟି ପାଇଁ ଜମି ଦାନ କରିଥିବା ଗୋରାଚାନ୍ଦ ଦାସ, ଦିଲ୍ଲୀପ କୁମାର ମଣ୍ଡଳ ଓ କାହ୍ନୁଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ବିଦ୍ୟାଳୟ ସ୍ତରରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କନିକା ରେଞ୍ଜର କାର୍ଯ୍ୟନିର୍ବାହୀ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଅସରାଏ ବର୍ଷାରେ ସ୍ଥିତି ବେହାଲ**

# ରାସ୍ତାରେ ଜମୁଛି ପାଣି, ଲୋକେ ହନ୍ତସନ୍ତ

ଆଳି, ୨୬।୭ (ସମିସ)

ସମ୍ପ୍ରତି ବର୍ଷା ଲାଗି ରହିଥିବାବେଳେ ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଗୋବିନ୍ଦପୁର ପଞ୍ଚାୟତର ୧ନଂ ଓ ୨ନଂ ୱାର୍ଡର ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି। ଗ୍ରାମ ରାସ୍ତାକୁ ଢଳେଇ କରାଯାଇଥିଲେ ହେଁ ଦୁଇଫୁଟ ଉଚ୍ଚରେ ପାଣି ଲହଡ଼ି ଖେଳୁଛି। ଫଳରେ ସ୍ଥାନୀୟ ଲୋକେ ଦୟନୀୟ ଅବସ୍ଥା ଭୋଗ କରୁଛନ୍ତି। ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱ ସମତୁଲ ଥିବାରୁ ପାଣି ନିଷ୍କାସନ ସହଜରେ ହୋଇପାରୁଥିଲା। ରାସ୍ତାର ଡାହାଣ ପାର୍ଶ୍ୱ ବ୍ୟକ୍ତିଗତ ଜାଗା ହୋଇଥିବାରୁ ଜାଗା ମାଲିକ ମାଟି ପକାଇ ଉଚ୍ଚ କରିଦେବା କାରଣରୁ ପାଣି ନିଷ୍କାସନରେ ବାଧା ଉପୁଜିବା ସହିତ ରାସ୍ତା ସାରା ମାଟି ଓ କାଦୁଅ ଜମା ହୋଇରହୁଛି। ଫଳରେ ରାସ୍ତାରେ ଯାତାୟାତ ବେଳେ ସାଇକଲ, ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଥିବା



ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ଦୈନିକ ଛାତ୍ରଛାତ୍ରୀ ସ୍କୁଲ ଓ କଲେଜକୁ ଯାତାୟାତ କରୁଛନ୍ତି। ଏତଦ୍‌ବ୍ୟତୀତ ପଞ୍ଚାୟତ କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ପଶୁ ଚିକିତ୍ସାଳୟ, ସ୍କୁଲ, ହାଇସ୍କୁଲ, ବଜାର, ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ସ୍ଥାନୀୟ ଲୋକେ ଉକ୍ତ ରାସ୍ତା ଉପରେ ନିର୍ଭର କରନ୍ତି। ପାଣି ଜମି ରହୁଥିବାରୁ ମଶା, ମାଛି, ଲାଞ୍ଜୁଡା ପୋକଙ୍କ ବଂଶ ବୃଦ୍ଧି ପାଇବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏ ନେଇ ଗ୍ରାମବାସୀଙ୍କ ସହ ସ୍ଥାନୀୟ ସରପଞ୍ଚ ସୀମାରାଣୀ ମଲିକ ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାସ୍ତା ଦୁଇ ଫୁଟ ଉଚ୍ଚ ହେବା ସହ ବର୍ଷା ଜଳ ନିଷ୍କାସନ ହୋଇପାରିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ଉଚ୍ଚ କରିବା ସହିତ ପାଣି ନିଷ୍କାସନ ବାଟ ଫିଟାଇବା ପାଇଁ ଗୋବିନ୍ଦପୁର ସରପଞ୍ଚ ସୀମାରାଣୀ ମଲିକ, ପୂର୍ବତନ ସରପଞ୍ଚ ପଦ୍ମାଳୟା ଧଳ, ନିଖିଳ ସାମଲ, ରଞ୍ଜନ ଧଳ, ଶିକ୍ଷକ ଗଦାଧର ପଢ଼ିହାରୀ, ପ୍ରଫୁଲ୍ଲ ପୃଷ୍ଟି, ଲିଟୁଆ ରାଉତ, ବିନୋଦ ରାଉତ, ଅକ୍ଷୟ ଦାସ ପ୍ରମୁଖ ଦାବି କରିଛନ୍ତି।

## ଦୁଇମାସ ହେଲା ମିଳୁନି ଭତ୍ତା, ଚିନ୍ତାରେ ଦିବ୍ୟାଙ୍ଗ ଚନ୍ଦନ

ମହାକାଳପଡ଼ା, ୨୬।୭ (ସମିସ): ସରକାର ଅସହାୟ, ଦିବ୍ୟାଙ୍ଗ ଓ ଦୁର୍ବଳ ବର୍ଗଙ୍କ ମୁହଁରେ ହସ ଫୁଟାଇବା ପାଇଁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା କରିଛନ୍ତି। ସେହି ଯୋଜନାର ସୁଫଳ ଯଦି ପ୍ରକୃତ ହିତାଧିକାରୀଙ୍କ ପାଖକୁ ସମୟରେ ନ ପହଞ୍ଚେ, ତେବେ ସେହି ଯୋଜନାର ମୂଲ୍ୟ କ’ଣ ବୋଲି ପ୍ରଶ୍ନ ଉଠିଛି। ଏଭଳି ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମରେ। ଏହି ଗ୍ରାମର ରଘୁନାଥ ପାଇଟାଳଙ୍କ ପୁଅ ଚନ୍ଦନ ପାଇଟାଳ ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ। ଶାରୀରିକ



ଅକ୍ଷମତା ଯୋଗୁଁ ସେ କୌଣସି ରୋଜଗାର କରିବାରେ ଅସମର୍ଥ। ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଅତ୍ୟନ୍ତ ଦୟନୀୟ। ସରକାରଙ୍କ ଦିବ୍ୟାଙ୍ଗ ଭତ୍ତା ହିଁ ତାଙ୍କ ଜୀବନର ଏକମାତ୍ର ଆର୍ଥିକ ଆଶ୍ରୟ। ସେହି ଟଙ୍କାରେ ଔଷଧ, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହେଉଥିଲା। କିନ୍ତୁ ଗତ ଜୁନ୍ ଓ ଜୁଲାଇ ମାସର ଭତ୍ତା ତାଙ୍କ ଖାତାକୁ ଆସିନାହିଁ। ଦୁଇମାସ ହେଲା ଭତ୍ତା ବନ୍ଦ ହୋଇଯିବାରୁ ଚନ୍ଦନ ଓ ତାଙ୍କ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ପ୍ରତି ମାସ ଆରମ୍ଭରେ ଏକ ଆଶା ନେଇ ସେ ବ୍ୟାଙ୍କ ଖାତା ଯାଞ୍ଚ କରୁଛନ୍ତି। ପ୍ରତ୍ୟେକ ଥର ନିରାଶ ହୋଇ ଫେରିବାକୁ ପଡ଼ୁଛି। ଭତ୍ତା ନ ମିଳିବାରୁ ଆବଶ୍ୟକ ଔଷଧ କିଣିବା, ଦୈନନ୍ଦିନ ଖର୍ଚ୍ଚ ଚଳାଇବା ଓ ନିଜର ମୌଳିକ ଆବଶ୍ୟକତା ପୂରଣ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଚନ୍ଦନଙ୍କ କହିଛନ୍ତି, ମୁଁ କାମ କରିପାରୁନି। ସରକାରଙ୍କ ଭତ୍ତା ହିଁ ମୋର ଏକମାତ୍ର ଭରସା। ଦୁଇ ମାସ ହେଲା ଟଙ୍କା ଆସିନି। ଏବେ ଔଷଧ କେମିତି କିଣିବି, ଘର କେମିତି ଚଳିବ, କିଛି ବୁଝିପାରୁନି। ଏବେ ପ୍ରଶ୍ନ ଉଠୁଛି ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଯୁବକଙ୍କ ଜୀବନ ସହ ଜଡ଼ିତ ଏହି ସହାୟତା ଦୁଇମାସ ଧରି କାହିଁକି ବନ୍ଦ ରହିଛି? ଏହା ପଛରେ କାହାର ଅବହେଳା? ଏହାର ଶୀଘ୍ର ତଦନ୍ତ କରି ଚନ୍ଦନ ପାଇଟାଳଙ୍କୁ ବକେୟା ଭତ୍ତା ପ୍ରଦାନ କରିବା ସହ ଭବିଷ୍ୟତରେ ଏଭଳି ଘଟଣା ଯେପରି ଆଉ ନ ଘଟେ, ସେଥିପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ ବୋଲି ସାଧାରଣରେ ଦାବି ହେଉଛି।

## ମଝି ସମୁଦ୍ରରେ ଟ୍ରଲର ବୁଡ଼ି ଘଟଣା

# ମୃତକଙ୍କ ପରିବାରକୁ ସହାୟତା ଦେଲା ପଶ୍ଚିମବଙ୍ଗ ସରକାର

**ବାଲେଶ୍ୱର(ଉତ୍ତର),୨୬।୭(ସମିସ)**

ବଙ୍ଗୋପସାଗରକୁ ମାଛ ମାରିବାକୁ ଯାଇ ୧୬ ମତ୍ସ୍ୟଜୀବୀ ନିଖୋଜ ହେବା ଘଟଣାକୁ ୨୪ଦିନ ବିତିଗଲାଣି। ଏହି ଘଟଣାରେ ମୋଟ ୧୦ଜଣ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ବେଳେ ଆହୁରି ୬ ଜଣଙ୍କ ପତ୍ତା ଏଯାଏଁ ମିଳିପାରି ନାହିଁ। ସେହିପରି ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀଙ୍କର ପରିଚୟ ପାଇଁ ହୋଇଥିବା ଡିଏନ୍ଏ ରିପୋର୍ଟ ଏଯାଏଁ ଆସିନି। ତେବେ ଏହି ଦୁର୍ଘଟଣାରେ ଆଜି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରାମନଗର ଆସି ପଶ୍ଚିମବଙ୍ଗର ମୃତ/ନିଖୋଜ ୧୨ ମତ୍ସ୍ୟଜୀବୀ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଓ ପରିବାରର ଜଣଙ୍କୁ ବେଳାଭୂମି ଗାର୍ଡ ଚାକିରି ପ୍ରଦାନ କରିଛନ୍ତି। ଅପରପକ୍ଷରେ ଏହି ଡଙ୍ଗାରେ ଥିବା ଓଡ଼ିଶାର ୩ ମତ୍ସ୍ୟଜୀବୀ ପରିବାରକୁ ଓଡ଼ିଶା ସରକାର କେବଳ ରେଡକ୍ରସ ଜରିଆରେ ସାମାନ୍ୟ ସହାୟତା ଛଡ଼ା ଏଯାଏଁ କୌଣସି ସହାୟତା ଘୋଷଣା କରିନାହାନ୍ତି। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଟ୍ରଲର ଆସୋସିଏସନ୍ ଜରିଆରେ ଅନୁରୂପ ଭାବେ ଭୋଗରାଇର ତିନି ମତ୍ସ୍ୟଜୀବୀଙ୍କ ପରିବାରକୁ ସହାୟତା ଯୋଗାଇବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଅନୁରୋଧ କରିଥିଲେ। ତେବେ ଖୁସିର କଥା ଯେ ମିଳିଥିବା ସୂଚନା ଅନୁଯାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ବିଧାୟକ ଶ୍ରୀ ଦାସଙ୍କ ଏହି ଦାବିକୁ ଗ୍ରହଣ କରି ନେଇଛନ୍ତି। ତେଣୁ ଖୁବ୍‌ଶୀଘ୍ର ସହାୟତା ରାଶି ପ୍ରଦାନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ମୃତକ ପରିବାରକୁ ଚାକିରି ପ୍ରଦାନ ସମ୍ଭବ ନୁହେଁ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ନିରବତା ସମଗ୍ର ଭୋଗରାଇବାସୀଙ୍କୁ ବ୍ୟଥିତ କରିଛି। ମୃତ୍ୟୁ ଆଶଙ୍କା କରାଯାଉଥିବା ଭୋଗରାଇର ଏହି ୩ ମତ୍ସ୍ୟଜୀବୀ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ବିଧାୟକ ଶ୍ରୀ ଦାସ ପ୍ରାୟ ୧୨ ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ ହେଁ ଏଯାଏ କିଛି ଉତ୍ତର ଆସି ନଥିବାରୁ ବିଧାୟକ ଶ୍ରୀ ଦାସ ସେଥିପାଇଁ ଅତ୍ୟନ୍ତ ମର୍ମାହତ ବୋଲି କହିଛନ୍ତି। ଶ୍ରୀ ଦାସ ଆହୁରି କହିଛନ୍ତି ଯେ ସମ୍ବେଦନଶୀଳତା କ'ଣ ତାହା ଓଡ଼ିଶା ସରକାର ପଶ୍ଚିମବଙ୍ଗ ସରକାରଠୁ ଶିଖନ୍ତୁ ଏବଂ ଦାରୁଣ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଥିବା ୩ ପରିବାରକୁ ତୁରନ୍ତ ସହାୟତା ଓ ଚାକିରି ଦେବା ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଛନ୍ତି।

**ଓଡ଼ିଶା ସରକାରଙ୍କ ନିଦ ଭାଙ୍ଗିବ କେବେ?**

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ; ମିଳୁନି ଅତ୍ୟାବଶ୍ୟକ ଔଷଧ

**ଜଳେଶ୍ୱର,୨୬।୭(ସମିସ):** ଜଳେଶ୍ୱରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଅତ୍ୟାବଶ୍ୟକ ଔଷଧ ମିଳୁନାହିଁ। ସାଧାରଣତଃ ରକ୍ତଚାପ, ମଧୁମେହ, ଏସିଡ୍ ଜନିତ, ଝାଡ଼ା ଓ ଥଣ୍ଡା ରୋଗୀ ବହୁଳ ଭାବରେ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର ହେଉଥିବାବେଳେ ଏହିସବୁ ରୋଗର ଔଷଧ ମିଳିପାରୁନାହିଁ। ବର୍ତ୍ତମାନ ସମୟରେ ବିଭିନ୍ନ ଔଷଧର ଦାମ ଅହେତୁକ ଭାବରେ ବଢ଼ିଥିବାବେଳେ ଗରିବ ଖଟିଖିଆ ଦିନ ଦରିଦ୍ର ଲୋକମାନେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ଥାନୀୟ ହସ୍‌ପିଟାଲଗୁଡିକ ଉପରେ ନିର୍ଭର କରିଥାନ୍ତି। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ବହୁ ସମୟରେ ଏହି ଅତ୍ୟାବଶ୍ୟକ ଔଷଧର ଅଭାବ ଲାଗିରହିଛି। ବେଳେ ବେଳେ ମାସମାସ ଧରି ଔଷଧ ଯୋଗାଣ ବନ୍ଦ ରହିବାର ଦେଖିବାକୁ ମିଳୁଛି। ଜଳେଶ୍ୱର ଜି.କେ.ଭଟ୍ଟର ହସ୍‌ପିଟାଲ ସହରର ମଧ୍ୟ ସ୍ଥଳରେ ଓ ଜାତୀୟ ରାଜପଥ ସନ୍ନିକଟରେ ଥିବାବେଳେ ପ୍ରତ୍ୟେକ ଦିନ ଶହଶହ ରୋଗୀ ଏହି ହସ୍‌ପିଟାଲକୁ ଆସିଥାନ୍ତି। ତା'ଛଡ଼ା ସୀମାନ୍ତ ପଶ୍ଚିମବଙ୍ଗ ରାଜ୍ୟର ସୀମା ହୋଇଥିବାରୁ ପଶ୍ଚିମବଙ୍ଗର ବହୁ ରୋଗୀ ଏହି ହସ୍‌ପିଟାଲ ଉପରେ ନିର୍ଭର କରିଥାନ୍ତି। ସେହିପରି ଜଳେଶ୍ୱର ବଡ଼ବଜାରସ୍ଥିତ ପ୍ରାଥମିକ ଆରୋଗ୍ୟ କେନ୍ଦ୍ର ଉପରେ ଜଳେଶ୍ୱର ପୌରାଞ୍ଚଳର ପ୍ରାୟ ରୋଗୀ ନିର୍ଭର କରୁଥିବାବେଳେ ସେଠାରେ ମଧ୍ୟ ଔଷଧ ଠିକ୍ ଭାବେ ମିଳୁନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଦୁଇଶହରୁ ଉର୍ଦ୍ଧ୍ୱ ରୋଗୀ ଆସୁଥିବାବେଳେ ସେମାନେ ଔଷଧ ପାଇବାରେ ସମସ୍ୟା ଭୋଗିଥାନ୍ତି।

ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ତୁଳନାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ବହୁ ସଂଖ୍ୟାରେ ରୋଗୀ ଆସୁଥିଲେ ମଧ୍ୟ ଔଷଧର ଯୋଗାଣ ପରିମାଣ ସବୁ ସ୍ୱାସ୍ଥ୍ୟକେନ୍ଦ୍ର ଭଳି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରହିଥିବାରୁ ଗ୍ରାମାଂଚଳର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଔଷଧ ବଳକା ହେବା ସହିତ ଅନେକ ସମୟରେ ଔଷଧ ଗୁଡିକର ସମୟ ସୀମା ଚାଲିଯାଉ ଥିବାରୁ ରାସ୍ତା କଡ଼ରେ ନଷ୍ଟ ହେଉଥିବାର ଦେଖିବାକୁ ମିଳୁଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ସୁବର୍ଣ୍ଣ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ସୁନାବେଶ



**ରେମୁଣା,୨୬।୭(ସମିସ):** ଆଜି ସୁବର୍ଣ୍ଣ ଶ୍ରୀକ୍ଷେତ୍ର ମହାପ୍ରଭୁଙ୍କର ପବିତ୍ର ବାହୁଡ଼ାଯାତ୍ରା ପ୍ରତିକୂଳ ପାଗର ଆଶା ଓ ଆଶଙ୍କା ମଧ୍ୟରେ ଥିବାବେଳେ ଶ୍ରଦ୍ଧାଳୁଙ୍କ ଉଦ୍ଦୀପନା ଓ ଭାବବିହ୍ୱଳ ପରିବେଶରେ ଅତ୍ୟନ୍ତ ଶୃଙ୍ଖଳା ଓ ନିର୍ବିଘ୍ନରେ ସମାହିତ ହୋଇଯାଇଛି। ରଥଟଣା ଦିବ୍ୟ କାର୍ଯ୍ୟକ୍ରମରେ ରଣପୁର ଓ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସନ୍ଧ୍ୟା ସମୟରେ ଶ୍ରୀବିଗ୍ରହଙ୍କର ସୁନାବେଶର ଦୁର୍ଲଭ ଦିବ୍ୟ ଦର୍ଶନରେ ବହୁ ଶ୍ରଦ୍ଧାଳୁ ଅତ୍ୟନ୍ତ ଆତ୍ମସନ୍ତୋଷ ଲାଭ କରିଥିଲେ। ସମସ୍ତ ଦିବ୍ୟ କାର୍ଯ୍ୟକ୍ରମ ଟ୍ରଷ୍ଟ ଅଧ୍ୟକ୍ଷ ହର ନାରାୟଣ ମଡୁଆଳ ଓ ସମ୍ପାଦକ ମାନସ ରଞ୍ଜନ ପଣ୍ଡା, ଉପଦେଷ୍ଟା ରାଜେନ୍ଦ୍ର କିଶୋର ରାୟଙ୍କ ତତ୍ତ୍ୱାବଧାନ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କର ସହଯୋଗରେ ସମାହିତ ହୋଇଥିଲା।

## ସାପ କାମୁଡ଼ା ପାଇଁ ଝଡ଼ାଫୁଙ୍କା ଭରସା, ଗଲାଣି ୩ ମୁଣ୍ଡ

**ମୋରଡା,୨୬।୭(ସମିସ):** ସାପ କାମୁଡ଼ା ରୋଗୀଙ୍କୁ ଗୁଣିଆ କିମ୍ବା ଠାକୁରାଣୀଙ୍କ ପାଖକୁ ନ ନେଇ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିବା ପାଇଁ ସରକାରୀ ଓ ବେସରକାରୀସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହାଦ୍ୱାରା ସାପ କାମୁଡ଼ିଥିବା ରୋଗୀଟି ବଞ୍ଚିପାରିବ ବୋଲି ବିଶେଷଜ୍ଞମାନେ ବାରମ୍ବାର ପରାମର୍ଶ ଦେଉଛନ୍ତି। ମାତ୍ର ଏହି ସଚେତନତା କାର୍ଯ୍ୟକ୍ରମ ଗାଁ ଗଣ୍ଡାରେ ରହୁଥିବା ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଉନାହିଁ। ଫଳରେ ପ୍ରତିବର୍ଷ ମୋରଡ଼ା ଅଞ୍ଚଳର ଲୋଧା ସମ୍ପ୍ରଦାୟ ଓ ଖଡ଼ିଆ ସମ୍ପ୍ରଦାୟର ପ୍ରାୟ ୫ ଜଣଙ୍କର ସାପ କାମୁଡ଼ାରେ ଜୀବନ ଯାଉଛି।



ମିଳିଥିବା ସୂଚନା ମୁତାବକ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ତିନି ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟି ସାରିଲାଣି। ମୋରଡ଼ା ବ୍ଲକ୍‌ଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ସବୁଆଡେ ଜଙ୍ଗଲ ଘେରି ରହିଛି। ସେଥିପାଇଁ ସ୍ୱାଭାବିକ ଭାବେ ସର୍ବଦା ସାପ କାମୁଡ଼ାର ଭୟ ରହିଥାଏ। ଏହାସହ ଆଦିବାସୀଙ୍କ ପରିବାରରୁ କାହାକୁ ସାପ କାମୁଡ଼ିଲେ ସେମାନେ ରୋଗୀକୁ ହସ୍ପିଟାଲ ନେବା ପରିବର୍ତ୍ତେ ଗୁଣି ଗାରେଡ଼ିର ସହାୟତା ନେଉଥିବାର ଅନେକ ଘଟଣା ସାମ୍ନାକୁ ଆସିଛି। ଆଉ କେହି ଠାକୁରଙ୍କ ପାଖକୁ ନେଇ ପୂଜା ପାଠ ସହ ଗାଧୋଇ ଦିଅନ୍ତି। ସେତେବେଳକୁ ସାପ ବିଷ ରୋଗୀର ସମ୍ପୂର୍ଣ୍ଣ ଶରୀରକୁ କବଳିତ କରିସାରିଥାଏ। ଡାକ୍ତରଖାନାରେ ପହଞ୍ଚିବା ମଧ୍ୟ ବହୁ ରୋଗୀଙ୍କ ପକ୍ଷେ ସମ୍ଭବ ହୁଏନାହିଁ। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ କହିଚନ୍ତି।

## ବିଦେଶୀ ମଦ ଜବତ

**ସିମୁଳିଆ,୨୬।୭(ସମିସ):** ସିମୁଳିଆ ବ୍ଲକ୍ ମାର୍କୋଣା ପଞ୍ଚାୟତ ଷ୍ଟେସନ ବଜାରସ୍ଥିତ ଦୁର୍ଗା ମଣ୍ଡପ ସାମ୍ନାରେ ଏକ ପାନ ଦୋକାନରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି ଖଇରା ଅବକାରୀ ବିଭାଗ। ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକାରୀ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଅଧିକାରୀ ପ୍ରହ୍ଲାଦ ସାମଲ, ଦୀପିକା ପଣ୍ଡା ଓ ଅନ୍ୟ କର୍ମଚାରୀଙ୍କୁ ନେଇ ସିମୁଳିଆ ଥାନା ମାର୍କୋଣା ପଞ୍ଚାୟତ ଷ୍ଟେସନ ବଜାର ପାନ ଦୋକାନରେ ଚଢ଼ଉ କରାଯାଇଛି।

## ସୋର ବିଜୁ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର
## ୫୩ ୟୁନିଟ ରକ୍ତ ସଂଗୃହୀତ

**ସୋର,୨୬।୭(ସମିସ):** ସୋର ବିଜୁଜନତା ଦଳ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋର ବ୍ଲକ୍ କେଦାରପୁରସ୍ଥିତ ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ସୋର ବିଧାୟକ ମାଧବ ଧଡ଼ା ଉଦ୍‌ଘାଟନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ଅନସୂୟା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ସୁଧାକର ବାରିକ, ଶଙ୍କର୍ଷଣ ବାରିକ, ଅଶୋକ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ରକ୍ତ ଭଣ୍ଡାରରୁ ଆସିଥିବା ଏକ ଡାକ୍ତରୀ ଟିମ୍ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରରୁ ମୋଟ ୫୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ସୋର ବିଜୁ ଜନତା ଦଳର ଯୁବ, ଛାତ୍ର, ମହିଳା କର୍ମୀ ପରିଚାଳନା କରିଥିଲେ।



## ଟାଉନ ହାଇସ୍କୁଲ ଆଲୁମିନି ବୈଠକ



**ବାଲେଶ୍ୱର,୨୬।୭(ସମିସ):** ଟାଉନ ହାଇସ୍କୁଲ ଆଲୁମିନି ବୈଠକ ସଭାପତି ସୁବ୍ରତ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଆଲମିନି ତରଫରୁ ଜଣେ ବିଦ୍ୟାଳୟ ଏସ଼୍ଏମ୍‌ସିକୁ ଯିବାର ସରକାରଙ୍କ ନିୟମ ଅନୁଯାୟୀ ଆଲମିନିର ବରିଷ୍ଠ ସଦସ୍ୟ ତଥା ୱାର୍ଡ କାଉନସିଲର ପଦ୍ମଲୋଚନ ଲେଙ୍କାଙ୍କ ନାମକୁ ସ୍ୱୀକୃତି ମିଳିଥିଲା। ଆଗାମୀ ଦିନରେ ଆଲୁମିନିର ହେଲ୍‌ଥ କ୍ୟାମ୍ପ ଓ ବାର୍ଷିକ ଉତ୍ସବ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ ଆଲମୁନି ସମ୍ପାଦକ ଶାନ୍ତି ସ୍ୱରୂପ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରେମୁଣା ସ୍ୱପ୍ନଜ୍ୟୋତି ଜଗନ୍ନାଥ ମନ୍ଦିରକୁ ବାହୁଡ଼ିଲେ ମହାପ୍ରଭୁ

**ରେମୁଣା,୨୬।୭(ସମିସ)**



ରେମୁଣା ଏନ୍ଏସିର ସ୍ୱପ୍ନଜ୍ୟୋତି ଜଗନ୍ନାଥ ମନ୍ଦିରକୁ ବାହୁଡ଼ିଛନ୍ତି ଚତୁର୍ଦ୍ଧାମୂର୍ତ୍ତି, ଛେରାପହଁରା, ରଥଟଣା, ମାଉସୀ ମା'ଙ୍କ ପୋଡ଼ପିଠା, ଲକ୍ଷ୍ମୀ ନାରାୟଣ ଭେଟ ଓ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରେ ବିଭୋର ହେଲେ ସହସ୍ରାଧିକ ଭକ୍ତ। ଘୋଷଯାତ୍ରାରେ ଶେଷ ପର୍ବରେ ହଜାର ହଜାର ଭକ୍ତଙ୍କ ଗହଣରେ ରେମୁଣା ଏନ୍ଏସି ଅନ୍ତର୍ଗତ ଖୁସାଲିଗଞ୍ଜରେ ଅବସ୍ଥିତ ସ୍ୱପ୍ନଜ୍ୟୋତି ଜଗନ୍ନାଥ ମନ୍ଦିରକୁ ବାହୁଡିଛନ୍ତି ମହାପ୍ରଭୁ। ବାହୁଡ଼ା ଯାତ୍ରା ଅବସରରେ ରେମୁଣା ମନ୍ଦିର ଛକ ସତ୍‌ସଙ୍ଗ ବିହାରସ୍ଥିତ ଅସ୍ଥାୟୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ସମସ୍ତ ରୀତିନୀତି ମଧ୍ୟରେ ବଡ଼ଠାକୁର ଶ୍ରୀ ବଳଭଦ୍ର, ମା' ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନଙ୍କୁ ପହଣ୍ଡି ବିଜେରେ ରଥାରୂଢ଼ କରାଯାଇଥିଲା। ରଥ ଉପରେ ଅବଶିଷ୍ଟ ନୀତିକାନ୍ତି ପରେ ଏକାଦଶୀ ଅପରାହ୍ଣରେ ରଥଟଣା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମନ୍ଦିରର ମୁଖ୍ୟ ପୁରୋଧା ତଥା ପରିଚାଳନା କମିଟିର ସଭାପତି ଇଂ ଦୟାଳ ଚନ୍ଦ୍ର ଦାଶଙ୍କ ସୁପତ୍ର ସତ୍ୟଜିତ ଦାଶ ତିନି ରଥରେ ଛେରାପହଁରା କରିଥିଲେ। ପରେ ରଥ ଟଣା ହୋଇଥିଲା। ଆଖପାଖ ଅଞ୍ଚଳରେ ସହସ୍ରାଧିକ ଶ୍ରଦ୍ଧାଳୁ ଏହି ରଥଟଣା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରେମୁଣା ବଜାର ଠାରେ ମାଉସୀ ମା ମନ୍ଦିର ଅର୍ପିତ ପୋଡ଼ପିଠା ଭୋଗ ଲାଗି କରାଯାଇଥିଲା। ସେହିପରି ତାରିଣୀ ଛକରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପାଦନ କରାଯାଇଥିଲା। ତିନି ରଥ ଶ୍ରୀମନ୍ଦିର ସମ୍ମୁଖରେ ପହଂଚିବା ପରେ ସେଠାରେ ଶ୍ରୀଜିଉଙ୍କ ସୁନାବେଶ କରାଯାଇଥିଲା। ତ୍ରୟୋଦଶୀ ତିଥିରେ ନିଳାଦ୍ରୀ ବିଜେ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ସେବକ ସତ୍ୟ ମହାରଣା ସୂଚନା ଦେଇଥିଲେ। କାଉନସିଲର ଶିବଶଙ୍କର ରାୟ, କାଉନସିଲର ମିନାକ୍ଷୀ ବେହେରା, ସମ୍ପାଦକ କାହ୍ନୁ ଚରଣ ବେହେରା, ଗୌରାଙ୍ଗ ପଢିଆରୀ, ଅସିତ ମଙ୍ଗରାଜ, ସାମାଜିକ କର୍ମୀ ବିଧାନ ରାୟ, ଅବିନାଶ ପଟ୍ଟନାୟକ, ବିରେନ୍ଦ୍ର ବେହେରା, ପ୍ରଦୀପ କୁମାର ମିଶ୍ର, ଡମ୍ବରୁଧର କମିଲା, ଜୟଶ୍ରୀ ମିଶ୍ର, ଲବଙ୍ଗ ଲତା ମହାରଣା, କୁମୁଦିନୀ ମହାରଣା, ସାମାଜିକ କର୍ମୀ ବିଧାନ ରାୟ, ଜ୍ୟୋତି ବେହେରା, ରମାକାନ୍ତ ବେହେରା, ଗଜେନ୍ଦ୍ର ଦାସ, ସରୋଜ କୁମାର ମହାରଣା, ମନୋରଞ୍ଜନ ବାରିକ, ରାଧାକୃଷ୍ଣ ମାହାର୍ଣ୍ଣା, ବନମାଳି ସାହୁଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ବିପଦର ବନ୍ଧୁ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## 'ରଥରୁ ବାହୁଡ଼ା କାର୍ଯ୍ୟକ୍ରମ' ଉଦ୍‌ଯାପିତ

**ବାଲେଶ୍ୱର,୨୬।୭(ସମିସ):** ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର "ରଥରୁ ବାହୁଡ଼ା କାର୍ଯ୍ୟକ୍ରମ' ସ୍ଥାନୀୟ ସ୍ରଷ୍ଟା କାର୍ଯ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ଉପସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ବିଚିତ୍ରା କାର୍ଯ୍ୟକ୍ରମରେ କଲ୍ୟାଣୀ ନନ୍ଦଙ୍କ ରଚନା ଓ ନିର୍ଦ୍ଦେଶନାରେ ଅର୍ଚ୍ଚନା କର, ବାସନ୍ତୀ ଦେ, ପୁଷ୍ପଲତା ଚକ୍ରବର୍ତ୍ତୀ, ଶାନ୍ତି ବିଶି, ସୁବ୍ରତା ମହାନ୍ତି, କବିତା ଜେନା, ସଙ୍ଗୀତା ରଥ, ସଙ୍ଗୀତା ବାରିକ, ତୃପ୍ତିଲତା ପାତ୍ର ଓ କୃଷ୍ଣା ପ୍ରଧାନ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ତୁଲସି ଜେନା ଓ ମାହେଶ୍ୱରୀ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଡ. ସଂଜୟ ଦେ, ନିତିଶ୍ରୀ ମହାନ୍ତି ଏବଂ ତେଜଶ୍ରୀ ଦାସ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସଂଗଠନ ସଂପାଦକ ତପନ ରାୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବରିଷ୍ଠ ସଦସ୍ୟ ଡ. ଶିରୀଶ ଚନ୍ଦ୍ର ଜେନା ଦୀର୍ଘ ନଅଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଏକ ସମୀକ୍ଷାକେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିବାରଣ ଜେନା, ସଂଜୟ ପଣ୍ଡା, କରୁଣାକର ସ ଓ ସୁଷମା ମହାପାତ୍ର ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସଂପାଦକ ଜ୍ଞାନରନାଥ ପାତ୍ର ଓ ଅନ୍ୟତମ ଯୁଗ୍ମ ସଂପାଦିକା ଶାନ୍ତିଲତା ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ନାୟକ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଭାସ୍କର ଚନ୍ଦ୍ର ମିଶ୍ର, ଲମ୍ବୋଦର ନାୟକ, ମଧୁସୂଦନ ମାଝୀ, ସତ୍ୟଭାମା ଜେନା, ସୁହାନୀ ସାଇ ଜେନା, ଅବନ୍ତୀ ପ୍ରଧାନ, ଉର୍ମିଳା ନାୟକ, ପ୍ରଫୁଲ୍ଲ କୁମାର ଦାସ, ଅମିତା ଦାଶ, ଦେବାଶିଷ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



## ସାରସ୍ୱତ ସ୍ରଷ୍ଟା ରାଜୀବ ପାଣିଙ୍କ ପୁସ୍ତକ ପାଠକାର୍ପଣ



**ବାଲେଶ୍ୱର,୨୬।୭(ସମିସ):** ରାଉରକେଲାରେ ଜୀବନ ବିତାଉଥିବା ବାଲେଶ୍ୱର ଜିଲ୍ଲା ବସ୍ତା ଦରଡ଼ା ନିବାସୀ ରାଜୀବ ପାଣିଙ୍କ ପୁସ୍ତକ ପାଠକାର୍ପଣ କରାଯାଇଛି। ଏକାଧାରାରେ କବି, ପ୍ରାବନ୍ଧିକ, ସୁବକ୍ତା, ନାଟ୍ୟ ନିର୍ଦ୍ଦେଶକ-ଅଭିନେତା, କ୍ଷୁଦ୍ର ଟେଲିଫିଲ୍ମ ଅଭିନେତା ଏବଂ ସର୍ବୋପରି ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ। ଓଡ଼ିଶାର ବହୁ ପରିଚିତ "ଚନ୍ଦ୍ରଭାଗା' ଅନୁଷ୍ଠାନ ଆନୁକୂଲ୍ୟରେ ଶ୍ରୀ ପାଣିଙ୍କ ଏକକାଳୀନ "ଅ।।ନାଦ' (କବିତା ସଂକଳନ), "ନାଟ୍ୟକଳ୍ପ' (ଚିନ୍ତନର ଅଭିମୁଖ) ଏବଂ "ଭାରତୀୟ ଦର୍ଶନ ଓ ଗୁରୁକୁଳ' (ଗବେଷଣା'କ ସଂଦର୍ଭ ରଚନା) ଲେଖକ ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ନାଟ୍ୟକାର ଡ. ପ୍ରଦୀପ ଭୌମିକ ଓ ପ୍ରଫେସର ଡ. ଦେବାଶିଷ ପାତ୍ରଙ୍କ ଯୁଗ୍ମ ଉଦ୍‌ଘାଟନରେ ଲୋକାର୍ପିତ ହୋଇଯାଇଛି। "ଚନ୍ଦ୍ରଭାଗା' ଅନୁଷ୍ଠାନର ପ୍ରତିଷ୍ଠାତା କବି ଶ୍ରୀ ଦେବଙ୍କ ସ୍ୱାଗତାବାହନରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ କବି ଉତ୍କଳ ମହାନ୍ତିଙ୍କ ଦ୍ୱାରା ସମାପନ କରାଯାଇଥିଲା। ବାଲେଶ୍ୱର ସହରର ଲେଖକ ଅରୁଣା ରାୟ, ଅନସୂୟା ନାୟକ, ଗୀତାଞ୍ଜଳି ଶତପଥୀ, ଜ୍ୟୋସ୍ନା ରାୟ, ଅଞ୍ଜୁଲତା ପଣ୍ଡା, ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀ, ଗାଳ୍ପିକ ନିବାରଣ ଜେନା, କବି-କଥାକାର ଗଙ୍ଗାଧର ବିଶ୍ୱାଳ, କବି କୃଷ୍ଣ କୁମାର ମହାନ୍ତି, ଆଡଭୋକେଟ୍ ଶରତ ମହାପାତ୍ର, ଚିତ୍ରଶିଳ୍ପୀ ମରୁତ୍ ରାଉତ, ସଂଯୋଜକ ମଧୁସୂଦନ ମିଶ୍ର, ଡ. ଶଶିକାନ୍ତ ମହାନ୍ତି, "ନାଟ୍'ର ପ୍ରତିଷ୍ଠାତା ଅରୁଣାଂଶୁ ପାଣିଗ୍ରାହୀ, ସଂଗଠକ ରାଜେଶ୍ ଗିରି, ଅଶୋକ ସେନାପତି, ରାମ ନାରାୟଣ ଦେ, ତ୍ରିଦୀପ ନାୟକ, ଗାଳ୍ପିକା ସ୍ମୃତି ଦାସ, କବି ସୁକୁମାର ଦାସ, କବି ଶୁଭେନ୍ଦୁ ଦାସ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ତୁଷାରକାନ୍ତି ତପସ୍ୱୀ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ପଦ୍ମଲୋଚନ ଦତ୍ତ, ସଂଗୀତଜ୍ଞ କଲ୍ୟାଣୀ ନନ୍ଦ, ଅବସରପ୍ରାପ୍ତ ପ୍ରାଧ୍ୟାପକ କମଳାକାନ୍ତ ନାୟକ, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ତ୍ରିଲୋଚନ ସାହୁ, ଅଧ୍ୟାପକ ଚନ୍ଦ୍ରଶୁ ବାନାର୍ଜୀ, ଭାଗବତ ସାହୁ, କରୁଣାକର ସ, ପ୍ରଦୀପ ଭୋଲ, ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନିଟ୍ ସଫଳତା ପାଇଁ ସାଗରିକାଙ୍କୁ ସମ୍ବର୍ଦ୍ଧିତ କଲେ ସରପଞ୍ଚ



**ଖଇରା,୨୬।୭(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ସାରକୋଣା ପଞ୍ଚାୟତ ଅଧୀନ ଝିଙ୍କିରିଆ ଗ୍ରାମର ରମେଶ ଦାସ ଓ ସୁକାନ୍ତି ଦାସଙ୍କ କନ୍ୟା ସାଗରିକା ଦାସ ନିଟ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୨୫୨୧ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏଥିଲାଗି ତାଙ୍କୁ ସାରକୋଣା ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସୁଶାନ୍ତ ସାଗରିକାଙ୍କ ବାସଭବନକୁ ଯାଇ ତାଙ୍କୁ ସମ୍ମାନିତ କରିବା ସହ ଉପହାରରେ ଏକ ଘଣ୍ଟା ପ୍ରଦାନ କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଗ୍ରାମର ହରେକୃଷ୍ଣ ବିଶ୍ୱାଳ, କୈଳାସ ବିଶ୍ୱାଳ ଓ ସୁକାନ୍ତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବିଚିତ୍ରପୁର ଇକୋ-ଟୁରିଜିମ୍‌ରେ ଅନ୍ତର୍ଜାତୀୟ ଲୁଣା ଜଙ୍ଗଲ ଦିବସ

# 'ଲୁଣା ଜଙ୍ଗଲର ସୁରକ୍ଷା, ପରିବେଶ ସନ୍ତୁଳନ ଓ ଜୀବନ-ଜୀବିକା ପାଇଁ ଅପରିହାର୍ଯ୍ୟ'

**ଚନ୍ଦନେଶ୍ୱର,୨୬।୭(ସମିସ)**



ଭୋଗରାଇ ବ୍ଲକ୍‌ସ୍ଥିତ ବିଚିତ୍ରପୁର ଇକୋ-ଟୁରିଜିମ୍ ପରିସରରେ ରବିବାର ଅନ୍ତର୍ଜାତୀୟ ଲୁଣା ଜଙ୍ଗଲ (ମ୍ୟାନଗ୍ରୋଭ୍) ଦିବସ ଉପଲକ୍ଷେ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ, ଆଲୋଚନା ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉପକୂଳବର୍ତ୍ତୀ ଅଞ୍ଚଳର ପରିବେଶ ସୁରକ୍ଷା, ଜୈବ ବିବିଧତାର ସଂରକ୍ଷଣ ଓ ଲୁଣା ଜଙ୍ଗଲର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଆୟୋଜିତ ସଚେତନତା ସଭାରେ ବନାଞ୍ଚଳର ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ସଞ୍ଜୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ଇନ୍ଦଲ ପ୍ରତୀକ ପ୍ରକାଶ ଏବଂ ମୁଖ୍ୟ ବକ୍ତା ଭାବେ ଇକ୍ରିକ ପ୍ରକଳ୍ପର ଡିସିଓ ହରିପ୍ରିୟା ଚାନ୍ଦ ଯୋଗଦେଇ ଲୁଣା ଜଙ୍ଗଲର ପରିବେଶଗତ, ସାମାଜିକ ଓ ଆର୍ଥିକ ଗୁରୁତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଅତିଥିମାନେ କହିଥିଲେ ଯେ, ଖଡ଼ିବିଲ ଅଞ୍ଚଳର ହେନ୍ତାଳବଣ ପ୍ରକୃତିର ଏକ ଅମୂଲ୍ୟ ବରଦାନ। ଏହି ଲୁଣା ଜଙ୍ଗଲ ସାମୁଦ୍ରିକ ଝଡ଼, ଜୁଆର ଓ ଉପକୂଳ କ୍ଷୟରୁ ସୁରକ୍ଷା ଦେବା ସହ ମାଛ, କଙ୍କଡା, ଚିଙ୍ଗୁଡ଼ି, ପକ୍ଷୀ ଓ ବିଭିନ୍ନ ସରୀସୃପଙ୍କ ପ୍ରାକୃତିକ ବାସସ୍ଥାନ ଭାବେ କାର୍ଯ୍ୟ କରିଥାଏ। ଏହାର ସୁରକ୍ଷା ଦ୍ୱାରା ଜୈବ ବିବିଧତା ବୃଦ୍ଧି ପାଇବା ସହ ସ୍ଥାନୀୟ ମତ୍ସ୍ୟଜୀବୀ ଓ ଉପକୂଳବାସୀଙ୍କ ଜୀବନ-ଜୀବିକା ମଧ୍ୟ ସୁଦୃଢ଼ ହୋଇପାରିବ। ମୁଖ୍ୟ ବକ୍ତା ହରିପ୍ରିୟା ଚାନ୍ଦ ପ୍ଲାଷ୍ଟିକ ବର୍ଜନ, ବ୍ୟାପକ ବୃକ୍ଷରୋପଣ ଏବଂ ଲୁଣା ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ପ୍ରତି ସମସ୍ତଙ୍କୁ ସଚେତନ ଓ ଦାୟିତ୍ୱବାନ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରକୃତି ସୁରକ୍ଷା କେବଳ ସରକାରଙ୍କ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ। ଇକୋ-ଟୁରିଜିମ୍‌ର ସଭାପତି ଶମ୍ଭୁନାଥ ମାଝୀ, ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ହେନ୍ତାଳ, ବନୀ ଓ ଅନ୍ୟାନ୍ୟ ଲୁଣା ଜଙ୍ଗଲ ଉପକୂଳ ଅଞ୍ଚଳର ପ୍ରାକୃତିକ ସନ୍ତୁଳନ ରକ୍ଷା କରିବା ସହ ଜୀବନ ଓ ଜୀବିକାକୁ ସ୍ୱାଭାବିକ ଅବସ୍ଥାରେ ରଖିବାରେ ଅମୂଲ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ ଏହାର ସୁରକ୍ଷା ଓ ସଂରକ୍ଷଣ ପ୍ରତି ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ।"ଏହି ଅବସରରେ ଖଡ଼ିବିଲ, ବଡ଼ପାହି ଓ କୃଷ୍ଣନଗର ଗ୍ରାମର ବନ ସୁରକ୍ଷା କମିଟିର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କାନ୍ଠିଥଭଉଁରୀ ଆଦର୍ଶ ବିଦ୍ୟାଳୟ ଓ କାନ୍ଠିଥଭଉଁରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବହୁ ପରିବେଶପ୍ରେମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କ ଅଂଶଗ୍ରହଣରେ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା।ବନରକ୍ଷୀ ନିରାକାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଫୁଲମଣୀ ମୁର୍ମୁ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକରେ ବନ ବିଭାଗ ପକ୍ଷରୁ ଗତ ଚାରି ବର୍ଷ ମଧ୍ୟରେ ୨୭୫ ହେକ୍ଟରରୁ ଅଧିକ ଅଞ୍ଚଳରେ ହେନ୍ତାଳ ଜଙ୍ଗଲ ସୃଷ୍ଟି କରାଯାଇଛି। ଉପକୂଳ ପରିବେଶର ସୁରକ୍ଷା, ଜୀବବିବିଧତାର ବିକାଶ ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।



## ନିଶା ବେପାରୀଙ୍କ କବ୍‌ଜାରେ ରୌପ୍ୟନଗରୀ

# ଛକ-ଗଳିରେ ଆନ୍ତଃରାଜ୍ୟ ମାଫିଆଙ୍କ ଏଜେଣ୍ଟ

**କଟକ,୨୬।୭(ସମିସ)**

ନିଶା କାରବାରକୁ ରୋକିବା ନିମନ୍ତେ ଅବକାରୀ ଗୁଇନ୍ଦା ବିଭାଗ, ଜିଲ୍ଲା ଅବକାରୀ ବିଭାଗ ଓ କମିସନରେଟ୍ ପୁଲିସ ଯଥାସାଧ୍ୟ ଉଦ୍ୟମ ଜାରି ରଖିଛନ୍ତି। ତଥାପି ସହରରେ ବଢ଼ି ଚାଲିଛି ବ୍ରାଉନସୁଗର କାରବାର। ନିଶା ମାଫିଆମାନେ ଖୁବ୍ ଚତୁରତାର ସହ ଏହି କାରବାର ଚଳାଇଛନ୍ତି। ସେମାନେ ଏଜେଣ୍ଟଙ୍କ ଜରିଆରେ ନିଶା ସାମଗ୍ରୀ ଚାଲଣର ନେଟ୍‌ୱର୍କ ବଢାଇବାରେ ଲାଗିଛନ୍ତି। କଟକ ସହରରୁ ଗ୍ରାମାଞ୍ଚଳକୁ ଖୁବ୍ ସହଜରେ ବ୍ରାଉନ୍‌ସୁଗର ଚାଲାଣ କରାଯାଉଛି। ଚଳିତବର୍ଷ କଟକ ସହରରୁ ବିପୁଳ ପରିମାଣର ବ୍ରାଉନ୍‌ସୁଗର(ଧଳାଜହର) ଜବତ ହୋଇଛି। ଯାହା ଅନ୍ୟବର୍ଷ ତୁଳନାରେ ବହୁ ଅଧିକ ରହିଛି। ଗତ ୨୦୨୨ ଅକ୍ଟୋବର ମାସରୁ ୨୦୨୩ ମସିହା ଜୁଲାଇ ମାସ (୧୦ ମାସ) ମଧ୍ୟରେ କଟକ କମିସନରେଟ୍ ଅଞ୍ଚଳରୁ ମୋଟ ୬କିଲୋ ୩୦୦ ଗ୍ରାମ ଧଳାଜହର ଜବତ ହୋଇଥିବା ବେଳେ କଟକ ଗ୍ରାମାଞ୍ଚଳରୁ ୪କିଲୋ ୨୮୦ଗ୍ରାମରୁ ଅଧିକ ବ୍ରାଉନ୍‌ସୁଗର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପାଖାପାଖି ୫କୋଟି ୧୦ଲକ୍ଷ ଟଙ୍କା ହେବ। ଏହି ନିଶା କାରବାର କରିବା ଅଭିଯୋଗରେ ପ୍ରାୟ ୪୦ଜଣଙ୍କୁ ପୁଲିସ ଗିରଫ କରିଛି। ବିଶେଷକରି ଜବତ ହେଉଥିବା ବ୍ରାଉନ୍‌ସୁଗର ଉପକୂଳବର୍ତ୍ତୀ ଜିଲ୍ଲାରେ ବିକ୍ରି ହେବାକୁ ଆସୁଥିବା ବେଳେ ଏପର୍ଯ୍ୟନ୍ତ ଜଣେ ବି ଏହି କାରବାରର ମୁଖ୍ୟ କାର୍ପଟଦାର ଧରାପଡି



ନାହିଁ। ତାକୁ ଧରିବା ଲାଗି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗିରଫ ହୋଇ ପାରିନାହିଁ। ଏ ବାବଦରେ କମିସନର କହିଛନ୍ତି, କଟକ ଜିଲ୍ଲା ଏବଂ ସହରରେ ବ୍ରାଉନସୁଗର କାରବାରକୁ ରୋକିବା ନିମନ୍ତେ କଡ଼ାକଡ଼ି ପଦକ୍ଷେପ ନିଆଯାଇଛି। ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଆନ୍ତଃରାଜ୍ୟ ନିଶାଚାଲାଣକାରୀ ଏଜେଣ୍ଟମାନେ କଟକ ସହର ମଧ୍ୟକୁ ବିପୁଳ ପରିମାଣର ବ୍ରାଉନସୁଗର ଚାଲାଣ କରୁଥିବା ଜଣାପଡ଼ିବା ପରେ ଏହାଉପରେ ନଜର ରଖାଯାଇଛି।

ପ୍ରାପ୍ତ ସୂଚନା ଅନୁସାରେ, ଗଡ଼ଗଡ଼ିଆ ଘାଟ, ଜଗତପୁର, ମଙ୍ଗୁଳି, ବିଡ଼ାନାସୀ ନଦୀକୂଳ ଅଞ୍ଚଳ, ବାଦାମବାଡ଼ି, ସିଡିଏ, ମହାନଦୀବିହାର, ତେଲେଙ୍ଗାପେଣ୍ଠ, ଚୌଦ୍ୱାର ଏବଂ କଲେଜଛକ ଅଞ୍ଚଳରୁ ଚଢଉ କରାଯାଇ ବିପୁଳ ପରିମାଣର ବ୍ରାଉନସୁଗର ଜବତ କରାଯାଇଛି। ଏହି ଅଞ୍ଚଳରେ ଜିଲ୍ଲା ଅବକାରୀ ବିଭାଗ ଏବେ ଗୁପ୍ତଭାବେ କର୍ମଚାରୀ ନିଯୁକ୍ତ କରିଛି। ସାଧାରଣତଃ ବ୍ରାଉନସୁଗର କଟକ ସହରରେ ପହଞ୍ଚିବା ପରେ ବିଭିନ୍ନ ଅଞ୍ଚଳରେ ଏଜେଣ୍ଟଙ୍କ ଜରିଆରେ ଛୋଟ ପୁଡିଆରେ ତାହାକୁ ପ୍ୟାକ୍ କରାଯାଉଛି। ଏପରିକି ସିଗାରେଟ୍ ଭିତରେ ଏହାକୁ ଭର୍ତ୍ତି କରାଯାଇ ବିକ୍ରି ହେଉଛି। ହାତ ପାଆନ୍ତାରେ ସହରର ପାନ ଦୋକାନଗୁଡ଼ିକରେ ବ୍ରାଉନ୍‌ସୁଗର ଭର୍ତ୍ତି ସିଗାରେଟ୍ ଉପଲବ୍ଧ ହେଉଛି। ନରାଜ ଅଞ୍ଚଳ ଓ କଲେଜ ଛକ ଅଞ୍ଚଳରେ ବ୍ରାଉନସୁଗର୍ ମିଶା ସିଗାରେଟ୍ ଅଧିକମାତ୍ରାରେ ବିକ୍ରୟ ହେଉଥିବା ଅଭିଯୋଗ ଉଠିଛି।

ଅନ୍ୟପଟେ ଲାଲବାଗ ଥାନାଞ୍ଚଳରେ କିଛିଦିନ ହେବ ବ୍ରାଉନ୍‌ସୁଗର କାରବାର ଚାଲିଥିବା ସ୍ପେସାଲ ସ୍କ୍ୱାଡ ଜାଣିଥିଲା। ଆରଏନ୍‌ଟି କଲେଜ କ୍ୟାମ୍ପସ ନିକଟ ଫାଙ୍କାସ୍ଥାନରେ ବ୍ରାଉନ୍‌ସୁଗର କାରବାର ଚାଲିଥିବା ଜାଣିବାକୁ ପାଇ ଲାଲବାଗ ପୁଲିସକୁ ସ୍କ୍ୱାର୍ଡ ସୂଚନା ଦେଇଥିଲା। ସେଠାରୁ ଦୁଇଟି ବାଇକ୍ ସହ ୬ଜଣଙ୍କୁ ପୁଲିସ ଧରିଥିଲା। ସେମାନଙ୍କ ନିକଟରୁ ଏକ ବ୍ୟାଗ ମିଳିଥିଲା। ଏହାକୁ ଯାଞ୍ଚ କରିବା ପରେ ସେଥିରୁ ୬ଟି ଜରି ପୁଡିଆ ବହାରିଥିଲା। ଯେଉଁଥିରେ ୧୧୫୯ ଗ୍ରାମ ବାଉନସୁଗର ମିଳିଥିଲା। ପୁଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ବହୁ ଚାଞ୍ଚଲ୍ୟକର ତଥ୍ୟ ଜାଣିଥିଲା। ଏହି ବ୍ରାଉନ୍‌ସୁଗର ବାଲେଶ୍ୱରରୁ ଆସିଥିବା ବେଳେ କଟକର କେତେକ ନିଶା ବେପାରି ଏଜେଣ୍ଟ ଜରିଆରେ ଅନ୍ୟ ଜିଲ୍ଲାକୁ ପଠାଉଥିଲେ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକର ସଦର ମହକୁମା, ପ୍ରମୁଖ ବଜାର, ତହସିଲ, ବ୍ଲକ୍, ଶିକ୍ଷାନୁଷ୍ଠାନ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ରିଟେଲରମାନେ ଏହି ନିଶା କାରବାର ବଢାଉଛନ୍ତି। ଏମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜିଲ୍ଲା ଅବକାରୀ ବିଭାଗ ଓ କମିସନରେଟ୍ ପୁଲିସ ଚଢଉ ଜାରି ରଖିଛି।

## ଅନ୍ତ୍ୟୋଦୟ ଗୃହ ଯୋଜନା ବାଟବଣା; ହିତାଧିକାରୀ ହଟହଟା

# ପ୍ରଥମ କିସ୍ତି ପ୍ରଦାନରୁ ବାଟ ହୁଡ଼ିଲା ପ୍ରଶାସନ



**ଭଦ୍ରେଶ୍ୱର,୨୬।୭ (ସମିସ):** ମାହାଙ୍ଗା ବ୍ଲକ ପ୍ରଶାସନର ପାରିବା ପଣିଆ ପୁଣି ଥରେ ପଦାରେ ପଡିଛି। ବ୍ଲକ ପ୍ରଶାସନର ତ୍ରୁଟିଯୋଗୁଁ ଜଣେ ହିତାଧିକାରୀ ଗୃହ ନିର୍ମାଣ କରି ନପାରି ଚରମ ହଟହଟାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ଉମର ଗ୍ରାମର କବିପ୍ରସାଦ ବାରିକ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନଥିବା କାରଣରୁ ମୁଣ୍ଡ ଗୁଞ୍ଜିବା ନିମନ୍ତେ ସେ ଗୋଟିଏ ପକ୍କାଘର ନିର୍ମାଣ କରିପାରି ନଥିଲେ। ବ୍ଲକ ପ୍ରଶାସନ ତରଫରୁ ଗତ ୨୦୨୫ ସେପ୍ଟେମ୍ବର ୨୭ ତାରିଖ କାର୍ଯ୍ୟାଦେଶ ନଂ ୦୬-୦୦୮-୬୫୨୬୧/୨୬-୨୬ରେ ତାଙ୍କ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ବ୍ଲକ ପ୍ରଶାସନ ତରଫରୁ ତାଙ୍କ ଜମା ଖାତାରେ ଅର୍ଥ ପୈଠ କରାଯାଇ ନଥିଲା। ବ୍ଲକ ପ୍ରଶାସନ ତରଫରୁ ବେପରୁଆ ଭାବେ ତାମିଲନାଡୁରେ ଥିବା ଜଣେ ବ୍ୟକ୍ତିଙ୍କ ନାମରେ ୩୯ ହଜାର ୮୮୮ ଟଙ୍କା ପ୍ରଥମ କିସ୍ତ ବାବଦରେ ପଠାଯାଇଥିଲା। ଏହି ଟଙ୍କା ଶ୍ରୀ ବାରିକଙ୍କ ଜମା ଖାତାକୁ ଆସି ନଥିବା କାରଣରୁ ସେ ଗୃହ ନିର୍ମାଣ ଏପର୍ଯ୍ୟନ୍ତ କରିପାରି ନଥିବାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ବାରିକ ମାହାଙ୍ଗା ବ୍ଲକ ପ୍ରଶାସନ ନିକଟରେ ଏକାଧିକବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା କାରଣରୁ ଶ୍ରୀ ବାରିକ ଗୃହ ନିର୍ମାଣ କରି ନପାରି ବୃଦ୍ଧା ମାଆ ଲକ୍ଷ୍ମୀପ୍ରିୟା ଓ ପତ୍ନୀ ଛବି ସହ ଅତ୍ୟନ୍ତ ଦୟନୀୟ ଭାବେ କାଳାତିପାତ କରୁଥିବାର ଜଣାଯାଇଛି। ତୁରନ୍ତ ଶ୍ରୀ ବାରିକଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ ନିମନ୍ତେ ଦାବି ହୋଇଛି।

## ଅଧରପଣା ଉପଲକ୍ଷେ ଯୋବ୍ରା ରଥ ସମ୍ମୁଖରେ ମହାସଂକୀର୍ତ୍ତନ

**କଟକ, ୨୬।୭(ସମିସ):** ଅଧରପଣା ଉପଲକ୍ଷେ ଯୋବ୍ରା ରଥ ଉପରେ ବଡ଼ ଠାକୁରଙ୍କର ନୀତି ସମ୍ପନ୍ନ କରାଯାଇଥିଲା। ଅଧିକାରୀ କାଶୀନାଥ ନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ପୂଜକମାନେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ଅଧରପଣା ନୀତି ସମ୍ପନ୍ନ କରିଥିଲେ। କଟକ ସହରର ପ୍ରମୁଖ ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ବଳଭଦ୍ରପୁର, ଶଙ୍କରପୁର, ପାଟରା ସାହି, ଖାନନଗର, ପୋପରଗଡା, ନୂଆପଡା, ରାଣୀହାଟ ମାଳି ସାହି, ରାଣୀହାଟ ଶଗଡ଼ିଆ ସାହି, ଅନ୍ଦରପୁର ଓ ଶିଖରପୁର ପକ୍ଷରୁ ମହାସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭୨ ଦିଗଭାଗ ସଂକୀର୍ତ୍ତନମଣ୍ଡଳୀର ସର୍ବାଧିକାରୀ ଦେବେନ୍ଦ୍ରନାଥ ସାହୁ, ୨୨ ଦିଗଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁ, ୨୨ ଦିଗଭାଗ ସଂକୀର୍ତ୍ତନମଣ୍ଡଳୀର ସମସ୍ତ ସଭ୍ୟ, ୨୨ ଦିଗଭାଗ ସର୍ବକଟୁଆଳ ଗୋପୀନାଥ ସାହୁ ଓ ଶିଖରପୁର ଅଧିକାରୀ ଗଣେଶଚନ୍ଦ୍ର ରାଉତଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ବିନୋଦ ଦାସ, ଶିବେନ୍ଦ୍ର ହାତୀ, କର୍ପୋରେଟର ଦୀପକ ଦାସ, ଇତିଶ୍ରୀ ଦାସଙ୍କ ସହିତ ସ୍ୱଦେଶ ଦାସ ଓ ବିଶ୍ୱଜିତ ସ୍ୱାଇଁଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର




ସଭାପତି ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ସମ୍ପାଦକ ଅମ୍ବିକା ସାମଲଙ୍କ ସହ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଜଷ୍ଟିସ ବୀରକିଶୋର ରାୟ ସ୍ମୃତିସନ୍ଧ୍ୟା

# ଅନନ୍ୟ ଥିଲେ ଜଷ୍ଟିସ ବୀରକିଶୋର

**କଟକ, ୨୬।୭(ସମିସ):** ଜଷ୍ଟିସ ବୀରକିଶୋର ରାୟ ଓଡ଼ିଶାର ଅନେକ କ୍ଷେତ୍ରରେ ପ୍ରଥମ ଭାବରେ ଗୌରବ ଅର୍ଜନ କରିଥିଲେ। ଓଡ଼ିଶାର ପ୍ରଥମ ଆଡଭୋକେଟ ଜେନେରାଲ ଓ ପ୍ରଥମ ମୁଖ୍ୟ ବିଚାରପତି ଭାବରେ ତାଙ୍କ କୃତିତ୍ୱ ରହିଛି। ରବିବାର ସଂଧ୍ୟାରେ



ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଜଷ୍ଟିସ ବୀରକିଶୋର ରାୟଙ୍କ ସ୍ମୃତିସଭାରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। ଜଷ୍ଟିସ ବୀରକିଶୋର ରାୟ ସ୍ମୃତି ସଂସଦ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର୍ ଆସୋସିଏସନ୍ ସଭାପତି ଲଳାଟେନ୍ଦୁ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ ମୁଖ୍ୟଅତିଥି ଓ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଓଡ଼ିଶାର ଆଇନ ବ୍ୟବସ୍ଥା, ସାରସ୍ୱତ ପରିମଣ୍ଡଳ ଓ ସାଂସ୍କୃତିକ କ୍ଷେତ୍ରକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା ଦିବସ ଓ ତାଙ୍କ ଦେହାନ୍ତ ଦିବସ ଗୋଟିଏ ତାରିଖରେ ହେବା ଏକ ବିରଳ ସଂଯୋଗ। ଉତ୍କଳ ସାହିତ୍ୟ ସମାଜର ସଭାପତି ପଦ ମଣ୍ଡନ କରିବା ମଧ୍ୟ ତାଙ୍କ ଜୀବନର ଏକ ଉଲ୍ଲେଖନୀୟ ଘଟଣା। ଜଷ୍ଟିସ ବୀର କିଶୋର ରାୟ ସ୍ମୃତି ସଂସଦର ସମ୍ପାଦକ ଆଇନଜୀବୀ ବିଜୟ କୁମାର ରଗଡ ଅତିଥି ପରିଚୟ ଦେଇଥିବା ବେଳେ ଓଡ଼ିଶା ଆଇନଜୀବୀ ପରିଷଦ ସଭ୍ୟ ଲକ୍ଷ୍ମୀ ନାରାୟଣ ପଟେଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବର୍ଷାଋତୁରେ ଚାଲିଛି ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟ

**ନିଶ୍ଚିନ୍ତକୋଇଲି, ୨୬।୭ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧୀନରେ ଥିବା କେନ୍ଦ୍ରାପଡା କେନାଲ ୭ନମ୍ବର ଶାଖା କେନାଲର ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟ ବର୍ଷାଋତୁରେ କରାଯିବା ନେଇ ଅଭିଯୋଗ ହୋଇଛି। ଠିକାଦାରଙ୍କ ଉପରେ



## ଜମିକୁ ପାଣି ପହଞ୍ଚିବା ନେଇ ଚାଷୀ ଆଶଙ୍କାରେ

ବିଭାଗର ନିୟନ୍ତ୍ରଣ ନଥିବାରୁ ଏଭଳି ଅବସ୍ଥା ଦେଖାଯାଇଥିବା ଆଲୋଚନା ହେଉଛି। ଏହି ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନଥିବାରୁ କେନାଲରେ ପାଣି ଯାଇ କ୍ଷେତ ଜଳସେଚନ ହେବାର ସମସ୍ୟା ଉପୁଜିବାର ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ୭ନମ୍ବର କେନାଲର ରକ୍ଷଣାବେକ୍ଷଣା ଦାୟିତ୍ୱ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ରହିଛି। ଏହି କେନାଲର ଉଭୟ ପାଶ୍ୱର୍ରେ ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟ ନିମନ୍ତେ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା ବେଳେ ସ୍ଥାନୀୟ ବିଧାୟକ ଗତ ଫେବ୍ରୁଆରୀ ୫ ତାରିଖ ଏହି ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଥିଲେ। ତେବେ, କୌଣସି ସୂଚନା ଫଳକ ଦିଆ ନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଛି। ଠିକାଦାର ନିଜ ମର୍ଜିରେ ଓ ଅତ୍ୟନ୍ତ ମନ୍ଥର ଗତିରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ଏବେ ଲଘୁଚାପ ଜନିତ ଲଗାଣ ବର୍ଷାରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ବ୍ୟୟ ଅଟକଳ ଅନୁଯାୟୀ କାର୍ଯ୍ୟ କରାଯାଉନଥିବାର ଅଭିଯୋଗ ହୋଇଛି। ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ, ଠିକାଦାରଙ୍କ ଏହି ମନମର୍ଜି ପାଇଁ ଜଳସେଚନ ବିଭାଗ ପକ୍ଷରୁ ପାଣି ଛଡା ଯାଉନାହିଁ। ଯାହାଦ୍ୱାରା ଚାଷ କାର୍ଯ୍ୟରେ ବହୁ ବିଳମ୍ବ ହେଉଛି। କ୍ଷେତରେ ପାଣି ନଥିବାରୁ ଚାଷୀ ହାତବାନ୍ଧି ବସିଛି। ପ୍ରଶାସନ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତୁରନ୍ତ କେନାଲରେ ପାଣି ଛାଡିବାକୁ ଚାଷୀ ମହଲରେ ଦାବି ହୋଇଛି।




## ଲହଡ଼ି ମାରୁଛି ବର୍ଷାପାଣି



## ଜଳ ନିଷ୍କାସନ ପଥ ଅବରୋଧ; ଦୁର୍ଦ୍ଦଶାରେ ୨୫ ପରିବାର

**କଟକ, ୨୬।୭(ସମିସ):** କଟକ ସହର ଉପକଣ୍ଠ ତଥା କଟକ-ପାରାଦୀପ ଜାତୀୟ ରାଜପଥ ସଂଲଗ୍ନ ଗତିରାଉତପାଟଣା ମଠସାହି ଏବେ ମଣିଷକୃତ ଜଳବନ୍ଦୀର ଶିକାର ହୋଇଛି। ବର୍ଷା ହେଲେ ସାହିର ରାସ୍ତାଘାଟ ଜଳମଗ୍ନ ହୋଇପଡୁଛି। ଦୀର୍ଘଦିନ ଧରି ଡ୍ରେନେଜ



### କଟକ-ପାରାଦୀପ ରାସ୍ତା ଅବରୋଧ ଚେତାବନୀ

ବ୍ୟବସ୍ଥା ଅଚଳ ହୋଇପଡ଼ିଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ପ୍ରାୟ ୨୫ଟି ପରିବାର, ବିଶେଷକରି ବହୁ ବୟସ୍କ ନାଗରିକ, ମହିଳା ଓ ଶିଶୁ ଅସହ୍ୟ ଦୁର୍ଦ୍ଦଶା ମଧ୍ୟରେ ଜୀବନ ବିତାଉଛନ୍ତି। ବର୍ଷା ପାଣି ଘର ସମ୍ମୁଖରେ ଓ ରାସ୍ତାରେ ଦିନ ଦିନ ଧରି ଜମି ରହୁଛି। ଗତ ବର୍ଷ ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, କଟକ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଅଭିଯୋଗ ପରେ କୌଣସି ଦୀର୍ଘମିଆଦି ପଦକ୍ଷେପ ନିଆଯାଇ ନଥିବାରୁ ଲୋକଙ୍କ ଅସନ୍ତୋଷ ବଢ଼ିଚାଲିଛି। ଯଦି ଶୀଘ୍ର ସମସ୍ୟାର ସମାଧାନ ନ ହୁଏ, ତେବେ ସ୍ଥାନୀୟବାସିନ୍ଦା କଟକ-ପାରାଦୀପ ଜାତୀୟ ରାଜପଥ ଅବରୋଧ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ

# 'ପାଠ୍ୟ ପୁସ୍ତକରେ ଅକ୍ଷମଣୀୟ ତ୍ରୁଟି ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ'

**କଟକ, ୨୬।୭(ସମିସ)**

ନିଟ ପ୍ରଶ୍ନପତ୍ର ଲିକ୍ ବିଭ୍ରାଟ ଯୋଗୁଁ ସୃଷ୍ଟି ହୋଇଥିବା ମାନସିକ ଚାପ କାରଣରୁ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେନେଇ ଏଯାବତ ସରକାର କୌଣସି ଆର୍ଥିକ ସହାୟତା ଘୋଷଣା ନ କରିବା ଅତ୍ୟନ୍ତ ପରିତାପର ବିଷୟ। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଂଯୋଜନା ଏବଂ କଟକ ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତିରଂଜନ ନାୟକଙ୍କ ନେତୃତ୍ୱରେ ମହମବତି ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କଲେଜ ଛକସ୍ଥିତ ନେତାଜୀ ସୁଭାଷ ବୋଷ ପ୍ରତିମୂର୍ତ୍ତି ନିକଟରୁ ମହମବତି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

ନିଟ୍-ୟୁଜି ପରୀକ୍ଷାରେ ହୋଇଥିବା ଗୋଳମାଳ ଓ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ନବୀନ ପଟ୍ଟନାୟକ କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳନା ସଂସ୍ଥା ଉପରେ ବର୍ଷିଛନ୍ତି। ବିଜୁ ଜନତା ଦଳ ନିଟ୍ ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତାର ଏକ ଉଚ୍ଚସ୍ତରୀୟ ଏବଂ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛି। ଏନ୍‌ଟିଏର କାର୍ଯ୍ୟଦକ୍ଷତା ଏବଂ ପାରଦର୍ଶିତା ଉପରେ ପ୍ରଶ୍ନ ଉଠାଇଛି କଟକ ଜିଲ୍ଲା ବିଜୁ ଜନତା ଦଳ। ସେହିପରି ଓଡ଼ିଶା



### ମୃତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ବିଜୁ ଯୁବ-ଛାତ୍ର ଦଳର ମହମବତି ଶ୍ରଦ୍ଧାଞ୍ଜଳି

ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ନୂଆ ପାଠ୍ୟପୁସ୍ତକଗୁଡ଼ିକରେ ବହୁସଂଖ୍ୟକ ଭୁଲ୍ ସାମ୍ନାକୁ ଆସିଛି। ତେଣୁ ଓଡିଶା ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନ ଦେଲେ ଭାରତରେ ଯେପରି ଧର୍ମେନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀଙ୍କ ରୋଷର ଶିକାର ହେଲେ ସେହିପରି ଶ୍ରୀଯୁକ୍ତ ଗଣ୍ଡ ଦଣ୍ଡ ଭୋଗିବେ ବୋଲି ବିଜେଡି କହିଛି। ଏହି ଶୋଭାଯାତ୍ରାରେ ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା, ପ୍ରଶାନ୍ତ ନାୟକ, ସମ୍ପାଦକ ପ୍ରଦୀପ୍ତ ଖୁଣ୍ଟିଆ, କଟକ ମହାନଗର ଜିଲ୍ଲା ସଭାପତି ଆଡ଼ଭୋକେଟ ସ୍ୱଦେଶ ଦାସ, କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା, କଟକ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ସିଂହ, କଟକ ଜିଲ୍ଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ରଣା, ମିତାଲି ଭଞ୍ଜ, ବିଷ୍ଣୁ ସାହୁ, ଜଗନ୍ନାଥ ସ୍ୱାଇଁ, ସେକ ରିୟାଜୁଲ୍ଲା, ଦେବେନ୍ଦ୍ର କାହାଳି, ଇତିଶ୍ରୀ ଦାସ, ଭୋପା ସାମଲ, ଦୀପା ପଟ୍ଟନାୟକ, କବିତା ଖଣ୍ଡେଇ, ଗୀତାଞ୍ଜଳି ନାୟକ, ତନୁଜା ଖୁଣ୍ଟିଆ, ଅନୁପମା ବେହେରା, ସତ୍ୟବ୍ରତ ପଟ୍ଟନାୟକ, ଯୁଧିଷ୍ଠିର ବିଶ୍ୱାଳ, ପ୍ରତାପ ନାୟକ, ରେଣୁକା ମହାନ୍ତି, ଅଜୟ ରାଉତ, ଭବାନୀ ଶଙ୍କର ଦାସ, ସୋଏବ ମହମ୍ମଦ, ପ୍ରଭାତ ଜେନା, ଜ୍ଞାନରଞ୍ଜନ ଜେନା, ରାକେଶ ବେହେରା, କୁମାର ପଲ୍ଲୀପ୍ରକାଶ, ଅରୁଣ ରାଓ, ସୁମିତ ସାମଲ, ବିକାଶ ସାହୁ ଉପସ୍ଥିତ ଥିଲେ।

### ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ଅନିୟମିତତା

# ପ୍ରୋତ୍ସାହନ ରାଶି ଅପେକ୍ଷାରେ ୩ ଶହ ମହିଳା

**ଖଇରା,୨୬।୭(ସମିସ)**




ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନରେ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ୩ ଶହରୁ ଉର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତିଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରୋତ୍ସାହନ ରାଶି ମିଳିନଥିବା ଅଭିଯୋଗ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ମିଳିତ ଭାବେ ପରିଚାଳିତ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ୪ ପର୍ଯ୍ୟାୟରେ ଗର୍ଭବତୀ ଓ ପ୍ରସୂତିଙ୍କୁ ପ୍ରଦାନ କରାଯାଇଥାଏ ପ୍ରୋତ୍ସାହନ ରାଶି। ପୁଅ ହେଲେ ୧୦ହଜାର ଓ ଝିଅ ହେଲେ ୧୨ ହଜାର ଟଙ୍କା ପ୍ରସୂତିଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥାଏ। ଏଥି ମଧ୍ୟରେ ଗର୍ଭଧାରଣର ୪ମାସ ମଧ୍ୟରେ ପଞ୍ଜୀକରଣ ଏବଂ ଆବଶ୍ୟକ ଟିକାକରଣ ୨ ପର୍ଯ୍ୟାୟରେ ୬ହଜାର ଓ ଜନ୍ମ ପରେ ୪ମାସ ମଧ୍ୟରେ ୨ ପର୍ଯ୍ୟାୟରେ ୪ ହଜାର ବା ୬ ହଜାର ମିଳିବା କଥା। ୨ପିଲା ପର୍ଯ୍ୟନ୍ତ ଏହି ଅର୍ଥ ପ୍ରଦାନ ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଛି। ହେଲେ ଏବେ ୩୭ ପଞ୍ଚାୟତରୁ ମିଳିଥିବା ତଥ୍ୟ ଅନୁଯାୟୀ ଏବେ ସୁଦ୍ଧା ପାଖାପାଖି ୧୭୫ଜଣଙ୍କୁ ପ୍ରଥମ ପର୍ଯ୍ୟାୟ ପଇସା ମିଳିନଥିବାବେଳେ ବାକି ୧୨୫ଜଣ ଦ୍ୱିତୀୟ ପର୍ଯ୍ୟାୟ ପଇସାକୁ ଚାତକ ଭଳି ଚାହିଁ ବସିଛନ୍ତି। ଯାହା ଫଳରେ ବହୁ ଗର୍ଭବତୀ ଓ ପ୍ରସୂତି ସମନ୍ୱିତ ଶିଶୁ ବିକାଶ ଓ ସେବା କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେଉଛନ୍ତି। ୪ମାସ ନୁହେଁ ଗତ ୨୦୨୫ ମାର୍ଚ୍ଚ ମାସରୁ ପିଲା ଜନ୍ମ ହୋଇ ସାରିଥିଲେ ହେଁ ଏ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ଏକାଉଣ୍ଟକୁ ଆସିନଥିବା ନେଇ କୁରୁଣ୍ଟା ଗ୍ରାମର ପ୍ରସୂତି କରିସ୍ମା ବାରିକ ଅଭିଯୋଗ କରିଛନ୍ତି। ସେହିଭଳି ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇ ଯାଇଥିଲେ ହେଁ ବାରମ୍ବାର ଦୌଡ଼ି ମଧ୍ୟ କିଛି ଲାଭ ମିଳିନାହିଁ ବୋଲି ଦ୍ୱିତୀୟ ପର୍ଯ୍ୟାୟ ପ୍ରୋତ୍ସାହନ ରାଶିରୁ ବଞ୍ଚିତ ନୟାଖଣ୍ଡି ଗ୍ରାମର ସସ୍ମିତା ନାୟକ ଓ ରଶ୍ମୀରେଖା ନାୟକ କହିଛନ୍ତି। ଏ ସମ୍ପର୍କରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଉର୍ମିଳା ବେହେରାଙ୍କୁ ଯୋଗାଯୋଗ କରିବାରେ ଯେଉଁ ମାନଙ୍କର ବକେୟା ଅଛି ସେମାନେ କାର୍ଯ୍ୟାଳୟକୁ ଆସିଲେ କାହାର କ'ଣ ଅସୁବିଧା ଅଛି ସେ ସମ୍ପର୍କରେ ଅବଗତ ହୋଇ ପଦକ୍ଷେପ ନେଇ ପାରିବେ ବୋଲି କହିଛନ୍ତି।

# ତୃତୀୟ ଶ୍ରୀକ୍ଷେତ୍ରର ନୀଳାଦ୍ରି ବିଜେ, ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ

**ନୀଳଗିରି,୨୬।୭ (ସମିସ):** ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା ୨ଦିନ ଧରି ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମ ଦିନରେ ଶ୍ରଦ୍ଧାଳୁ ରଥଟାଣି ବଡ଼ଦାଣ୍ଡ ଶଙ୍କରାଖୁଣ୍ଟା ପୋଖରୀ ପାଶ୍ୱର୍ରେ ପହଞ୍ଚାଇଥିଲେ। ଅଧା ବାଟରେ ଚତୁର୍ଦ୍ଧାମୂର୍ତ୍ତି ଗୋଟିଏ ରାତି ବିତାଇବା ପରେ ଶେଷଦିନ ତଥା ରବିବାର ଅପରାହ୍ଣରେ ପୁଣି ଥରେ ବାହୁଡ଼ାଯାତ୍ରା ଆରମ୍ଭ ହୋଇଥିଲା। ସେବାୟତ, ଭକ୍ତ, ଶ୍ରଦ୍ଧାଳୁ ଜୟ ଜଗନ୍ନାଥ ଧ୍ୱନି ଦେଇ ଢୋଲ, ମହୁରୀ, ଶଙ୍ଖ, ହୁଳହୁଳି ପକାଇ ରଥକୁ ଟାଣି ଶ୍ରୀମନ୍ଦିର ସମ୍ମୁଖରେ ଶାନ୍ତିଶୃଙ୍ଖଳା ଭିତରେ ପହଞ୍ଚାଇଥିଲେ। ଏହି ବାହୁଡ଼ାଯାତ୍ରାରେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସମେତ ବିଜେଡି ରାଜ୍ୟ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ,



ପୂର୍ବତନ ବିଧାୟକ ଙ୍କ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ ମଲିକ, ଏନ୍ଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାହୁଡ଼ାଯାତ୍ରାକୁ ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା ପରିଚାଳନା କରିଥିଲେ। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ। ଶେଷରେ ଯଥା ରୀତିନୀତି ଅନୁସାରେ ଲକ୍ଷ୍ମୀନାରାୟଣ ଭେଟ, ଅଧରପଣା, ବୀଭିଷଣ ବନ୍ଦାପନା, ନୀଳାଦ୍ରି ବିଜେ, ମା' ଲକ୍ଷୀଙ୍କ ମାନଭଞ୍ଜନ, ରସୋଗଲା ଭୋଗ କରାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା।

# ଜଳିଗଲା କୋଲକାତା ଫର୍ଣ୍ଣିଚର

**ରେମୁଣା,୨୬।୭(ସମିସ):** ରେମୁଣା ଗୋଲାଇସ୍ଥିତ ୧୧ ନମ୍ବର ୱାର୍ଡରେ ଗତକାଲି ବିଳମ୍ବିତ ରାତ୍ରିରେ ସନ୍ତୋଷ ଦାଶଙ୍କ ଘରେ ଥିବା କୋଲକାତା ଫର୍ଣ୍ଣିଚର କାରଖାନାରେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗି ପାଖାପାଖି ଦଶଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଫର୍ଣ୍ଣିଚର ପୋଡ଼ି ପାଉଁଶ ହୋଇଯିବା ସହିତ ଘରର ମାଲିକ ସନ୍ତୋଷ ଦାଶଙ୍କ ଯାବତୀୟ ଆସବାବପତ୍ର ଓ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଏ ନେଇ ଘରର ମାଲିକ ସନ୍ତୋଷ ଦାଶ ସୂଚନା ଦେଇଛନ୍ତି। ପ୍ରଥମେ ସମସ୍ତ ଗ୍ରାମବାସୀ ଆସି ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ, ପରେ ଅଗ୍ନିଶମ ବାହିନୀ ଆସି ନିଆଁକୁ ଲିଭାଇଥିଲା।

# ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା



**ବାଲେଶ୍ୱର,୨୬।୭(ସମିସ):** ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଏବଂ ଛାତ୍ରଛାତ୍ରୀଙ୍କ ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟ ନେଇ ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଭିଜନ ବାଲେଶ୍ୱର' ପକ୍ଷରୁ ସହରର ମଲ୍ଲୀକାଶପୁରସ୍ଥିତ ଶାନ୍ତିକାନନ ପରିସରରେ ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଶ୍ରୀ ଜଗନ୍ନାଥଙ୍କର ୩୨ ବେଶ ଓ ରଥଯାତ୍ରାରେ ମହାପ୍ରଭୁ ବିଷୟକୁ ନେଇ ଚିତ୍ରାଙ୍କନ କରିଥିଲେ। ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ସଭାପତି ଚନ୍ଦ୍ରକାନ୍ତି ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବ୍ଲକ୍ ଅଧ୍ୟକ୍ଷା ସୁନିତା ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବୀର ଆଖଡ଼ା ସଂଘ ସଭାପତି ଗୋପୀନାଥ ଶତପଥି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା, ବାଲେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି କେଶବ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ଆଇନ ପରାମର୍ଶ ଦାତା ବିଜୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ଧୀରେଜ କୁମାର ଦାସ ଧନ୍ୟବାଦ ଦେବା ସହିତ ଛାତ୍ରଛାତ୍ରୀଙ୍କୁ ଆଧ୍ୟାତ୍ମିକବାଦୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ବିଦ୍ୟା ଆଦାଲିପି ମଲ୍ଲିକ ପ୍ରଥମ, ଝଗଡ଼ ପାଢ଼ୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାହେଶ୍ୱରୀ ଗନ୍ତାୟତ ଦ୍ୱିତୀୟ, ବୈଦ୍ୟନାଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଦିପ୍ତୀରେଖା ରଣା ତୃତୀୟ, ସେହିପରି ବରିଷ୍ଠ ବର୍ଗରେ ଶକୁନ୍ତଳା ଉଚ୍ଚ ବିଦ୍ୟାଳୟର ଛାତ୍ର ପଙ୍କଜ ବେହେରା ପ୍ରଥମ, ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ସତ୍ୟଜିତ ମହାରଣା ଦ୍ୱିତୀୟ, ବାସନ୍ତୀ ସିନ୍ଧିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ କୁମାରୀ ସୋନାଲି ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ସଂଗଠନ ପକ୍ଷରୁ ଯୋଗ୍ୟତା ପ୍ରମାଣପତ୍ର ଓ ଟ୍ରଫି ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ଜିତେନ୍ଦ୍ର ମହାନ୍ତି, କୁନାଲ ବେହେରା, ବିରଞ୍ଚି କୁମାର ପ୍ରଧାନ, ଅଜୟ ନାୟକ, ପ୍ରମୋଦ ସାହୁ, ହର୍ଷ ଖଣ୍ଡେଲୱାଲ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଯଶରାଜ ଜେନା, ଦିଶା ଅପର୍ଣ୍ଣା, ରାଶି ହଲଦାର, ଏସ୍‌କେ ଆରିଫଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ କଳା ଶିକ୍ଷକ ବିଭୂତି ପ୍ରାସାଦ ଦାସ ଓ ଦୀପକ ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିଲେ।

# ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟରେ ନୟନା ମନ୍ତ୍ରୀ ପ୍ରତିଭା ସମ୍ମାନ ଉତ୍ସବ



**ବାଲେଶ୍ୱର,୨୬।୭(ସମିସ):** ସଦର ବ୍ଲକ୍ ଫୁଲାଡ଼ିସ୍ଥିତ ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟ ପରିସରରେ ନୟନା ମନ୍ତ୍ରୀ ସ୍ମାରକୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ପୌରୋହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡକ୍ଟର କୁଳମଣି ନାୟକ ମୁଖ୍ୟ ଅତିଥି ଏବଂ ଫୁଲୱାରକସବା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇପ୍‌ସିତା ରଣା ଓ ଶିକ୍ଷକ ଶିବାଶିଷ ବେହେରା, ନଗ୍ରମସ୍ଥିତ ମା' ମଙ୍ଗଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଉଷାରାଣୀ ଦାସ ଓ ରାଧାରଣୀ ସିଂହ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରୀଙ୍କ ପ୍ରତିଭା ବିକାଶ ନିମନ୍ତେ ଟ୍ରଷ୍ଟର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହା ଦ୍ୱାରା ଗ୍ରାମାଞ୍ଚଳର ପିଲାଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଉତ୍କଳ ସମାଜ ସଂଗଠନର ସମ୍ପାଦକ ଡକ୍ଟର ଭାସ୍କର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱର୍ଗତା ନୟନା ମନ୍ତ୍ରୀ ୨୦୨୪ ମସିହାରେ କ୍ୟାନସର ରୋଗରେ ପ୍ରାଣତ୍ୟାଗ କରିଥିଲେ। ତାଙ୍କର ତାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ପ୍ରତ୍ୟେକ ବର୍ଷ ହାଇସ୍କୁଲ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ନୟନା ମନ୍ତ୍ରୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି। ସ୍ୱର୍ଗତାଃ ମନ୍ତ୍ରୀଙ୍କ ସ୍ୱାମୀ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଜଗବନ୍ଧୁ ମନ୍ତ୍ରୀ, କନ୍ୟା ଇପସିତା ପ୍ରିୟଦର୍ଶିନୀ ଓ ଶ୍ୱେତା ପ୍ରିୟଦର୍ଶିନୀ, ଜାମାତା ସତ୍ୟବ୍ରତ ବାରିକ, ପିତା ନିରଞ୍ଜନ ଜେନା, ପୁତୁରା ତନ୍ମୟ ମନ୍ତ୍ରୀ ଓ ଭାଇ ପ୍ରଦୀପ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଭା ସମ୍ମାନ ପ୍ରଦାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷର ନଗ୍ରମ ପଞ୍ଚାୟତର ମାଟ୍ରିକ ଟପ୍ପର ମା' ମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ଆରୋସ୍ମିତା ରାଉତଙ୍କୁ ପ୍ରଥମ ପୁରସ୍କାର ଭାବେ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ପୁରସ୍କାର ଭାବେ ପଞ୍ଚାୟତ ହାଇସ୍କୁଲର ଛାତ୍ର ଅନୁରାଗ ସେନାପତି ଓ କାଳୀଶଙ୍କର ପରିଡ଼ା, ମା' ମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ଅଙ୍କିତା ପ୍ରିୟଦର୍ଶିନୀ ବେହେରା ଓ ଆହ୍ୱାନା ରାଉତ ଏବଂ ଆନନ୍ଦମାର୍ଗ ବିଦ୍ୟାଳୟର ଛାତ୍ର ବିକାଶ ହାଁସଦାଙ୍କୁ ଅର୍ଥରାଶି, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟର ଶିକ୍ଷକ ରାଧାଗୋବିନ୍ଦ ଜେନା ଏଥିରେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବନ୍ଦିତା ଦାସ, ନିରଞ୍ଜନ ଭୂୟାଁ, ନିବେଦିତା ପାଣିଗ୍ରାହୀ, ରାଜୀବ ରଞ୍ଜନ ରାଉତ, ସଞ୍ଜୟ କୁମାର ଦାସ, ପରମେଶ୍ୱର ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ପ୍ରତିଭା ସମ୍ମାନ ପ୍ରଦାନର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ମାହେଶ୍ୱରୀ ସମାଜ ପକ୍ଷରୁ ଆକ୍ୟୁପ୍ରେସର ଚିକିତ୍ସା ଶିବିର ଆରମ୍ଭ



**ବାଲେଶ୍ୱର,୨୬।୭(ସମିସ):** ରାଜସ୍ଥାନର ହନୁମାନଗଡ଼ସ୍ଥିତ ରାମକୃଷ୍ଣ ଲୋକିଆ ଟ୍ରଷ୍ଟ ସହଯୋଗରେ ବାଲେଶ୍ୱରର ମାହେଶ୍ୱରୀ ସମାଜ ପକ୍ଷରୁ ଏକ ଆକ୍ୟୁପ୍ରେସର ଚିକିତ୍ସା ଶିବିର ସ୍ଥାନୀୟ ମାହେଶ୍ୱରୀ ଭବନରେ ଉଦ୍‌ଘାଟିତ ହୋଇଯାଇଛି। ମାହେଶ୍ୱରୀ ସମାଜର ବରିଷ୍ଠ ସଦସ୍ୟ ସୁଶୀଲ ରାଠୀ, ଦାଉ ଦୟାଲ ଚଣ୍ଡକ, ଶ୍ୟାମ ଝାବର, ଯୁଗଲ କିଶୋର ରାଠୀ, କିଶନ ଗୋପାଲ ସାରଡା, ମହିଳା ଶାଖା ସଭାନେତ୍ରୀ ନୀଳିମା ରାଠୀ ପ୍ରମୁଖ ଉପସ୍ଥିତ ରହି ୬ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥଲେ। ବାଲେଶ୍ୱର ମାହେଶ୍ୱର ସଭାର ସଭାପତି ନବୀନ ଚଣ୍ଡକ ଏଥିରେ ପୌରହିତ୍ୱ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲ। ସମ୍ପ୍ରତି ରାମ କୃଷ୍ଣ ଲୋକିଆ ଟ୍ରଷ୍ଟ ଦେଶର ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ ସହ ଆକ୍ୟୁପ୍ରେସର ଚିକିତ୍ସା ଦୂରାରୋଗ ନିରାକରଣର ବିକଳ୍ପ ଦିଗ ଉପରେ କାର୍ଯ୍ୟକରୁଛି ବୋଲି କହିଥିଲେ। ରାମକୃଷ୍ଣ ଲୋକିଆ ଟ୍ରଷ୍ଟର ଆକ୍ୟୁପ୍ରେସର ଚିକିତ୍ସକ ଡାକ୍ତର ଚାୟାନନ୍ ଏହି ଶିବିରରେ ରୋଗୀଙ୍କୁ ଉପାଦେୟ ପରାମର୍ଶ ଦେବା ସହିତ ଏହି ବିକଳ୍ପ ଚିକିତ୍ସା ପ୍ରଣାଳୀର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ମାହେଶ୍ୱରୀର ସଭାର କୋଷାଧ୍ୟକ୍ଷ ନବରତନ ରାଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରେ ମାହେଶ୍ୱରୀ ସମାଜର ସଦସ୍ୟ ସଦସ୍ୟାଙ୍କ ସମେତ ବାଲେଶ୍ୱର ସହରର ବିଭିନ୍ନ ବର୍ଗର ଲୋକେ ଏହି ଶିବିରରେ ନିଜସ୍ୱ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆକ୍ୟୁପ୍ରେସର ଚିକିତ୍ସା କରାଇଥିଲେ।

# ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ସିମୁଳିଆ,୨୬।୭(ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ୍ ମଇତାପୁର ପଞ୍ଚାୟତ କମାରପାଟଣା ଗ୍ରାମରେ ପାରିବାରିକ କଳହକୁ ନେଇ ପଞ୍ଚାନନ ଶିଆଳଙ୍କ ପୁତ୍ର ଖଗେନ୍ଦ୍ର ଶିଆଳ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ରଶି ଲଗାଇଥିବା ଦେଖିବାକୁ ପରେ ପରିବାର ଲୋକେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିମୁଳିଆ ପୁଲିସ ଶବକୁ ଜବତ କରି ୨୩/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଷ୍ଟ ମର୍ଟମ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ହାତୀ ଆକ୍ରମଣରେ ଦମ୍ପତି ଗୁରୁତର

**ସୋର,୨୬।୭(ସମିସ):** ସୋର ବ୍ଲକ ବାଘଆମ୍ପୁଡ଼ା ଗ୍ରାମରେ ବିଲରୁ କାମ ସାରି ଫେରୁଥିବା ବେଳେ ହାତୀ ଆକ୍ରମଣରେ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସୋର ଥାନା ବାଘଆମ୍ପୁଡା ଗ୍ରାମର ଅରୁଣ ବିନ୍ଧାଣି(୪୦) ଓ ତାଙ୍କ ସ୍ତ୍ରୀ କୁନି ବିନ୍ଧାଣି (୩୫)। ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାରେ ଅରୁଣ ଓ କୁନି ବିଲ କାମ ସାରି ଘରକୁ ଫେରୁଥିବା ବେଳେ ବର୍ଷା କାରଣରୁ ଗଛ ମୂଳରେ ଅଟକି ରହି ଯାଇଥିଲେ। ଏହି ସମୟର ଏକ ଦନ୍ତା ହାତୀ ହଠାତ ଉଭୟଙ୍କୁ ଆକ୍ରମଣ କରିଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଖୁଣ୍ଟା ପାଟଣା ଫରେଷ୍ଟ ଗାର୍ଡମାନେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଅଧିକ ଗୁରୁତର ହେବାରୁ ଉଭୟଙ୍କୁ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଏହି ଭଳି ହାତୀ ଆକ୍ରମଣ ବାରମ୍ବାର ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳି ଯାଇଛି।

# ଓୟୁଜେ ପକ୍ଷରୁ କାର୍‌ଗିଲ୍ ବିଜୟ ଦିବସ



**ବାଲେଶ୍ୱର,୨୬।୭(ସମିସ):** ଦେଶ ମାତୃକାକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସୀମାନ୍ତରେ କାର୍ଯ୍ୟ କରୁଥିବା ଓ ପ୍ରାଣବଳି ଦେଉଥିବା ବୀର ଯବାନଙ୍କ ବଳିଦାନ କେବେ ବି ବ୍ୟର୍ଥ ଯିବ ନାହିଁ। କୃତଜ୍ଞ ରାଷ୍ଟ୍ର ସର୍ବଦା ସେମାନଙ୍କ ସ୍ମୃତି ଚାରଣ କରୁଥିବ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତ ବ୍ୟକ୍ତ କରିଛନ୍ତି। ଆଜି ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଶହୀଦ ପାର୍କ ଠାରେ କାରଗିଲ ବିଜୟ ଦିବସ ପାଳନ କରାଯାଇ ବୀର ଯବାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ ଯୋଗ ଦେଇ କହିଲେ ଯେ, ପାକିସ୍ଥାନ ସୈନ୍ୟ ଓ ସନ୍ତ୍ରାସବାଦୀଙ୍କ ଅନୁପ୍ରବେଶକୁ ଭାରତୀୟ ସେନା ପରାଜିତ କରିଥିଲେ। ଏହି ଦୁଇ ମାସର ଯୁଦ୍ଧରେ ୫୨୭ ଜଣ ଯବାନ ଶହୀଦ ହୋଇଥିଲେ।୧୮ ହଜାର କିଲୋମିଟର ଉଚ୍ଚ ୧୦ ଡିଗ୍ରୀ ତାପମାତ୍ରାରେ ରହି ସେମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିଥିଲା। ଆଜିର ଯୁବ ସମାଜ ଦେଶର ସାର୍ବ ଭୌମତ୍ୱ ,ଏକତା, ଅଖଣ୍ଡତା, ପ୍ରଗତି, ବିକାଶ ପ୍ରତି ଉତ୍ତରଦାୟୀ ହୋଇ କାର୍ଯ୍ୟ କରିବାକୁ ଶ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଚନ୍ଦ୍ରାଂଶୁ ବାନାର୍ଜୀ, ଶିକ୍ଷକ ସଂଗ୍ରାମ କେଶରୀ କର, ବିବେକାନନ୍ଦ ଦାସ ମଧୁସୂଦନ ଦାସ, ହାଇଦର ଖାନ, ଆଜିମ ବାଲେଶ୍ୱରୀ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିଅନର , ସମ୍ପାଦକ ରବିରଞ୍ଜନ ତ୍ରିପାଠୀ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଗାଣ, ମହେଶ୍ୱର ପ୍ରଧାନ, ପ୍ରସନ୍ନଜିତ ଆଶ, ଗଣେଶ କୁମାର ସେଠୀ, ଅଧୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥଲେ। ହାଇଦର ଖାନ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି ଧନ୍ୟବାଦ ଜଣାଇଥିଲେ। ବୀର ଯବାନଙ୍କ ଉପରେ ଆଧାରିତ ଆଜୀମ ବାଲେଶ୍ୱରୀଙ୍କ ସାଏରୀ ବେଶ ଉଚ୍ଚକୋଟୀର ହୋଇଥିଲା।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଉପରେ ଆଲୋଚନା ସଭା



**ଜଳେଶ୍ୱର,୨୬।୭(ସମିସ):** ଚଳିତବର୍ଷ ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ପ୍ରଣୟନ କରିଥିବା ପାଠ୍ୟ ପୁସ୍ତକରେ ହଜାର ହଜାର ଭୁଲ, ବିଶେଷକରି ବନାନଗତ, ତଥ୍ୟଗତ, ମୌଳିକ ଧାରଣା ଭୁଲ ସହିତ ଅବୈଜ୍ଞାନିକ ବିଷୟକୁ କେନ୍ଦ୍ର କରି ଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାବିତଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଏହି ବିଷୟ ଉପରେ ବ୍ୟାପକ ତର୍ଜମା କରିବା ପାଇଁ ଆଜି ଶିକ୍ଷା ବଞ୍ଚାଓ କମିଟି ଜଳେଶ୍ୱର ଚାପ୍ଟର ତରଫରୁ ଭଞ୍ଜ ଭବନ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସାରା ଭାରତ ଶିକ୍ଷା ବଞ୍ଚାଓ କମିଟି ଜଳେଶ୍ୱର ଚାପ୍ଟରର ଆବାହକ ଡଃ ପ୍ରଫୁଲ୍ଲ କୁମାର ଦେ ଆଲୋଚନାଚକ୍ରକୁ ପରିଚାଳନା କରିଥିବା ବେଳେ ଅନ୍ୟତମ ଆବାହକ ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଆଲୋଚକ ଶିକ୍ଷା ବଞ୍ଚାଓ କମିଟି ଓଡ଼ିଶା ରାଜ୍ୟ ଉପସଭାପତି ଡଃ ରମେଶ ନାୟକ ପ୍ରକାଶିତ ପାଠ୍ୟ ପୁସ୍ତକର କେଉଁଠି କି ଭୁଲ ହୋଇଛି ଏବଂ କେଉଁ ଉଦ୍ଦେଶ୍ୟରେ ପରିବର୍ତ୍ତନ ସରକାର କଲେ ସେ ସମ୍ପର୍କରେ ସେ ଆଲୋଚନା କରି କହିଥିଲେ ଯେ ଶିକ୍ଷାକୁ ଘରୋଇକରଣ ଓ ସାମ୍ପ୍ରଦାୟୀକକରଣ କରିବା ପାଇଁ ଅତ୍ୟନ୍ତ ତରବରିଆ ଭାବେ ପାଠ୍ୟ ପୁସ୍ତକ ପ୍ରକାଶ କରି ଭୁଲ କଲେ। ଶିକ୍ଷା ବଞ୍ଚାଓ କମିଟି ରାଜ୍ୟ କମିଟି ସଦସ୍ୟ କ୍ରିଷ୍ଣାରାଣୀ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ଭଞ୍ଜ, ଅକ୍ଷୟ ମିଶ୍ର, ସୁଶାନ୍ତ କୁମାର ଦାସ, ଦିଲ୍ଲୀପ ଗିରି ଆଲୋଚନାରେ ଭାଗ ନେଇଥିଲେ। ଶଙ୍କର୍ଷଣ ମହାନ୍ତି, ପ୍ରମୋଦ ପରିଡ଼ା, ସୁଧୀର କୁମାର କର, ଅଶ୍ୱିନୀ କୁମାର ନାଥ, ନିରାକାର ପାଣ୍ଡବ, ହରେକୃଷ୍ଣ ଦାସ, ଅକ୍ଷୟ ପରିଡ଼ା ଆଲୋଚନାରେ ଅଂଶଗ୍ରହଣ କରି ଶିକ୍ଷାର ଭିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ଶେଷରେ କମିଟିର ଅନ୍ୟତମ ଆବାହକ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁପଦ ଦାସ ଧନ୍ୟବାଦ ଦେଇଥିଲେ।

# ନାହିଁ ନାହିଁରେ ଚାଲିଛି ବ୍ଲକ୍ କାର୍ଯ୍ୟାଳୟ; ୪୮ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି

**ଜଳେଶ୍ୱର ବ୍ଲକ୍,୨୬।୭(ସମିସ)**



ବାଲେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ୍ ଭାବେ ବିବେଚନା କରାଯାଉଥିବା ଜଳେଶ୍ୱର ବ୍ଲକ୍‌ରେ ୪୮ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀ ଏବେ ଖାଲିପଡ଼ିଛି। ଫଳରେ ଏହି କାର୍ଯ୍ୟାଳୟ ଏବେ କେବଳ ନାହିଁ ନାହିଁରେ ଚାଲିଛି। ଖାଲି ଥିବା ପଦବୀ ମଧ୍ୟରୁ ୧୦ଟି ପଞ୍ଚାୟତର ପିଇଓ ଓ ୧୫ଟି ପଞ୍ଚାୟତର ଏଡିଇଓ ପଦବୀରେ କେହି ନାହାନ୍ତି। ଫଳରେ ପଞ୍ଚାୟତିରାଜ ବିଭାଗର କାର୍ଯ୍ୟାନ୍ୱୟନ ଠିକଣା ଢଙ୍ଗରେ ହୋଇପାରୁନାହିଁ। ସରକାରୀ ବ୍ଲକ୍ ଅଫିସ ସହ ୩୫ଟି ଗ୍ରାମ ପଞ୍ଚାୟତ ଅଧୀନରେ ୪୮ ଗୁରୁତ୍ୱପୂର୍ଣ୍ଣ ପଦ ମଧ୍ୟ ଖାଲି ପଡ଼ିଛି।

ବ୍ଲକ୍ ପ୍ରଶାସନ କାମ କରିବ କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳେଶ୍ୱର ବ୍ଲକ୍ ଓ ୩୫ ଗୋଟି ଗ୍ରାମ ପଞ୍ଚାୟତକୁ ମିଶାଇ ସରକାର ୧୩୩ଟି ପଦବୀକୁ ଅନୁମୋଦନ ଦେଇଛନ୍ତି। ତେବେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ମଧ୍ୟରୁ ଗୋଟିଏ ଖାଲି ପଡ଼ିଛି। ସହକାରୀ ଯନ୍ତ୍ରୀ ୫ ଜଣଙ୍କ ସ୍ଥାନରେ ୩ ଜଣ ଅଛନ୍ତି। କନିଷ୍ଠ ଯନ୍ତ୍ରୀ ୧୬ ଜଣ ରହିବା କଥା। ହେଲେ ମାତ୍ର ୮ ଜଣ କାମ କରୁଛନ୍ତି। ବ୍ଲକ୍‌ର ସବୁଠାରୁ ବ୍ୟସ୍ତବହୁଳ ବିଭାଗ କହିଲେ ସାମାଜିକ ସୁରକ୍ଷା ବିଭାଗକୁ ବୁଝାଇଥାଏ। କିନ୍ତୁ ବିଭାଗୀୟ ଅଧିକାରୀ (ବିଏସ୍ଏସ୍ଓ) ପଦବୀ ୮ ମାସ ହେଲା ଖାଲି ପଡ଼ିଛି। ସିନିଅର ଓ ଜୁନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ପଦବୀରେ ୫ ଜଣଙ୍କ ସ୍ଥାନରେ ୨ ଜଣ କାମ କରୁଛନ୍ତି। ୫ଟି ଯାକ ପିଅନ ପଦବୀ ଖାଲି ପଡ଼ିଛି। ସେହିପରି ସର୍ବାଧିକ ପିଇଓ ଓ ଡିଇଓ ପଦବି ଖାଲି ପଡ଼ିଥିବାରୁ ଜଣେ ଜଣେ କର୍ମଚାରୀଙ୍କୁ ଏକାଧିକ ପଞ୍ଚାୟତର ଦାୟିତ୍ୱ ତୁଲାଇବାକୁ ପଡୁଛି। ଏସବୁ ସମସ୍ୟା ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସରକାରୀ ତହବିଲରୁ ମଞ୍ଜୁର ହେଉଥିବା କୋଟି କୋଟି ଟଙ୍କାର ଅନୁଦାନ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ ହୋଇ ପାରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘରକାମ ପଛରେ ପଡ଼ିଥିବାବେଳେ ସିଏଫ୍‌ସି ଓ ଏସ୍ଏସି କାମ ଆରମ୍ଭ ହୋଇପାରୁନାହିଁ। ଠିକ ସେହିପରି ମାଛ ଚାଷ ଓ ପ୍ରଧାନମନ୍ତ୍ରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ନିର୍ମାଣାଧୀନ ଶ୍ରମିକ ମାନଙ୍କର ସହାୟତା ପରି ଅନେକ ଲୋକାଭିମୁଖୀ ଯୋଜନାର ସୁଫଳ ସାଧାରଣ ଲୋକମାନେ ପାଇବାରେ ବଞ୍ଚିତ ହେଉଛନ୍ତି। ସେଥିପ୍ରତି ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଉଛନ୍ତି ନା ବିଭିନ୍ନ ଦଳର ନେତା ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି! ଯାହା ଫଳରେ ଜଳେଶ୍ୱର ବ୍ଲକ୍ କାର୍ଯ୍ୟାଳୟ ଶ୍ରୀହୀନ ହେବାକୁ ଯାଉଛି।

## ଆନ୍ତଃରାଜ୍ୟ ବେଆଇନ ଗୋ-ଚାଲାଣ

# ଟ୍ରକ୍ ଜବତ, ତିନି ଗିରଫ; ୧୭ ଗୋରୁ ଉଦ୍ଧାର



ଟାଙ୍ଗୀ,୨୬।୭(ସମିସ): କଟକ ଜିଲ୍ଲା ଟାଙ୍ଗୀ ଥାନା ବନ୍ଧାଳ ଟୋଲ ଗେଟ୍ ନିକଟରୁ ବେଆଇନ ଗୋ ଚାଲାଣରେ ୧୭ଟି ଗୋରୁ ଉଦ୍ଧାର କରିବା ସହ ଏକ ଟ୍ରକ୍ ସହ ତିନି ଜଣଙ୍କୁ ଗିରଫ କରି ଅଦାଲତ ପଠାଇଛି ଟାଙ୍ଗୀ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପଞ୍ଜାବ ରାଜ୍ୟ ଲୁଧିଆନା ସାହନେୱାଲର ଟ୍ରକ ମାଲିକ ରୂପେନ୍ଦ୍ର ସିଂହ((୩୬), ଦୋରାହା ଲୁଧିଆନାର ଚାଳକ ଯଶୱନ୍ତ ସିଂହ(୩୫) ଓ ତରନତାରନର ହେଲ୍ପର ସାମଶେର ସିଂହ(୨୬)। ପଞ୍ଜାବରୁ ଖୋର୍ଦ୍ଧା ଅଭିମୁଖେ ଏକ ଆଇଚର ଟ୍ରକରେ ଗୋ ଚାଲାଣ ହେଉଥିବା ଟାଙ୍ଗୀ ଥାନା ଖବର ପାଇ ବନ୍ଧାଳ ଟୋଲ ଗେଟ୍ ଯାଞ୍ଚ କରିଥିଲା। ଗାଡ଼ି ସମ୍ମୁଖରେ ହରିଆଣା ନମ୍ବର ଓ ପଛରେ ପଞ୍ଜାବ ନମ୍ବର ଥିବାର ଦେଖିବାକୁ ମିଳିଥିଲା। ଗାଡ଼ିର ଜରିପାଲ ଖୋଲି ୧୭ଟି ଗୋରୁ ମଧ୍ୟରୁ ୧୦ଟି ଜୀବନ୍ତ ଗାଈ, ୬ଟି ଜୀବନ୍ତ ବାଛୁରି ଓ ୧ଟି ମୃତ ବାଛୁରି ଉଦ୍ଧାର କରି ଛତିଆସ୍ଥିତ ଏକ ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି। ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ବିକାଶ କୁମାର ସେଠୀ ଜଣାଇଛନ୍ତି।

## ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋର୍

# ସଦର ବ୍ଲକ୍ କଂଗ୍ରେସର ବିକ୍ଷୋଭ




କଟକ, ୨୬।୭ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ରାଜ୍ୟରେ ପାଠ୍ୟପୁସ୍ତକରେ ତ୍ରୁଟି ଘଟଣାରେ ଓଡ଼ିଶା କ୍ୟାବିନେଟ୍‌ରେ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଜୋର୍ ଧରିଲାଣି। କଟକ ସଦର ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ସଭାପତି ସୀତାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ କନ୍ଦରପୁର ଛକରେ ଏନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ ଓ ରାମଚନ୍ଦ୍ର ଗୋଛାୟତ ବର୍ତ୍ତମାନ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏହାର ନୈତିକ ଦାୟିତ୍ୱ ଗ୍ରହଣ କରି ରାଜ୍ୟ ଶିକ୍ଷାମନ୍ତ୍ରୀ ଅବିଳମ୍ବେ ଇସ୍ତଫା ଦେଇଦେବା ଉଚିତ୍ ବୋଲି କହିଥିଲେ। କଟକ ନଗର (ଜିଲ୍ଲା) ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଳବ ଶିଳାଦିତ୍ୟ ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ ମହାନ୍ତି ଓ ବିଶ୍ୱଜିତ୍ ଦାସ, ମାନସ ପରିଡ଼ା, ଶିଶିର ରଥ ଓ ରାଜେଶ୍ ସ୍ୱାଇଁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରୀତିଛନ୍ଦା କୈବଲ୍ୟ ନାୟକ, ବରିଷ୍ଠ ନେତ୍ରୀ ନଳିନୀ ଉଦଗାତା, ଉଗ୍ରସେନ ଭୂୟାଁ, ନିର୍ମଳ ସ୍ୱାଇଁ ଓ ବିପନ ପଶାୟତ, ନାରୀନେତ୍ରୀ ନୀଳିମା ତ୍ରୀପାଠୀ, ମମତା ସିଂହ ପ୍ରମୁଖ ବିଜେପି ସରକାରଙ୍କ ଛାତ୍ର ମାରଣ ନୀତି ବିରୋଧରେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି କହିଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

ନରସିଂହପୁର, ୨୬।୭ (ସମିସ): ନରସିଂହପୁର-ଅନୁଗୋଳ ରାସ୍ତାର ବୁଢ଼ାବୁଢ଼ୀ ମନ୍ଦିର ନିକଟସ୍ଥ ନୂଆଗଡ଼ ବ୍ରିଜ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ନରସିଂହପୁର ବ୍ଲକ୍ ସରଧାପୁର ପଞ୍ଚାୟତ ନୂଆଗଡ଼ ଗ୍ରାମର ଜିତେନ୍ଦ୍ର ମୁଦୁଲି (୩୪)। ଜିତେନ୍ଦ୍ର ମୁଦୁଲି ଓ ତାଙ୍କ ସାଙ୍ଗ ଅନୁଗୁଳରୁ କାମ ସାରି ଘରକୁ ଫେରିବା ସମୟରେ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନରସିଂହପୁର ଡ଼ାକ୍ତରଖାନାର ଭର୍ତ୍ତି କରାଯିବା ପରେ ଡାକ୍ତର ଜିତେନ୍ଦ୍ରଙ୍କୁ ମୃତୁ ଘୋଷଣା କରିଥିଲେ। ଗୁରୁତର ସଞ୍ଜୀୟ ଗଡ଼ନାୟକ (୩୭)ଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ନୀଳାଦ୍ରି ବିଜେକଲେ ପ୍ରସନ୍ନମଣୀ




ତିଗିରିଆ, ୨୬।୭ (ସମିସ): ୯ ଦିନର ପବିତ୍ର ଘୋଷଯାତ୍ରା ସାରି ତିଗିରିଆ ବ୍ଲକର ଆରାଧ୍ୟ ଠାକୁର ତଥା ଗୁପ୍ତ ଶ୍ରୀକ୍ଷେତ୍ରର ମଉଡ଼ମଣୀ ଶ୍ରୀ ପ୍ରସନ୍ନମଣୀ, ବଡ଼ଭାଇ ବଳଭଦ୍ର ରବିବାର ବିଳମ୍ବିତ ରାତିରେ ନୀଳାଦ୍ରି ବିଜେ କରିଛନ୍ତି। ଗତ କାଲିଠାରୁ ବଡଦାଣ୍ଡର ବଡକୁଅଠାରେ ଅଟକି ରହିଥିବା ତିନି ରଥ ଉପରେ ବିଗ୍ରହମାନଙ୍କ ବିଭିନ୍ନ ନୀତି ସମ୍ପନ୍ନ ପରେ ବଳଗଣ୍ଡି ପୂଜା ହୋଇ ରଥରେ ଦଉଡି ଲାଗି ହୋଇଥିଲା। ପରେ ତିନି ରଥକୁ ଭକ୍ତମାନେ ରାଜବାଟୀସ୍ଥିତ ସିଂହଦ୍ୱାର ସମ୍ମୁଖକୁ ଟାଣି ନେଇଥିଲେ। ବଡଦାଣ୍ଡର ଗୋପୀନାଥ ମଠ ନିକଟରେ ପ୍ରଭୁ ଜଗନ୍ନାଥଙ୍କ ରଥକୁ ଅଟକ ରଖାଯାଇ ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥକୁ ରଥଖଳା ନିକଟରେ ପହଞ୍ଚାଇ ଦିଆଯାଇଥିଲା। ମହାଲକ୍ଷ୍ମୀଙ୍କର ଭେଟ ଓ ବନ୍ଦାପନା ନୀତି ସମ୍ପନ୍ନ ପରେ ମା'ଙ୍କ ବିମାନ ପଛେ ପଛେ ପ୍ରଭୁ ଜଗନ୍ନାଥଙ୍କ ରଥକୁ ଟଣାଯାଇ ରଥଖଳା ନିକଟରେ ପହଞ୍ଚା ଯାଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ସମୟରେ ଲକ୍ଷ୍ମୀ ପାରିଷଦଙ୍କ ଦ୍ୱାରା କବାଟ କିଳା ଓ ଲକ୍ଷ୍ମୀ ନାରାୟଣଙ୍କ କଳି ବଚନିକା ବୋଲା ଆଦି ନୀତି ସମାପ୍ତ ହୋଇଥିଲା। ମହାପ୍ରଭୁ ଶ୍ରୀ ପ୍ରସନ୍ନମଣୀ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ନିମନ୍ତେ ରସଗୋଲା ଦେଇ କବାଟ ଫିଟା ନୀତି ଶେଷ ହେବା ପରେ କଉଡ଼ି ଖେଳ, ଗଇଁଠାଳ ଫିଟା ଆଦି ନୀତି ଶେଷ ପରେ ମହାପ୍ରଭୁଙ୍କୁ ରତ୍ନ ସିଂହାସନ ଅରୋହଣ କରାଯାଇଥିଲା। ରତ୍ନ ସିଂହାସନ ଉପରେ ଶ୍ରୀଜୀଉଙ୍କର ମୁଖସିଂହାର (ବନକ ଲାଗି), ମାଘ ସ୍ନାନ ଆଦି ନୀତି ଶେଷ ପରେ ରାତ୍ର ପହୁଡ଼ କରାଯାଇ ଚଳିତ ବର୍ଷର ଯାତ୍ରାନୀତି ସମାପ୍ତ ହୋଇଥିଲା।

**ନରସିଂହପୁର:** ସେହିପରି ନରସିଂହପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଆଜି ନିଳାଦ୍ରୀ ବିଜେ ନୀତି ସମ୍ପାଦିତ ହୋଇଯାଇଛି। ମାଉସୀ ମା'



ମନ୍ଦିର ନିକଟସ୍ଥ ରଥଖଳାରେ ଥିବା ରଥରେ ବିରାଜମାନ କରିଥିବା ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ରଥକୁ ଆଜି ଭକ୍ତମାନେ ଟାଣି ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚାଇବା ପରେ ସେବାୟତଙ୍କ ଦ୍ୱାରା ପହଣ୍ଡି କରାଯାଇ ବିଗ୍ରହଙ୍କୁ ମନ୍ଦିରରେ ବିଜେ କରାଯିବା ପରେ ଭେଟ ଆଳତି ଓ ମହାପ୍ରଭୁଙ୍କର ଦର୍ଶନ ଆଦି ବିଧି ଅନୁସାରେ କରାଯାଇ ସନ୍ଧ୍ୟା ଆଳତି ପରେ ସଂଧ୍ୟା ସୁଦ୍ଧା ବଳଭଦ୍ର ଓ ସୁଭଦ୍ରାଙ୍କୁ ରତ୍ନ ସିଂହାସନ ଆରୋହଣ କରାଯାଇଥିଲା।

# କନ୍ଦରପୁର-ଜଗତସିଂହପୁର ରାସ୍ତା ବିଚ୍ଛିନ୍ନ; ଦୁର୍ଦ୍ଦଶାରେ ଲୋକ



କନ୍ଦରପୁର, ୨୬।୭ (ସମିସ): କଟକ-ମାଛଗାଁ ୫୫ ନମ୍ବର ଜାତୀୟ ରାଜପଥ କନ୍ଦରପୁର ଲେବୁଲ କ୍ରସିଙ୍ଗ ନିକଟରେ ବିଚ୍ଛିନ୍ନ ହୋଇଯାଇଛି। ଶନିବାର ରାତିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଦ୍ୱାରା କନ୍ଦରପୁର ଅଞ୍ଚଳରେ ରାସ୍ତା ଘାଟ ବୁଡିଯିବା ସହିତ ଘରଗୁଡ଼ିକରେ ପାଣି ପଶି ଯାଇଥିଲା। କନ୍ଦରପୁର ଲେଭଲ କ୍ରସିଙ୍ଗ ନିକଟରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଏକ ଆପ୍ରୋଚ ରୋଡ ନିର୍ମାଣ କରାଯାଇଥିଲା। ସେହି ରାସ୍ତା ଦେଇ ହଂସୁଆ ନାଳ ଯାଇଥିବା ବେଳେ ପାଣି ନିଷ୍କାସନ ରାସ୍ତା ତଳେ ହ୍ୟୁମ୍‌ପାଇପ୍ ବିଛା ଯାଇଥିଲେ ମଧ୍ୟ ତାହା ଜଳ ନିଷ୍କାସନ ପାଇଁ ଯଥେଷ୍ଟ ନଥିଲା। ତେଣୁ ରାସ୍ତା ବର୍ଷା ପାଣିରେ ବୁଡିଯିବା ଦ୍ୱାରା ରାସ୍ତାର ଦୁଇ ପାର୍ଶ୍ୱ ଖାଇ ଯାଇ ଘାଇ ସୃଷ୍ଟି ହୋଇଛି। ଯାହାଦ୍ୱାରା କନ୍ଦରପୁର-ଜଗତସିଂହପୁରକୁ ଯିବାଆସିବା ପାଇଁ ଥିବା ରାସ୍ତା ବନ୍ଦ ହୋଇଯାଇଛି। ସେହିପରି ସଦର ଅଞ୍ଚଳର କନ୍ଦରପୁର, ଆୟଉପୁର, ନିମେଇସାପୁର, ଧରିଣା, ଯଶପଡ଼ା, ଅରିଲୋ, ସୋମପୁର ଆଦି ବିଭିନ୍ନ ପଞ୍ଚାୟତର ହଜାର ଜାର ଏକର ଚାଷ ଜମିରେ ରୁଆ ଯାଇଥିବା ଧାନ ଓ ଧାନ ତଳି ଏବେ ପାଣିରେ ବୁଡି ରହିଛି। ତାହା ସଢ଼ି ଯିବାର ଆଶଙ୍କା ସୃଷ୍ଟି ହେବା ସହ ଅଞ୍ଚଳରେ ହୋଇଥିବା ବିଭିନ୍ନ ପନିପରିବା ଚାଷ ଉଜୁଡି ଯାଇଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁ ମାଟି ଘର ତଥା ଧରିଣା ପଞ୍ଚାୟତର ହାତୁଆକୁଳ ଗ୍ରାମର ଭଗବାନ ପ୍ରଧାନଙ୍କ ମାଟିଘର ଓ ଗୁହାଳ ଭୁଶୁଡ଼ି ପଡ଼ିଥିବା ଜଣା ପଡିଥିବା ବେଳେ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ● ଯାତ୍ରୀବାହୀ ବସ୍-ଅଟୋ ମୁହାଁମୁହିଁ ଧକ୍କା

# ଅଟୋ ଚାଳକ ମୃତ, ତିନି ଆହତ

ସାଲେପୁର/ନିଶ୍ଚିନ୍ତକୋଇଲି, ୨୬।୭(ସମିସ): ରାତ୍ର ପ୍ରାୟ ୮.୩୦ ମିନିଟ୍ ସମୟରେ ସାଲେପୁର କେନ୍ଦ୍ରାପଡ଼ା ରାସ୍ତାର କୁଳିଆ ବଜାର ନିକଟରେ ଏକ ଷଣ୍ଢ ପଶିଯିବାରୁ ରାଜା ନାମକ ଏକ ଯାତ୍ରୀବାହୀ ବସ୍ ସହ ଏକ ଅଟୋରିକ୍ସାର ମୁହଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଆହତଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମେ ପଠାଯାଇଥିବା ବେଳେ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପଲେଇ ଗ୍ରାମର ଅଟୋ ଡ୍ରାଇଭର ସୃଷ୍ଟିକାନ୍ତ ସାହୁ(୪୨)ଙ୍କ ମୃତ୍ୟୁ ହୋଇଛି। ଜଣେ ସାମାନ୍ୟ ଆହତ ହୋଇଥିବା ବେଳେ ରଶ୍ମିରେଖା ସୂତାର, ପୁଷ୍ପଲତା ସୂତାର ଓ ପଦ୍ମାବତୀ ମହାରଣା ଗୁରୁତର ଅଛନ୍ତି। କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଘରୋଇ ବସ୍ ଅପରପାର୍ଶ୍ୱ ଚାନ୍ଦୋଳ ପୁସୁନପୁରରୁ ପାଗା ଅଭିମୁଖେ ଯାତ୍ରୀ ନେଇ ଯାଉଥିବା ଏକ ଅଟୋକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଗୁରୁତର ତିନିଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡକ୍ଟର ତାଙ୍କୁ କଟକ ସ୍ଥାନାନ୍ତର କରିଛନ୍ତି। ସାଲେପୁର ପୁଲିସ୍ ଘଟଣାସ୍ଥଳରେ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ କରୁଥିବା ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# କାରଗିଲ ବିଜୟ ଦିବସରେ ସହିଦ ଗୋପୀନାଥଙ୍କୁ ଶ୍ରଦ୍ଧାଞ୍ଜଳି



ନିଶ୍ଚିନ୍ତକୋଇଲି, ୨୬।୭(ସମିସ): କାରଗିଲ ବିଜୟ ଦିବସ ପାଳନ ହେଉଥିବାବେଳେ ଓଡ଼ିଶାର ପ୍ରଥମ କାରଗିଲ ସହିଦ ଗୋପୀନାଥ ମହାରଣାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ରାଜନେତା ଓ ସାଧାରଣ ଲୋକ ସହିଦଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କର ଜୟଗାନ କରିଛନ୍ତି। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଗ୍ରାମର ଗୋପୀନାଥ ମହାରଣା ମାତ୍ର ୧୮ ବର୍ଷ ବୟସରେ ଭାରତୀୟ ସେନା ୫୨୮ ବାଟାଲିୟନରେ ଯୋଗଦେଇ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। କାରଗିଲ ଯୁଦ୍ଧ ସମୟରେ ଗୋଳାବାରୁଦ ଓ ଅସ୍ତ୍ରଶସ୍ତ୍ର ନେଇ ଯୁଦ୍ଧକ୍ଷେତ୍ରକୁ ଯାଉଥିବାବେଳେ ୧୯୯୯ ମସିହା ମେ ମାସ ୧୯ ତାରିଖରେ ଶତ୍ରୁପକ୍ଷ ଗୁଳିରେ ମାତ୍ର ୨୩ ବର୍ଷ ବୟସରେ ସହିଦ ହୋଇଥିଲେ। ଇତିମଧ୍ୟରେ କାରଗିଲ ଯୁଦ୍ଧକୁ ୨୬ ବର୍ଷ ବିତିଯାଇଥିଲେ ମଧ୍ୟ ଦେଶମାତୃକା ପାଇଁ ଗୋପୀନାଥଙ୍କ ବୀରତ୍ୱ ଓ ଦେଶପ୍ରେମ ଆଜି ବି ଲୋକଙ୍କ ହୃଦୟରେ ଅମ୍ଳାନ ହୋଇ ରହିଛି।

# ସପନପୁର ବିଦ୍ୟାଳୟ ପରିଚାଳନା କମିଟି ଗଠିତ



ଟାଙ୍ଗୀ,୨୬।୭(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପରମାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ଭାବେ ମାନସ ରଞ୍ଜନ ଭଗତ ଓ ଉପସଭାପତି ଭାବେ ପିଙ୍କିନା ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭ୍ୟ କ୍ଷୀରୋଦ ପ୍ରଧାନ, ଆଲୋକ ସାହୁ, ମହେଶ୍ୱର ନାୟକ ଓ ପୀତାମ୍ବର ବେହେରାଙ୍କ ସମେତ ୨୦ ଜଣ ସଦସ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ନିଜକୁ ସାମିଲ କରିବେ ବୋଲି ସଭାପତି ଶ୍ରୀ ଭଗତ ସୂଚନା ଦେଇଛନ୍ତି।

# ଡେଲିଭରି କର୍ମଚାରୀଙ୍କୁ ଲୁଟ୍; ଦୁଇ ଗିରଫ



ତ୍ରିଶୂଳିଆ,୨୬।୭(ସମିସ): ବାରଙ୍ଗ ଥାନା ଷଣ୍ଢପୁର ନିକଟରୁ ଜଣେ ଡେଲିଭରି କର୍ମଚାରୀଙ୍କୁ ଆକ୍ରମଣ କରି ତାଙ୍କଠାରୁ ଟଙ୍କା ଲୁଟି ନେବା ଘଟଣାରେ ପୁଲିସ ତଦନ୍ତ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ତୁଳସୀପୁରର ଆଲୋକ ସେଠୀ ଏବଂ କଟକ ଜିଲ୍ଲା ବାଙ୍କୀ ଥାନା ତୁଳସୀପୁରର ମିଲୁ ପ୍ରଧାନ। ପୁଲିସ ଏକ ପ୍ଲାଷ୍ଟିକ ପାଇପ୍ ଓ ନଗଦ ୫ ହଜାର ଟଙ୍କା ଜବତ କରିଛି। ଅବଶିଷ୍ଟ ଲୁଟ ହୋଇଥିବା ଟଙ୍କା ଉଦ୍ଧାର କରିବା ଏବଂ ଅପରାଧ ସହିତ ଜଡିତ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ଜାଣିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି। ଗତ ୨୫ ତାରିଖ ଅଭିଯୋଗକାରୀ ଡେଲିଭରି କର୍ମଚାରୀ ଷଣ୍ଢପୁର ଗ୍ରାମ ନିକଟରେ ପାର୍ସଲ ଦେଉଥିବା ସମୟରେ ଉକ୍ତ ଦୁଇଜଣ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ତାଙ୍କୁ ଏକ ପ୍ଲାଷ୍ଟିକ ପାଇପରେ ଆକ୍ରମଣ କରି ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ସେ ବାରଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି।

# ବିଭିନ୍ନ ସ୍ଥାନରେ କାର୍ଗିଲ ବିଜୟ ଦିବସ






**ଆଠଗଡ଼, ୨୬।୭ (ସମିସ):** ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳ ତରଫରୁ ଆଠଗଡ଼ ସହରରେ ଏକ ବାଇକ ରାଲିରେ ସହର ପରିକ୍ରମା କରାଯାଇଥିଲା।ଦେଶର ବୀର ସହିଦ ଯବାନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଦେଶର ସୁରକ୍ଷା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଯବାନମାନଙ୍କ ପ୍ରତି ଆମର ଅଶେଷ କୃତଜ୍ଞତା ଓ ବିନମ୍ର ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଆଠଗଡ଼ ବହୁ ଯୁବ ଛାତ୍ର ଜନତା ଦଳର ଛାତ୍ର ନେତା ସତ୍ୟପ୍ରିୟ ମହାନ୍ତି, ମହମ୍ମଦ ଖାଲିଦ୍, ବିନୋଦ ମାଝୀ, ପ୍ରକାଶ ରାଉତ, ବି ଶିବଶଙ୍କର ଜ୍ୟୋତି, ବହୁ ଛାମୁଆ ସଂଗଠକ ଉପସ୍ଥିତ ଥିଲେ।

**ଚୌଦ୍ୱାର:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ୍ ତରଫରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ବୀରତ୍ୱର ଇତିହାସ ସୃଷ୍ଟି କରିଥିବା ଚୌଦ୍ୱାରର ଗର୍ବ ସହିଦ୍ ରାଜକିଶୋର ସାହୁଙ୍କ ସମେତ ସହିଦ ଯବାନଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ଲକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍ ସଭାପତି ନରୋତ୍ତମ ଦାସ, ଉପସଭାପତି ଦିଲ୍ଲୀପ ସାହୁ, ସହସମ୍ପାଦକ ସରୋଜ ସାହୁ ସାମିଲ ହୋଇଥିଲେ। ସଂଗଠନର କର୍ମକର୍ତ୍ତା ଓ ଅନ୍ତେବାସୀମାନେ ୧୭ ନମ୍ବର ୱାର୍ଡ ନୂଆସାହି ରାଜକିଶୋର ନଗରସ୍ଥିତ ସହିଦ୍ ରାଜକିଶୋରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସଂଗଠନର ବରିଷ୍ଠ ସଦସ୍ୟ ଅଂଶୁମାନ କର, ରଶ୍ମିରଞ୍ଜନ ସାହୁ, ଅଂଶୁମାନ ସ୍ୱାଇଁ, ଅମିତ ନାୟକ, ସୁବ୍ରତ ଖଟୁଆ, ସୁନୀଲ ମୁର୍ମୁ, ଶିବମ୍ ବେହେରା, ସାଇସୋହନ ସାହୁ, ରାମ ପୁରି, ସତ୍ୟପ୍ରକାଶ ସାହୁ, ଅମର ନାୟକ, ମଙ୍ଗଳ ସୋରେନ୍ ଅଂଶଗ୍ରହଣ କରିଥିଲେ।

# ସମାଜସେବୀ ତପନ ରାଉତଙ୍କ ପରଲୋକ



ଚୌଦ୍ୱାର, ୨୬।୭(ସମିସ): ଚୌଦ୍ୱାର ଅଞ୍ଚଳର ବିଶିଷ୍ଟ ସମାଜସେବୀ, ଦକ୍ଷ ସଂଗଠକ ତଥା ଜନପ୍ରିୟ ବ୍ୟକ୍ତିତ୍ୱ ତପନ ରାଉତ (୫୨)ଙ୍କ ଆଜି ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଯକୃତ (ଲିଭର) କ୍ୟାନ୍ସରରେ ପୀଡ଼ିତ ଥିଲେ। ଆଜି ତାଙ୍କ ମରଶରୀରକୁ ଓଟିଏମ୍ କଲୋନୀସ୍ଥିତ ବାବା ବୈକୁଣ୍ଠନାଥ ଆଶ୍ରମକୁ ଶେଷ ଦର୍ଶନ ପାଇଁ ନିଆଯାଇଥିଲା। ସେଠାରେ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ, ବିଶିଷ୍ଟ ବ୍ୟକ୍ତିବର୍ଗ, ରାଜନୈତିକ ନେତୃବୃନ୍ଦ, ସାମାଜିକ କର୍ମୀ ଏବଂ ସାଧାରଣ ଜନତା ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତପନ ରାଉତ ଜଣେ ସରଳ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ଚୌଦ୍ୱାର ଅଞ୍ଚଳରେ ପରିଚିତ ଥିଲେ। ସାମାଜିକ ସେବା, ସଂଗଠନ ପରିଚାଳନା ଓ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସେ ସର୍ବଦା ଆଗରେ ରହୁଥିଲେ। ତାଙ୍କ ବିୟୋଗ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅନେକେ ମତ ପ୍ରକାଶ କରିଛନ୍ତି।

## ହିନ୍ଦୁସ୍ଥାନ ହେଲ୍‌ପିଂ ହ୍ୟାଣ୍ଡସ୍-ଇଂ ଅଭିଷେକ ମେମୋରିଆଲ ଟ୍ରଷ୍ଟର ମିଳିତ ଉଦ୍ୟମ

# ୭ ଏକର ଜମିରେ ୭ ହଜାର ଚାରା ରୋପଣ



ତ୍ରିଶୂଳିଆ,୨୬।୭ (ସମିସ): କଟକ ଜିଲ୍ଲାର ସାମାଜିକ ସଂଗଠନ ହିନ୍ଦୁସ୍ଥାନ ହେଲ୍‌ପିଂ ହ୍ୟାଣ୍ଡସ୍ ଅର୍ଗନାଇଜେସନ୍ ଓ ଇଂ ଅଭିଷେକ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବାରଙ୍ଗ ବ୍ଲକ ଅନ୍ତର୍ଗତ କାଠଯୋଡି ନଦୀ ପଠାରେ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିଆୱାକି ପଦ୍ଧତିରେ 'ଅଟଳ ବନ' ନାମରେ ନାମିତ ପ୍ରକଳ୍ପରେ ପ୍ରାୟ ୭ ଏକର ନଦୀ ପଠାରେ ତାରବାଡ ବୁଲାଯାଇ ୭ ହଜାରରୁ ଉର୍ଦ୍ଧ୍ୱ ଜାମୁ ଚାରା ରୋପଣ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଉପଦେଷ୍ଟା ଶ୍ରୀସନ୍ନ୍ୟାସୀ ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ଓଡିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟର ସଭାପତି ପ୍ରସନ୍ନ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବରେ ଯୁବ ସାମ୍ବାଦିକ ଡ. ମାନସ କୁମାର ଦାଶ, ସମ୍ମାନିତ ଅତିଥି ଭାବରେ ଏସ୍‌ଭି ନିର୍‌ତାର ନିର୍ଦ୍ଦେଶକ ଡ. ପତିତପାବନ ମହାନ୍ତି, କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, କଟକ ବାର୍ ଆସୋସିଏସନ୍ ସଂପାଦକ ଦିଲ୍ଲୀପ ମହାପାତ୍ର, ଯୁଗ୍ମ ସଂପାଦକ ମହେନ୍ଦ୍ରଲାଲ ଜେନା, ରୋଟାରୀ କ୍ଲବ୍ ଅଫ୍ ହେରିଟେଜ୍ ରାଜନାରାୟଣ ତ୍ରିପାଠୀ, ଶିକ୍ଷାବିତ୍ ରଂଜନ କୁମାର ଲେଙ୍କା, ସମାଜସେବୀ ସ୍ୱାଧୀନଚେତା ମହାନ୍ତି, ଡ. ଶରତ କୁମାର ରଥ, କୈଳାସଚନ୍ଦ୍ର ମୁଦୁଲି, ଆଇନଜୀବୀ ଅନ୍ନପୂର୍ଣ୍ଣା ସାହୁ, ଆଲୋକ କୁମାର ଦାସ, କଟକ ରେଲୱେ ଷ୍ଟେସନ୍‌ର ପରିଚାଳକ ମଳୟ କୁମାର ଆଚାର୍ଯ୍ୟ, ଲୋକୋ ପାଇଲଟ୍ ଦଳ ମୁଖ୍ୟ ଶେଖ ମହମ୍ମଦ ଅଲୀ, ଜୟପ୍ରକାଶ ଦଣ୍ଡପାଟ, ଓଡିଶା ସାମାଜିକ ଓ ପରିବେଶ ବିକାଶ ଅନୁଷ୍ଠାନର ମନୋରଂଜନ ମହାନ୍ତି, ପରିବେଶ ସୁରକ୍ଷା ଅଭିଯାନର ସଭାପତି ଡ. ପ୍ରଦୀପ ରଥ, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. କଲ୍ୟାଣୀ ମହାନ୍ତି, ଡ. ନାରାୟଣ ତ୍ରିପାଠୀ, ଫ୍ରେଣ୍ଡ୍ସ ଏଣ୍ଡ ଏନ୍‌ଭିରୋମେଣ୍ଟର ପ୍ରତିଷ୍ଠାତା ନିଧି ରାଉତରାୟ, କିଚେନ୍ ଗାର୍ଡେନ୍ ଆସୋସିଏସନ୍ ସଭାପତି ଏକାଦଶୀ ନନ୍ଦି, ନେଚର ଲଭର୍ସ କ୍ଲବ୍ ସଦସ୍ୟ ଇନ୍ଦିରା ନାୟକ, ପ୍ଲା ଲଭର୍ସ ଆସୋସିଏସନ୍ ସଦସ୍ୟ ସୌମ୍ୟାସୁରଭି ପାଣିଗ୍ରାହୀ, ଉନ୍ମୁକ୍ତ ଫାଉଣ୍ଡେସନ୍ ଶ୍ୱେତା ଅଗ୍ରୱାଲା, ଯାଜପୁର କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଲଳିତ ମହାନ୍ତି ଓ ଉକ୍ତ ଗ୍ରାମର ସଦାଶିବ ସ୍ୱାଇଁ, ରନୋଜ ସ୍ୱାଇଁ ସ ରଶ୍ମିରଂଜନ ସ୍ୱାଇଁ ଯୋଗ ଦେଇଥିଲେ। ୧୦ଟି ଜଙ୍ଗଲ ପୂର୍ଣ୍ଣାଙ୍ଗ କରିସାରିବା ପରେ ଚଳିତ ବର୍ଷ ୧୧ତମ ଜଙ୍ଗଲ ସୃଷ୍ଟି ନିମନ୍ତେ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ ପାଲ ଓ ହିନ୍ଦୁସ୍ଥାନ ହେଲପିଂ ହ୍ୟାଣ୍ଡସର ପ୍ରତିଷ୍ଠାତା ବାସୁଦେବ ପାତ୍ରଙ୍କ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା କାନନ ବିହାରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପଦେଷ୍ଟା ପ୍ରଭାସ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ। ହିନ୍ଦୁସ୍ଥାନ ହେଲପିଂ ହ୍ୟାଣ୍ଡସର ସଭାପତି ମାନସ ରଂଜନ ନାୟକ ଓ ସଂପାଦକ ଅତୁଲ୍ୟ ସାମଲ, କୋଷାଧ୍ୟକ୍ଷ ସୁମନ ଶେଖର ସାହୁ, ରଶ୍ମିରଂଜନ ନାୟକ, ସୁନୀଲ ସ୍ୱାଇଁ, ବେଣୁଧର ଦାସ, ଆରିଏନ୍ ଠାକୁର, ପ୍ରେମାନନ୍ଦ ବେହେରା, ନୀଳମଣି ସାହୁ, ମଗେଶ କୁମାର ସାହୁ, ଜ୍ୟୋତିରଂଜନ ହାତୀ, ଦୁର୍ଗା ପ୍ରସାଦ ସାହୁ, ଆଶୀଷ କୁମାର ବେହେରା, ସ୍ମୃତି ରଂଜନ ଦାସ, ଅଜିତ୍ ସାହୁ, ଅଶ୍ୱିନୀ ବେହେରା, ପ୍ରମିଳା ବେହେରା, ମନିଷା କୁମାରୀଙ୍କ ସହ ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା, ରେଲୱେର କର୍ମଚାରୀ ଓ ସକ୍‌ସେସ୍ ପ୍ଲସ୍ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି ରେଳପଥ ନିର୍ମାଣ

# କୋରାପୁଟ ଜିଲ୍ଲାକୁ ପାତରଅନ୍ତର; ବିଜେଡିର ଅସନ୍ତୋଷ

ଜୟପୁର,୨୬।୭(ସମିସ): ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳଧାରଣା ନିର୍ମାଣ ନେଇ ଜମି ଅଧିଗ୍ରହଣ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷପ ଗ୍ରହଣ କରାଯାଇଛି। ଏହିପରି ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହିପରି ନବରଙ୍ଗପୁର ମାଲାକାନଗିରି ଏବଂ ନବରଙ୍ଗପୁର ଜିଲ୍ଲା ଗୁଡିକରେ ସରକାରୀ ଜମି ସହିତ ବେସରକାରୀ ଜମିଗୁଡିକ ଅଧିଗ୍ରହଣ କାର୍ଯ୍ୟଜାରି ରହିଛି। କିନ୍ତୁ ଜମି ଅଧିଗ୍ରହଣକୁ ନେଇ କୋରାପୁଟ ଜିଲ୍ଲା ପ୍ରତି ରାଜ୍ୟ ସରକାର ଏବଂ ରେଳ ବିଭାଗର ପାତର ଅନ୍ତରକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ସହିତ ତୁରନ୍ତ କୋରାପୁଟ ଜିଲ୍ଲାର କ୍ଷତିଗ୍ରସ୍ତ ହେବାକୁ ଥିବା ଜମି ହରା ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରାଯାଇଛି। ଆଜି ଜୟପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝି ଉପସ୍ଥିତ ରହିବା ସହିତ କୋରାପୁଟ ଜିଲ୍ଲା ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ସରକାରଙ୍କ ରେଳ ବିଭାଗର ଗାଇଡଲାଇନ ଅନୁଯାୟୀ କୋରାପୁଟ ଜିଲ୍ଲାର ଜମିହରାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ଏଥିନେଇ ଏକ ବିଜେଡି ପ୍ରତିନିଧି ଦଳ ଉପଯୁକ୍ତ କ୍ଷତିପୂରଣ ପାଇ ନଥିବା ଜମିହରାଙ୍କୁ ନେଇ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ପ୍ରକାଶ କରାଯାଇଛି। ଏହିପରି ନବରଙ୍ଗପୁର ଜିଲ୍ଲାରେ ଜମି ଅଧିଗ୍ରହଣ ବାବଦକୁ ସହରାଞ୍ଚଳରେ ଏକର ପିଛା ୫ କୋଟି ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି, କିନ୍ତୁ କୋରାପୁଟ ଜିଲ୍ଲାର ଜୟପୁର, ବୋରିଗୁମ୍ମା, କୁନ୍ଦୁରା ଏବଂ ବୈପାରୀଗୁଡା ତହସିଲ ଅଞ୍ଚଳର ମାତ୍ର ଏକର ପିଛା ଏକ ଲକ୍ଷରୁ ଦେଢ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ମାନେ ଏଥିନେଇ ଅଧିକ ଟଙ୍କା ଦାବି କରିଲେ , ସେମାନଙ୍କ ବେଞ୍ଚ ମାର୍କ ଭେଲ୍ୟୁ କମ ରହିଥିବା ଆଳ ଦର୍ଶାଇ ଜମି ଅଧିଗ୍ରହଣ କରୁଥିବା ଅଧିକାରୀ ଓ କର୍ମଚାରୀ ମାନେ ଏକ ପ୍ରକାରର ଅନ୍ଧାରରେ ରଖୁଥିବା ନେଇ ଅଭିଯୋଗ କରିଛନ୍ତି । ବେଞ୍ଚ ମାର୍କ ଭେଲ୍ୟୁ ରାଜ୍ୟ ସରକାର ପ୍ରତ୍ୟେକ ଦୁଇବର୍ଷରେ କରିବାର ନିୟମ ରହିଛି ସେହିପରି ଜମି ନିକଟରେ ଯାଇଥିବା ଜାତୀୟ ରାଜପଥ, କିମ୍ବା ଅନ୍ୟାନ୍ୟ କୌଣସି ସ୍ୱତନ୍ତ୍ର ଜାତୀୟ ରାଜପଥ ଏବଂ ବଡ ପ୍ରକଳ୍ପ ନିର୍ମାଣ ହୋଇଥିଲେ। ଉକ୍ତ ଅଞ୍ଚଳର ଜମିର ବଜାର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଥାଏ। ତେଣୁ ତଦ୍ ଅନୁଯାୟୀ ସରକାର ମାର୍କ ଭେଲ୍ୟୁ ପ୍ରଦାନ କରିବା ସହିତ ରେଳବିଭାଗର ଗାଇଡ ଲାଇନ ଅନୁଯାୟୀ ଯଥେଷ୍ଟ ମୂଲ୍ୟ



କ୍ଷତିଗ୍ରସ୍ତ ଜମିହରାକୁ ପ୍ରଦାନ କରିବାର ନିୟମ ରହିଛି। କିନ୍ତୁ ଏହିପରି ଜମିଅଧିଗ୍ରହଣ ଅଧିକାରୀ ଏବଂ ଜିଲ୍ଲାପାଳ ମାନେ ବିଭିନ୍ନ ଆଇନ କାନୁନ ଦେଖାଇ କ୍ଷତଗ୍ରସ୍ତ ଜମି ମାଲିକ ମାନଙ୍କ ଭୟଭୀତ କରିବା ସହିତ ଜମି ଅଧିଗ୍ରହଣର ନିୟମ ଭାଙ୍ଗି କମ୍ ଟଙ୍କା ଦେଇ ଏକ ପ୍ରକାର ଠକୁଥିବା ନେଇ ଏହି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ଏହିପରି କୋରାପୁଟ ଜିଲ୍ଲା ପ୍ରତି ଏଥିରେ ପାତରଅନ୍ତର କରାଯାଇଛି ବୋଲି ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ଦେଇ ଯାଇଥିବା ରେଳଧାରଣା ମାଧ୍ୟମରେ ମାଲବାହୀ ଏବଂ ଯାତ୍ରୀବାହୀ ଟ୍ରେନ ମାଧ୍ୟମରେ ରେଳ ବିଭାଗ ଦୈନିକ ୩୦ କୋଟି ଟଙ୍କା ଆୟ କରୁଥିବା ବେଳେ ଏହି ଅଞ୍ଚଳରେ ରେଳ ଯାତାୟାତର ବିକାଶ ନେଇ ସେହିପରି ଆଖିଦୃଶିଆ କୌଣସି ବିକାଶ କରିନାହାଁନ୍ତି। ଏହିପରି ଆଗାମୀ ଦିନରେ କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି, କଳାହାଣ୍ଡି ଜିଲ୍ଲା ଦେଇ ଜୁନାଗଡ ଏବଂ ଆନ୍ଧ୍ର ପ୍ରଦେଶର ଭଦ୍ରାଚଳମକୁ ରେଳ ଧାରଣା ସଂଯୋଗୀକରଣ ହୋଇଗଲେ। ଏହି ରେଳଧାରଣା ଦେଇ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ ଯାତାୟାତ ଦ୍ୱାରା ବାର୍ଷିକ ୧୫ ହଜାର କୋଟି ଟଙ୍କା ଆୟ କରିବାର ବିଭାଗ ପକ୍ଷରୁ ଆକଳୋନ କରାଯାଇଛି। ତେଣୁ ଏହି ଜିଲ୍ଲା ଗୁଡିକରେ ଅଧିକାଂଶ ଜମି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ରହିଥିବା ଯୋଗୁଁ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହିପରି ଏହି ଜିଲ୍ଲା ଗୁଡିକରେ ଜମିହରା କ୍ଷତିଗ୍ରସ୍ତଙ୍କ ପାଇଁ ସ୍ଥାନୀୟ ଲୋକସଭା ଏବଂ ବିଧାନସଭାରେ ଲୋକ ପ୍ରତିନିଧି ମାନେ ମଧ୍ୟ କୌଣସି ଉପଯୁକ୍ତ ଦାବି କରୁନାହାଁନ୍ତି। ତେଣୁ ସମସ୍ତ ଦଳ ଓ ସଂଗଠନ ଗୁଡିକ ମିଳିତ ଭାବେ ଏହି ଅଞ୍ଚଳର ଜମି ହରା ମାନେ କିଭଳି ନିୟମ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ରାଶି ପାଇବା ସହିତ ସନ୍ତୋଷ ହେବେ ସେଥିନେଇ ସମସ୍ତେ ଦାବି କରିବାକୁ ଆବଶ୍ୟକତା ରହିଛି ବୋଲି ଆହ୍ୱାନ କରିଛନ୍ତି। ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାକୁ ରେଳ ସଂଯୋଗୀ କରଣ ନେଇ ୨୦୧୬ ମସିହାରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏଥିନେଇ କେନ୍ଦ୍ର ସରକାର କୌଣସି ପଦକ୍ଷପ ଗ୍ରହଣ କରିନଥିବା ଯୋଗୁଁ ରାଜ୍ୟ ଓ କେନ୍ଦ୍ର ସରକାର ଉଭୟଙ୍କ ୫୦ ପ୍ରତିଶତ ଖର୍ଚ୍ଚ ମାଧ୍ୟମରେ ଉଭୟ ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାକୁ ରେଳ ସଂଯୋଗୀକରଣ ନେଇ କେନ୍ଦ୍ର ସରକାରଙ୍କ ସହିତ ଏକ ଯୁଗ୍ମ ଚୁକ୍ତିନାମା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ନବରଙ୍ଗପୁର ଜିଲ୍ଲାର ବରିଷ୍ଠ ବିଜେଡି ନେତା ସରୋଜ ନାୟକ, ବୋରିଗୁମ୍ମା ବ୍ଲକର ନାଗରାଜ ଦୋରା ଏବଂ ଶିବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ● ଅମ୍ବାଦଳା ରେଳରୋକୋ ପୂର୍ବରୁ ବଢ଼ିଲା ଚାପ

# ଆଲୋଚନା ବିଫଳ, ୩୦ରେ ରେଳରୋକୋ!

ଅମ୍ବାଦଳା, ୨୬।୭(ସମିସ): ଅମ୍ବାଦଳା ରେଳଷ୍ଟେସନରେ ଦୀର୍ଘଦିନର ଦାବି ପୂରଣ ପାଇଁ ଆସନ୍ତା ୩୦ ଜୁଲାଇରେ ପ୍ରସ୍ତାବିତ ରେଳ ରୋକୋ ଆନ୍ଦୋଳନକୁ ନେଇ ପରିସ୍ଥିତି ଅଧିକ ସରଗରମ ହୋଇଛି। ପୂର୍ବତଟ ରେଳବାଇର ସମ୍ବଲପୁର ମଣ୍ଡଳ ପକ୍ଷରୁ ଅମ୍ବାଦଳା ସିଟିଜେନ୍ କମିଟିକୁ ଲିଖିତ ଜବାବ ଦିଆଯାଇଥିଲେ ମଧ୍ୟ ଏଥିରେ କମିଟି ସନ୍ତୁଷ୍ଟ ନଥିବା ଜଣାପଡ଼ିଛି। ସୋମବାର କମିଟି ଓ ରେଳବାଇ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହେବାକୁ ଥିବାବେଳେ ଏହି ବୈଠକକୁ ନେଇ ସମସ୍ତଙ୍କ ନଜର ରହିଛି। ରେଳବାଇ ପକ୍ଷରୁ ୧୯୦୨୧/୧୯୦୨୨ ଓ ୧୮୧୦୭/୧୮୧୦୮ ଟ୍ରେନ୍‌ର ଅମ୍ବାଦଳାରେ ରହଣି ପରିଚାଳନାଗତ କାରଣରୁ ସମ୍ଭବ ନୁହେଁ ବୋଲି ସ୍ପଷ୍ଟ କରାଯାଇଥିବାବେଳେ ୧୮୪୦୭/୧୮୪୦୮ ଟ୍ରେନ୍‌ର ରହଣି ପାଇଁ ବର୍ତ୍ତମାନର ଯାତ୍ରୀ ସଂଖ୍ୟା ଓ ରାଜସ୍ୱ ପର୍ଯ୍ୟାପ୍ତ ନଥିବା ଦର୍ଶାଯାଇଛି। ଭବିଷ୍ୟତରେ ଯାତ୍ରୀ ସଂଖ୍ୟା ଓ ଆୟ ବୃଦ୍ଧି ହେଲେ ଦାବିକୁ ବିଚାର କରାଯିବ ବୋଲି ରେଳବାଇ କହିଛି। ତେବେ ଏହି ଯୁକ୍ତିକୁ ଅମ୍ବାଦଳା ସିଟିଜେନ୍ସ କମିଟି ଖଣ୍ଡନ କରିଛି। କମିଟିର କହିବା ଅନୁଯାୟୀ, ଯଦି ଟ୍ରେନ୍ ରହଣି ପାଇଁ ଯାତ୍ରୀ ସଂଖ୍ୟା ଓ ରାଜସ୍ୱ ହିଁ ମାନଦଣ୍ଡ, ତେବେ ଅମ୍ବାଦଳା, କାକିରିଗୁମା ଓ ଲକ୍ଷ୍ମୀପୁର ଷ୍ଟେସନର ପ୍ରକୃତ ଯାତ୍ରୀ ସଂଖ୍ୟା ଏବଂ ରାଜସ୍ୱର ତୁଳନାତ୍ମକ ତଥ୍ୟ ରେଳବାଇ ସାର୍ବଜନୀନ କରିବା ଉଚିତ। ଅମ୍ବାଦଳା ଅଧିକ ଯାତ୍ରୀ ଓ ରାଜସ୍ୱ ଯୋଗାଉଥିଲେ ମଧ୍ୟ ଷ୍ଟେସନଟି ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରାଯାଉଥିବା ଅଭିଯୋଗ କରାଯାଇଛି। ରେଳବାଇ ଫୁଟ୍ ଓଭର ବ୍ରିଜ୍‌ରେ ରାମ୍ପ ନିର୍ମାଣ ଓ କୋଚ୍ ଇଣ୍ଡିକେସନ୍ ବୋର୍ଡ ସ୍ଥାପନକୁ ଅନୁମୋଦନ ମିଳିଥିବା କହିଥିଲେ ମଧ୍ୟ ସ୍ଥାନୀୟ ବାସିନ୍ଦା ଏହାକୁ ପର୍ଯ୍ୟାପ୍ତ ପଦକ୍ଷେପ ବୋଲି ମାନିନାହାନ୍ତି। ସେମାନଙ୍କ କହିବା ଅନୁଯାୟୀ, ବର୍ତ୍ତମାନର ଫୁଟ୍ ଓଭର ବ୍ରିଜ୍ ବୃଦ୍ଧ, ଦିବ୍ୟାଙ୍ଗ ଓ ରୋଗୀଙ୍କ ପାଇଁ ବ୍ୟବହାରଯୋଗ୍ୟ ନୁହେଁ। ତେଣୁ କେବଳ ମୌଳିକ ସୁବିଧା ଦର୍ଶାଇ ଜନଦାବିକୁ ଏଡ଼ାଇବା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏପଟେ ୩୦ ଜୁଲାଇର ପ୍ରସ୍ତାବିତ ରେଳ ରୋକୋରୁ ବିରତ ରହିବାକୁ ରେଳବାଇ ଅନୁରୋଧ କରିଥିବାବେଳେ କମିଟି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରାଯାଇନାହିଁ। ତେବେ କମିଟି ସୂତ୍ରରୁ ଜଣାପଡ଼ିଛି ଯେ, ସୋମବାରର ଆଲୋଚନାରେ ଯଦି ରେଳବାଇ ଅମ୍ବାଦଳା ପ୍ରତି ସକାରାତ୍ମକ ମନୋଭାବ ନଦେଖାଏ ଓ ଦୀର୍ଘଦିନର ଦାବି ସମାଧାନ ଦିଗରେ ଠୋସ ପଦକ୍ଷେପ ନ ନିଏ, ତେବେ ଜୁଲାଇ ୩୦ରେ ପ୍ରସ୍ତାବିତ "ରେଳ ରୋକୋ' ଆନ୍ଦୋଳନ ନିଶ୍ଚିତ ବୋଲି ସୂଚନା ମିଳିଛି। ଏହି ପରିସ୍ଥିତିରେ ସୋମବାରର ଆଲୋଚନା ଅମ୍ବାଦଳା ରେଳ ଆନ୍ଦୋଳନର ଭବିଷ୍ୟତ ନିର୍ଣ୍ଣୟ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଦୁର୍ଗୀ ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ




ଦୁର୍ଗୀ, ୨୬।୭(ସମିସ): ରାୟଗଡ଼ ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ପଞ୍ଚାୟତର ଜଗନ୍ନାଥ ମନ୍ଦିର ନିକଟସ୍ଥ ପଡ଼ିଆରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ଦାସ ଏବଂ ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାମନାଗୁଡ଼ା ବ୍ଲକର ଭାମିନ ଓ ହୁକୁମ୍ବା ପଞ୍ଚାୟତ ସହ ରାଇଗୁଡ଼ା ଏବଂ ଟିକରପଡ଼ା ଗ୍ରାମର ଶତାଧିକ ଯୁବକ ଓ ଛାତ୍ର ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ନବାଗତ ସଦସ୍ୟମାନେ କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଦଳରେ ଯୋଗଦାନ କରିଛନ୍ତି। ଏହି ଅବସରରେ ସୁଧୀର କୁମାର ଦାସ କହିଥିଲେ ଯେ, ସମସ୍ତଙ୍କ ଆନ୍ତରିକ ସହଯୋଗ ଓ ସଂଗଠନର ଏକତା ବଳରେ ବିଜେଡି ପୂର୍ବଭଳି ଆହୁରି ଶକ୍ତିଶାଳୀ ହେବ। ମିଶ୍ରଣ ପର୍ବରେ ରାମନାଗୁଡ଼ା ବ୍ଲକର ବରିଷ୍ଠ ନେତା ଗଗନ ଆଚାର୍ଯ୍ୟ, ବାତ୍ରୀ ମଣ୍ଡାଙ୍ଗୀ, ବିଜୟ ମଣ୍ଡାଙ୍ଗୀ, କମଳ ମୁଟିକା, ପଙ୍କଜ ପଣ୍ଡା, କରୀୟାନ, ଜଗଦୀଶ ଚନ୍ଦ୍ର ନାୟକ ବେହେରା ଓ ରାହୁଲ ପ୍ରମୁଖ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଦୁର୍ଗନ୍ଧରେ ଅତିଷ୍ଠ ଛାତ୍ରଛାତ୍ରୀ

# ମାଛ ବଜାର ସ୍ଥାନାନ୍ତର କେବେ ?

ରାୟଗଡ, ୨୬।୭ (ସମିସ): ରାୟଗଡ ସହରର ରାଣିଗୁଡ଼ା ଫାର୍ମ ବାଳିକା ବିଦ୍ୟାଳୟ ପାଚେରିକୁ ଲାଗି ରହିଥିବା ମାଛ ବଜାରକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ମାଛ ବଜାରରୁ ବାହାରୁଥିବା ଦୁର୍ଗନ୍ଧ ଓ ଅପରିଷ୍କାର ପରିବେଶ ଯୋଗୁଁ ପ୍ରତିଦିନ ବିଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଛ ବଜାରରେ ଦୂଷିତ ପାଣି ନିଷ୍କାସନ ପାଇଁ କୌଣସି ଡ୍ରେନ୍ ବ୍ୟବସ୍ଥା ନଥିବାରୁ ମାଛ ଧୋଇବା ପାଣି ରାସ୍ତା କଡ଼ରେ ଜମି ରହୁଛି। କିଛି ବ୍ୟବସାୟୀ ବିଦ୍ୟାଳୟ ପାଚେରୀରେ ଗର୍ତ୍ତ କରି ସେହି



ପାଣି ଛାଡୁଥିବାରୁ ତାହା ବିଦ୍ୟାଳୟ ପରିସରକୁ ପ୍ରବେଶ କରୁଛି। ଫଳରେ ଶ୍ରେଣୀଗୃହ ପର୍ଯ୍ୟନ୍ତ ଅସହ୍ୟ ଦୁର୍ଗନ୍ଧ ବ୍ୟାପି ଯାଉଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏନେଇ ସେମାନେ ବାରମ୍ବାର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ବର୍ଷା ଦିନରେ ପରିସ୍ଥିତି ଆହୁରି ସଙ୍କଟଜନକ ହୋଇପଡୁଛି। ବର୍ଷା ପାଣି ସହ ମାଛର ଦୂଷିତ ପାଣି ମିଶି ରାସ୍ତା ଓ ବିଦ୍ୟାଳୟ ପାଚେରି ନିକଟରେ ଜମି ରହୁଥିବାରୁ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏହା ଦ୍ୱାରା ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଥିବା ନେଇ ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ସହରରେ ବିକଳ୍ପ ସରକାରୀ ସ୍ଥାନ ଥିବା ସତ୍ତ୍ୱେ ମାଛ ବଜାରକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଏ ସମ୍ପର୍କରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ୍‌ଜିକ୍ୟୁଟିଭ୍ ଅଫିସର କୁଳଦୀପ କୁମାର କହିଛନ୍ତି ଯେ, ମାଛ ବ୍ୟବସାୟୀଙ୍କ ପାଇଁ ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି। ତେବେ ବ୍ୟବସାୟ ଭଲ ହେଉଥିବାରୁ ସେମାନେ ସ୍ଥାନାନ୍ତର ହେବାକୁ ରାଜି ହେଉନାହାନ୍ତି। ଖୁବଶୀଘ୍ର ସେମାନଙ୍କୁ ସେଠାରୁ ଉଠାଇ ନୂତନ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି। କୋମଳମତି ଶିଶୁଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥ ପରିବେଶକୁ ଦୃଷ୍ଟିରେ ରଖି ମାଛ ବଜାରକୁ ଶୀଘ୍ର ସ୍ଥାନାନ୍ତର କରିବା ସହ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ତାରିଣୀ ମନ୍ଦିର ସାହିରେ ମାଙ୍କଡ଼ ଆତଙ୍କ

ମାଲକାନଗିରି,୨୬।୭(ସମିସ): ମାଲକାନଗିରି ସହରର ୮ ନମ୍ବର ୱାର୍ଡ ଜୟପୁରିଆଗୁଡ଼ା ସ୍ଥିତ ତାରିଣୀ ମନ୍ଦିର ସାହିରେ ଏକ ମାଙ୍କଡ଼ ଆକ୍ରମଣରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ମାଙ୍କଡ଼ଟି ବାରମ୍ବାର ଛୋଟ ପିଲାମାନଙ୍କୁ କାମୁଡ଼ି ଆହତ କରୁଥିବାରୁ



ଅଭିଭାବକ ଓ ପିଲାମାନଙ୍କ ମଧ୍ୟରେ ଭୟ ବଢ଼ିଛି। ଭୟରେ ପିଲାଏ ଏକା ବାହାରକୁ ଯାଉ ନଥିବା ବେଳେ କିଛି ପିଲା ମାଙ୍କଡ କାମୁଡ଼ାରେ ଆହତ ମଧ୍ୟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ମାଙ୍କଡ଼ଟିକୁ ଧରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆହତ ପିଲାମାନଙ୍କୁ ଚିକିତ୍ସା ସହାୟତା ଯୋଗାଇବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି। ମାଲକାନଗିରି ରେଞ୍ଜର ରମେଶ ଚନ୍ଦ୍ର ରାଉତ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ୨୫ ଥର ରକ୍ତଦାନ କରି ପ୍ରେରଣାର ପାଲଟିଲେ ବଳରାମ



ମାଲକାନଗିରି, ୨୬।୭(ସମିସ): ମାଲକାନଗିରିର ସମାଜସେବୀ ବଳରାମ ଭଞ୍ଜ ୨୫ତମ ଥର ରକ୍ତଦାନ କରି ଏକ ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ୩୮ ବର୍ଷୀୟ ବଳରାମ ନିଜ ସ୍ୱାର୍ଥକୁ ପଛରେ ରଖି ଆବଶ୍ୟକତା ପଡ଼ିଲେ ରୋଗୀଙ୍କ ସହାୟତା ପାଇଁ ସଦା ପ୍ରସ୍ତୁତ ରହୁନ୍ତି। ତେବେ ଆଜି ରକ୍ତ ଅଭାବରେ ଚିକିତ୍ସାଧୀନ ଥିବା ଏମ୍‌ଭି-୧୦୯ ଗ୍ରାମର ଶିଶୁ ପିୟୁଷ ମଣ୍ଡଳଙ୍କ ପାଇଁ ରକ୍ତ ଆବଶ୍ୟକ ଖବର ପାଇବା ମାତ୍ରେ ସେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ରକ୍ତଦାନ କରିଥିଲେ। ଏହା ସହ ସେ ନିଜ ଜୀବନରେ ୨୫ ଥର ରକ୍ତଦାନ କରିଥିବା ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ବଳରାମଙ୍କ କହିବା ଅନୁଯାୟୀ, ରକ୍ତଦାନ ମାଧ୍ୟମରେ ଜଣେ ମଣିଷର ଜୀବନ ବଞ୍ଚାଇବା ହିଁ ତାଙ୍କର ସବୁଠାରୁ ବଡ଼ ସନ୍ତୋଷ। ମାନବ ସେବା ହିଁ ମାଧବ ସେବା ମନ୍ତ୍ରକୁ ଆଧାର କରି ସେ ଯୁବପିଢ଼ିଙ୍କୁ ନିୟମିତ ରକ୍ତଦାନ ପାଇଁ ଆହ୍ୱାନ କରିଛନ୍ତି। ତାଙ୍କର ଏହି ନିସ୍ୱାର୍ଥ ସେବା ଓ ମାନବିକତା ଆଜିର ଯୁବସମାଜ ପାଇଁ ପ୍ରେରଣାଦାୟକ ଉଦାହରଣ ପାଲଟିଛି।

## ■ ଆବର୍ଜନା ପୃଥକୀକରଣ କେନ୍ଦ୍ର ଅଚଳ

# ଭୂତକୋଠି ପାଲଟିଛି ସରକାରୀ ପ୍ରକଳ୍ପ

ମାଲକାନଗିରି/କୋରୁକୋଣ୍ଡା, ୨୬।୭ (ସମିସ): ସରକାରୀ ଅର୍ଥରେ ନିର୍ମାଣ ହୋଇଥିବା ଆବର୍ଜନା ପୃଥକୀକରଣ କେନ୍ଦ୍ର ଲୋକଙ୍କ କାମରେ ଲାଗିବା ପରିବର୍ତ୍ତେ ଅବ୍ୟବହୃତ ହୋଇ ପଡ଼ିରହିଛି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି



ସଦର ପଞ୍ଚାୟତରେ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ ହୋଇଥିଲା। କିନ୍ତୁ ନିର୍ମାଣର ୨ ବର୍ଷରୁ ଉର୍ଦ୍ଧ୍ୱର ସମୟ କଟିଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ପୂର୍ବପରି ଅଞ୍ଚଳବାସୀ ରାସ୍ତାକଡ଼, ଖୋଲା ସ୍ଥାନ ଓ ଏଣେତେଣେ ଅଳିଆ-ଆବର୍ଜନା ପକାଉଥିବା ଦେଖିବାକୁ ମିଳୁଛି। ସ୍ୱଚ୍ଛ ପରିବେଶ ସୃଷ୍ଟି ଏବଂ ବର୍ଜ୍ୟବସ୍ତୁର ବୈଜ୍ଞାନିକ ପରିଚାଳନା ପାଇଁ ନିର୍ମାଣ ହୋଇଥିବା ଏହି କେନ୍ଦ୍ର ଅଚଳ ରହିବାରୁ ସରକାରୀ ଅର୍ଥର ସଦ୍‌ବ୍ୟବହାରକୁ ନେଇ ପ୍ରଶ୍ନ ଉଠିଛି। କେବଳ ଏହାକୁ ନିର୍ମାଣ କରି ସରକାରୀ ଅର୍ଥ ଖର୍ଚ୍ଚ ଦେଖାଇବା ଏବଂ ଠିକାଦାରଙ୍କୁ ସୁହାଇବା ପାଇଁ ଏଭଳି କାମ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି କେନ୍ଦ୍ରଟି ଚାଲୁ କରିବାର ଯୋଜନା ନଥିଲା, ତେବେ ଲକ୍ଷାଧିକ ଟଙ୍କା ବ୍ୟୟ କରି ଏହା ନିର୍ମାଣ କାହିଁକି କରାଗଲା ବୋଲି ଓଲଟି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ଲୋକେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆବର୍ଜନା ପୃଥକୀକରଣ କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ତେବେ ଏନେଇ ଆମେ କୋରୁକୋଣ୍ଡା ବିଡିଓ ଅମୂଲ୍ୟ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ।

## ● ଆଇକନିକ୍ ମିସ ଇଣ୍ଡିଆ ୨୦୨୬

# ଏନ ତ୍ରିଶା ତନ୍ୟାଙ୍କୁ ବେଷ୍ଟ ଟ୍ୟାଲେଣ୍ଟ ମାନ୍ୟତା

ବୋରିଗୁମ୍ମା, ୨୬।୭(ସମିସ): ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଠାରେ ଜାତୀୟ ସ୍ତରୀୟ ନେକଷ୍ଟ ଜେନ ଆଇକନିକ୍ ମିସ ଇଣ୍ଡିଆ ୨୦୨୬ ସୌନ୍ଦର୍ଯ୍ୟ ଓ ବ୍ୟକ୍ତିତ୍ୱ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ନୃତ୍ୟ, ଚାଲି, ପ୍ରତିଭା, ପ୍ରଶ୍ନୋତ୍ତର, ଜାତୀୟ ପୋଷାକ ପରିଧାନ ଇତ୍ୟାଦି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ରାଜସ୍ଥାନର ଜୟପୁର,ଲକ୍ଷ୍ନୌ, ପୁନେ ଠାରେ ହୋଇ ଶେଷରେ ତିନି ଦିନ ଧରି ଲକ୍ଷ୍ନୌ ଠାରେ ଅନ୍ତିମ ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବୋରିଗୁମ୍ମାର ଏନ ତ୍ରିଶା ତନ୍ୟା ଭାରତର ଭିନ୍ନ ଭିନ୍ନ ସହରର ୨୪ ଜଣ ଫାଇନାଲିଷ୍ଟଙ୍କ ମଧ୍ୟରୁ ରନର୍ସ ଅପ୍ର ମୁକୁଟ ସହ ମିସ ଏକଷ୍ଟ୍ରା ଅର୍ଡିନେରୀ ଏବଂ ବେଷ୍ଟ ଟ୍ୟାଲେଣ୍ଟର ମାନ୍ୟତା ପାଇଥିଲେ। ତାଙ୍କୁ ଏହି ମୁକୁଟ ସହ ଟ୍ରଫି, ଟାଇଟଲ ଟେଲି ତାରକା ଅଭିନେତ୍ରୀ ତେଜସ୍ୱୀ ପ୍ରକାଶ ଏବଂ ସିନେ ପ୍ରଯୋଜିକା ଏକତା କପୁର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉତ୍ତରପ୍ରଦେଶର ପ୍ରସିଦ୍ଧ ଆୟୋଜିକା ସୌମ୍ୟା ସାହୁ ଏବଂ ତାଙ୍କ ଟିମ ସାମ ରେନାଇସାନ୍ ଆୟୋଜନ କରିଥିଲେ। ଏନ ତ୍ରିଶା ତନ୍ୟା ଶିକ୍ଷକ ଏନ ରାଜେଶ କୁମାର ଓ ଜି ଗାୟତ୍ରୀଙ୍କ ବଡ଼ ଝିଅ ଅଟନ୍ତି। ସେ ଏକାଧାରାରେ ଲେଖିକା ଏବଂ ଇଂରାଜୀ ଭାଷାର ସ୍ନାତକୋତ୍ତର ଛାତ୍ରୀ। ତାଙ୍କ ସଫଳତାରେ ବୋରିଗୁମ୍ମା ପିଜେଣ୍ଟ ଓ ମଡେଲିଂ କ୍ଷେତ୍ରରେ ଆଉ ଏକ ଫର୍ଦ ଯୋଡି ହୋଇଯାଇଛି।

## ● ବିପଦସଙ୍କୁଳ ଟ୍ରାନ୍ସଫର୍ମର

# ଅଭିଯୋଗ ପରେ ଚେତୁନି ବିଭାଗ, ସ୍ଥାନାନ୍ତର ପାଇଁ ଦାବି

ମୁନିଗୁଡ଼ା, ୨୬।୭ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ଲାଭଟା ଗ୍ରାମର ତାରିଣୀ ମନ୍ଦିର ପଛପଟେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ପଡ଼ି ରହିଛି। ଟ୍ରାନ୍ସଫର୍ମର ଚାରିପାଖରେ ଅନାବନା ଗଛଲତା ବଢ଼ିଯାଇଥିବା ବେଳେ ଗୋଟିଏ ପାଶ୍ୱର୍ରେ ବେରିକେଡ୍ ଥିଲେ ମଧ୍ୟ ଅନ୍ୟ ପାଶ୍ୱର୍ଟି ସମ୍ପୂର୍ଣ୍ଣ ଖୋଲା ରହିଛି। ଫଳରେ ବିଭିନ୍ନ ସମୟରେ ଗାଈଗୋରୁ ଭିତରକୁ ପଶି ଯାଉଥିବା ସହ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ତାରିଣୀ ମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତଙ୍କ ଯାତାୟାତ ରହୁଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଏନେଇ ବାରମ୍ବାର ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିବା ବେଳେ ସ୍ଥାନୀୟ ବାସିନ୍ଦା କେ. ଶ୍ରୀନିବାସ ରାଓ, ଏ. ସନ୍ତୋଷ ଆଚାରୀ, ଜି. ଗୌରୀ, କାର୍ତ୍ତିକ ଗୌଡ଼, ଧର୍ମା ରାଓ, ଭାସ୍କର ସାହୁ ଓ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଏହି ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ସାଧାରଣ ଲୋକ ଓ ପଶୁଧନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଟ୍ରାନ୍ସଫର୍ମରକୁ



ଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଚାରିପାଖରେ ଥିବା ଗଛଲତା ସଫା କରି ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଅଞ୍ଚଳବାସୀ ବିଦ୍ୟୁତ ବିଭାଗ ନିକଟରେ ଦାବି କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆନଗଲେ ଯେକୌଣସି ସମୟରେ ବଡ଼ଧରଣର ଅଘଟଣ ଘଟିପାରେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଶିକ୍ଷକ ବଦଳିରେ ଅନିୟମିତତା ଅଭିଯୋଗ

# ଆନ୍ଦୋଳନ ଚେତାବନୀ ଦେଲା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ

ମାଲକାନଗିରି, ୨୬।୭(ସମିସ): ମାଲକାନଗିରି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ରବିବାର ଶିକ୍ଷକ ଭବନଠାରେ ଜିଲ୍ଲାର ସମସ୍ତ ସାତଟି ବ୍ଲକର କର୍ମକର୍ତ୍ତା ଓ ଶିକ୍ଷକମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ତାରକ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପ୍ରତି ପ୍ରକାଶିତ ଶିକ୍ଷକ ବଦଳି ତାଲିକାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶିକ୍ଷକମାନଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରେସନାଲାଇଜେସନ ବଦଳି ପ୍ରକ୍ରିୟା ଜୁନ ୧୦ ସୁଦ୍ଧା ଶେଷ ହେବା କଥା। ଏହା ସତ୍ତ୍ୱେ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ଜୁଲାଇ ୨୩ରେ ବଦଳି ଆଦେଶ ଜାରି କରିଛନ୍ତି। ଏଥିରେ ଶାରୀରିକ ଅସୁସ୍ଥ, ବୟସ୍କ ଓ ମହିଳା ଶିକ୍ଷକମାନଙ୍କୁ ଦୁର୍ଗମ ପାହାଡ଼ିଆ ଏବଂ ଜଙ୍ଗଲ ଅଞ୍ଚଳକୁ ବଦଳି କରାଯାଇଥିବା ବେଳେ ଆବଶ୍ୟକତା ଥିବା ବିଦ୍ୟାଳୟରୁ ଶିକ୍ଷକଙ୍କୁ ହଟାଇ ଅନ୍ୟତ୍ର ନିଯୁକ୍ତ କରାଯାଇଛି। ବୈଠକରେ କାଲିମେଲା ବ୍ଲକର ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ପ୍ରସଙ୍ଗ ମଧ୍ୟ ଉଠିଥିଲା। ଅଭିଯୋଗ ଅନୁସାରେ, ସେ ଜଣେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିବା ପରେ ତାଙ୍କୁ ୯୦ କିଲୋମିଟର ଦୂର ଦୁର୍ଗମ ଅଞ୍ଚଳକୁ ବଦଳି କରାଯାଇଛି। ସେହିପରି ଘାଟି ଅଞ୍ଚଳରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଶିକ୍ଷକଙ୍କୁ ନିକଟ ବିଦ୍ୟାଳୟକୁ ଆଣିବା ପରିବର୍ତ୍ତେ ଦୂର ସ୍ଥାନକୁ ବଦଳି କରାଯାଇଥିବା ମଧ୍ୟ କିଛି



ଶିକ୍ଷକ ଅଭିଯୋଗ କରିଛନ୍ତି। ସଂଘ ଏହାକୁ ଆକ୍ରୋଶମୂଳକ ପଦକ୍ଷେପ ବୋଲି ଅଭିହିତ କରିଛି। ତୁରନ୍ତ ବଦଳି ପ୍ରକ୍ରିୟାର ପୁନର୍ବିଚାର ନ କରାଗଲେ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଶିକ୍ଷକ ସଂଘ ଚେତାବନୀ ଦେଇଛି। ଏଥିରେ ଜିଲ୍ଲା ଶିକ୍ଷକ ସଂଘର କର୍ମକର୍ତ୍ତା ଓ ଅନେକ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

● ନିଖୋଜ ଥିଲେ ଈଶ୍ୱର

## ୩୪ ଦିନ ପରେ ଜଙ୍ଗଲରୁ ମିଳିଲା ହାଡ଼, କଙ୍କାଳ, ଖପୁରୀ

ଶୁଳିଆପଦା, ୨୬।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଚୁହାଟ ଗ୍ରାମରୁ ଗତ ଜୁନ ୨୧ ତାରିଖରେ ନିଖୋଜ ହୋଇଯାଇଥିବା ୫୮ ବର୍ଷୀୟ ଈଶ୍ୱର ଚନ୍ଦ୍ର ସୋରେନଙ୍କ କଙ୍କାଳ ୩୪ ଦିନ ପରେ ଚିନାପୋଷି ଜଙ୍ଗଲରୁ ଉଦ୍ଧାର ହୋଇଛି। ଗଛ ମୂଳେ ପଡ଼ିଥିବା ହାଡ଼, ଖପୁରୀ ଓ ପୋଷାକ ପରିବାର ଲୋକେ ଚିହ୍ନଟ କରିଛନ୍ତି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଏବେ ବି ଅସ୍ପଷ୍ଟ ରହିଛି।



ସୂଚନା ମୁତାବକ, ଚୁହାଟ ଗ୍ରାମର ଈଶ୍ୱର ଚନ୍ଦ୍ର ସୋରେନ ଗତ ଜୁନ ମାସ ୨୧ ତାରିଖ ସନ୍ଧ୍ୟା ସମୟରେ ହଠାତ୍ ଘରୁ ବାହାରି କୁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ଈଶ୍ୱରଙ୍କର ଦୁଇପୁଅ, ଦୁଇଝିଅ ଓ ବୃଦ୍ଧା ମାଆ ଅଛନ୍ତି। ଶୁଳିଆପଦା ଥାନା ଅଧୀନ ଚିନାପୋଷି ଜଙ୍ଗଲକୁ କିଛି ସ୍ଥାନୀୟ ଲୋକେ ପତ୍ର ତୋଳିବାକୁ ଯାଇଥିବାବେଳେ ଗୋଟିଏ ଗଛ ମୂଳେ ମଣିଷ କଙ୍କାଳ, ହାଡ, ଖପୁରୀ ସହ ଏଣେତେଣେ ପଡ଼ିଥିବା ସାର୍ଟ ଓ ପେଣ୍ଟ ଦେଖିଥିଲେ। ତୁରନ୍ତ ସେମାନେ ଈଶ୍ୱରଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଷାକକୁ ଚିହ୍ନଟ କରିଥିଲେ। ସେହି ଗଛରେ ଗୋଟିଏ ଦଉଡ଼ି ଝୁଲୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏ ନେଇ ସେମାନେ ଶୁଳିଆପଦା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ହାଡ଼, କଙ୍କାଳ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଉଦ୍ଧାର ହୋଇଥିବା କଙ୍କାଳ ଈଶ୍ୱରଙ୍କର ନା ଅନ୍ୟ କାହାର ତାହା ସ୍ପଷ୍ଟ କରିବା ପାଇଁ ପରୀକ୍ଷା ନିମନ୍ତେ ଲାବ୍ରୋଟୋରୀକୁ ପଠାଯାଇଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଗଛରେ ଦଉଡ଼ି ଝୁଲୁଥିବାରୁ ଆତ୍ମହତ୍ୟା ଆଶଙ୍କା କରାଯାଉଛି। ତେବେ ପ୍ରକୃତ କାରଣ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହୋଇପାରିବ। ଘଟଣାର ତଦନ୍ତ ଜାରି ରହିଛି। ଘଟଣା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ୨୮ ବର୍ଷରେ ଉତ୍ତର ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ

## ଗୃହ ଶିଳାନ୍ୟାସକୁ ପୂରିଲାଣି ୧୬ ବର୍ଷ, କେବେ ହେବ ନିର୍ମାଣ

ବାରିପଦା, ୨୬।୭ (ସମିସ)



● ନିଜସ୍ୱ ୫୦ ଡିସିମିଲି ଜାଗା ପାଇଁ ବର୍ଷକୁ ଦିଆଯାଉଛି ୬୧୨୫ ଟଙ୍କା ଖଜଣା

● ଅଧ୍ୟାପକ କ୍ୱାଟରରେ ଚାଲିଛି କାର୍ଯ୍ୟାଳୟ

ଆଜକୁ ୨୮ ବର୍ଷ ପୂର୍ବେ ଉତ୍ତର ଓଡ଼ିଶାରେ ଉଚ୍ଚ ମାଧ୍ୟମିକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ୧୯୯୧ରୁ ବାରିପଦାଠାରେ ପରିଷଦର ଏକ ଶାଖା କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ନିଜସ୍ୱ ଗୃହ ନ ଥିବାରୁ ଏହା ପ୍ରଥମେ ଭଡ଼ାଘରେ କାର୍ଯ୍ୟ ଆରମ୍ଭ କରିଥିଲା। ତେବେ ୧୯୯୮ରେ ସରକାରଙ୍କ ପକ୍ଷରୁ ବାରିପଦାର ଜିଲ୍ଲା ହୋମିଓପାଥି ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ପରିଷଦର ଶାଖା କାର୍ଯ୍ୟାଳୟ ପାଇଁ ୫୦ ଡିସିମିଲ ଜାଗା ଉପଲବ୍ଧ କରିବା ସହିତ ୨୦୧୦ରେ ସେଠାରେ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଶିଳାନ୍ୟାସ କରିଥିଲେ। ତେବେ ଶିଳାନ୍ୟାସକୁ ୧୬ ବର୍ଷ ବିତିଥିଲେ ହେଁ ପରିଷଦର ଶାଖା କାର୍ଯ୍ୟାଳୟ ପାଇଁ ଗୃହ ନିର୍ମାଣ ହୋଇପାରିଲାନାହିଁ। ୨୫ ବର୍ଷରେ ୫ଟି ସ୍ଥାନରେ ଭଡ଼ା ଘରେ କାର୍ଯ୍ୟାଳୟ ଚାଲିବା ପରେ ୨୦୧୫ ମସିହାରୁ ଏହି କାର୍ଯ୍ୟାଳୟ ଏମପିସି ଜୁନିୟର କଲେଜ ଅଧ୍ୟାପକଙ୍କ ସରକାରୀ କ୍ୱାଟରରେ କାର୍ଯ୍ୟ କରୁଛି।

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଏହି ଶାଖା କାର୍ଯ୍ୟାଳୟ ଅଧୀନରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ଯଥାକ୍ରମେ ୯୫, ୧୦୩, ୫୫ ଓ ୪୯ଟି ମିଶି ମୋଟ ୩୦୨ଟି ସରକାରୀ ଓ ଘରୋଇ କଲେଜ (ଉଚ୍ଚମାଧ୍ୟମିକ ଶିକ୍ଷା ବିଦ୍ୟାଳୟ) କାର୍ଯ୍ୟ କରୁଛି। ତନ୍ମଧ୍ୟରୁ ୩୩ଟି ହବ କେନ୍ଦ୍ର ଓ ୨୨୧ଟି କଲେଜରେ ପରୀକ୍ଷା କେନ୍ଦ୍ର ଭାବେ ମାନ୍ୟତା ପାଇଛି। ବୃହତ୍ତ ସେବା ପାଇଁ ଶାଖା କାର୍ଯ୍ୟାଳୟ କ୍ୱାଟରରେ ଚାଲୁଥିବାରୁ କାର୍ଯ୍ୟ ସମ୍ପାଦନରେ ବାଧା ଉପଜୁଛି। ପରୀକ୍ଷା ସମୟ ଓ ପରବର୍ତ୍ତୀ କାର୍ଯ୍ୟ ପରିଚାଳନା ପାଇଁ ବିଭିନ୍ନ ସରକାରୀ କଲେଜ ଓ ଭୁବନେଶ୍ୱର କାର୍ଯ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଶାଖା କାର୍ଯ୍ୟାଳୟ ପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ବର୍ଷ ବର୍ଷ ଧରି ନିଜସ୍ୱ ଜମି ପାଇଁ ବର୍ଷକୁ ୬ ହଜାର ୧୨୫ ଟଙ୍କା ଖଜଣା ଦାଖଲ କରାଯାଉଥିଲେ ହେଁ ଅଦ୍ୟାବଧି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନାହିଁ। ଦାୟିତ୍ୱରେ ଥିବା ଉପସଚିବ ରାଜେଶ ପ୍ରଧାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଦାୟିତ୍ୱ ଗ୍ରହଣ ପରେ ଗୃହ ନିର୍ମାଣ ପାଇଁ ମୁଖ୍ୟ କାର୍ଯ୍ୟାଳୟକୁ ପତ୍ର ମାଧ୍ୟମରେ ଜଣାଇଥିବା କହିଛନ୍ତି। ଉଚ୍ଚ ମାଧ୍ୟମିକ ପରିଷଦ ଏବେ ଉଚ୍ଚଶିକ୍ଷା ପରିବର୍ତ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଛି। ତେବେ ଶାଖା କାର୍ଯ୍ୟାଳୟ ଗୃହ ନିର୍ମାଣ ଖୁବଶୀଘ୍ର ଆରମ୍ଭ ପାଇଁ ସାଧାରଣରେ ଦାବି ହେଉଛି।

## 'ପ୍ରତିଶ୍ରୁତି'ର ରଥଯାତ୍ରା ବିଶେଷାଙ୍କ ଲୋକାର୍ପିତ

ବାରିପଦା, ୨୬।୭ (ସମିସ): ମୟୂରଭଞ୍ଜର ବାରିପଦାରୁ ଦୀର୍ଘ ୪୪ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସାହିତ୍ୟିକ ଭାଗବତ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ସାହିତ୍ୟ ଓ ସଂସ୍କୃତିମୂଳକ ତ୍ରୈମାସିକ ପତ୍ରିକା 'ପ୍ରତିଶ୍ରୁତି'ର ରଥଯାତ୍ରା ବିଶେଷାଙ୍କ ଡାକ୍ତର ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ଲୋକାର୍ପିତ ହୋଇଯାଇଛି। ବଡ଼ଦାଣ୍ଡରେ ଆୟୋଜିତ ଉକ୍ତ ଲୋକାର୍ପଣ ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ମୁଖ୍ୟଅତିଥି, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ସମ୍ମାନିତ ଅତିଥି, ବାରିପଦା ପୌର ପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ବିଶିଷ୍ଟ ଅତିଥି, ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଜିଲ୍ଲାପାଳ ପତ୍ରିକାକୁ ଲୋକାର୍ପିତ କରି ଏହି ପତ୍ରିକାରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ପ୍ରକାଶିତ ରଚନା ନିଶ୍ଚିତ ଭାବେ ପାଠକଙ୍କ ଭିତରେ ଏ ଜାତିର ସଂସ୍କୃତି ଓ ଜଗନ୍ନାଥଙ୍କ ତତ୍ତ୍ୱ ସମ୍ପର୍କରେ ଜ୍ଞାନ ଲାଭ ପାଇଁ ବିଶେଷ ଖୋରାକ ଯୋଗାଇବ ବୋଲି କହିଥିଲେ।



ମୁଖ୍ୟବକ୍ତା ନଗରପାଳ ଏ ପତ୍ରିକା ଦୀର୍ଘ ୪୪ ବର୍ଷ ଧରି ମୟୂରଭଞ୍ଜରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଆନ୍ଦୋଳନ ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି କହିବା ସହିତ ସାହିତ୍ୟ ଗୋଟିଏ ଜାତିର ସ୍ପନ୍ଦନ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଆରକ୍ଷୀ ଅଧୀକ୍ଷକ ପତ୍ରିକାର ପ୍ରଚ୍ଛଦପଟ ଆକର୍ଷଣୀୟ ହୋଇଛି ବୋଲି କହିବା ସହିତ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏ ପତ୍ରିକା ଏକ ଦିଗବାରେଣୀ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଅତିରିକ୍ତ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ଗୋଟିଏ ଜାତି ତା'ର ସାହିତ୍ୟ ଓ ସଂସ୍କୃତି ପାଇଁ ସମାଜରେ ଶ୍ରେଷ୍ଠ ବିବେଚିତ ହୋଇଥାଏ ବୋଲି ବକ୍ତବ୍ୟ ପ୍ରଦାନ କରିବା ସହିତ ପତ୍ରିକାର ଦୀର୍ଘ ଜୀବନ କାମନା କରିଥିଲେ। ସମ୍ମାନିତ ବକ୍ତା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ଉପଜିଲ୍ଲାପାଳ ସମାଜର ହିତ ସାଧନ ପାଇଁ ସାହିତ୍ୟର ବିଶେଷ ଭୂମିକା ରହିଛି ଓ ଏ ପତ୍ରିକା ସେହି ଭୂମିକାକୁ ନିଭାଇବା ପାଇଁ ସମର୍ଥ ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଆଧ୍ୟାତ୍ମିକ ସାହିତ୍ୟ ହିଁ ମାନବ ଜୀବନକୁ ସୁଧାରିବାକୁ ସମର୍ଥ ବୋଲି କହିଥିଲେ। ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହିତ ଓଡ଼ିଶାର ବହୁ ଜଗନ୍ନାଥ ସଂସ୍କୃତି ଗବେଷକଙ୍କ ରଚନାରେ ସମୃଦ୍ଧ ଏ ପତ୍ରିକା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶାବ୍ୟକ୍ତ କରିବା ସହିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଅମର୍ଦା ଏୟାରଷ୍ଟ୍ରିପରେ ୧୪ ସହିଦ ଏୟାରମ୍ୟାନଙ୍କୁ ଶ୍ରଦ୍ଧାଞ୍ଜଳି

## ଏୟାରକ୍ରାଫ୍ଟ ରକ୍ଷଣାବେକ୍ଷଣ କେନ୍ଦ୍ର ଓ ସଂଗ୍ରହାଳୟ ପ୍ରତିଷ୍ଠା ଦାବି

ରାସଗୋବିନ୍ଦପୁର, ୨୬।୭ (ସମିସ): ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଐତିହାସିକ ଅମର୍ଦା ଏୟାରଷ୍ଟ୍ରିପ୍‌ରେ ୧୯୪୫ରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୪ ଜଣ ସହିଦ ଏୟାରମ୍ୟାନଙ୍କ ସ୍ମୃତିରେ ୧୭ତମ ବାର୍ଷିକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଶ୍ରଦ୍ଧାର ସହ ଅନୁଷ୍ଠିତ ହୋଇଛି। ଏ ଅବସରରେ ସହିଦଙ୍କ ପ୍ରତି ପୁଷ୍ପଗୁଚ୍ଛ ଅର୍ପଣ କରାଯାଇ ସେମାନଙ୍କ ଆତ୍ମ ବଳିଦାନକୁ ସ୍ମରଣ କରାଯାଇଥିଲା। ୧୯୪୫ ଜୁଲାଇ ୨୬ ତାରିଖରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅମର୍ଦା ଏୟାରଷ୍ଟ୍ରିପ୍‌ରୁ ଉଡ଼ାଣ ଅଭ୍ୟାସ କରୁଥିବା ଦୁଇଟି ବିମାନ ମଧ୍ୟ ଆକାଶରେ ପରସ୍ପର ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଭାରତ ସମେତ ବିଭିନ୍ନ ଦେଶର ମୋଟ ୧୪ ଜଣ ଏୟାରମ୍ୟାନ ପ୍ରାଣ ହରାଇଥିଲେ। ସ୍ମୃତିସଭାରେ ଯୁଦ୍ଧ ଇତିହାସ ଗବେଷକ ଅନୀଲ କୁମାର ଧୀର, ଆଦିତ୍ୟ ପଟ୍ଟନାୟକ, ଗୀତାଞ୍ଜଳି ପଟ୍ଟନାୟକ, ଡ. ବ୍ରଜ ଦାସ, ବସନ୍ତ ମହାନ୍ତ, ଅର୍ଚ୍ଚନା ନନ୍ଦୀ ଓ ସଞ୍ଜୀବ ଜୈନ ପ୍ରମୁଖ ଉପସ୍ଥିତ ରହି ଅମର୍ଦା ଏୟାରଷ୍ଟ୍ରିପ୍‌ର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ କହିଥିଲେ ଯେ, ବର୍ତ୍ତମାନ ପରିସ୍ଥିତିରେ ଅମର୍ଦା ଏୟାରଷ୍ଟ୍ରିପ୍ ଉଡାନ ଯୋଜନା ଅନୁସାରେ ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଉପଯୁକ୍ତ ନୁହେଁ। ତେଣୁ ଏହି ଐତିହାସିକ ଏୟାରଷ୍ଟ୍ରିପ୍‌କୁ ଏୟାରକ୍ରାଫ୍ଟ ରକ୍ଷଣାବେକ୍ଷଣ ଓ ମରାମତି କେନ୍ଦ୍ର ଭାବେ ବିକଶିତ କରିବା ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମୃତିଚିହ୍ନ ସଂରକ୍ଷଣ ପାଇଁ ଏକ ସଂଗ୍ରହାଳୟ (ମ୍ୟୁଜିୟମ୍) ପ୍ରତିଷ୍ଠା କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। ଯାହା ଆଗାମୀ ପିଢ଼ି ପାଇଁ ଐତିହାସିକ ଐତିହ୍ୟକୁ ସଂରକ୍ଷିତ ରଖିବ। ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାନ୍ତି ସଭା ପରିଚାଳନାରେ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସ୍ମୃତିସଭାର ସମାପ୍ତି ଘୋଷଣା କରିଥିଲେ।



● ପରିଛିପୁର ପ୍ରାଥମିକ ବିଦ୍ୟାଳୟ

## ପାଞ୍ଚଟି ଶ୍ରେଣୀକୁ ଜଣେ ଶିକ୍ଷକ, ପାଠପଢ଼ା ବାଧାପ୍ରାପ୍ତ

କୁଆମରା, ୨୬।୭ (ସମିସ): ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ପରିଛିପୁର ପ୍ରାଥମିକ ବିଦ୍ୟାଳୟ ୧୯୮୬ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏବେ ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି। ପାଞ୍ଚଟି ଶ୍ରେଣୀକୁ ମାତ୍ର ଜଣେ ଶିକ୍ଷକ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଉକ୍ତ ବିଦ୍ୟାଳୟ ଆରମ୍ଭରୁ ୫ଟି ଶ୍ରେଣୀକୁ ନେଇ ଚାଲିଛି ଶିକ୍ଷାଦାନ। ପରିତାପର ବିଷୟ ଉକ୍ତ ବିଦ୍ୟାଳୟର ଜଣେ ମାତ୍ର ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଏଠାରେ ଦୁଇଜଣ ଶିକ୍ଷକ ଶିକ୍ଷାଦାନ କରୁଥିବାବେଳେ ୨୦୨୫ ଶିକ୍ଷା ବର୍ଷ ଆରମ୍ଭରୁ ଜଣେ ଅବସର ନେବା ପରେ ବର୍ଷେ ଧରି ଉକ୍ତ ସ୍ଥାନ ଖାଲିପଡ଼ିଛି। ଶିଶୁ ବାଟିକା ସମେତ ଚଳିତ ବର୍ଷ ମୋଟ ୪୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟର ଦୀର୍ଘଦିନ ହେବ ଏକ ଭଙ୍ଗା ଦଦରା ଘରେ ରୋଷେଇ କାର୍ଯ୍ୟ ହେଉଛି। ରୋଷେଇ ଗୃହ ନ ଥିବାରୁ ବର୍ଷାଦିନେ ରୋଷେଇ ପାଇଁ ନନା ହଇରାଣ ହେବାକୁ ପଡୁଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ର କହିଛନ୍ତି। ଏ ନେଇ ଶିକ୍ଷା ବିଭାଗ ବିଆରସିସି କୁଳମଣି ନାଏକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି।

## ୨ ମାସ ହେଲା ପଦ୍ମପୋଖରୀ ହାଟ ନଳକୂପ ଅଚଳ

ଶରତ, ୨୬।୭ (ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ପଦ୍ମପୋଖରୀ ହାଟରେ ଥିବା ନଳକୂପ ଅଚଳ ହୋଇପଡ଼ିଛି। ଫଳରେ ହାଟକୁ ଆସୁଥିବା ଲୋକ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ସେହିପରି ହାଟର ଦୋକାନୀ ମଧ୍ୟ ନିଜର ଦୋକାନ ଚଳାଇବା ପାଇଁ ଆବଶ୍ୟକ ପାଣି ପାଇପାରୁନାହାନ୍ତି। ପଦ୍ମପୋଖରୀ ଅଞ୍ଚଳରେ ଗୋଟିଏ ଓଭରହେଡ ପାଣି ଟାଙ୍କିଥିଲେ ମଧ୍ୟ ତାହା କେବଳ ଗୋଟିଏ ସାହିକୁ ପାଣି ଯୋଗାଇବାରେ ସକ୍ଷମ ହେଉଛି। ଫଳରେ ଲୋକମାନେ ତାଙ୍କର ନିତ୍ୟ ବ୍ୟବହାର ଆବଶ୍ୟକୀୟ ପାଣି ପୋଖରୀରୁ ଆଣୁଥିବା ଦେଖିବାକୁ ମିଳିଛି। ଏଣୁ ଯଥାଶୀଘ୍ର ହାଟ ନଳକୂପକୁ ମରାମତି କରି ଅଞ୍ଚଳବାସୀଙ୍କ ପାଣି ସମସ୍ୟା ଦୂର କରିବାକୁ ସୁନାରାମ ହୋ, କ୍ରିଷ୍ଣାକାନ୍ତ ଗୁଣ୍ଡୁହାଳା, ରାଜେନ୍ଦ୍ର ମହାକୁଡ଼, ସମାଜସେବୀ ନବୀନ ମୁଣ୍ଡୁରୀ, ଜେନା ହୋ, ଚକ୍ରଧର ସିଂ ପ୍ରମୁଖ ଦାବି କରିଛନ୍ତି।



## ଶ୍ରୀ ବିଦ୍ୟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୋଷାକ ଓ ଖାଦ୍ୟ ବଣ୍ଟନ

ଉଦଳା, ୨୬।୭ (ସମିସ): ଶ୍ରୀ ବିଦ୍ୟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମଧୁପୁର ଗ୍ରାମର ୩୦ ଜଣ ବୃଦ୍ଧାବୃଦ୍ଧଙ୍କୁ ଶାଢ଼ୀ ଓ ଲୁଙ୍ଗୀ ଗାମୁଛା, ଖାଦ୍ୟ ବିତରଣ କରାଯାଇଥିଲା। ଉକ୍ତ ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପତଞ୍ଜଳିର ଭାରତ ସ୍ୱାଭିମାନ ଟ୍ରଷ୍ଟ ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ବ୍ରହ୍ମାନନ୍ଦ ନାୟକ ଯୋଗ ଦେଇଥିଲେ। ଶ୍ରୀ ବିଦ୍ୟାଙ୍କ ମାତା ଶ୍ରୀମତୀ ସୁଭଦ୍ରା ରାଉତ, ପିତା ଦୁଲମଣି ପୁହାଣ, ମଉସା ଉମେଶ ରାଉତ, ମାଉସୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ରାଉତ, ଭାଇ ଅଭିଜିତ୍ ରାଉତ, ସଞ୍ଜୟ ପୁହାଣ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକୁ ସଫଳ କରିବା ସହ ପରିଚାଳନା କରିଥିଲେ। ଶ୍ରୀ ବିଦ୍ୟା ମେମୋରିଆଲ ଟ୍ରଷ୍ଟ ଏଭଳି ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ, ଚାରାରୋପଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ୬ ବର୍ଷ ହେବ କରିଆସୁଛି।



### ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

## ଉଦଳାର ଶାଶ୍ୱତ ଦେବ ଶ୍ରେଷ୍ଠ ଖେଳାଳି

ବାରିପଦା, ୨୬।୭ (ସମିସ)




ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ବାରିପଦାସ୍ଥ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡ଼ିୟମରେ ଦୁଇଦିନ ଧରି ଚାଲିଥିବା ବାଳକ, ବାଳିକା, ପୁରୁଷ ଓ ମହିଳା ବର୍ଗର ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ୨୫ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଚାମ୍ପିଅନସିପ୍‌ରେ ଉଦଳାର ଶାଶ୍ୱ ଦେବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଉଦଘାଟନୀ ସମାରୋହରେ ବାରିପଦା ବନଖଣ୍ଡର ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଉଦଘାଟନ ପୂର୍ବକ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗୀ ଓ ପ୍ରତିଯୋଗିତାର ସଫଳ କାମନା କରିଥିଲେ। ସେହିପରି ଉଦଯାପନୀ ସମାରୋହରେ ଅତିଥି ଭାବେ ସମାଜସେବୀ କାଶୀନାଥ ରଣା, ନନ୍ଦିକେଶ ସେଜପଡ଼ା ଓ ବାରିପଦା ବନଖଣ୍ଡର ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ବାରିପଦା ଉପଖଣ୍ଡରୁ ୪୫ ଜଣ, ଉଦଳାରୁ ୨୨ ଜଣ, ରାଇରଙ୍ଗପୁରରୁ ୮ ଜଣ, ବେତନଟୀ ଓ କରଞ୍ଜିଆରୁ ୪ ଜଣ, ବାଙ୍ଗିରିପୋଷି ଓ ବୈଶିଙ୍ଗାରୁ ୩ ଜଣ, କପ୍ତିପଦା ଓ ବଡ଼ସାହି ବ୍ଲକରୁ ୨ ଜଣ ଲେଖାଏଁ ଖେଳାଳି ଭାଗ ନେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବୟସ ଓ ବର୍ଗର ସମୁଦାୟ ୯୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଜେତାମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ସମ୍ପାଦକ ବିଭୂତି ଭୂଷଣ ଦାସ ଜଣାଇଛନ୍ତି। ବାଳକ ବିଭାଗ ୧୧ ବର୍ଷରୁ କମ ଏକକ ବର୍ଗରେ ବାରିପଦାର ଲକି ମାରାଣ୍ଡି ଚାମ୍ପିଅନ୍ ଓ ଉଦଳାର ଶେଖ୍ ସାହିଲ ରନର୍ସଅପ୍, ୧୩ ବର୍ଷରୁ କମ ଏକକ ବର୍ଗରେ ବାରିପଦାର କୃଷ୍ଣକାନ୍ତ ସିଂ ଚାମ୍ପିଅନ୍ ଓ ତେଜସ ବେହେରା ରନର୍ସଅପ୍, ଯୁଗଳ ବର୍ଗରେ ବାରିପଦାର ତେଜସ ବେହେରା ଓ ବିଶ୍ୱ ଭବ୍ୟେଶ ବେହେରାଙ୍କ ଯୋଡ଼ି ଚାମ୍ପିଅନ୍, ସାଇ ଶ୍ରେୟସ ମହାନ୍ତ ଓ ଅଭିନବ ଦତ୍ତଙ୍କ ଯୋଡ଼ି ରନର୍‌ଅପ୍, ୧୫ ବର୍ଷରୁ କମ ଏକକ ବର୍ଗରେ ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଚାମ୍ପିଅନ୍ ଓ ବାରିପଦାର ଆୟୁଷ୍ମାନ ପ୍ରଧାନ ରନର୍‌ଅପ୍, ଯୁଗଳ ବର୍ଗରେ ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଓ ସେକ ରୌନକ ରାଜଙ୍କ ଯୋଡ଼ି ଚାମ୍ପିଅନ୍, ଜିଜ୍ଞାଂଶ ଚାନ୍ଦ ଓ କୁଳଦୀପ ପାତ୍ରଙ୍କ ଯୋଡ଼ି ରନର୍‌ଅପ୍, ୧୭ ବର୍ଷରୁ କମ ଏକକ ବର୍ଗରେ ବାରିପଦାର ରୋହନ କୁମାର୍ ସାଲ୍ ଚାମ୍ପିଅନ ଓ ରାଇରଙ୍ଗପୁରର ରୁଦ୍ରାଂଶ ପ୍ରଧାନ ରନର୍‌ଅପ, ଯୁଗଳ ବର୍ଗରେ ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଓ ପ୍ରତ୍ୟୁଷ କୁମାର ପରିଡ଼ାଙ୍କ ଯୋଡ଼ି ଚାମ୍ପିଅନ, ବାରିପଦାର ଖ୍ୟାତିରଞ୍ଜନ ମହାପାତ୍ର ଓ ଯୋଜିତ୍ ଖଣ୍ଡେଲୱାଲ୍ ରନର୍ସଅପ୍, ୧୯ ବର୍ଷରୁ କମ ଏକକ ବର୍ଗରେ ରାଇରଙ୍ଗପୁରର ମନୀଷ କୁମାର ପାଲ ଚାମ୍ପିଅନ ଓ ବାରିପଦାର ରୋହନ କୁମାର୍ ସାଲ୍ ରନର୍ସଅପ, ଯୁଗଳ ବର୍ଗରେ ବାରିପଦାର ଅରିଜିତ ଦାସ ଓ ଖ୍ୟାତିରଞ୍ଜନ ମହାପାତ୍ରଙ୍କ ଯୋଡ଼ି ଚାମ୍ପିଅନ୍, ରାଇରଙ୍ଗପୁରର ମନୀଷ କୁମାର ପାଲ ଓ ରୁଦ୍ରାଂଶ ପ୍ରଧାନଙ୍କ ଯୋଡ଼ି ରନର୍ସଅପ୍ ହୋଇଥିଲେ। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଜୟଜିତ ଦାସ ରନର୍ସଅପ୍, ପୁରୁଷ ଯୁଗଳ ବର୍ଗରେ ରାଇରଙ୍ଗପୁରର ମନୀଷ କୁମାର ପାଲ ଓ ଉଦଳାର ଅଙ୍କିତ ବାରିକ୍‌ଙ୍କ ଯୋଡ଼ି ବାରିପଦାର ଜୟଜିତ ଦାସ ଓ ଶରତ ରଣା ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ସେହିପରି ବାଳିକା ବିଭାଗର ଏକକ ବର୍ଗରେ ବାରିପଦାର ଦେବସ୍ମିତା ମହାନ୍ତ ଚାମ୍ପିଅନ୍ ହୋଇଥିବାବେଳେ ବାରିପଦାର ପ୍ରିତୀଷା ପାତ୍ର ରନର୍ସଅପ୍ ହୋଇଥିଲେ। ଯୁଗଳ ବର୍ଗରେ ବାରିପଦାର ଦେବସ୍ମିତା ମହାନ୍ତ ଓ ଦିଶା ବେହେରାଙ୍କ ଯୋଡି ବାରିପଦାର ମାନଭୀ ଖଣ୍ଡେଲୱାଲ୍ ଓ ଅନଭିସିକ ଜେନାଙ୍କ ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ରେଫରୀ ଭାବେ ମନମୋହନ ମୁର୍ମୁ, ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବାବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ, ଦେବାଶିଷ ବେହେରା, ସୌମ୍ୟଜିତ ବେହେରା, ଆୟୁଷ୍ମାନ ପଟ୍ଟନାୟକ, କୁନୁ ମଣ୍ଡଳ ଓ ସୌମ୍ୟରଞ୍ଜନ ପାଣିଗ୍ରାହୀ ସହାୟତା କରିଥିଲେ। ସଦସ୍ୟ ପାର୍ଥସାରଥି ସ୍ୱାଇଁ, ଶାଶ୍ୱତ ବଳ, ଦୀପକ ପରିଡ଼ା, ସୁଦୀପ ଦାସ, ଅଭିଷେକ ସାହୁ, କାର୍ତ୍ତିକ ବାରିକ, ଉଦୟ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ ମନୋବୃତ୍ତି, ଅଭିଭାବକଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, କର୍ମକର୍ତ୍ତା ଓ ସମସ୍ତ ସହଯୋଗୀଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର



ମହୁଲଡିହା, ୨୬।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ସୀମାନ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ପଣସଡିହା ପଞ୍ଚାୟତର ସିକାବେଡା ଗ୍ରାମରେ ଭାଲୁ ହାବୁଡ଼ରେ ପଡ଼ି ମହିଳା ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ଆହତ ମହିଳା ଗୁରୁବାରୀ ହେମ୍ବ୍ରମ (୨୮) ଜଙ୍ଗଲ ପାଖରେ ଥିବା ନିଜ ବିଲରେ ତଳି ରୋଇବା କାମ ସାରି ଘରକୁ ଫେରୁଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଏହି ସମୟରେ ହଠାତ ଜଙ୍ଗଲରୁ ୪ଟି ଭାଲୁ ବାହାରି ଆସିଥିଲେ। ଗୋଟିଏ ଭାଲୁ ଅତର୍କିତ ଭାବେ ଗୁରୁବାରୀଙ୍କୁ ଆକ୍ରମଣ କରିଥିଲା। ପାଖରେ ଥିବା ନିଜ ଭାଉଜ ଜେମା ହେମ୍ବ୍ରମ ପାଟି କରିବାରୁ ଭାଲୁଗୁଡ଼ିକ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ପରିବାର ଲୋକ ଗୁରୁବାରୀଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ଗୟଳମୁଣ୍ଡା ସେକ୍ସନ ବନପାଳ ଦିବାକର ମୁଣ୍ଡା ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ବାବଦରେ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। ଗୁରୁବାରୀଙ୍କ ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଉଥିବା ଜଣାପଡ଼ିଛି।

## ଘରୋଇ ସ୍କୁଲରେ ପିତାମାତା ଦିବସ ପାଳିତ

**ଢେଙ୍କାନାଳ,୨୬ ।୭ (ସମିସ):** ସ୍ଥାନୀୟ ସତ୍ୟମ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ରବିବାର 'ପିତାମାତା ଦିବସ' ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ରାଉତ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ କହିଥିଲେ ଯେ, "ପିତାମାତାଙ୍କ ତ୍ୟାଗ, ପରିଶ୍ରମ ଓ ସଂସ୍କାର ହିଁ ସନ୍ତାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ।" ସେ ପିତାମାତାଙ୍କୁ ସନ୍ତାନମାନଙ୍କ ସର୍ବାଙ୍ଗୀଣ ବିକାଶରେ ସକ୍ରିୟ ସହଯୋଗ ପାଇଁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ଶ୍ଳୋକ ଆବୃତି, ନାଟକ, ଏକାଙ୍କିକା ଓ ବିଭିନ୍ନ କଳାତ୍ମକ ପରିବେଷଣ ମାଧ୍ୟମରେ ଉପସ୍ଥିତ ଦର୍ଶକ ଓ ଅଭିଭାବକଙ୍କ ମନମୋହି ନେଇଥିଲେ। ପିତାମାତା ଓ ଅଭିଭାବକମାନଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା, କ୍ରୀଡା, ସାଧାରଣ ଜ୍ଞାନ ପରୀକ୍ଷା ଏବଂ ଅନ୍ୟାନ୍ୟ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସୁନ୍ଦର ଭାବେ ନିଜ ଦକ୍ଷତାର ପ୍ରଦର୍ଶନ କରିଥିଲେ। ଏଭଳି ସୃଜନଶୀଳ, ଶିକ୍ଷଣୀୟ ଓ ଅଭିନବ ଆୟୋଜନ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ରାଉତ ଓ ସମଗ୍ର ଶିକ୍ଷକମଣ୍ଡଳୀଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ସ୍କୁଲ ତରଫରୁ ଉତ୍ସର୍ଗୀକୃତ ଅବଦାନ ପାଇଁ ଶ୍ରେଷ୍ଠ ଅଭିଭାବକ ହିସାବରେ ଅନିଲ କୁମାର ଏବଂ ଜୟନ୍ତୀ ଦେବତା ଙ୍କୁ ସତ୍ୟମ ସ୍କୁଲ ତରଫରୁ ସମ୍ମାନିତ କରାଯାଇଥିଲା।

# ବାରହା ଆକ୍ରମଣରେ ମହିଳା ମୃତ, ୧୦ରୁ ଊର୍ଦ୍ଧ୍ୱ ଆହତ




**ଢେଙ୍କାନାଳ,୨୬ ।୭ (ସମିସ)**




ଢେଙ୍କାନାଳ ବନାଞ୍ଚଳ ଓଡ଼ାପଡ଼ା ବ୍ଲକ ଗଦାଶିଳା ଫରେଷ୍ଟ ରେଞ୍ଜ ଇନ୍ଦିପୁର ଗ୍ରାମରେ ବାରହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଗ୍ରାମର ଡମ୍ବରୁଧର ନାଏକଙ୍କ ସ୍ତ୍ରୀ ବଚନ ନାଏକ (୬୪)। ସେହିପରି ଗ୍ରାମର ଅଧି ନାଏକ, ରଞ୍ଜନ ନାଏକ (୫୪), ମମତା ନାଏକ (୩୯), ଅଧିକାରୀ ନାଏକ(୬୫), ବିରଞ୍ଚି ବେହେରା (୬୫), ବେଣୁଧର ବେହେରା (୬୧), ତାଙ୍କ ପୁଅ ରାକେଶ ବେହେରା (୪୫) ପ୍ରମୁଖ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ କୋକୁଆ ଭୟ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ବାରହାକୁ କାବୁ କରିବାକୁ ପ୍ରୟାସ ଜାରି ରହିଥିବା ବେଳେ ଗ୍ରାମାବାସୀ ତାଟିକବାଟ ବନ୍ଦ ରଖିଛନ୍ତି।

ରବିବାର ଭୋର ୫ଟାରେ ଇନ୍ଦିପୁର ଗ୍ରାମ ତଳନୂଆ ସାହି ହରିଜନ ସାହିରେ ଏକ ବାରହା ପଶିଯାଇଥିଲା। ବାରହା ପ୍ରଥମେ ବାହାରେ ବନ୍ଧା ହୋଇଥିବା ଏକ ଗାଈକୁ ଆକ୍ରମଣ କରିଥିଲା। ଗାଈଟି ରଡ଼ି କରିବାରୁ ବଚନ ନାଏକ ବାହାରକୁ ଆସି ଚିତ୍କାର କରି ସମସ୍ତଙ୍କୁ ଡାକିଥିଲେ। ଏହି ସମୟରେ ବାରହା ବଚନଙ୍କୁ ଆକ୍ରମଣ କରି ତାଙ୍କ ଅନ୍ତବୁଜୁଳା ବାହାର କରିଦେଇଥିଲା। ସେହିପରି ନିକଟରେ ଥିବା ଅଧି ନାଏକଙ୍କୁ ଆକ୍ରମଣ କରିବା ସହ ତାଙ୍କ ଜଙ୍ଘକୁ କାମୁଡ଼ି ମାଂସ ଛିଣ୍ଡାଇ ଦେଇଥିଲା। ଏଥିସହ ତାଙ୍କ ହାତ ଓ ମୁଣ୍ଡକୁ କାମୁଡ଼ି ଗଭୀର କ୍ଷତ କରିଛି। ପରେ ରଞ୍ଜନ ନାଏକ, ମମତା ନାଏକଙ୍କ ଗୋଡ଼କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା। ପୁଣି ଅଧିକାରୀ ନାଏକ, ବିରଞ୍ଚି ବେହେରା, ବେଣୁଧର ବେହେରା, ରାକେଶ ବେହେରାଙ୍କ ହାତ ପାପୁଲି, ଜଙ୍ଘ, ଅଣ୍ଟା ଓ ମୁଣ୍ଡକୁ କାମୁଡ଼ି ରକ୍ତାକ୍ତ କରିଥିଲା। ବଚନ ନାଏକଙ୍କୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ଅନ୍ୟମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ମୃତାହତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀଙ୍କୁ ପଚାରିବାରେ ସେ କୁହନ୍ତି, ବନ କର୍ମଚାରୀ ସେହି ଅଞ୍ଚଳରେ ହାତୀ ଓ ବାରହା ଉପରେ ନଜର ରଖିଛନ୍ତି। ପାଟ୍ରୋଲିଂ ମଧ୍ୟ ଜାରି ରହିଛି। ବାରହା ନିକଟସ୍ଥ ଜଙ୍ଗଲରେ ରହିଛି। ଦରକାର ପଡ଼ିଲେ ବାରହାକୁ ଟ୍ରାଙ୍କୁଲାଇଜ କରାଯିବ। ଇନ୍ଦିପୁର ପରେ ବାରହା ଡେଙ୍ଗବୋରେଇ ଓ କାଣ୍ଡବିନ୍ଧା ଗ୍ରାମରେ ପଶିଥିବା ଦେଖିବାକୁ ମିଳିଛି। ଗ୍ରାମଟି ଜଙ୍ଗଲ ନିକଟରେ ଥିବାରୁ ବହୁ ସଂଖ୍ୟକ ବାରହା ଏବେ ପଲପଲ ହୋଇ ନିକଟସ୍ଥ ଅଞ୍ଚଳକୁ ଆସୁଛନ୍ତି। ଏ ଦିଗରେ ବନବିଭାଗ ପଦକ୍ଷେପ ନେବା ସହ ବାରହାକୁ କାବୁ କରିବାରୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଅଞ୍ଚଳରେ ହାତୀ ପରେ ଏବେ ବାରହା ଆକ୍ରମଣ ଦେଖିବାକୁ ମିଳିଛି। ବାରହା ଭୟରେ ଗ୍ରାମବାସୀ ଏକାଠି ହୋଇ ଜଗି ରହିଥିବା ବେଳେ ବନବିଭାଗ ମଧ୍ୟ ସଜାଗ ରହିଛି।

## ଭୁବନରେ ମହାପ୍ରଭୁଙ୍କ ସୁନାବେଶ



**ଭୁବନ,୨୬ ।୭ (ସମିସ):** ଭୁବନରେ ତୃତୀୟା ଜୀଉଙ୍କ ସୁନାବେଶ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟୁଆ ଓ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ।। ସନ୍ଧ୍ୟା ୬ ଘଟିକା ସମୟରେ ଜଗନ୍ନାଥ ମନ୍ଦିରରେ ପରିସରରେ ଆରମ୍ଭ ହୋଇଯାଇଛି।ଏହି ଉପଲକ୍ଷେ ଭୁବନେଶ୍ୱରୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ସାହାଯ୍ୟ ସହଯୋଗ କ୍ରମେ ପ୍ରଭୁ ଭଜନ ଦରବାରରେ ଅନୁଷ୍ଠିତ ହୋଇଯାଇଛି। ସୁନାବେଶ ଦେଖିବାକୁ ଆଖପାଖ ବହୁ ଭକ୍ତ ଉଉପସ୍ଥିତଥିଲେମନ୍ଦିର ପରିଚାଳନା କମିଟି ସଭାପତି ସମେତ ସମସ୍ତ ଶୁଭେନ୍ଦୁ କୁମାର ସାହୁ କର୍ମକର୍ତ୍ତା, ସେବାୟତ, ମାତୃ ମଣ୍ଡଳୀ, ସଙ୍କୀର୍ତନ ମଣ୍ଡଳୀ, ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀ ଏହି ପବିତ୍ର ସୁନାବେଶରେ ସାମିଲ ହୋଇ କର୍ତବ୍ୟ ସମ୍ପାଦନ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

**କାମାକ୍ଷାନଗର,୨୬ ।୭ (ସମିସ):** ତୁମୁସିଂହା ଥାନା ଜକା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗାଁର ଗୌରାଙ୍ଗ ଦେହୁରୀ (୪୫)। ଗୌରାଙ୍ଗ ବିଲକୁ କାମ କରିବାକୁ ଯାଇ ପୋଖରୀରେ ଗାଧୋଉଥିବା ବେଳେ ଗୋଡ଼ଖସି ଯିବାରୁ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ସମସ୍ୟା ଭିତରେ ଧନିଆନାଳି କମାରଶାଳ

**ଗଁଦିଆ,୨୬ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ମଠତେନ୍ତୁଳିଆ ପଞ୍ଚାୟତର ଧନିଆନାଳୀ କମାରଶାଳ ସମସ୍ୟା ଭିତରେ ଗତି କରୁଛି। ଗ୍ରାମର ବ୍ରହ୍ମା କମାର, ରୀନା କମାର ନିତିଦିନ ଲୁହାରେ ଶାବଳ, କଟୁରି, ଦାଆ, ଟାଙ୍ଗିଆ, କୋଡ଼ି ଆଦି ତିଆରି କରନ୍ତି। ପ୍ରତ୍ୟେକ ଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପଲିଥିନ ପକାଇଥିବା କମାରଶାଳରେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଦୁଇ ଝିଅ ଡମଶାଳରେ ଥିବା



ଆଶ୍ରମ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ପୁଅକୁ ବାଲେଶ୍ୱରର ଏକ ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ପଢ଼ାଉଛନ୍ତି। ତେବେ ହାତତିଆରି ସରଞ୍ଜାମ ଆଗ ଭଳି ବିକ୍ରି ହୋଇ ପାରୁନାହିଁ। ଫଳରେ ଚଳିବାରେ ଅସୁବିଧା ହେଉଛି। ବର୍ଷାଦିନେ ବର୍ଷା ଯୋଗୁଁ ଭଲ ଭାବରେ କାମ କରିପାରୁନାହାନ୍ତି। ଏଣୁ କମାରଶାଳ ନିର୍ମାଣ ପାଇଁ ସରକାରୀ ସହାୟତା ମିଳିଲେ ସେମାନଙ୍କ ଜୀବିକା ଚାଲିପାରିବ ବୋଲି ପ୍ରକାଶ କରିଛନ୍ତି।

## ରାସ୍ତା ଉପରେ ପଡ଼ିଲା ଗଛ; ଯାତାୟାତ ବାଧାପ୍ରାପ୍ତ



**ଗଁଦିଆ,୨୬ ।୭ (ସମିସ):** ଗଁଦିଆ ବ୍ଲକର ମଧ୍ୟ ସ୍ଥଳ ଦେଇ ଢେଙ୍କାନାଳ ସଦର ମହକୁମା ଠାରୁ ଷଡ଼ଙ୍ଗୀ ଛକ ଦେଇ ଯାଜପୁର ଜିଲ୍ଲାର ଚଣ୍ଡେଇଧରା ଛକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଲଗାଣ ବର୍ଷାରେ କାଶୀପୁର ଗ୍ରାମ ପଞ୍ଚାୟତର ନବକାଶୀପୁର ଠାରେ ରାସ୍ତା କଡରେ ଥିବା ଏକ ବହୁତ ଦିନର ଶୁଖିଲା ବର ଗଛ ମୂଳରୁ ଉପୁଡି ପଡି ରାସ୍ତା ଉପରେ ସମ୍ପୂର୍ଣ୍ଣ ଭାବରେ ପଡିଯିବା ଦ୍ୱାରା ଦୀର୍ଘ ସମୟ ଧରୀ ଯାନବାହାନ ଚଳା ଚଳ କ୍ଷେତ୍ରରେ ବାଧା ଉପୁଜିଥିଲା ଓ ଯାଅ ଆସ ସମ୍ପୂର୍ଣ ବନ୍ଦ ହୋଇଯାଥିଲା ଖବର ପାଇ ଗଁଦିଆ ଅଗ୍ନିଶମ ବାହିନୀର ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟରତ କର୍ମଚାରୀ ରାଜକିଶୋର ସାହୁ, ଦେବଦତ ଦାସ, ମନୋଜ କୁମାର ସିଂହ ଓ ରାକେଶ କୁମାର ପଣ୍ଡା ୫ଘଣ୍ଟା ଧରୀ ଅକ୍ଲାନ୍ତ ପରିଶ୍ରମ କରି ଉକ୍ତ ଗଛକୁ ରାସ୍ତା ଉପରୁ ହଟାଇବା ସହିତ ରାସ୍ତାକୁ ସଫା କରିଥିଲେ ଓ ଏହାପରେ ଉକ୍ତ ରାସ୍ତା ଉପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

## ଭୁବନ ଶିଶୁ ମନ୍ଦିର ପକ୍ଷରୁ ଜ୍ଞାନବିଜ୍ଞାନ ମେଳା

**ଭୁବନ,୨୬ ।୭ (ସମିସ):** ଭୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ଦ୍ୱାରା ପ୍ରଥମ ଶ୍ରେଣୀରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ବିଶେଷ ଜ୍ଞାନ ଦ୍ୱାରା ସେମାନଙ୍କର ବୌଦ୍ଧିକ କ୍ଷେତ୍ରରେ ବିକାଶ ହୋଇଥିବା ବେଳେ ବିଦ୍ୟାଳୟର କୁନିକୁନି ବୈଜ୍ଞାନିକ ମାନେ ବିଭିର୍ଣ୍ଣ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ତେବେ



ବିଦ୍ୟାଳୟ ସ୍ତରୀୟ ଏହି ପ୍ରତିଯୋଗିତାରେ ଉନ୍ନତି କରିଥିବା ଛାତ୍ରଛାତ୍ରୀ ମାନେ ପରେ ସଂକୁଳ, ସଂଭାଗ ଓ ରାଜ୍ୟ ସ୍ତରରେ ଭାଗନେବେ ବୋଲି ବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି। ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୁବନ ସନ୍ତୋଷ କୁମାର ସାହୁ ସମେତ ସମସ୍ତେ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

## ସୁନାବେଶ ଦର୍ଶନ କଲେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ



**ଢେଙ୍କାନାଳ,୨୬ ।୭ (ସମିସ):** ବାହୁଡା ଯାତ୍ରାର ସୁନାବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟଫଳ ମିଳିଥାଏ ବୋଲି କଥା ରହିଅଛି। ଏହି ଦୁର୍ଲଭ ସୁନାବେଶ ଦେଖିବା ପାଇଁ ତମାମ ଅପେକ୍ଷାରେ ଥାନ୍ତି ଶ୍ରଦ୍ଧାଳୁ ଓ ଭକ୍ତମାନେ। ସୁନାବେଶ ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ଗଣେଶ ବଜାର ଛକ ଓ ଏଏନ୍‌ଏମ ଟ୍ରେନିଂ ସେଣ୍ଟର ଛକ ଠାରୁ ରଥ ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ନିଷେଧ କରାଯାଏ। ଯାହାଫଳରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ଚାଲି ଚାଲି ସୁନାବେଶ ଦର୍ଶନ କରିପାରନ୍ତି ନାହିଁ। ଏହାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ ପକ୍ଷରୁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ କିଭଳି ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିପାରିବେ ଏଥି ନିମନ୍ତେ ଏଏନ୍‌ଏମ ଟ୍ରେନିଂ ସେଣ୍ଟର ଛକ ଠାରୁ ରଥ ପର୍ଯ୍ୟନ୍ତ ଦୁଇ ଗୋଟି ବ୍ୟାଟେରୀ ଚାଳିତ ଗାଡ଼ିର ବ୍ୟବସ୍ଥା ଏବଂ ରଥ ନିକଟରେ ହ୍ୱିଲ୍ ଚେୟାରର ବ୍ୟବସ୍ଥା କରାଯାଇଥିଲା। କ୍ଲବର ସ୍ୱେଚ୍ଛାସେବୀମାନେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଶୃଙ୍ଖଳିତ ଭାବେ ସୁନାବେଶ ଦର୍ଶନ କରାଇବା ସହ ପ୍ରତ୍ୟାବର୍ତନ କରିବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହ ସହ ସଂଖ୍ୟାରେ ଶ୍ରଦ୍ଧାଳୁ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ସୁନାବେଶ ଦର୍ଶନ କରି, ଆତ୍ମସନ୍ତୋଷ ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେରେ ବଜରଙ୍ଗ କ୍ଲବର ସଦସ୍ୟ ବବୁଲ୍ ଦାସ, ଜ୍ୟୋତିପ୍ରକାଶ ବେହେରା, ଦୀପ୍ତିରଞ୍ଜନ ମିଶ୍ର, କିର୍ତୀ ପ୍ରଧାନ, ଅମିତ, ସନ୍ତୋଷ ପରିଡ଼ା, ମୋହିତ, ଦେବ ନାୟକ, ବ୍ରହ୍ମାନଂଦ ପଣ୍ଡା, ମୁନା, ଟାଟୁଲ ବ୍ରହ୍ମ, ବାବୁନା ଦାସ, ରାଘବେନ୍ଦ୍ର ଏବଂ ମହିଳା ଶାଖାର ସଦସ୍ୟା ନେହା, ଶୁଭଶ୍ରୀ ଦାସ, ମାତୃଶକ୍ତି ରଣା, ସସ୍ମିତା ମାଝୀ, ନୀତା ପଣ୍ଡା ଏବଂ ସମୀକ୍ଷା ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବଜରଙ୍ଗ କ୍ଲବ ଦ୍ୱାରା ଅୟୋଜିତ ଏହି କାର୍ଯ୍ୟକ୍ରମକୁ ଢେଙ୍କାନାଳର ଜନସାଧାରଣଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ

**ଗଁଦିଆ,୨୬ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା ସଦର ମହକୁମାରୁ ଗଁଦିଆ ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବଣିଆପଡ଼ା ଛକରେ ଥିବା ପୋଲର କିଛି ଅଂଶ ଲଗାଣ ବର୍ଷାରେ ଧୋଇଯିବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହେଉଛି। ପୂର୍ତ୍ତ ବିଭାଗ ଦ୍ୱାରା ଉକ୍ତ ରାସ୍ତାଟିର ନବୀକରଣ କାର୍ଯ୍ୟ ହୋଇଥିଲେ ସୁଦ୍ଧା ଉକ୍ତ ପୁରୁଣା ପୋଲର ନବୀକରଣ ନ ହେବା ଫଳରେ ବର୍ଷା ବେଳେ ଗୁଣ୍ଡୁରାପସୀ ପ୍ରୋଜେକ୍ଟ ଓ ଜଙ୍ଗଲ ପାଣି ପ୍ରବଳ ମାତ୍ରାରେ ମାଡ଼ିଆସିବା ଦ୍ୱାରା ପୋଲ ଭାଙ୍ଗିଯାଇଛି। ଉକ୍ତ ଛକ ଏକ ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ୩ଦିନ ତଳେ ଗଁଦିଆ ତହସିଲ କାର୍ଯ୍ୟାଳୟର ଜଣେ କର୍ମଚାରୀ ସନ୍ଧ୍ୟାରେ ବାଇକରେ ଆସୁଥିବା ସମୟରେ ଏହି ପୋଲଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ବାମ ଗୋଡ଼ରେ ଆଘାତ ଲାଗି ଦୁଇ ଜାଗାରୁ ଭାଙ୍ଗିଯାଇଛି। ଏଥିସହ ଅନେକ ବ୍ୟକ୍ତି ମଧ୍ୟ ଏଠାରେ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆଖାବର ହେଉଥିବା ଦେଖିବାକୁ ମିଳୁଛି। ଉକ୍ତ ପୋଲକୁ ସଫା କରି ଜମି ରହିଥିବା ବର୍ଷା ପାଣିକୁ ନିଷ୍କାସନ କରିବା ସହ ଜନସାଧାରଣଙ୍କ ଯାତାୟାତ ପାଇଁ ତୁରନ୍ତ ଅସ୍ଥାୟୀ ବ୍ୟବସ୍ଥା ଓ ପୋଲ ନିର୍ମାଣ କରିବାସୁ ସଧାରଣରେ ଦାବି ହେଉଛି।



# ଦେଓଗାଁରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ



**ଗଁଦିଆ,୨୬ ।୭ (ସମିସ):** ପବିତ୍ର ବାହୁଡା ଏକାଦଶୀ ଓ ସୁନାବେଶ ଉପଲକ୍ଷେ କପିଳାସ ଦେଓଗାଁ ଶ୍ରୀ ଶ୍ରୀ ବଳଦେବଜୀଉ ଭଜନ କମିଟି ଦ୍ୱାରା ଆୟୋଜିତ ଭଜନ ସମାରୋହ ବହୁ ଆଡମ୍ବରରେ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ, ବସନ୍ତ ଶତପଥୀ, ବାଦଲ କୁମାର ଆଚାର୍ଯ୍ୟ, ମାନସୀ ପାତ୍ର, ସନତ୍ ପାଣିଗ୍ରହୀ, ଅଶୋକ କୁମାରଙ୍କୁ ନେଇ ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର ସାମଲ, ଢେଙ୍କାନାଳ ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନାପୁହାଣ, ଏବଂ ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ ପ୍ରଥମେ ମଞ୍ଚ ଉପରେ ମହାପ୍ରଭୁଙ୍କ ପାଖରେ ପ୍ରଦୀପ ପ୍ରଜ୍ୟଳନ କରିବା ପରେ ଶ୍ରୀ ଶ୍ରୀ ବଳଦେବ ଭଜନ କମିଟିର ବରିଷ୍ଠ ସଦସ୍ୟ ଦୁଷ୍ମନ୍ତ ମହାନ୍ତି, ବିଜୟ ବିଜୟ ମହାପାତ୍ର, ଦେବରାଜ ମହାନ୍ତି, ସହଯୋଗୀ ଗୌରହରି ପଣ୍ଡା, ସୁମନ୍ତ ମହାନ୍ତି ଏବଂ ଦେଓଗାଁ ଗ୍ରାମ୍ୟ କମିଟିର ସମ୍ପାଦକ ଗୁରୁଚରଣ ମହାପାତ୍ର, ସମସ୍ତ କଳାକାର ମାନଙ୍କୁ ପୁଷ୍ପଗୁଛ ଓ ଉତରୀୟ ଦେଇ ସମ୍ମାନିତ କରିବା ପରେ କାର୍ଯ୍ୟକ୍ରମକୁ ଆଗେଇନେଇଥିଲେ। ପରିଶେଷରେ ଶ୍ରୀ ଶ୍ରୀ ବଳଦେବଜୀଉ ଭଜନ କମିଟିର ସଦସ୍ୟ ସହଯୋଗରେ ଭଜନ ସମାରୋହ କାର୍ଯ୍ୟକ୍ରମ ବହୁତ ଭଲ ଏବଂ ଶୃଙ୍ଖଳିତ ଭାବରେ ସମାପନ କରାଯାଇଥିଲା।

## ଅସହାୟ ବୃଦ୍ଧବୃଦ୍ଧାଙ୍କୁ ବସ୍ତ୍ର ପ୍ରଦାନ

**ଗଁଦିଆ,୨୬ ।୭ (ସମିସ):** ଢେଙ୍କାନାଳ ଜିଲା ଗଁଦିଆ ଏନ୍‌ଏସି ଅନ୍ତର୍ଗତ ଗଁଦିଆ ପାଟଣାସ୍ଥିତ ଗିରିଧାରୀ ଆଶ୍ରମରେ ପାଳନ ହେଉଥିବା ବାହୁଡା ଯାତ୍ରାରେ ଅଞ୍ଚଳର ଅସହାୟ, ନିରିହ ଓ ବୃଦ୍ଧାବୃଦ୍ଧମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି ମହତ୍ କାର୍ଯ୍ୟକ୍ରମରେ ସମାଜ ପ୍ରତି ସେବାଭାବ, ମାନବିକତା ଓ ସହୃଦୟତାର ଏକ ସୁନ୍ଦର ବାର୍ତା ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପଙ୍କଜ ଲୋଚନ ସାହୁଙ୍କ ବଡ଼ ପୁଅ ପଦ୍ମଲୋଚନ ସାହୁ ଓ ତାଙ୍କ ତାଙ୍କ ସ୍ତ୍ରୀ ପୁଷ୍ପାଲତା ସାହୁ, ସାନ ପୁଅ ପ୍ରଭାସ କୁମାର ସାହୁ ଓ ସ୍ତ୍ରୀ ଅମିତା ସାହୁଙ୍କ ସମେତ ସାହୁ ପରିବାରର ସମସ୍ତ ସଦସ୍ୟ ଆଶ୍ରମରେ ପହଞ୍ଚି ବୃଦ୍ଧାବୃଦ୍ଧମାନଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ। ସେମାନଙ୍କ ସହ କିଛି ସମୟ ଅତିବାହିତ କରି ସେମାନଙ୍କ ସୁଖଦୁଃଖ ବୁଝିବା ସହ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ସେବା କାର୍ଯ୍ୟକ୍ରମରେ ଗଁଦିଆ ପାଟଣା ଗ୍ରାମର ବହୁ ଗ୍ରାମବାସୀ ସହଯୋଗକରିଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସେବା ସଂଗଠନର ସଭାପତି ଅଜିତ ପ୍ରସାଦ ରାଉତଙ୍କ ନେତୃତ୍ୱରେ ସଂଗଠନର ସମ୍ପାଦକ ଅଭିମନ୍ୟୁ ଦାସ, କୋଷାଧ୍ୟକ୍ଷ ପ୍ରଭାସ କୁମାର ସାହୁ, ତାପସ କୁମାର ରାଉତ, ବିକାଶ ମିଶ୍ର ଓ ଶତ୍ରୁଘ୍ନ ମିଶ୍ର ପ୍ରମୁଖ ସୂଚାରୁ ଭାବେ ପରିଚାଳନା କରିଥିଲେ। ଏଭଳି ସମାଜସେବାମୂଳକ ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଥିବା



ବେଳେ ପବିତ୍ର ବାହୁଡା ଯାତ୍ରା ପର୍ବରେ ଅସହାୟ ବୃଦ୍ଧାବୃଦ୍ଧମାନଙ୍କ ମୁହଁରେ ହସ ଫୁଟାଇବାର ଏହି ପ୍ରୟାସ ସମାଜ ପାଇଁ ଏକ ପ୍ରେରଣା ଦାୟକ ଉଦାହରଣ ବୋଲି ମତ ପ୍ରକାଶ ପାଇଛି। ଆଗାମୀ ଦିନରେ ମଧ୍ୟ ଏଭଳି ଜନହିତକର ଓ ସେବାମୂଳକ କାର୍ଯ୍ୟ ନିରନ୍ତର ଜାରି ରଖିବାକୁ ଆହ୍ୱାନ ଦିଆଯାଇଛି।

## କଂଗ୍ରେସ ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଢେଙ୍କାନାଳ,୨୬ ।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ପ୍ରଦେଶ କଂଗ୍ରେସ କମିଟି ତରଫରୁ ନୂତନ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ପିସିସି ସଭାପତିଙ୍କ ଅନୁମୋଦନ ଅନୁସାରେ ଢେଙ୍କାନାଳ ବିଧାନସଭା କ୍ଷେତ୍ର ପାଇଁ ଜୟନ୍ତ ସାହୁଙ୍କୁ ନିଯୁକ୍ତି ମିଳିଥିବା ବେଳେ ହିନ୍ଦୋଳ ସଂରକ୍ଷିତ ଆସନ ପାଇଁ ସୁରଭି ଦାସ, କାମାକ୍ଷାନଗର ପାଇଁ ପ୍ରିୟବ୍ରତ ଗଡନାୟକ ଏବଂ ପରଜଙ୍ଗ ପାଇଁ ସମସିଦା ତୟାବଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ନୂତନ କର୍ମକର୍ତାଙ୍କୁ ନେଇ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ଢେଙ୍କାନାଳ ଜିଲ୍ଲା ସଂଗ୍ରହାଳୟ ଅବହେଳିତ

**ଢେଙ୍କାନାଳ,୨୬ ।୭ (ସମିସ)**

ଢେଙ୍କାନାଳ ଜିଲ୍ଲା ସଂଗ୍ରହାଳୟ ଏବେ ଅବହେଳିତ ଅବସ୍ଥାରେ ରହିଯାଇଛି। ପ୍ରଚାରପ୍ରସାର ଅଭାବରୁ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଗବେଷକମାନେ ମଧ୍ୟ ଜିଲ୍ଲାରେ ଏକ ସଂଗ୍ରହାଳୟ ଥିବା ଭଳି ମନେକରୁ ନ ଥିବା ଅନୁଭୂତ ହେଉଛି। ଢେଙ୍କାନାଳ ଜିଲ୍ଲା ସଂଗ୍ରହାଳୟରେ ରାଜାରାଜୁଡ଼ା ଅମଳର ଭଳିକି ଭଳି ଅସ୍ତ୍ରଶସ୍ତ୍ରଠାରୁ ନେଇ ଯୁଦ୍ଧରେ ବ୍ୟବହୃତ ତୋପ, ବାଘ ଚମଡ଼ା, ହରିଣ ମୁଣ୍ଡ ସବୁକିଛି ଶୋଭାପାଉଛି। ଢେଙ୍କାନାଳର ଐତିହ୍ୟ, ଗୌରବମୟ ଇତିହାସ ଓ ପ୍ରାଚୀନ ସଂସ୍କୃତିର ପରିଚାୟକ ଭାବେ ପରିଚିତ ଏହି ସଂଗ୍ରହାଳୟ ଅବହେଳିତ ହୋଇପଡ଼ିଛି। ନା ହେଉଛି ପ୍ରଚାର ପ୍ରସାର ନା ରକ୍ଷଣାବେକ୍ଷଣ। ଜିଲ୍ଲା ସଂସ୍କୃତି ବିଭାଗର ସ୍ଥାଣୁତାରୁ ସଂଗ୍ରହାଳୟ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ପଡ଼ିରହିଛି। କୌଣସି କାମରେ ଲାଗି ପାରୁନାହିଁ।

ଭାଗୀରଥିସାଗର କୂଳରେ ଥିବା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲା ସଂଗ୍ରହାଳୟ ରହିଛି। ରାଜ୍ୟ ସଂସ୍କୃତି ବିଭାଗ ଓ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ୨୦୧୭ ମସିହାରେ



ଏହ ଏହାର ନବୀକରଣ କାର୍ଯ୍ୟ କରାଯାଇଥିଲା। ସଂସ୍କୃତି ଭବନର ପ୍ରଥମ ମହଲାରେ ସଂଗ୍ରହାଳୟ ରହିବା ସହ ଉପର ମହଲାରେ ସଂସ୍କୃତି କାର୍ଯ୍ୟାଳୟ ଚାଲିଛି। ଏହି କୋଠା ସମ୍ମୁଖରେ ପୁରୁଣା କାଳର ତୋପ ସ୍ଥାପନ କରାଯାଇଛି। ସଂଗ୍ରହାଳୟରେ ଢେଙ୍କାନାଳର ରାଜା, ରାଣୀଙ୍କ ଫଟୋଚିତ୍ର ରହିବା ସହ ସୈନ୍ୟ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାର ଖଣ୍ଡା, ତରୱଲ, ବର୍ଣ୍ଣ, ଭାଲ, ଢାଲ ଆଦି ଯୁଦ୍ଧାସ୍ତ୍ର ରହିଛି। ବିଭିନ୍ନ ପ୍ରକାର ପାରମ୍ପରିକ ଗହଣା, ଆଦିବାସୀଙ୍କ ପୋଷାକପତ୍ର, ବ୍ୟବହୃତ ସାମଗ୍ରୀ, ପ୍ରାଚୀନ ପଥରରେ ନିର୍ମିତ ସାମଗ୍ରୀ, ପଟ୍ଟଚିତ୍ର, ବାଘର ଚମଡ଼ା, ହରିଣ ସିଙ୍ଗ ଆଦି ସଂଗ୍ରହାଳୟରେ ରଖାଯାଇଛି। ମାତ୍ର ସାମଗ୍ରୀଗୁଡ଼ିକର ନାମ ଓ ସେ ସମ୍ପର୍କିତ ସୂଚନା, ତଥ୍ୟ ଲେଖା ଯାଇନାହିଁ। ଯାହାଫଳରେ ଆସୁଥିବା ପରିଦର୍ଶକ କେବଳ ଦେଖୁଥିବା ବେଳେ କୌଣସି ସୂଚନା ପାଇପାରୁ ନାହାନ୍ତି। ସଂଗ୍ରହାଳୟ ରହିଥିବାର କୌଣସି ସୂଚନା ଫଳକ ଲଗାଯାଇନାହିଁ। କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବା ପରେ ଛୋଟ ଫଳକଟିଏ ରହିଛି। କାର୍ଯ୍ୟାଳୟ ବାହାରେ ଲୋକଙ୍କୁ ସୂଚନା ଦେବା ଭଳି କୌଣସି ଫଳକ କିମ୍ବା ରହିଥିବା ସାମଗ୍ରୀଗୁଡ଼ିକର ଫଟୋ ଲଗା ଯାଇନାହିଁ। ଯାହାଫଳରେ ସ୍କୁଲ ପିଲା, ପର୍ଯ୍ୟଟକ କିମ୍ବା ସହରବାସୀ ତାହା ଜାଣି ପାରୁନାହାନ୍ତି। ସ୍କୁଲ, କଲେଜ ଛାତ୍ରଛାତ୍ରୀ କିଭଳି ଆସି ବୁଲି ଦେଖିପାରିବେ ସେ ଦିଗରେ ମଧ୍ୟ ସଂସ୍କୃତି ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ବିଭାଗୀୟ ଅଧିକାରୀଙ୍କ ଉଦସୀନତା କରଣରୁ ସଂଗ୍ରହାଳୟ ଏଭଳି ଦୃଷ୍ଟି ଆଢୁଆଳରେ ପଡ଼ିରହିଛି। ଏ ଦିଗରେ ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ଦାବୀ ହେଉଛି।

## ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ କାରଗିଲ ବିଜୟ ଦିବସ

**ଢେଙ୍କାନାଳ,୨୬ ।୭ (ସମିସ):** ସ୍ଥାନୀୟ ଦକ୍ଷିଣକାଳୀ ଅଞ୍ଚଳରେ ଅବସ୍ଥିତ ସହିଦ ମିନାରଠାରେ ଜିଲାର ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଦିବଂଗତ ଅମର ସହିଦ ଯବାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ପୂର୍ବତନ ସୈନିକ ସଂଘର ଉପସଭାପତି ବିଭୁତି ଭୁଷଣ ନନ୍ଦ ଅଧ୍ୟକ୍ଷତା କରିଥିଲେ। ସଂପାଦକ ସୁବାସ ଚନ୍ଦ୍ର ହୋତା, କୋଷାଧ୍ୟକ୍ଷ ଅଖିଳ କୁମାର ରାଉତ, ଉପଦେଷ୍ଟା ଭ୍ରମରବର ଦଳାଇ ଏବଂ ଶ୍ୟାମସୁନ୍ଦର ରଣାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। କାରଗିଲ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ବୀର ଯୋଦ୍ଧା ମାନଙ୍କୁ ଉପସଭାପତି ଶ୍ରୀ ନନ୍ଦ ଏବଂ ଉପଦେଷ୍ଟା ଭ୍ରମର ବର ଦଳାଇଙ୍କୁ ଉତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ। ସେହି ଯୋଦ୍ଧାମାନେ ହେଲେ ସୁବେଦାର ମେଜର ଘନଶ୍ୟାମ ମହାରଣା, ହାବିଲଦାର ସୁବାସ ଚନ୍ଦ୍ର ହୋତା, କୁମୁଦ ସାହୁ, ଭଜମନ ବେହେରା, ନାଏବ ସୁବେଦାର ସୁଧାକର ସାମଲ, ହାବିଲଦାର ଗିରିଧାରୀ ସାହୁ ଏବଂ କୁମର ମହାରଣା।

## ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



ଜୟପୁର,୨୬।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର ସନ୍ନିକଟ ଗାଗନାପୁର ଶିବ ମନ୍ଦିର ପରିସରରେ ଜିଲ୍ଲାର ବିଭିନ୍ନ ଜନଜାତି ସମାଜର କର୍ମକର୍ତ୍ତାଙ୍କୁ ନେଇ ଆସନ୍ତା ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ଏକ ପସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଜିର ବୈଠକ ଜୟପୁର ବ୍ଲକ ଆଦିବାସୀ ସଂଘର ସଭାପତି ଜିତେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଆସନ୍ତା ଅଗଷ୍ଟ ୯ ତାରିଖରେ ବିଶ୍ୱ ଆଦିବାସୀ ଦିବସ ପାଳନ ଆୟୋଜନ ନେଇ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସର୍ବସମ୍ମତି କ୍ରମେ ସ୍ଥାନୀୟ ସୂର୍ଯ୍ୟମହଲ ବଣ୍ଡାବାଘ ପୀଠରୁ ଏକ ଶୋଭାଯାତ୍ରା ମାଧ୍ୟମରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଆଦିବାସୀ ସମାଜ ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ସ୍ମାରକ ପତ୍ର ଉପଜିଲ୍ଲାପାଳଙ୍କ ପ୍ରଦାନ କରାଯିବାକୁ ନିଷ୍ପତି ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ରଣ୍ଡାପାଲ୍ଲୀ ସରପଞ୍ଚ ଆନନ୍ଦ ହାଲବା, ଫାମ୍ପୁଣି ସରପଞ୍ଚ ଶିବ ଭୂମିଆ, ବଡ ଜିଉନା ସରପଞ୍ଚ ତ୍ରିନାଥ ପୁଜାରି, କନ୍ଧ ସମାଜର ପ୍ରତିନିଧି ଦିନୁ ହିକକା, ପେଣ୍ଟିଆ ସମାଜର ଲକ୍ଷ୍ମୀକାନ୍ତ ହାଲବା, ପରଜା ସମାଜର ଘାସି ମୁଦୁଲୀ, ଅମନାତ୍ୟ ସମାଜର ପ୍ରଫୁଲ୍ଲ ଅମନାତ୍ୟ, ଗାଦବା ସମଜାର ଭଗବାନ ଗାଦବା, ସୌରା ସମାଜର ଦୈତାରୀ ସୌରା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ରସଗୋଲା ଖୁଆଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କଲେ ମହାପ୍ରଭୁ



ନବରଙ୍ଗପୁର,୨୬।୭(ସମିସ) : ନବଦିନାତ୍ମକ ଯାତ୍ରା ସାରି ଜନ୍ମ ବେଦୀରୁ ନିଜର କର୍ମ ବେଦୀ ଅର୍ଥାତ୍ ରତ୍ନ ସିଂହାସନକୁ ବିଜେ କରି ବିଳମ୍ବିତ ରାତ୍ରରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି। ମହାପ୍ରଭୁଙ୍କ ବାହୁଡା ଯାତ୍ରା ସରିବା ପରେ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ହୋଇଥିଲା ମହାପ୍ରଭୁଙ୍କ ଅଧର ପଣା ଓ ସୁନାବେଶ ନୀତି କାନ୍ତ। ରଥ ଉପରେ ଅଧର ପଣା ଓ ସୁନାବେଶ ନୀତି ସରିବା ପରେ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ରବିବାର ଦିନ ବିଳମ୍ବିତ ରାତ୍ରରେ ହୋଇଥିଲା ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରିବିଜେ ନୀତି କାନ୍ତି। ଏହି ନୀଳାଦ୍ରି ବିଜେ ନୀତି ସରିବା ପରେ ହୋଇଥିଲା ମହାପ୍ରଭୁଙ୍କ ବଚନିକା ନୀତି। ବଚନିକା ସରିବା ପରେ ମହାଲକ୍ଷ୍ମୀଙ୍କୁ ରୋଷଗୋଲ ଖୁଆଇ ମାନ ଭଞ୍ଜନ କରିବା ପରେ ନିଜର କର୍ମଭୂମି ବା ରତ୍ନ ସିଂହାସନକୁ ବିଜେ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ଆଜିକୁ ଦୀର୍ଘ ୨୭ ଦିନ ପରେ ଆଜି ରତ୍ନ ସିଂହାସନରେ ଅଗଣିତ ଶ୍ରୀ ଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ନବରଙ୍ଗପୁର ମହାପ୍ରଭୁଙ୍କ ଏହି ନବ ଦିନାତ୍ମକ ଯାତ୍ରାର ସମସ୍ତ ନୀତି କାନ୍ତି ତଥା ରଥ ପ୍ରତିଷ୍ଠା ଠାରୁ ଆରମ୍ଭ କରି ହେରା ପଞ୍ଚମୀ, ନୀଳାଦ୍ରି ବିଜେ, ସୁନା ବେଶ ନବରଙ୍ଗପୁର ରାଜ ପୁରୋହିତ ତଥା ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଉଥିବା ବେଳେ ନବରଙ୍ଗପୁର ତହସିଲଦାର ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଭୋଳେଶ୍ୱର ନାୟକ, ନବରଙ୍ଗପୁର ଦେବୋତ୍ତର କମିଟି ସଭାପତି ଝାଡେଶ୍ୱର ଖାଡଙ୍ଗା, ଦେବୋତ୍ତର କମିଟି ସଦସ୍ୟ ମିଟୁ ପାତ୍ର, ପିଣ୍ଟୁ ତ୍ରିପାଠୀ, କୈଳାସ ଚନ୍ଦ୍ର ଦାସ, ପରେଶ୍ ମିଶ୍ର, ରାଜେନ୍ଦ୍ର ତ୍ରିପାଠୀ, ସୁବାସ ଚନ୍ଦ୍ର ସୁର, ନରେଶ ତ୍ରିପାଠୀ, ଗୌରାଙ୍ଗ ପାତ୍ର, ଭବାନୀ ଶତପଥୀ, ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ଏସ ଆଇ ସବିର ଅହମ୍ମଦ ରହିଥିବା ବେଳେ ନୀତି କାନ୍ତିରେ ପଣ୍ଡିତ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ମନ୍ଦିର ପୂଜକ ଶେଷ ଦେବ ବ୍ରହ୍ମା, ଜଗନ୍ନାଥ ବ୍ରହ୍ମା, ଦେବୀ ନାୟକ, ଲକ୍ଷ୍ମୀ ମନ୍ଦିର ପୂଜକ ରବିନ୍ଦ୍ର ନାଥ ଶତପଥୀ, ସୁଧୀର ଶତପଥୀ, ସନ୍ତୋଷ କୁମାର ସାହୁ, ସୁଧାକର ପାଢ଼ୀ, ସୁମିତ ହଡ଼ପ, ବାବୁଲା ତ୍ରିପାଠୀ, ତ୍ରୟନାଥ

### ରତ୍ନ ସିଂହାସନକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

ତ୍ରିପାଠୀ, ବିଧୁ ତ୍ରିପାଠୀ, ଚିନୁ ଦାସ, ବଦ୍ରୀ ତ୍ରିପାଠୀ, ଗେହ୍ଲେଇ ତ୍ରିପାଠୀ, ମୁନୁ ତ୍ରିପାଠୀ, ଦିପୁ ତ୍ରିପାଠୀ , ପପୁ ତ୍ରିପାଠୀ , ସୁମିତ ପାଳ , ଭିକି ପାତ୍ର , ଭିକି ଦାସ,ମୁନୁ ତ୍ରିପାଠୀ, ତାପସ ତ୍ରିପାଠୀ ପ୍ରମୁଖଙ୍କ ସମେତ ଦେବୋତ୍ତର ବିଭାଗର ଗଗନ ସୌରା, ଆର୍‌ଆଇ ବିଜୟ ମାଝୀ, ଆର୍‌ଆଇ ଭି ବି ରାଜୁ, ସନ୍ତୋଷ ମହାକୁଡ, ଗଣାପତି ଗୌଡ଼, ନରସିଂହ ଗୌଡ଼, ଚୈତନ୍ୟ ନାୟକ, ଭାଗିରଥି ନାୟକ, ମୀନ ନାୟକ, ନରସିଂହ ନାୟକ, ଟି. ଶ୍ରୀପତି, ପିଣ୍ଟୁ ତ୍ରିପାଠୀ, ରାକେଶ ଗୁପ୍ତା, ପଞ୍ଚାନନ ଦାସ, ସୁବାସ ନାୟକ, ସମୀର ପାତ୍ର, ସତ୍ୟନାରାୟଣ ପଟ୍ଟନାୟକ, ନୁନୁ ଦାସ, ଲକ୍ଷ୍ମୀ କାନ୍ତ ପଣ୍ଡା, ମିଟୁ ମହାରଣା, ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ଉପଦେଷ୍ଟା ରାଜେନ୍ଦ୍ର ତ୍ରିପାଠୀ, ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ଉପ ସଭାପତି ଭବାନୀ ଶତପଥୀ, ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ସମ୍ପାଦକ କୁନା ପାତ୍ର, ଦୁର୍ଗା ତ୍ରିପାଠୀ, ସିଏଚ ଚିଟି ବାବୁ, ଭି ଭେଙ୍କଟ, ବାବୁ ସାହୁ , ବାଳକୃଷ୍ଣ ମିଶ୍ର, ପ୍ରମିସ ତ୍ରିପାଠୀ, ରାଜନ୍ ତ୍ରିପାଠୀ, କିଶୋର ପଟ୍ଟନାୟକ, ପ୍ରମିସ ତ୍ରିପାଠୀ, ଚୀନା ନାଇଡୁ , ଶ୍ରୀଧର ପାତ୍ର , ଏ ସତିଶ , ବାବୁଲା ଦଳେଇ, ରାଜେଶ କୁମାର ଶବର, ପିଙ୍କୁ ପ୍ରହରାଜ , ପି.ଭେଙ୍କଟ ରାଓ, ସତ୍ୟ ବେହେରା, ସୁଧୀର ସିଂ, ଶୀତଳ ପାଣିଗ୍ରାହୀ, ପୀୟୁଷ ଜୈନ, ବିକ୍ରମ ଜୈନ,ମଣ୍ଟୁ ଆଚାର୍ଯ୍ୟ, ଆଲୋକ ସାହୁ, ବାବୁଲି ହଡ଼ପଙ୍କ ସମେତ ନିଯୋଗର ସମସ୍ତ କର୍ମକର୍ତ୍ତା ଏବଂ ବହୁ ସଦସ୍ୟ, ଗୌଡ ସେବାୟତ ,ମାଳି ସେବାୟତଙ୍କ ସମେତ ବହୁ ମହିଳା ଓ ପୁରୁଷ ପୋଲିସ କର୍ମଚାରୀ ,ଅଗ୍ନିଶ୍ରମ କର୍ମଚାରୀ , ପୌର କର୍ମଚାରୀ ଓ ଦେବୋତ୍ତର ବହୁ କର୍ମଚାରୀ ଉପସ୍ଥିତ ରହି ଶ୍ରୀଜୀଉଙ୍କ ଏହି ନବଦିନାତ୍ମକ ଯାତ୍ରାରେ ସମସ୍ତ ସହଯୋଗ କରିଥିଲେ।

## କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ



ବନ୍ଧୁଗାଁ,୨୬।୭(ସମିସ): ନିଟ୍ ପେପର ଲିକ୍ ଆନ୍ଦୋଳନ ବେଳେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ପୁଲିସ ଦ୍ୱାରା ଜୋରଜବରଦସ୍ତ ଉଠାଇ ନେବା, ଛାତ୍ରଛାତ୍ରୀଙ୍କୁ ମାଡ ମାରିବା ଏବଂ ରାଜ୍ୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପୁସ୍ତକରେ ତ୍ରୁଟି ପ୍ରତିବାଦରେ ବନ୍ଧୁଗାଁ ବ୍ଲକ ସାନସରପଲ୍ଲୀ ଛକରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଡି ଏଙ୍କାଟି, ଜିଲ୍ଲା ସମ୍ପାଦକ ଅଶୋକ କାଲାପାଙ୍କ ନେତୃତ୍ୱରେ ଜୋନ ୧ ମଣ୍ଡଳ ସଭାପତି ସଦାନା ପିଡିକା, ଜୋନ ୨ ମଣ୍ଡଳ ସଭାପତି ଗୁମ୍ପା କାଡ୍ରାକା, ବରିଷ୍ଠ କର୍ମୀ କୁମର ଖୋସଲା, ନିତ୍ୟା ଖୋସଲା, ଟାଙ୍କୁ ଉଲୁକା, ସନ୍ତୋଷ ଟାକ୍ରି, ଦୟାନିଧି ନିଆଲ, ବାବୁଲା ଖୋସଲା, ଆନନ୍ଦ ମେଲେକା, ଗୋପାଳ ବେବରା, ଜାଗାଲୁ ପଟ୍ଟନାୟକ, ଏଙ୍କୁ ପିଡିକା, ରାଜେଶ ଖୋରା, ଅଜିତ ଖୋରା, ଟଙ୍କଧର ମୁଗୁଲି, ମହୋନ ହିମିରିକା ଓ ବହୁ କଂଗ୍ରେସ କର୍ମୀ ସାନସରପଲ୍ଲୀ ଛକ ଠାରେ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପୁଲିସ ଟିମ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ଦଶମନ୍ତପୁର ଚନ୍ଦନ ଶ୍ରୀକ୍ଷେତ୍ରରେ ଅଧର ପଣା ନୀତି

ପୋଡ଼ାଗଡ଼,୨୬।୭(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ସ୍ଥିତ ପ୍ରସିଦ୍ଧ ଚନ୍ଦନ ଶ୍ରୀକ୍ଷେତ୍ରରେ ରଥଯାତ୍ରାର ଅନ୍ୟତମ ପବିତ୍ର ନୀତି ଅଧର ପଣା କାର୍ଯ୍ୟକ୍ରମ ଆଜି ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥ ଉପରେ ପାରମ୍ପରିକ ବିଧି ଅନୁଯାୟୀ ଅଧର ପଣା ନୀତି ସମ୍ପନ୍ନ କରାଯାଇଥିଲା। ଏହି ପବିତ୍ର ଅବସରରେ ଚନ୍ଦନ ଶ୍ରୀକ୍ଷେତ୍ରର ରାଜା ନାରାୟଣ ବିଶଇ ଏବଂ ରଥଯାତ୍ରା କମିଟିର ସଭାପତି ଦେବରାଜ ପଟ୍ଟନାୟକ ଉପସ୍ଥିତ ରହି ନୀତିକାନ୍ତିର ତଦାରଖ କରିଥିଲେ। ସେମାନଙ୍କ ସହ ମନ୍ଦିରର ସେବାୟତ, ରଥଯାତ୍ରା କମିଟିର ସଦସ୍ୟ, ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଏବଂ ବହୁ ସଂଖ୍ୟକ ଭକ୍ତ ଯୋଗଦେଇ



ଧାର୍ମିକ ପରିବେଶକୁ ଅଧିକ ଭାବଗମ୍ଭୀର କରିଥିଲେ। ବୈଦିକ ମନ୍ତ୍ରୋଚ୍ଚାରଣ ଓ ପାରମ୍ପରିକ ରୀତିନୀତି ମଧ୍ୟରେ ଅଧରପଣା ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ ସୁଖ, ଶାନ୍ତି, ସମୃଦ୍ଧି ଏବଂ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା। ଶୃଙ୍ଖଳିତ ବ୍ୟବସ୍ଥା ମଧ୍ୟରେ ଭକ୍ତମାନେ ନୀତିର ଦର୍ଶନ କରି ଆଧ୍ୟାତ୍ମିକ ଆନନ୍ଦ ଅନୁଭବ କରିଥିଲେ। ଦଶମନ୍ତପୁର ଚନ୍ଦନ ଶ୍ରୀକ୍ଷେତ୍ରର ରଥଯାତ୍ରା ଓ ଏହା ସହ ଜଡିତ ବିଭିନ୍ନ ପାରମ୍ପରିକ ନୀତିକାନ୍ତି ପ୍ରତିବର୍ଷ ଏହି ଅଞ୍ଚଳରେ ଧାର୍ମିକ ଉତ୍ସାହ ଓ ଭକ୍ତିର ପରିବେଶ ସୃଷ୍ଟି।

# ଘରେ ଚୋରି ଘଟଣାର ପର୍ଦ୍ଦାଫାସ: ୪ ଗିରଫ



ସେମିଳିଗୁଡା, ୨୬।୭(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଥାନା ପୋଲିସ ଏକ ଘରେ ଚୋରି ଘଟଣାର ସଫଳ ପର୍ଦ୍ଦାଫାସ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ବହୁ ପରିମାଣର ସୁନା ଓ ରୂପା ଅଳଙ୍କାର, ୧୧,୪୦୦ଟଙ୍କା, ୪ଟି ମୋବାଇଲ ଫୋନ୍ ଏବଂ ଏକ ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ମୋଟରସାଇକଲ ଜବତ କରାଯାଇଛି। ସେମିଳିଗୁଡା ଥାନା ଅଧିକାରିଣୀ ଅନିତା କୁଜୁରଙ୍କୁ ସୂଚନା ଅନୁଯାୟୀ, ସହରରେ ଥିବା ସମବାୟ କଲୋନୀରେ ଏକ ଘରେ ଚୋରି ଘଟଣା ନେଇ ଶ୍ରୀ ପୈଣ୍ଡି ଜାନିଙ୍କ ଅଭିଯୋଗ ଆଧାରରେ ଗତ ୨୨ ଜୁଲାଇରେ ସେମିଳିଗୁଡ଼ା ଥାନାରେ ମାମଲା ରୁଜୁ ହୋଇଥିଲା। ଦୁର୍ବୃତ୍ତମାନେ ଘରର ମୁଖ୍ୟ ଦ୍ୱାର ଓ ଆଲମିରା ଭାଙ୍ଗି ସୁନା, ରୂପା ଅଳଙ୍କାର ଏବଂ ନଗଦ ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ଓ ସ୍ଥାନୀୟ ଅନୁସନ୍ଧାନ ଆଧାରରେ ପୋଲିସ ରିତେଶ ଝଡ଼ିଆ ଓ ତାଙ୍କ ସହଯୋଗୀମାନଙ୍କୁ ଚିହ୍ନଟ କରିଥିଲା। ପରେ ନିର୍ଭରଯୋଗ୍ୟ ସୂଚନା ଆଧାରରେ ସେମିଳିଗୁଡ଼ାର ସାଲୋମ ନଗର (ମେତ୍ରିସାହି)ରେ ଚଢ଼ଉ କରି ରିତେଶ ଝଡ଼ିଆ (୧୯), ଡି ପି କ୍ୟାମ୍ପ ସୁନାବେଡ଼ାର ମହେଶ ରାଉତରାୟ (୨୦), ସେମିଳିଗୁଡା ଓ ସି ସି ନଗରର ପ୍ରିନ୍ସ ଓରଫ ପ୍ରତ୍ୟୁଷ ରାଜ କୋସ୍ଲା ଏବଂ ଗାନ୍ଧୀନଗରର

### ସୁନା-ରୂପା ଅଳଙ୍କାର ସହ ନଗଦ ଜବତ

ଜଗନ ତ୍ରିପାଠୀ (୧୯)ଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ଘର ତାଲା ପଡ଼ିଥିବାର ସୁଯୋଗ ନେଇ ଚୋରି କରିଥିବା ସ୍ୱୀକାର କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ବାହାରେ ନଜର ରଖିଥିବା ବେଳେ ଅନ୍ୟ ଦୁଇଜଣ ଘରକୁ ପ୍ରବେଶ କରି ଚୋରି କରିଥିଲେ। ପରେ ଚୋରି ସାମଗ୍ରୀକୁ ନିଜ ମଧ୍ୟରେ ବାଣ୍ଟି ନେଇଥିବା ସେମାନେ ସ୍ୱୀକାର କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ସୁନାର ଚେନ୍, ମଙ୍ଗଳସୂତ୍ର, ମୁଦି, କାନଫୁଲ, ଲକେଟ୍, ନାକଫୁଲ, ବାଲା, ରୂପାର ପାଉଁଜି, ବିଛା, ଲକେଟ୍, ୧୧,୪୦୦ ନଗଦ ଟଙ୍କା, ୪ଟି ମୋବାଇଲ ଫୋନ୍ ଏବଂ ଏକ ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ମୋଟରସାଇକେଲ ରହିଛି। ସମସ୍ତ ଆଇନଗତ ପ୍ରକ୍ରିୟା ପରେ ଚାରି ଅଭିଯୁକ୍ତଙ୍କୁ ସେମିଳିଗୁଡ଼ା ଜେଏମ୍‌ଏଫସି ଅଦାଲତରେ ହାଜର କରାଯାଇଛି। ଅବଶିଷ୍ଟ ଚୋରି ସମ୍ପତ୍ତି ଉଦ୍ଧାର ଓ ଅନ୍ୟ ଘଟଣାରେ ସେମାନଙ୍କ ସମ୍ପୃକ୍ତି ନେଇ ପୋଲିସ ତଦନ୍ତ ଜାରି ରଖିଛି। ୪ ଅଭିଯୁକ୍ତଙ୍କୁ ଆଜି ସେମିଳିଗୁଡା ପୋଲିସ ଦ୍ୱାରା କୋର୍ଟକୁ ଫରୱାର୍ଡ କରାଯାଇଛି।

## ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲ୍ଲା ବୈଠକ



ରାୟଗଡ,୨୬।୭(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନ ପକ୍ଷରୁ ରବିବାର ରାୟଗଡ ସ୍ଥିତ ପ୍ରଦକ୍ଷିଣ ଗୃହ (ସର୍କିଟ୍ ହାଉସ୍) ଠାରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱଦେଶୀ ଚିନ୍ତାଧାରାର ପ୍ରସାର, ସ୍ଥାନୀୟ ଉତ୍ପାଦର ବ୍ୟବହାର, ଆତ୍ମନିର୍ଭର ଭାରତ ଗଠନ ଏବଂ ସ୍ୱାବଲମ୍ବୀ ଯୁବପିଢ଼ି ସୃଷ୍ଟି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ଶଙ୍କର ଉଲାକା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ମଣ୍ଡଳରୁ ଯୁବ ସ୍ୱାବଲମ୍ବୀ, ଶିକ୍ଷାବିତ୍, ଆଇନଜୀବୀ, ସାମାଜିକ କର୍ମୀ ଓ ସାମ୍ବାଦିକମାନେ ଯୋଗଦେଇ ସୁଚିନ୍ତିତ ମତାମତ ରଖିଥିଲେ। ମୁଖ୍ୟ ଅତିଥି ମନୋଜ କୁମାର ନାଏକ ନିଜ ଅଭିଭାଷଣରେ "ମୁଁ ବି ସ୍ୱଦେଶୀ ସମର୍ଥକ' ଡିଜିଟାଲ ସମ୍ପର୍କ ଅଭିଯାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ଆଧାର କରି ପ୍ରସ୍ତୁତ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତେ ନିଜ ମୋବାଇଲରେ ଦେଖିଥିଲେ। ଶେଷରେ ରାମନାଗୁଡ଼ା, ପଦ୍ମପୁର, କଲ୍ୟାଣସିଂହପୁର, ମୁନିଗୁଡ଼ା ଓ ରାୟଗଡ ଅଞ୍ଚଳର ଆଠ ଜଣ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ଯୁବକ-ଯୁବତୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସ୍ୱଦେଶୀ ଜାଗରଣ ମଞ୍ଚର ରାୟଗଡ ଜିଲ୍ଲା କମିଟିର ନୂତନ କର୍ମକର୍ତ୍ତାମାନଙ୍କୁ


### ● ନୂତନ ଜିଲ୍ଲା କମିଟି ଘୋଷଣା

ମଧ୍ୟ ଘୋଷଣା କରାଯାଇଥିଲା। ସୁଦର୍ଶନ ପାଢ଼ୀଙ୍କୁ ଜିଲ୍ଲା ସଂଯୋଜକ ଭାବେ ମନୋନୀତ କରାଯାଇଥିବା ବେଳେ ଦେବଗିରି ପଟ୍ଟନାୟକ ଓ ଜଗଦୀଶ ମାଣ୍ଡାଙ୍ଗି ସହ-ସଂଯୋଜକ, ସ୍ୱାଗତ ଶେଖର ଜେନା ଯୁବ ପ୍ରମୁଖ, ଅଞ୍ଜଳି ପଣ୍ଡା ମହିଳା ପ୍ରମୁଖ, ବିଜୟ ଦାସ ପ୍ରଚାର ପ୍ରମୁଖ, ଶିବ ନାରାୟଣ ଗୌଡ଼ ସମ୍ପର୍କ ପ୍ରମୁଖ ଏବଂ ଡ. ବିପିନ ବିହାରୀ ବିଶ୍ୱାଳଙ୍କୁ ବରିଷ୍ଠ ନାଗରିକ ଓ ପରିବେଶ ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ପି. ମୁରଲୀଙ୍କୁ ରାୟଗଡ ନଗର ସଂଯୋଜକ, ଶକ୍ତି ପ୍ରସାଦ ପାତ୍ରଙ୍କୁ ରାମନାଗୁଡ଼ା ସଂଯୋଜକ, ଅକ୍ଷୟ କୁମାର ପାତ୍ରଙ୍କୁ ମୁନିଗୁଡ଼ା ସଂଯୋଜକ, ଲକ୍ଷ୍ମୀକାନ୍ତ ଶବରଙ୍କୁ ପଦ୍ମପୁର ସଂଯୋଜକ ଏବଂ ଦୁଷ୍ମନ୍ତ ସିକକାଙ୍କୁ କଲ୍ୟାଣସିଂହପୁର ସଂଯୋଜକ ଭାବେ ମନୋନୀତ କରାଯାଇଥିଲା।

### ● ଘମଟଗୁଡା ନଦୀରେ କୁମ୍ଭୀର ଭିଡିଓ ଭାଇରାଲ

## ଏଆଇ ଏଡିଟ୍ କହିଲା ବନ ବିଭାଗ

ଅମ୍ବାଦଳା,୨୬।୭(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ନିକଟସ୍ଥ ଘମଟଗୁଡା ନଦୀରେ କୁମ୍ଭୀର ପହଁରୁଥିବା ଦାବି କରି ଏକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ଏହି ଭିଡିଓକୁ ଦେଖି ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଆତଙ୍କ ଓ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ତେବେ ଭିଡିଓଟିର ଯାଞ୍ଚ ପରେ ଏହା ସମ୍ପୂର୍ଣ୍ଣ ଭୁଲ ଓ ଏଆଇ (କୃତ୍ରିମ ବୁଦ୍ଧିମତା) ସହାୟତାରେ ଏଡିଟ୍ କରାଯାଇଥିବା ବୋଲି ଅମ୍ବାଦଳା ବନପାଳ ମାଝୀ ମହାପାତ୍ର ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଅମ୍ବାଦଳା ଅଞ୍ଚଳର ନଦୀ କିମ୍ବା ଜଳାଶୟରେ କୁମ୍ଭୀର ଥିବାର କୌଣସି ପ୍ରମାଣ କିମ୍ବା ସୂଚନା ବନ ବିଭାଗ ପାଖରେ ନାହିଁ। ବନପାଳ ଲୋକଙ୍କୁ ଗୁଜବ ଉପରେ ବିଶ୍ୱାସ ନ କରିବାକୁ ଓ ସୋସିଆଲମିଡିଆରେଭାଇରାଲହେଉଥିବାଅସତ୍ୟଭିଡିଓକୁପ୍ରସାରକରିଭ୍ରମସୃଷ୍ଟିନକରିବାକୁ ଅନୁରୋଧ କରିଛନ୍ତି। କୌଣସି ବନ୍ୟଜନ୍ତୁ ସମ୍ପର୍କିତ ସନ୍ଦେହଜନକ ଘଟଣା ଦେଖିଲେ ତୁରନ୍ତ ବନ ବିଭାଗକୁ ଅବଗତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବନ ବିଭାଗର ଏହି ସ୍ପଷ୍ଟୀକରଣ ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଆତଙ୍କ ହ୍ରାସ ପାଇଥିବା ଜଣାପଡ଼ିଛି।



● ଗୁଜବକୁ ଧ୍ୟାନ ନ ଦେବାକୁ କହିଲେ

### ଦୀପ ତଳେ ଅନ୍ଧାର

# ସାରିଆପୁଟ ଗ୍ରାମକୁ ପକ୍କା ସଡ଼କ ସାତସପନ



ନନ୍ଦପୁର,୨୬।୭ (ସମିସ): ନନ୍ଦପୁର ସଦର ଗ୍ରାମପଞ୍ଚାୟତ ଅଧୀନରେ ରହିଛି ସାରିଆପୁଟ ଗ୍ରାମ। ଏହି ଗ୍ରାମକୁ ପକ୍କା ସଡ଼କ ସାତସପନ ପାଲଟିଛି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ପର୍ଯ୍ୟଟକ ନନ୍ଦପୁରର ପ୍ରସିଦ୍ଧ ଗଣେଶ ମନ୍ଦିର ଦର୍ଶନ ନେଇ ଯାତାୟାତ କରିବା ସହ ଏହି ରାସ୍ତା ଦେଇ ସାରିଆପୁଟ, କଉଡ଼ିଖାଲ ଗ୍ରାମବାସୀଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ସ୍କୁଲ ଯିବା ଆସିବା କରୁଛନ୍ତି। ବିଡମ୍ବନାର ବିଷୟ ନନ୍ଦପୁର ସଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ଏକ କିମି ଦୂରତାରେ ରହିଥିବା ଏହି ଗ୍ରାମକୁ ପକ୍କା ସଡ଼କଟିଏ ନିର୍ମାଣ ହୋଇ ପାରୁନାହିଁ। ବ୍ଲକ୍‌ଠାରୁ ମଧ୍ୟ ସମାନ ଦୂରତା ରହିଛି ସାରିଆପୁଟ ଗ୍ରାମ। ହେଲେ ପ୍ରଶାସନ ଦୃଷ୍ଟି ଆଢୁଆଳରେ ଦଶନ୍ଧି ହେବ ଗ୍ରାମକୁ ପକ୍କା ସଡ଼କ ଟିଏ ନିର୍ମାଣ ହୋଇ ପାରିନାହିଁ। ବର୍ଷର ଆଠ ମାସ ଖାଲଖମା ଭରା ରାସ୍ତାରେ ଯେମିତି ସେମିତି ଯାତାୟାତ ହେଉଥିବା ବେଳେ ବର୍ଷା ଋତୁରେ ଦୟନୀୟ ଅବସ୍ଥା ଭୋଗୁଛନ୍ତି ସ୍କୁଲ ପିଲା, ଅଞ୍ଚଳବାସୀ ଓ ପର୍ଯ୍ୟଟକ। ତେବେ ଅନେକ ଥର ଗ୍ରାମବାସୀଙ୍କ ପକ୍ଷରୁ ଗୁହାରି ପରେ ଗୁହାରି, ଦାବି ପରେ ଦାବି ଜଣାଇଥିଲେ ମଧ୍ୟ ପକ୍କା ସଡ଼କ ନିର୍ମାଣ ହୋଇନଥିବା ଗ୍ରାମବାସୀ କହିଛନ୍ତି। ସେପଟେ ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତା ପକ୍କା ସଡ଼କର ଆବଶ୍ୟକତା ନିଶ୍ଚୟ ରହିଛି ବୋଲି କହିଛନ୍ତି। ଲୋକ ଅସୁବିଧା ଭୋଗୁଛନ୍ତି, ମୁଖ୍ୟତଃ ବର୍ଷା ଦିନେ ସମସ୍ୟା ଗୁରୁତର ରହୁଥିବା କହିଛନ୍ତି । ହେଲେ କିଛି କିଛି ସ୍ଥାନରେ ରାସ୍ତା କାର୍ଯ୍ୟ ହୋଇଛି । ସମ୍ପୂର୍ଣ୍ଣ କାର୍ଯ୍ୟ ହୋଇ ପାରିନାହିଁ । ନିଶ୍ଚିନ୍ତ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି କହିଛନ୍ତି । ଏ ସମ୍ପର୍କରେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ଗତ ବର୍ଷ ଠାରୁ ପର୍ଯ୍ୟାୟ କ୍ରମେ ଅର୍‌ଡି ରାସ୍ତା ଠାରୁ ଭିବିଜିରାମଜୀ ଯୋଜନା ଅନ୍ତର୍ଗତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି । ଯାହା ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ସାରିଆପୁଟ ଗ୍ରାମ ପର୍ଯ୍ୟନ୍ତ ପକ୍କା ସଡ଼କ ସଂଯୋଗ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତବ୍ୟ ଦେଇଛନ୍ତି।

### ● ଗୋରୁ ଚୋରାଚାଲାଣ ବେଳେ ମାଡ଼ିବସିଲା ପୁଲିସ

# ୨୬ ବଳଦ ଉଦ୍ଧାର, ୫ ଗିରଫ



କୁନ୍ଦୁରା,୨୬।୭(ସମିସ): କୁନ୍ଦୁରା ଥାନା ଅନ୍ତର୍ଗତ ପକାନାଗୁଡା ଠାରେ ୨୬ ବଳଦ ଉଦ୍ଧାର କରାଯାଇଥିବା ବେଳେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ, ଅସମ୍ପନ ନାୟକ, ଚାନ୍ଦ ଭତ୍ରା, ଈଶ୍ୱର ନାଗ, ହଳଧର ନାଗ ଓ ପୂର୍ଣ୍ଣ ଗଣ୍ଡ। କୌଣସି ସୂତ୍ରରୁ ଖବର ପାଇ ଗତ ୨୫ ତାରିଖ ଶନିବାର ରାତି ସାଢ଼େ ୧୨ଟାରେ ସ୍ଥାନୀୟ ପଖନାଗୁଡ଼ା ରାସ୍ତା ଦେଇ ବୈପାରୀଗୁଡ଼ା ଅଭିମୁଖେ ୨୬ଟି ବଳଦକୁ ଚୋରା ଚାଲାଣ କରାଯାଉଥିଲା । ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢ଼ଉ କରିଥିଲେ। ଉଦ୍ଧାର ହୋଇଥିବା ବଳଦ ଗୁଡକର ସୁରକ୍ଷା ପାଇଁ ଆଜି ସକାଳେ ପିକ୍‌ଅପ ଯୋଗେ ଜୟପୁର ଗୋଶାଳାକୁ ପଠାଇ ଦିଆଯାଇଛି। କୋଟପାଡ଼ ଅଞ୍ଚଳର ବ୍ୟକ୍ତିମାନେ ବୈପାରୀଗୁଡ଼ାକୁ ନେଇ ଯାଉଥିଲେ ଓ ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ୫ ଜଣ ଚାଲାଣ କାରୀଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ।

### ସରକାରଙ୍କ ଆଦେଶ ମାନୁନାହାନ୍ତି ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ

# ଛାତ୍ରାଛାତ୍ରୀଙ୍କଠାରୁ ଫି' ଆଦାୟ ନିର୍ଦ୍ଦେଶକୁ ନେଇ ବିବାଦ

ଯାଜପୁର,୨୬।୭(ସମିସ): ରାଜ୍ୟର ସମସ୍ତ କେଜିରୁ ପିଜି ଶ୍ରେଣୀର ଛାତ୍ର ଛାତ୍ରଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଗତ ୧୪-୭-୨୦୨୬ରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ଗାଇଡ୍‌ଲାଇନ ଜାରି କରି ସମସ୍ତ ଶିକ୍ଷାନୁଷ୍ଠାନକୁ ଏ ନେଇ ଅବଗତ କରାଯାଇଥିଲା। ଯେଉଁଥିରେ ଛାତ୍ର ଛାତ୍ରୀଙ୍କ ପରୀକ୍ଷା ଫି', ଆଡମିଶନ, ରେଜିଷ୍ଟ୍ରେସନ ଏବଂ ଏନ୍‌ସିସି ପାଇଁ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଉଲ୍ଲେଖ ରହିଛି। ହେଲେ ଯାଜପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଦେବା ନେଇ ବିବାଦ ସୃଷ୍ଟି ହୋଇଛି। ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟରୁ ପତ୍ରସଂଖ୍ୟା ୮୭୪୪/୨୩୭୭୨୦୨୬ରେ ସମସ୍ତ ମାଧ୍ୟମିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ, ବେସରକାରୀ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ଓ ଅଧ୍ୟକ୍ଷ ଏବଂ ସଂସ୍କୃତ ବିଦ୍ୟାଳୟର ହେଡପଣ୍ଡିତମାନଙ୍କୁ ସ୍କୁଲ ରେଜିଷ୍ଟ୍ରେସନ ଫି', ଜୁନିୟର ରେଡ୍‌କ୍ରସ୍, ସ୍କାଉଟ ଆଣ୍ଡ ଗାଇଡ୍ ବାବଦ ଫି' ଆଦାୟ କରିବାକୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଛାତ୍ରାଛାତ୍ରୀ ପିଛା ଜୁନିୟର ରେଡ୍‌କ୍ରସ୍ ବାବଦକୁ ୧୦ ଟଙ୍କା, ସ୍କାଉଟ୍ ଆଣ୍ଡ ଗାଇଡ୍ ବାବଦକୁ ୧୨ ଟଙ୍କା ଏବଂ ସବସିଡାରୀ ଫି' ଅନୁସାରେ ଜୁନିୟର ରେଡ୍‌କ୍ରସ ବାବଦକୁ ୩.୫୦ ଟଙ୍କା, ରେଜିଷ୍ଟ୍ରେସନ ଫି' ୧୦ ଟଙ୍କା ଆଦାୟ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ କେବଳ ଏସ୍‌ସି ଓ ଏସ୍‌ଟି ବର୍ଗର ଛାତ୍ରାଛାତ୍ରୀଙ୍କୁ ବାଦ୍ ଦିଆଯାଇଛି। ଏଭଳି ଚିଠି ଜାରି କରିବାକୁ ଯାଜପୁର ଡିଇଓ କାହାଠାରୁ ନିର୍ଦ୍ଦେଶ ପାଇଲେ ତାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି।

ଫି' ଆଦାୟ ପାଇଁ ହୋଇଥିବା ଡିଇଓଙ୍କ ନିର୍ଦ୍ଦେଶ ପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଉପରୋକ୍ତ ସବସିଡାରୀ ଫି' ପରିମାଣ ୫-୮-୨୦୨୬ରୁ ୭-୮-୨୦୨୬ ମଧ୍ୟରେ ଯାଜପୁର ରାମମନ୍ଦିର ନିକଟ ଡିଷ୍ଟ୍ରିକ୍ଟ ସ୍କାଉଟ ଆଣ୍ଡ ଗାଇଡ୍ ଭବନରେ ପୂର୍ବାହ୍ଣ ସାଢ଼େ ୧୦ଟାରୁ ଅପରାହ୍ଣ ୪ଟା ମଧ୍ୟରେ ଜମା କରିବେ। ୫-୮-୨୦୨୬ରେ ଦାନଗଦୀ, କୋରେଇ ଓ ସୁକିନ୍ଦା, ୬-୮-୨୦୨୬ରେ ବରୀ, ରସୁଲପୁର, ବଡ଼ଚଣା ଓ ଧର୍ମଶାଳା, ୭-୮-୨୦୨୬ରେ ବିଞ୍ଝାରପୁର, ଯାଜପୁର ଓ ଦଶରଥପୁର ବ୍ଲକର ସ୍କୁଲଗୁଡିକର ଛାତ୍ରାଛାତ୍ରଙ୍କ ଫି' ଜମା ହେବ। ଏହି ଫି' ଆଦାୟ କରିବାକୁ ଏକ ଟିମ୍ ଗଠିତ ହୋଇଛି। ପୂର୍ବରୁ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟ ଏକ ବିବାଦୀୟ ଚିଠି କରି ଚର୍ଚ୍ଚାକୁ ଆସିଥିଲେ। ଜିଲ୍ଲାର ସ୍କୁଲ ମାନଙ୍କରେ ଅତିଥି ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତିୟ ବିଜ୍ଞାପନ ଦେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତାଙ୍କୁ କୈଫିୟତ ତଲବ କରିଥିଲେ। ସେହି ଘଟଣା ର ସମାଧାନ ନ ହେଉଣୁ ପୁଣି ଏକ ବିବାଦୀୟ ଚିଠି ଜିଲ୍ଲାଶିକ୍ଷାଧିକାରୀଙ୍କୁ ବିବାଦ ଭିତରକୁ ଟାଣିଛି।

## ଦଧିବାମନଜୀଉଙ୍କ ସୁନାବେଶ ସମାରୋହ



ବରୀ,୨୬।୭(ସମିସ): ବରୀ ବ୍ଲକ ଅନ୍ତର୍ଗତ ଜମ୍ପଡ଼ା ଗ୍ରାମର ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ୧୦୫ତମ ବାହୁଡାଯାତ୍ରା ଓ ଚତୁର୍ଦ୍ଦଶ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସୁନାବେଶରେ ମହାପ୍ରଭୁଙ୍କ ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଯାଜପୁର ସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମହାପ୍ରଭୁଙ୍କ ସ୍ୱର୍ଣ୍ଣ ଅଳଙ୍କାର ଜମ୍ପଡ଼ା ଗ୍ରାମ ସ୍ଥିତ ଦଧିବାମନଜୀଉଙ୍କ ମନ୍ଦିରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇ ସୁନାବେଶ ଅନୁଷ୍ଠିତ ହୋଇଥଲା। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଗୀତିକାର ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ପ୍ରମୁଖଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହାପ୍ରଭୁଙ୍କ ସୁନାବେଶ ଉତ୍ସବରେ ଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ପ୍ରମୁଖ ଯୋଗଦେଇ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିଲେ। ଯାଜପୁରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ବରୀ ଥାନା ଅଧିକାରୀଣୀ ହେମଲତା ଦାସ ଉପସ୍ଥିତ ରହି ଆଇନଶୃଙ୍ଖଳା ସ୍ଥିତି ସମ୍ଭାଳିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମଦନ ମୋହନ ଦାଶ, ଘନ ଶ୍ୟାମ ଦାଶ, କିଶୋର ଚନ୍ଦ୍ର ଦାଶ, ଈଶ୍ୱର ଚନ୍ଦ୍ର ଦାଶ, ମହେନ୍ଦ୍ର କୁମାର ନାୟକ, ମନୋଜ କୁମାର ନାୟକ, ଅନନ୍ତ କିଶୋର ନାୟକ, ବିଜୟ କୁମାର ନାୟକ, ଘନଶ୍ୟାମ ପଣ୍ଡା, ପର୍ଶୁରାମ ଦାଶ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

### ● ପ୍ରଶାସନ ଦୃଷ୍ଟି ଆଢୁଆଳରେ କାଞ୍ଚନ

## ମିଳୁନି ପକ୍କା ଘର, କି ରାସନ କାର୍ଡ



କଣ୍ୟାଁଗୋଲା,୨୬।୭(ସମିସ): ବାସ୍ତବରେ ଆଜି ବି ଏପରି ପରିବାର ଅଛନ୍ତି ଯେଉଁଠି ପ୍ରଶାସନ ତାଙ୍କ ନିକଟରେ ପହଞ୍ଚି ପାରିନାହି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ଅନ୍ତର୍ଗତ କମାରଡ଼ିହି ପଞ୍ଚାୟତର ବୈତରଣୀ ନଦୀ କୂଳର ଗାଁ ବଳରାମପୁର ଗ୍ରାମର କାଞ୍ଚନ ଯେନାଙ୍କ କ୍ଷେତ୍ରରେ। ସରକାରୀ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି। ସ୍ୱାମୀ ପ୍ରମୋଦ ଯେନା ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ବେଳେ କାଞ୍ଚନ ଦୁଇ ଛୁଆଙ୍କୁ ଧରି ଅତି ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରିଥାଏ।

ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ପ୍ରଶାସନ ପକ୍ଷରୁ ମିଳୁଥିବା ପକ୍କା ଘର ଯୋଜନାର ସୁବିଧା ମିଳି ପାରିନାହିଁ। ଏହା ସହ ଶୌଚାଳୟ ଓ ରାସନକାର୍ଡ ଭଳି ମୌଳିକ ସୁବିଧାରୁ ମଧ୍ୟ ପରିବାର ବଞ୍ଚିତ ରହିଛନ୍ତି। ଯାହାଫଳରେ ଦୈନନ୍ଦିନ ଜୀବନ ଅତ୍ୟନ୍ତ ଦୁଃଖଦାୟକ ହୋଇପଡ଼ିଛି। ସ୍ଥାନୀୟ ଲୋକମାନେ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କାଞ୍ଚନ ଯେନାଙ୍କ ନିକଟ ରେ ପ୍ରଶାସନ ପହଞ୍ଚି ପାରି ନାହିଁ। ଏଭଳି ପରିବାରକୁ ଯଥାଶୀଘ୍ର ଆବାସ ଯୋଜନାରେ ଗୃହ, ରାସନ କାର୍ଡ ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସରରେ ଅଧରପଣା



ଧର୍ମଶାଳା,୨୬।୭(ସମିସ): ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ରଥାରୁଢ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁବଦ୍ରାଙ୍କ ଠାକୁରଙ୍କ ଅଧରପଣା ନିତି ଅନୁଷ୍ଠିତ ହୋଇଯାଇଛି। ରଥାରୂଢ଼ ଠାକୁରଙ୍କ ନିତିକାନ୍ତି ଓ ପୂଜା ପରେ ପଞ୍ଚାମୃତ ମିଶ୍ରଣରେ ତିନିଗୋଟି ମାଟି ପାତ୍ର ପଣା କରାଯାଇ ପ୍ରେତାତ୍ମାଙ୍କ ଉଦ୍ଦେଶ୍ୟରେ ରଥରେ ହାଣ୍ଡି ଭଙ୍ଗାଯାଇ ଅର୍ପଣ କରାଯାଇଥିଲା। ଠାକୁରଙ୍କ ଏହି ଅଧରପଣା ନିତି ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ଆଜି ମନ୍ଦିର ପରିସରରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନାମଧନ୍ୟ କଂଠଶିଳ୍ପୀ ଶୌରଭ ଭରଦ୍ୱାଜ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଆସନ୍ତାକାଲି ଠାକୁରଙ୍କ ନିଳାଦ୍ରୀ ବିଜେ କାର୍ଯ୍ୟକ୍ରମ ରହିଥିବା ବେଳେ ଠାକୁର ରଥରୁ ବାହାରି ମନ୍ଦିରରେ ବିଜେ କରିବେ। ଠାକୁରଙ୍କ ଅଧରପଣା ନିତି ଦେଖିବା ଲାଗି ଆଜି ମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ ଲାଗିରହିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ମନ୍ଦିର କମିଟି ଓ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିରରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ସଭାପତି ଇଂ. କଳ୍ପତରୁ ସାହୁ, ସମ୍ପାଦକ ମନୋଜ କୁମାର ରଣା, କୋଷାଧ୍ୟକ୍ଷ ଅଭୟ କୁମାର ରାଉତ, ସହ ସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କେଳୁ ଚରଣ ନାୟକ, ପ୍ରଶନ୍ନ କୁମାର ବରାଳ, ପ୍ରଫୁଲ୍ଲ ଶର, ଚିତ୍ତରଞ୍ଜନ ଦାସ, ସୁନିଲ ରାଉତରାୟ, ପ୍ରଦୀପ୍ତ ରାଉତ, ଅଶୋକ କୁମାର ଜେନା ଓ ମୁନସୀ ମେଲଣ କମିଟିର କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି, ସମ୍ପାଦକ ପ୍ରମୋଦ କୁମାର ଦାସ, ମନୋଜ ରାଉଳ, ଶରତ ଓଝା, ଅଲୋକ ଲେଙ୍କା, ସୂର୍ଯ୍ୟକାନ୍ତ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଛାତ୍ରକୁ ସାଂସଦଙ୍କ ସମ୍ବର୍ଦ୍ଧନା

ଧର୍ମଶାଳା,୨୬।୭(ସମିସ) ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଝାଟିଆ (ଓଡ଼ଙ୍ଗ) ଗ୍ରାମର ଛାତ୍ର ସତ୍ୟପ୍ରିୟ ଦାଶ ଚଳିତ ନିଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବାରୁ ଯାଜପୁର ସାଂସଦ ଡ. ରବୀନ୍ଦ୍ର କୁମାର ବେହେରା



ଆଜି ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପାଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସେ ଜଣେ ଭଲ ଡାକ୍ତର ହୋଇ ଗ୍ରାମାଞ୍ଚଳର ରୋଗଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ମୁତାବକ, ବାରବାଟି ପଞ୍ଚାୟତ ଝାଟିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ଦାଶ ଓ ପ୍ରତିମା ପାଣିଙ୍କ ପୁତ୍ର ସତ୍ୟପ୍ରିୟ ଦାଶ ଚଳିତ ନିଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି। ସେ ସୈନିକ ସ୍କୁଲରେ ପାଠ ପଢୁଥିଲେ। ତାଙ୍କର ଅକ୍ଳାନ୍ତ ପରିଶ୍ରମ ପାଇଁ ନିଟ ସଫଳତା ମିଳିଛି ବୋଲି ପରିବାର ପକ୍ଷରୁ କୁହାଯାଇଛି। ତାଙ୍କର ଏହି ସଫଳତାରେ ଶିକ୍ଷକ, ପରିବାର, ଗ୍ରାମବାସୀ ସାଙ୍ଗସାଥି ଖୁସିବ୍ୟକ୍ତ କରିଛନ୍ତି। ତାଙ୍କୁ ଏ ସଂପର୍କରେ ପଚାରିବାରୁ ମୁଁ ଡାକ୍ତର ହୋଇ ଗରିବ ଅସହାୟ ଲୋକଙ୍କ ସେବା କରିବି ବୋଲି ସେ କହିଥିଲେ।

## ସମାଜସେବୀ ପ୍ରଦୀପ୍ତ ବରାଳଙ୍କ ଜୟନ୍ତୀ

ଧର୍ମଶାଳା,୨୬।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ଭାତୁରୀପଶି ଗ୍ରାମର ସମାଜସେବୀ ତଥା ରୋଟାରୀ କ୍ଲବର ପ୍ରତିଷ୍ଠାତା ସଭାପତି ପ୍ରଦୀପ୍ତ କୁମାର ବରାଳଙ୍କ ୫୧ତମ ଜୟନ୍ତୀ ଉତ୍ସବ ରୋଟାରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ସଭାପତି ଇଂ. ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ, ରୋଟାରୀ କ୍ଲବ ୩୨୬୨ ଜିଲ୍ଲାର ସହକାରୀ ଗଭର୍ଣ୍ଣର ଇଂ ବିପିନ କିଶୋର ଷଡ଼ଙ୍ଗୀ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ବରାଳଙ୍କ କାର୍ଯ୍ୟାଧରା ଓ ସେବା ମୂଳକ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରୋଟାରିଆନ ବରାଳଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଇନ୍ଦ୍ରମଣି ନାୟକ, ଦେବେନ୍ଦ୍ର କୁମାର ସାହୁ, ଜୟଗୁରୁ ପାତ୍ର, ପ୍ରମୋଦ କୁମାର ସାମଲ ଓ ଚକ୍ରଧର ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ଦୀପକ ଜେନା ଧନ୍ୟବାଦ ଦେଇଥିଲେ।




## ମଦ ଦୋକାନକୁ ବିରୋଧ
## ତାଲା ଭାଙ୍ଗି ଲୁଟି ନେଲେ ପେଟି ପେଟି ମଦ



ଯାଜପୁର,୨୬।୭(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଗାନ୍ଧୀ ଛକ ନିକଟରେ ଖୋଲା ହେବାକୁ ଥିବା ମଦ ଦୋକାନକୁ ସ୍ଥାନୀୟ ଲୋକମାନେ ବିରୋଧ କରିବା ସହ ଦୋକାନରେ ଥିବା ମଦକୁ ଲୁଟିନେଇଛନ୍ତି। ସୂଚନା ମୁତାବକ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଚଣ୍ଡିଖୋଲ ନିକଟସ୍ଥ ଗାନ୍ଧୀ ଛକ ଠାରେ ସରକାରଙ୍କ ଅନୁମତି ପାଇ ଏକ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ଖୋଲିବାକୁ ଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଆଜି ଲୋକମାନେ ଏକତ୍ରିତ ହୋଇ ମଦ ଦୋକାନ ଭିତରକୁ ପଶି ଘରର ତାଲା ଭାଙ୍ଗି ସେଠାରେ ଥିବା ପେଟି ପେଟି ମଦ ବୋହି ନେଇଥିଲେ। ଯିଏ ଯେତେ ପାରିଲା ମଦ ବୋହି ନେଇଥିଲା। ଏପରିକି ସେଠାରେ ଲାଗିଥିବା ସିସି କ୍ୟାମେରାକୁ ଭାଙ୍ଗିବା ସହ କର୍ମଚାରୀଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଁଚିଲା ବେଳକୁ ଘର ଭିତରୁ ସମସ୍ତ ମଦକୁ ସଫା କରିଦେଇଥିଲେ ଲୋକେ। ତେବେ ପୁଲିସ ସେଠାରେ ଥିବା କିଛି ଲୋକଙ୍କୁ କାବୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ବଳରାମପୁର ସ୍କୁଲ ପରିଚାଳନା କମିଟି ଗଠିତ



କବାଟବନ୍ଧ,୨୬।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁର ସରକାରୀ ସ୍କୁଲ ପରିଚାଳନା କମିଟି ଗଠନ ହୋଇଛି। ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଏବଂ ଉପସଭାପତି ଭାବେ ଦୁଇ ଜଣ ମହିଳା ଦାୟିତ୍ୱ ନେଇଛନ୍ତି। ବିଦ୍ୟାଳୟ ପରିସରରେ ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତରେ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉଭୟ ସଭାପତି ଏବଂ ଉପ ସଭାପତି ପଦବୀ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଭାପତି ଭାବରେ ପ୍ରୀତି ପ୍ରତୀକ୍ଷ୍ୟା ପତି ଏବଂ ଖୁଲଣା ମଲିକଙ୍କୁ ଉପସଭାପତି ଭାବେ ସଭ୍ୟ ମାନେ ସ୍ୱୀକୃତି ପ୍ରଦାନ କରିଥିଲେ। ବିଦ୍ୟାଳୟର ବିକାଶ, ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ଶିକ୍ଷା ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ, ପୋଷାକ ବଣ୍ଟନ, ବିଦ୍ୟାଳୟର ସ୍ୱଚ୍ଛତା ସହିତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସ୍କୁଲ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ ସ୍କୁଲ ର ପରିବେଶ ଏବଂ ପାରିପାର୍ଶ୍ୱିକ ଉନ୍ନତି ଦିଗରେ ଧ୍ୟାନ ଦେବେ ବୋଲି ନୂତନ ଭାବେ ସଭାପତି ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀମତୀ ପ୍ରୀତି ପ୍ରତୀକ୍ଷ୍ୟା ପତି ମତ ପ୍ରକାଶ କରିଛନ୍ତି।

### ● ସ୍କୁଲ କମିଟିକୁ ନେଇ ବିବାଦ

## ଥାନାରେ ଏତଲା ଦେଲେ ପ୍ରଧାନ ଶିକ୍ଷକ

### ଧାରଣାରେ ବସିଲେ ଅସନ୍ତୁଷ୍ଟ ଗୋଷ୍ଠୀ

ବଡ଼ଚଣା,୨୬।୭(ସମିସ): ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ଅଣକା ପଞ୍ଚାୟତ ଦକ୍ଷିଣକୂଳ ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠନକୁ ନେଇ ବିବାଦ ଥାନାରେ ପହଞ୍ଚିଛି। ଗତ ୬ ତାରିଖରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଙ୍କୁଚରଣ ସିଂ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥଲେ। ସମସ୍ତ ୧୧ ଜଣ ସଭ୍ୟଙ୍କୁ ନେଇ ଗତ ୧୩ ତାରିଖରେ ଅଧ୍ୟକ୍ଷ ଚୟନ କରାଯାଇଥିଲା। ଗତ ୧୮ ତାରିଖରେ ପ୍ରଧାନଶିକ୍ଷକ ୧୧ ଜଣ ସଦସ୍ୟ ମାନଙ୍କୁ ଡାକି ବୈଠକ କରୁଥିବା ସମୟରେ ୭ ଜଣ ସଦସ୍ୟଙ୍କୁ ୪ ଜଣ ସଦସ୍ୟ ଅସନ୍ତୁଷ୍ଟ ହୋଇ ଗାଳି ଗୁଲଜ କରିଥିଲେ ଏଥିରେ ମଧ୍ୟ ପ୍ରଧାନଶିକ୍ଷକ ବାଦ ପଡି ନଥିଲେ। ପ୍ରଧାନଶିକ୍ଷକଙ୍କୁ ଧମକ ଚମକ ଦେବା ସହ ଆକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲେ। ଏନେଇ ପ୍ରଧାନ ଶିକ୍ଷକ ବଡ଼ଚଣା ଶିକ୍ଷାଧିକାରୀ ଓ ସିଆରସିସିଙ୍କୁ ଅବଗତ କରାଇ ଗତ ୨୩ ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ୪ ଜଣ ସଦସ୍ୟ ଭ୍ରମରବର ନାୟକ, ନନ୍ଦ କିଶୋର ନାୟକ, ଅଞ୍ଜନ କୁମାର ନାୟକ ଓ ଦିଲ୍ଲୀପ କୁମାର ନାୟକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଆଜି କମିଟି ଗଠନରେ ଅସନ୍ତୁଷ୍ଟ ଥିବା ଗୋଷ୍ଠୀ ବିଦ୍ୟାଳୟ ସମ୍ମୁଖରେ ପୁନର୍ବାର କମିଟି ଗଠନ ଓ ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ଧାରଣାରେ ବସିଥିଲେ।

## ବରୁଆଁ-ହରିପୁର ରାସ୍ତା ସାଜିଛି ମରଣଯନ୍ତା

ବରୁଆଁ,୨୬।୭(ସମିସ): ୨୦ ନମ୍ବର୍ ଜାତୀୟ ରାଜପଥ ଭାବେ ପୂର୍ବରୁ ବ୍ୟବହୃତ ହେଉଥିବା ହରିପୁର-ବରୁଆଁ ରାସ୍ତାର ଶତାଧିକ ସ୍ଥାନରେ ବଡ଼ ବଡ଼ ଖାଲଖମା ସହ ପାଣି କାଦୁଅରେ ଭର୍ତ୍ତି ହୋଇଛି। ଏହି ରାସ୍ତା ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଦୈନିକ ଏହି ରାସ୍ତାରେ ଛୋଟମୋଟ ଦୁର୍ଘଟଣା ମାନ ଘଟୁଛି। ୨୦ ନମ୍ବର୍ ଜାତୀୟ ରାଜପଥର ସାନଗୋବିନ୍ଦପୁର ଠାରୁ ବରୁଆଁ ଛକ ପର୍ଯ୍ୟନ୍ତ ନିର୍ମାଣାଧୀନ ଜାତୀୟ ରାଜପଥର ମୁଖ୍ୟରାସ୍ତାରେ ଯାତାୟତ ଆରମ୍ଭ ହୋଇଛି। କେତେକ ଗାଡ଼ି ଏହି ନୂତନ ରାସ୍ତାରେ ଯାତାୟତ କରୁଥିବା ବେଳେ ଏବେ ବି ଅଧିକାଂଶ ଗାଡ଼ି ମଟର ହରିପୁର-ବରୁଆଁ ପୁରୁଣା ରାସ୍ତାରେ ଯାତାୟାତ କରୁଛି। କିଛି ବର୍ଷ ହେବ ଏହି ରାସ୍ତା ମରାମତି ହୋଇନଥିବାରୁ ବର୍ଷାଯୋଗୁ ଏହି ରାସ୍ତାରେ ବଡ଼ ବଡ଼ ଖାଲ ଖମା ବହୁ ସ୍ଥାନରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଦୁର୍ଘଟଣା ଘଟୁଛି। ଏହି ରାସ୍ତାର ମଧ୍ୟଭାଗରେ ଅବସ୍ଥିତ ପ୍ରମୁଖ ବ୍ୟବସାୟସ୍ଥଳ ହରିପୁର ବଜାରକୁ ଦୈନିକ ବିଭିନ୍ନ ଅଞ୍ଚଳର ଲୋକ ସୁନା ଗହଣା, କପଡା, ତେଜରାତି ମନୋହାରୀ ଭଳି ଆବଶ୍ୟକୀୟ ଜିନିଷ କିଣିବା ପାଇଁ ଆସୁଛନ୍ତି। ହରିପୁର ହାଟର ଅବସ୍ଥା କହିଲେ ନସରେ। ବର୍ଷକ ବାରମାସ ନର୍ଦ୍ଦମା ପାଣି ଭିତରେ ଲୋକେ ସଢୁଛନ୍ତି। ଏହି ରାସ୍ତା ଦେଇ ବ୍ରହ୍ମବରଦା, ବରୀ, କଳାମାଟିଆ, ବରୁଆଁ, କେନ୍ଦ୍ରାପଡ଼ା, ବାଲିଚନ୍ଦ୍ରପୁର ଓ ଯାଜପୁରର ନିତିଦିନିଆ ମୁଖ୍ୟ ଯାତାୟତ ପଥ ହୋଇଥିବା ବେଳେ ଶହଶହ ଭାରୀଯାନ ଏହି ରାସ୍ତାରେ ଯାତାୟତ କରୁଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ, ଅଭିଭାବକ, ଲୋକପ୍ରତିନିଧି ଓ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।



### ଅଭିଭାବକ କମିଟି ଗଠନରେ ଅନିୟମିତତା

# ପ୍ରଧାନ ଶିକ୍ଷକଙ୍କ ବିରୋଧରେ ତଞ୍ଚକତା ଅଭିଯୋଗ

ଯାଜପୁର,୨୬।୭(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ସ୍ଥିତ ସ୍ୱପ୍ନେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟର ସ୍କୁଲପରିଚାଳନା କମିଟି ଗଠନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍ୱଚ୍ଛ ନିରପେକ୍ଷ ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଠିକ୍ଭାବେ ଅନୁପାଳନ ନକରି ପ୍ରଧାନ ଶିକ୍ଷକ ତଞ୍ଚକତା କରି କେତେକ ସଭ୍ୟଙ୍କୁ ଚୟନ କରିଥିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି ଛାତ୍ର ଅଭିଭାବକ ମନୋଜ କୁମାର ନାୟକ। ଗତ ଶନିବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବନ୍ଦ ଥିବାରୁ ରସୁଲପୁର ବିଇଓ ଅଭିଜିତ୍ ବାରିକଙ୍କ ନିକଟକୁ ପୋଷ୍ଟାଲ ଜରିଆରେ ନିଜର ଅଭିଯୋଗ ପତ୍ର ପଠାଇଦେଇଥିବା ଶ୍ରୀ ନାୟକ କହିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି କି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ପାତ୍ର ତଞ୍ଚକତା କରି ଏସ୍‌ଏମ୍‌ସି ଗଠନ କରିଛନ୍ତି। ସରକାରଙ୍କ ପ୍ରଦତ୍ତ ମାର୍ଗଦର୍ଶିକାକୁ ମାନିନାହାଁନ୍ତି। ପକ୍ଷପାତ କରି କେତେକ ସଭ୍ୟଙ୍କୁ ଚୟନ କରିବାରେ ସହଯୋଗ କରିଛନ୍ତି। ଗତ ୨୧ ତାରିଖ ପୂର୍ବାହ୍ନରେ ବିଇଓଙ୍କ ନିକଟକୁ ଅଭିଯୋଗ ପତ୍ର ଦେଇଥିଲେ ମଧ୍ୟ ତାକୁ କର୍ଣ୍ଣପାତ କରିନାହାନ୍ତି। ମଙ୍ଗଳବାର ଅପରାହ୍ନରେ ୨ୟ ପିଟିଏ ବୈଠକ ସମୟରେ ପ୍ରଧାନ ଶିକ୍ଷକ ଅଣଅଭିଭାବମାନଙ୍କୁ ବିଦ୍ୟାଳୟ ମଧ୍ୟକୁ ଅବାଧରେ ପ୍ରବେଶ ଦେଇ ନିର୍ବାଚନ ପକ୍ରିୟାକୁ ପ୍ରଭାବିତ କରିଥିଲେ। ଗତ ୧୪ ତାରିଖ ଦିନ ପ୍ରଥମ ପିଟିଏ ବୈଠକ କୋରମ୍ ଅଭାବରୁ ବନ୍ଦ ହୋଇଯାଇଥିଲେ ମଧ୍ୟ ସେ ଦିନ ମଧ୍ୟ ଅଣଅଭିଭାବକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିଲା ଏବଂ କୋରମ୍ ସଂଖ୍ୟା ବୃଦ୍ଧି ନିମନ୍ତେ ଉପସ୍ଥାପନରେ ଅଣଅଭିଭାବକଙ୍କ ଦସ୍ତଖତ ନେଇଥିଲେ। ଗତ ୨୧ ତାରିଖ ୨ୟ ପିଟିଏ ବୈଠକରେ ପ୍ରଧାନ ଶିକ୍ଷକ ଓବିସି ଓ ଏସ୍‌ଇବିସି ପୁରୁଷ ପ୍ରାର୍ଥୀ ଚୟନ ନିମନ୍ତେ ୩ଜଣଙ୍କ ନାମ ପ୍ରସ୍ତାବ ଓ ସମର୍ଥକ ସମେତ ପଞ୍ଜୀକରଣ କରିଥିଲେ। ଜଣେ ପ୍ରାର୍ଥୀ ଓହରିଯିବା ପରେ ଦେବଦତ୍ତ ପଣ୍ଡା ଓ ମନୋଜ କୁମାର ନାୟକଙ୍କ ମଧ୍ୟରେ ଭୋଟିଙ୍ଗ୍ ହୋଇଥିଲା। ଫଳାଫଳ ଘୋଷଣା ପରେ ଅଧିକ ୧୧ଖଣ୍ଡ ଭୋଟ ପାଇବାରୁ ଦେବଦତ୍ତଙ୍କୁ ସଭ୍ୟଭାବେ ଗ୍ରହଣ କରିଥିଲେ। ଏଠାରେ ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି କି, ଦେବଦତ୍ତ ଏହି ପଦ ପାଇଁ ଯୋଗ୍ୟ ନୁହେଁ। ସେ ଓବିସି କିମ୍ବା ଏସଇବିସି ବର୍ଗର ନୁହଁନ୍ତି। ସେ ସାଧାରଣ ବର୍ଗର ବ୍ୟକ୍ତି। ଏହି ପଦକୁ ଶ୍ରୀ ପଣ୍ଡା ଧୋକାଦେଇ ଜିତିଥିବା ଏବଂ ପ୍ରଧାନ ଶିକ୍ଷକ କପଟତାର ଆଶ୍ରୟ ନେଇ ଅଯୋଗ୍ୟ ପ୍ରାର୍ଥୀଙ୍କୁ ବିଜୟୀ କରିଥିବା ଅଭିଯୋଗ ଆଣିଛନ୍ତି। ଏଣୁ ଶ୍ରୀ ପଣ୍ଡାଙ୍କ ପ୍ରାର୍ଥୀ ପତ୍ର ନାକଚ କରିବାକୁ ଶ୍ରୀ ନାୟକ ବିଇଓଙ୍କୁ ଅଭିଯୋଗ କରିଥିବା ଜଣାପଡିଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଙ୍କୁ ପଚାରିବାରେ ସମସ୍ତ ଅଭିଯୋଗକୁ ଅସ୍ୱିକାର କରିବା ସହିତ ନିୟମ ଅନୁଯାୟୀ କମିଟି ଗଠନ ହୋଇଛି ଏବଂ କମିଟି ଗଠନ ବେଳେ ଅଭିଯୋଗକାରୀ ଉପସ୍ଥିତ ଥିଲେ ମଧ୍ୟ କୌଣସି ଅଭିଯୋଗ କରିନଥିଲେ ବୋଲି ସଫେଇ ଦେଇଥିଲେ।

# ପାର୍ବତୀ ଗିରିଙ୍କୁ ଉପଯୁକ୍ତ ସମ୍ମାନ ମିଳିନି

## ଜାତୀୟ ସମ୍ମାନ ପାଇଁ ଲୋକସଭାରେ ସାଂସଦଙ୍କ ଦାବି

**ବରଗଡ଼, ୨୬ ।୭ (ସମିସ):** ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଲୋକସଭାରେ ନିୟମ-୩୭୭ ଅଧୀନରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀରାଙ୍ଗନା ପାର୍ବତୀ ଗିରିଙ୍କୁ ଯଥୋଚିତ ଜାତୀୟ ସମ୍ମାନ ପ୍ରଦାନ ପାଇଁ ଦାବି ଉଠାଇଛନ୍ତି । ସାଂସଦ ଶ୍ରୀ ପୁରୋହିତ ସଦନରେ କହିଥିଲେ ଯେ, ୧୯ ଜାନୁଆରୀ, ୧୯୨୬ରେ ଜନ୍ମଗ୍ରହଣ କରିଥିବା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ୨୦୨୬ରେ ପୂରଣ ହୋଇଛି । ଅଳ୍ପ ବୟସରୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ପ୍ରେରିତ ହୋଇ ସେ 'ଭାରତ ଛାଡ଼ ଆନ୍ଦୋଳନ'ରେ ସକ୍ରିୟ ଭାଗ ନେଇଥିଲେ । କାରାବାସ ଭୋଗ କରିଥିଲେ । ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ କରିଥିଲେ । ତାଙ୍କର ସାହସ, ତ୍ୟାଗ ଓ ନେତୃତ୍ୱ ଆଜି ମଧ୍ୟ ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ସ୍ୱାଧୀନତା ପରେ ପାର୍ବତୀ ଗିରି ନିଜ ଜୀବନକୁ ସମାଜସେବା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅସହାୟ ଶିଶୁମାନଙ୍କ କଲ୍ୟାଣ ପାଇଁ ସମର୍ପିତ କରିଥିଲେ । ଗତ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମରେ ତାଙ୍କୁ ଶ୍ରଦ୍ଧା ପୂର୍ବକ ସ୍ମରଣ କରିଥିଲେ । ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ ମଧ୍ୟ ଜାତୀୟସ୍ତରରେ ତାଙ୍କୁ ଯଥେଷ୍ଟ ପରିଚୟ ମିଳି ନ ଥିବା ଉଲ୍ଲେଖ କରି ସାଂସଦ ଶ୍ରୀ ପୁରୋହିତ କେନ୍ଦ୍ର ସରକାରଙ୍କୁ ତାଙ୍କ ଜନ୍ମ ଶତବାର୍ଷିକୀକୁ ଜାତୀୟ ସ୍ତରରେ ପାଳନ କରିବାକୁ ଅନୁରୋଧ କରିଛନ୍ତି । ସେ ଆହୁରି ଦାବି କରିଛନ୍ତି ଯେ ପାର୍ବତୀ ଗିରିଙ୍କ ଜୀବନ ଉପରେ ଆଧାରିତ 'ବଡ଼ମା' ନାମରେ ଏକ ଜାତୀୟ ଜୀବନୀଚିତ୍ର (ବାୟୋପିକ୍) ପ୍ରଦର୍ଶନ କରାଯାଉ । ଭାରତୀୟ ଡାକ ବିଭାଗ ପକ୍ଷରୁ ତାଙ୍କ ନାମରେ ସ୍ମାରକ ଡାକ ଟିକଟ ପ୍ରକାଶ କରାଯାଉ । ଏହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବା ସହିତ ଯୁବପିଢ଼ୀଙ୍କୁ ରାଷ୍ଟ୍ରସେବା, ତ୍ୟାଗ ଓ ସମର୍ପଣର ପ୍ରେରଣା ଯୋଗାଇବ ବୋଲି ସେ ମତ ପ୍ରକାଶ କରିଛନ୍ତି ।

ପାଇକମାଳରେ କାର୍ଗିଲ ବିଜୟ ଦିବସ

# ଦେଶକୁ ସୁରକ୍ଷିତ ରଖିଛି ସେନାର ସାହସ

ପାଇକମାଳ, ୨୬ ।୭ (ସମିସ)



ପାଇକମାଳ ନୃସିଂହନାଥ ଧର୍ମଶାଳାଠାରେ 'ଶହୀଦ ମାଧୋ ସିଂ ଭୂତପୂର୍ବ ସୈନିକ ସଂଘ' ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି । କାର୍ଗିଲ ଯୁଦ୍ଧରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ସହିଦମାନଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୧୯୯୯ ମସିହାର କାର୍ଗିଲ ଯୁଦ୍ଧରେ ଭାରତୀୟ ସେନାର ଅଦମ୍ୟ ସାହସ, ବୀରତ୍ୱ ଓ ଆତ୍ମବଳିଦାନକୁ ସ୍ମରଣ କରି ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଭୂତପୂର୍ବ ସୈନିକ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଯୋଗ ଦେଇଥିଲେ । ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଗିଲର ବରଫାଚ୍ଛାଦିତ ପର୍ବତ ଶୃଙ୍ଗରେ ଭାରତୀୟ ସେନାଙ୍କ ଅସୀମ ସାହସ ଓ ବୀରତ୍ୱ ଯୋଗୁଁ ଆଜି ଦେଶ ସୁରକ୍ଷିତ ରହିଛି । ଆଗାମୀ ପିଢ଼ି ଏହି ବୀର ଯବାନମାନଙ୍କ ଆଦର୍ଶରୁ ପ୍ରେରଣା ନେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ସଂଘର ସଭାପତି ନବୀନ ପ୍ରଧାନଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ସୁବଳ ଗର୍ତିଆଙ୍କ ପରିଚାଳନାରେ ଅନୁଷ୍ଠିତ ସମାରୋହରେ ଅମର ସହିଦମାନଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସଭାପତି ନବୀନ ପ୍ରଧାନ ଯୁବପିଢ଼ି ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ଏହି ଅବସରରେ ବିଧାୟିକା ବର୍ଷା ସିଂ ବରିହା ପାଇକମାଳରେ ଭୂତପୂର୍ବ ସୈନିକମାନଙ୍କ ପାଇଁ ଏକ ସ୍ଥାୟୀ ସଂଘ ଗୃହ ଏବଂ ବୀର ସହିଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଭବ୍ୟ ସହିଦ ସ୍ମାରକୀ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । କାର୍ଗିଲ ବିଜୟ ଓ ଦେଶପ୍ରେମ ଉପରେ ବକ୍ତୃତା ପ୍ରତିଯୋଗିତା ଓ ଆଲୋଚନା ମଧ୍ୟ ଆୟୋଜିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ବୀର ସହିଦମାନଙ୍କ ପ୍ରତି ଶ୍ରଦ୍ଧା ଜଣାଇଥିଲେ ।

# ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଗାଇସିଲେଟ, ୨୬ ।୭ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ସନ୍ଧିବାହାଲ କ୍ଲଷ୍ଟରର ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଯାମୁଟବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କଂସଡୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲମ୍ବୋଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶାନ୍ତି ମୈତ୍ରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରୁକ୍ମଣ ଦିଶ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ବାରିକ, ବେହେରାମୁଣ୍ଡା ସ୍କୁଲର ପ୍ରଧାନଶିକ୍ଷକ ଯୁଗଲାଲ ଭୋଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଯାମୁଟବାହାଲ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୌଶଲ୍ୟା ଭିତିରିଆ ଓ ତାଙ୍କ ସ୍ୱାମୀ କରମ ସିଂ ଠାକୁରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ କୁର୍ଲୁ ବାହାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ମିଶ୍ର, ଜଡ଼ାମୁଣ୍ଡା ସ୍କୁଲ ପ୍ରଧାନଶିକ୍ଷକ ସୁଶୀଲ ଭୋଇ, ବଡ଼ ଡୁଙ୍ଗୁରିପାଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୟ ସାହୁ, ଜାମମାଲ ସ୍କୁଲର ପ୍ରଧାନଶିକ୍ଷକ ତ୍ରିନାଥ ଭୋଇ, ଡାଙ୍ଗବାହାଲ ସ୍କୁଲର ପ୍ରଧାନଶିକ୍ଷକ ପୀତବାସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ବାରିକ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଆହ୍ଲାଦିନୀ ଭୁଏ, ନିବାସ ପଧାନ, ଅନୁପ ମହାକୁରଙ୍କ ସହ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଯୋଗଦେଇ ଥିଲେ । ପ୍ରହଲ୍ଲାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ

# ସ୍ୱଭାବକବି ଗଙ୍ଗାଧରଙ୍କ ପୌତ୍ରବଧୂଙ୍କ ବିୟୋଗ

**ବରପାଲି, ୨୬ ।୭ (ସମିସ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୌତ୍ରବଧୂ ତଥା ସ୍ୱର୍ଗତ କିଶୋର ଚନ୍ଦ୍ର ମେହେରଙ୍କ ଧର୍ମପତ୍ନୀ ପ୍ରେମଶୀଳା ମେହେର (୮୩)ଙ୍କ ଭୁବନେଶ୍ୱର କଳିଙ୍ଗବିହାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ତାଙ୍କ ପୁଅ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ପାଖରେ



ରହୁଥିଲେ । ଦୀର୍ଘଦିନ ହେଲା ତାଙ୍କ ଦେହ ଅସୁସ୍ଥ ରହୁଥିଲା । ଗଙ୍ଗାଧରଙ୍କ ସ୍ମୃତି ରକ୍ଷା ପ୍ରତି ସାରା ଜୀବନ ନିଜକୁ ସେ ଉତ୍ସର୍ଗ କରିଥିଲେ । ଭୁବନେଶ୍ୱର ସତ୍ୟନଗରସ୍ଥିତ ଶ୍ମଶାନରେ ତାଙ୍କ ଅନ୍ତିମ ସତ୍କାର ସମ୍ପନ୍ନ ହୋଇଥିଲା । ପୁତୁରା ନାଟ୍ୟକାର ମିହିର ମେହେର, ଡକ୍ଟର ସୁଶୀଳ ବାଗ୍, ବିପଦର ବନ୍ଧୁ ନିରାକାର ସାହୁ, ସୁଧାଂଶୁ ସାହୁ, ଅରୁଣ ଡାକୁଆ, ଚନ୍ଦନ ସିଂହ, ବାପି ନାୟକ, ସୁଶାନ୍ତ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ବରପାଲିସ୍ଥିତ 'ଗଙ୍ଗାଧର ସ୍ମୃତି ସଦନ'ରେ ସଂରକ୍ଷିତ କବିଙ୍କ କଲମ, ଦୁଆତ, ପାଣ୍ଡୁଲିପି, କୋର୍ଟ, କଠଉ, ଥାଳି, ପିଢ଼ା, ଚିଠି ପତ୍ର ଆଦି ଅମୂଲ୍ୟ ସାମଗ୍ରୀକୁ ସେ ଯତ୍ନ ସହକାରେ ସାଇତି ରଖିବା ସହ ବାହାରୁ ଆସୁଥିବା ଗଙ୍ଗାଧର ପ୍ରେମୀଙ୍କୁ ଆଗ୍ରହ ସହକାରେ ଦେଖାଉଥିଲେ । ସ୍ୱଭାବ କବିଙ୍କ ଜୟନ୍ତୀ ହେଉ ବା ଶ୍ରାଦ୍ଧ ଦିବସକୁ ପରିବାରରେ ଉତ୍ସାହ ଉଦ୍ଦୀପନାର ସହିତ ପାଳନ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ।

# 'ଭିଜା ଭିଜା ବର୍ଷାର କବିତା'ରେ ମଜିଲେ ଶ୍ରୋତା



**ବରଗଡ଼, ୨୬ ।୭ (ସମିସ):** ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରରେ 'ଭିଜା ଭିଜା ବର୍ଷାର କବିତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ସାହିତ୍ୟ ସଂସଦ ଓ ଗାନ୍ଧୀ ସ୍ମୃତି ପାଠାଗାର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା । ଗାନ୍ଧୀ ସ୍ମୃତି ପାଠାଗାର ଉପ ସଭାପତି ମନୋରଞ୍ଜନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ସଂସ୍ଥାର ବରିଷ୍ଠ ସଦସ୍ୟ ଗୌରୀଶଙ୍କର ପଣ୍ଡା ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ବରଗଡ଼ ସାହିତ୍ୟ ସଂସଦର ସଭାପତି ଡ. ଅଶୋକ ମହାପାତ୍ର ଓ ପାଠାଗାରର ବରିଷ୍ଠ ସଦସ୍ୟା ଅଧ୍ୟାପିକା ଜୟଶ୍ରୀ ସାହୁ ମଞ୍ଚାସୀନ ଥିଲେ । ୩୦ ଜଣ କବି କବିତା ପାଠ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ବର୍ଷା, ପ୍ରକୃତି ଓ ମାନବ ଜୀବନର ସମ୍ପର୍କକୁ ନେଇ ରଚିତ କବିତାଗୁଡ଼ିକ ସମସ୍ତଙ୍କ ମନକୁ ଛୁଇଁଥିଲା ।

# ତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ



**ବରଗଡ଼, ୨୬। ୭ (ସମିସ):** ତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି । ରାଜନୀତି ବିଜ୍ଞାନ ଅଧ୍ୟାପକ ସୁନୀଲ ଦାଶ ବିବରଣୀ ପ୍ରଦାନ କରିଥିଲେ । ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଅଧ୍ୟକ୍ଷ ଶ୍ରୀରାମ କର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅଧ୍ୟାପକ ଛବି ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଗୁରୁପୂର୍ଣ୍ଣିମା ପାଇଁ ଚୂଡାନ୍ତ ପ୍ରସ୍ତୁତି



**ବରଗଡ଼, ୨୬। ୭ (ସମିସ):** ୨୯ ତାରିଖ ଗୁରୁ ପୂର୍ଣ୍ଣିମା ସକାଶେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ପୀଠ ପରିଷଦ ଅଧୀନ ଆନନ୍ଦ ବାହିନୀ ଓ ଆଦିତ୍ୟ ବାହିନୀ ବରଗଡ଼ ଜିଲ୍ଲା ଶାଖା ଦ୍ୱାରା ସ୍ଥାନୀୟ ଟାଉନ୍ ଥାନାରେ ଅବସ୍ଥିତ ଶ୍ରୀ ଶ୍ରୀ ବଟେଶ୍ୱର ବାବା ଶିବ ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ୨୯ ତାରିଖ ଦିନ ସକାଳ ୯ଟାରେ ପୂଜା କାର୍ଯ୍ୟ ହେବାକୁ ସ୍ଥିର କରାଯାଇଛି । ଏହି ଅବସରରେ ଶାନ୍ତନୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶ୍ରୀମଦ୍ଭାଗବଦ୍ ଗୀତା ପଠନ କରାଯାଇଥିଲା । ଟାଉନ୍ ଥାନା ଆଇଆଇସି ଚିତ୍ତରଞ୍ଜନ ମେହେର, ଗଜେନ୍ଦ୍ର ପଣ୍ଡା, ଶାନ୍ତନୁ ପାଣିଗ୍ରାହୀ, ତ୍ରିଲୋଚନ ଦାଶ, ରାମଚନ୍ଦ୍ର ଷଡ଼ଙ୍ଗୀ, ରବୀନ୍ଦ୍ରନାଥ ପଣ୍ଡା, ଚଣ୍ଡୀ ପ୍ରସାଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, କମ୍ବୁଧର ମିଶ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ଯୋଗେନ୍ଦ୍ର ଦାଶ, ବିମଳ ଦାଶ, ସତ୍ୟ ନାରାୟଣ ପଣ୍ଡା, ସୁକାନ୍ତ ମହାପାତ୍ର, କିଶୋରଚନ୍ଦ୍ର ଦାଶ, ବିଜୟ ମିଶ୍ର, ଜୟ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ ।ଶେଷରେ ରାମଚନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂଗ୍ରାମୀ ସ୍ମୃତିବନର ପଞ୍ଚମ ପ୍ରତିଷ୍ଠା ଦିବସ

**ବରଗଡ଼, ୨୬ ।୭ (ସମିସ):** ବରଗଡ଼ ସାମ୍ବାଦିକ ସଂଘ ତରଫରୁ ରବିବାର କାରଗିଲ୍ ବିଜୟ ଦିବସରେ ସଂଗ୍ରାମୀ ସ୍ମୃତିବନର ପଞ୍ଚମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ବରଗଡ଼ ସହର ଉପକଣ୍ଠସ୍ଥ ବାଗେଇବିରା ଜଙ୍ଗଲରେ ଥିବା ଏହି ପବିତ୍ର ପୀଠରେ ସଂଘର ପୂର୍ବତନ ସଭାପତି ଶଙ୍କର ବଲ୍ଲଭ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଜିଲ୍ଲାର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ କାରଗିଲ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ



କରାଯାଇଥିଲା । ଏହାପରେ ସଂଘର ସମ୍ପାଦକ ପ୍ରେମାନନ୍ଦ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାରଗିଲ ଯୁଦ୍ଧରେ ସାମିଲ ହୋଇଥିବା ଅବସରପ୍ରାପ୍ତ ସେନାନୀ ସରୋଜ ମହାପାତ୍ରଙ୍କ ଯୋଗଦାନ କାର୍ଯ୍ୟକ୍ରମର ଗୁରୁତ୍ୱକୁ ଆହୁରି ଗରିମାମୟ କରିଥିଲା । ଦେଶର ସ୍ୱାଧୀନତା ସଂଗ୍ରାମରେ ବରଗଡ଼ ଜିଲ୍ଲାର ଯୋଗଦାନ କରିଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ମନେ ରଖିବା ପାଇଁ ପରିବେଶ ସୁରକ୍ଷା ପରି ଏକ ରଚନାତ୍ମକ କାର୍ଯ୍ୟରେ ଯୋଡ଼ି ସଂଗ୍ରାମର ଇତିହାସକୁ ଆଗାମୀ ପିଢ଼ିକୁ ଜଣାଇବା ପାଇଁ ବରଗଡ଼ ସାମ୍ବାଦିକ ସଂଘ ତରଫରୁ ୨୦୨୨ ମସିହା ଜୁଲାଇ ମାସ ୨୬ତାରିଖ କାରଗିଲ ବିଜୟ ଦିବସରେ ସଂଗ୍ରାମୀ ସ୍ମୃତିବନ ପ୍ରତିଷ୍ଠା କରାଯାଇଥିଲା; ଯାହା ଆଜି ପାଞ୍ଚ ବର୍ଷରେ ପଦାର୍ପଣ କରିଛି । ପ୍ରକୃତିର ଇତିହାସ ପୃଷ୍ଠାରେ ବଳିଦାନର ଗାଥାକୁ ସଜେଇ ଆଗାମୀ ପିଢ଼ିକୁ ପହଞ୍ଚାଇବା ପାଇଁ ବନ ବିଭାଗର ସହଯୋଗରେ ବରଗଡ଼ ସାମ୍ବାଦିକ ସଂଘ ଏଭଳି ଏକ ପରିକଳ୍ପନା ଆଜି ବାସ୍ତବ ରୂପ ନେଇ ଥିବାରୁ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଛି । ଅବସରପ୍ରାପ୍ତ କାରଗିଲ ସେନାନୀ ସରୋଜ ମାହାପାତ୍ର, ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁ, ବାରିଷ୍ଠ ଉଦ୍ୟୋଗୀ ରାଜୁ ଶର୍ମା, ବଗେଇବିରା ଇଣ୍ଡିଆନ୍ ମିଲିଟାରୀ ଏକାଡେମୀର ସଭାପତି ପୁରନ୍ଦର ଭୋସାଗର, ଅବସରପ୍ରାପ୍ତ ଶିକ୍ଷକ ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଓ କାରଗିଲ ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବରଗଡ଼ ସାମ୍ବାଦିକ ସଂଘର ଏହିପରି ଅଭିନବ ଉଦ୍ୟମକୁ ପ୍ରଶଂସା କରିଥିଲେ । ପରେ ସଂଘର ଉପ ସଭାପତି ବିରେନ୍ଦ୍ର ପ୍ରଧାନ, ସଭ୍ୟ ଉମେଶ ବିଶ୍ୱାଳ, ଦୀପକ ଶର୍ମାଙ୍କ ସମେତ ସମସ୍ତ ସଭ୍ୟ ନିଜ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘର କୋଷାଧ୍ୟକ୍ଷ ବ୍ୟୋମକେଶ କର, ସହ ସମ୍ପାଦକ ପ୍ରବୀଣ ସାହୁ, ଲଲାଟେନ୍ଦୁ ଦାଶ, ଜି. ଭି ରାଓ, ପ୍ରଦୀପ ପାଢ଼ୀଙ୍କ ସମେତ ବହୁ କର୍ମକର୍ତ୍ତା, ସଭ୍ୟମାନେ ଉପସ୍ଥିତ ଥିଲେ ।

# 'କହରେ କାଳିଆ ଶ୍ରୀଅଙ୍ଗରେ ତୋର କିଏ ଦେଲା ରଙ୍ଗ ବୋଲି' ଲୋକାର୍ପିତ

**ବରଗଡ଼, ୨୬। ୭ (ସମିସ):** ବରଗଡ଼ ରଥଯାତ୍ରାରେ ନୂଆ ଭଜନ ଆଲବମ୍ 'କହରେ କାଳିଆ ଶ୍ରୀଅଙ୍ଗରେ ତୋର କିଏ ଦେଲା ରଙ୍ଗ ବୋଲି' ଉନ୍ମୋଚିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଭାବେ ବରଗଡ଼ର ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଅତାବିରାର ବିଧାୟକ ନିହାର ମହାନନ୍ଦ, ରଥଯାତ୍ରା ସମନ୍ୱୟ ସମିତିର ଆବାହକ ସୁରେଶ୍ୱର ଶତପଥୀ ଭଜନଟିକୁ ଲୋକାର୍ପିତ କରିଥିଲେ । ଓମ୍ ପ୍ରଡକ୍ସନ ଦ୍ୱାରା ନିବେଦିତ ଏହି ଭଜନଟି ନିଜ ରଚନାରୁ ଡକ୍ଟର ରବିନାରାୟଣ ସାହୁ କଣ୍ଠଦାନ କରିଛନ୍ତି । ବରଗଡ଼ର ସପ୍ତକ ଝଙ୍କାରରେ ଏହା ରେକର୍ଡିଂ ହୋଇଛି ।

# ଚାରାରୋପଣ ଏକ ନୈତିକ ଦାୟିତ୍ୱ



**ବରଗଡ଼, ୨୬ ।୭ (ସମିସ):** ବୃକ୍ଷ ରୋପଣ ଆଜିର ସମୟରେ ଅତ୍ୟନ୍ତ ଜରୁରୀ; ଯାହା ମୁଖ୍ୟତଃ ଶୁଦ୍ଧ ଅମ୍ଳଜାନ ପ୍ରଦାନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଜଳବାୟୁ ସନ୍ତୁଳନ ରକ୍ଷା କରିବା ପାଇଁ ଆବଶ୍ୟକ । ତେଣୁ ପ୍ରତ୍ୟେକ ସ୍ତରରେ ବୃକ୍ଷରୋପଣକୁ ନୈତିକ ଦାୟିତ୍ୱ ଭାବରେ ଗ୍ରହଣକରି ପ୍ରତ୍ୟେକେ ବୃକ୍ଷ ରୋପଣ କରିବାକୁ ବରଗଡ଼ ମହିଳା ସମିତି ଅନୁରୋଧ ଜଣାଇଛି । ସମିତି ପକ୍ଷରୁ ବରଗଡ଼ ସାଇନ୍ସ ଇନଷ୍ଟିଚ୍ୟୁଟଠାରେ ବୃକ୍ଷରୋପଣ କରାଯାଇଥିଲା । ଏଥିରେ ମୁଖ୍ୟତଃ ଦୀର୍ଘ ସ୍ଥାୟୀ ବୃକ୍ଷ ପାଇଁ ୫୦ଟି ଚାରା ରୋପଣ କରାଯାଇଥିଲା । ସମିତିର ସଭାନେତ୍ରୀ ମନ୍ଦାକିନୀ ପତି ଓ ସମ୍ପାଦିକା ରିନୁ ପତିଙ୍କ ନେତୃତ୍ୱରେ ସଭ୍ୟାଗଣ ମମତା ମିଶ୍ର, କନକ ପ୍ରଧାନ, ଅଞ୍ଜନା ଦାସ, ସୁଧାଂଶୁ ବାଲା ଦାଶ, ସସ୍ମିତା ପଟ୍ଟନାୟକ, ଡ଼ା କମଳିନୀ ଦାଶ, ସ୍ୱାଧୀନି ଦାଶ, ସଙ୍ଗୀତା ଗୁପ୍ତା, ସଲୋନି ଦାସ, ସଂଘମିତ୍ରା ପଟେଲ, ଦିବ୍ୟକାନ୍ତି ଭୋଇ, ମଞ୍ଜୁ ପଢ଼ାନ, ମଞ୍ଜୁଳା ସାହୁ, ନିବେଦିତା ପୁଝାରୀ, ବୀଣାପାଣି ଜେନା, ସୌଭାଗ୍ୟଲକ୍ଷ୍ମୀ ମିଶ୍ର, ସୁଜାତା ପଣ୍ଡା, ରାଜଶ୍ରୀ ଦୋରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ । ଶିକ୍ଷାନୁଷ୍ଠାନ ପକ୍ଷରୁ ଡ଼ ପ୍ରଦୀପ ହୋତା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିଚାଳନା କମିଟି ପୁନର୍ଗଠନ ନେଇ ଦ୍ୱନ୍ଦ୍ୱ

ଝାରବନ୍ଧ, ୨୬ ।୭ (ସମିସ)

ଝାରବନ୍ଧ ବ୍ଲକ ଅନ୍ତର୍ଗତ କୁରଲୁପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ପୁନର୍ଗଠନ ପ୍ରକ୍ରିୟାକୁ ନେଇ ବିବାଦ ସୃଷ୍ଟି ହୋଇଛି । ବିଦ୍ୟାଳୟ ପରିଚାଳନା କମିଟି ଗଠନ ପ୍ରକ୍ରିୟାରେ ଅନିୟମିତତା ଏବଂ ଗଠିତ କମିଟିକୁ ଅନୁମୋଦନ କରିବା ଦାବିରେ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୁଇଟି ପୃଥକ ଅଭିଯୋଗ ଦାଖଲ ହୋଇଛି । ଜୁଲାଇ ୧ରୁ ୧୫ ମଧ୍ୟରେ ରାଜ୍ୟର ସମସ୍ତ ବିଦ୍ୟାଳୟର ପରିଚାଳନା କମିଟି ପୁନର୍ଗଠନ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ୧୯୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବା କୁରଲୁପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପରିଚାଳନା କମିଟି ପୁନର୍ଗଠନ କରାଯାଇଥିଲା । ତେବେ କମିଟି ଗଠନ ପ୍ରକ୍ରିୟାରେ ନିୟମ ପାଳନ ହୋଇ ନ ଥିବା

**କୁରଲୁପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ**

ଅଭିଯୋଗ ସହ ଗଠିତ କମିଟିକୁ ଅନୁମୋଦନ କରିବା ଦାବି କରି ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ୨ଟି ଅଭିଯୋଗ ପହଞ୍ଚିଛି । ଏହି ଘଟଣା ସମ୍ପର୍କରେ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ନିଜ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ, କମିଟି ଗଠନ ପାଇଁ ସମସ୍ତ ଅଭିଭାବକଙ୍କୁ ସୂଚନା ଦିଆଯାଇଥିଲା; କିନ୍ତୁ ବୈଠକରେ ୫୦ ପ୍ରତିଶତ ଅଭିଭାବକ ଉପସ୍ଥିତ ନ ଥିଲେ । ସେହି ପରିସ୍ଥିତିରେ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିବା ଉଲ୍ଲେଖ କରିଛନ୍ତି । ଉଭୟ ଅଭିଯୋଗର ଆଧାର, ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ ଦିଆଯାଇଥିବା ସ୍ପଷ୍ଟୀକରଣ ସହ ସମସ୍ତ ଉପଲବ୍ଧ ତଥ୍ୟର ଯାଞ୍ଚ କରାଯିବ । ଉଭୟ ପକ୍ଷ ଏବଂ ବିଭାଗୀୟ ଅଧିକାରୀଙ୍କୁ ନେଇ ନିରପେକ୍ଷ ତଦନ୍ତ କରାଯିବା ପରେ ନିୟମାନୁସାରେ ଆବଶ୍ୟକ ଗଠନମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି । ଏହି ଘଟଣାକୁ ନେଇ ଅଞ୍ଚଳର ଅଭିଭାବକ ଓ ଶିକ୍ଷାପ୍ରେମୀ ମହଲରେ ଆଲୋଚନା ଜୋର ଧରିଛି । ବିଭାଗୀୟ ତଦନ୍ତ ପରେ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି ।

# ବାହୁଡ଼ା ଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ଜଳ ବଣ୍ଟନ



**ଭଟଲି, ୨୬ ।୭ (ସମିସ):** ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବରେ ପରିଚିତ ଚକ୍ରତୀର୍ଥ ଭଟଲିରେ ପବିତ୍ର ବାହୁଡ଼ା ଯାତ୍ରା ସମୟରେ ଶ୍ରଦ୍ଧାଳୁମାନଙ୍କୁ ଭଟଲି ବ୍ଲକ ଶିକ୍ଷା ପରିବାର ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରାଯାଇଥିଲା । ଭାରତୀୟ ସ୍କାଉଟ୍ ଗାଇଡ ଓ ଜୁନିଅର୍ ରେଡକ୍ରସ ସଦସ୍ୟ ଓ କାଉନସେଲରଙ୍କ ସକ୍ରିୟ ସହଯୋଗରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ତହସିଲଦାର ରାମକୃଷ୍ଣ ମିଶ୍ର ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସତିହାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ତନସନାଙ୍କ ନିର୍ଦ୍ଦେଶାନୁକ୍ରମେ ସତିହାରୀ ବାଳିକା ହାଇସ୍କୁଲର ଛାତ୍ରୀ, ସ୍କାଉଟ ଓ ଗାଇଡ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଏବିଇଓ ରୀତାରାଣୀ ତ୍ରିପାଠୀ, ଜୁନିଅର୍ ରେଡକ୍ରସ କାଉନସେଲର ଜ୍ୟୋତ୍ସ୍ନା ମହାନନ୍ଦ, ସ୍ୱପ୍ନା ସାହୁ, ତନୟା ଭୁଏ, କ୍ରୀଡ଼ା ଶିକ୍ଷକ ପ୍ରଦୀପ ପ୍ରଧାନ, ଗର୍ଜନ ସା, ଅମ୍ବାଭୋନା ବ୍ଲକର ଜୁନିଅର୍ ରେଡକ୍ରସ କାଉନସେଲର ସଞ୍ଜୀୟ ଖମାରୀ ପ୍ରମୁଖ ସହଯୋଗ କରିଥିଲେ । ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେଇ ଶ୍ରଦ୍ଧାଳୁଙ୍କୁ ଗ୍ଲୁକୋଜ ପାଣି, ଓଆରଏସ୍ ଦ୍ରବଣ ଓ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରାଯାଇଥିଲା ।



# କାଠ ଫାଳିଆରେ ଆକ୍ରମଣ କରି ଯୁବକ ଗିରଫ



ଭୁବନେଶ୍ୱର,୨୬ ।୭ (ସମିସ): କାଠ ଫାଳିଆରେ ଆକ୍ରମଣ ଅଭିଯୋଗରେ ମୈତ୍ରୀ ବିହାର ଥାନା ପୁଲିସ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବୁଦ୍ଧବିହାର ଅଞ୍ଚଳର ନଟବର ଚମ୍ପିଆକୁ ଗିରଫ କରି କୋର୍ଟଚାଲାଣ କରିଛି । ତା'ଠାରୁ ଅପରାଧରେ ବ୍ୟବହୃତ ଏକ କାଠଫାଳିଆ ଜବତ ହୋଇଛି । ପୁଲିସ ସୂଚନା ମୁତାବକ, ଗତ ୨୫ ତାରିଖ ରାତି ପ୍ରାୟ ସାଢ଼େ ୧୧ଟାରୁ ୧୨ ଟା ମଧ୍ୟରେ ଅଭିଯୋଗକାରୀ ନିଜ ଘର ନିକଟରେ ଥିବା ନିଜ ଅଟୋରିକ୍ସା ଭିତରେ ଶୋଇଥିଲେ । ସେହି ସମୟରେ ଅଭିଯୁକ୍ତ ନଟବର ଚମ୍ପିଆ ହଠାତ୍ ଆସି ତାଙ୍କ ବେକ ଚିପି ଧରି ଅଟୋରୁ ବାହାରକୁ ଟାଣି ଆଣିବା ସହ ଟଙ୍କା ମାଗିଥିଲେ । ଅଭିଯୋଗକାରୀ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ଲୁଟ୍ କରିବା ଉଦ୍ଦେଶ୍ୟରେ ତାଙ୍କୁ ବିଧା ମାରିବା ସହ ନିକଟରେ ପଡ଼ିଥିବା ଏକ ମୋଟା କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ପିଟି ରକ୍ତାକ୍ତ କରିଥିଲେ । ଅଭିଯୋଗକାରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ପିସିଆରକୁ ଖବର ଦେଇଥିଲେ । ପିସିଆର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଅବସ୍ଥାରେ ଅଭିଯୋଗକାରୀଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲା । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ହୋଇଥିବା କାଠ ଫାଳିଆକୁ ଜବତ କରିଛି ।

# ଘୁଗୁନି ଦୋକାନୀଙ୍କୁ ଛୁରାମାଡ଼

ଭୁବନେଶ୍ୱର,୨୬ ।୭ (ସମିସ): ପୁଣି ରାଜଧାନୀରେ ଛୁରାମାଡ଼ ହୋଇଛି । କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ଘୁଗୁନି ଦୋକାନୀଙ୍କୁ ଛୁରାମାଡ଼ କରି ଆତଙ୍କ ଦୁର୍ବୃତ୍ତମାନେ ଏଭଳି ଆତଙ୍କ ଖେଳାଇଛନ୍ତି । ବିଳମ୍ବିତ ରାତିରେ ଏହି ଛୁରା ମାଡ଼ କରାଯାଇଥିବା ସୂଚନା ମିଳିଛି । ସଂପୃକ୍ତ ଘୁଗୁନି ବିକାଳିଙ୍କ ପେଟରେ ଛୁରି ଲାଗିଥିବା ଅବସ୍ଥାରେ ସେ କ୍ୟାପିଟାଲ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ପରେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି । ତେବେ ଘୁଗୁନି ବେପାରୀଙ୍କ ପରିଚୟ ସ୍ପଷ୍ଟ ହୋଇ ନଥିବା ବେଳେ ସେ ୧ ନମ୍ବର ହାଟରେ ଘୁଗୁନି ବିକ୍ରି କରୁଥିବା ଜଣାପଡ଼ିଛି ।

**ପେଟରେ ଛୁରି ଲାଗିଥିବା ଅବସ୍ଥାରେ ଥାନାରେ ପହଞ୍ଚିଲେ**

**ପ୍ରଥମେ କ୍ୟାପିଟାଲ ପରେ ଏସ୍‌ସିବି ସ୍ଥାନାନ୍ତର**

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ଦୁର୍ବୃତ୍ତମାନେ ତାଙ୍କ ପେଟରେ ଛୁରି ଭୁସି ଦେଇଥିଲେ । ପରେ ଘୁଗୁନି ବିକାଳି ଜଣଙ୍କ ପେଟରେ ଛୁରି ଥିବା ଅବସ୍ଥାରେ କ୍ୟାପିଟାଲ ଥାନାରେ ପହଞ୍ଚିଥିଲେ । ଉପସ୍ଥିତ ପୁଲିସ କର୍ମଚାରୀମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ତେବେ ଛୁରାମାଡ଼ ପଛରେ ପୂର୍ବ ଶତ୍ରୁତା ନାଁ ଅନ୍ୟ କାରଣ ରହିଛି ସେ ଦିଗରେ କ୍ୟାପିଟାଲ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି ।

# ୨୮ରେ ନାଟକ 'ବାବାସାହେବ ଡ. ବି.ଆର୍. ଆମ୍ବେଦକର'



ଭୁବନେଶ୍ୱର,୨୬।୭ (ସମିସ): ସାମାଜିକ ଅନୁଷ୍ଠାନ 'ମଦର' ପ୍ରଯୋଜନାରେ ଭାରତରତ୍ନ ବାବାସାହେବ ଡ. ବି.ଆର୍. ଆମ୍ବେଦକରଙ୍କ ଜୀବନ, ସଂଘର୍ଷ ଓ ସାମାଜିକ ଅବଦାନ ଉପରେ ଆଧାରିତ ନାଟକ 'ବାବାସାହେବ ଡ. ବି.ଆର୍. ଆମ୍ବେଦକର' ଚଳିତ ମାସ ୨୮ ତାରିଖ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହେବ । ସାମାଜିକ କର୍ମୀ ପ୍ରମୋଦ କୁମାର ଦାସଙ୍କ ରଚିତ ଏହି ନାଟକକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲ ନିର୍ଦ୍ଦେଶନା ଦେଇଥିବା ବେଳେ ସହ-ନିର୍ଦ୍ଦେଶନା ଦେଇଛନ୍ତି ରଞ୍ଜନ କୁମାର ନାୟକ । ସନ୍ତୋଷ କୁମାର ପରିଡ଼ା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନାର ଦାୟିତ୍ୱ ତୁଲାଉଛନ୍ତି । ନାଟ୍ୟ ଅନୁଷ୍ଠାନ 'ଟିମ୍' ପକ୍ଷରୁ ପରିବେଷଣ କରାଯିବ । କାର୍ଯ୍ୟକ୍ରମରେ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ତଥା ବିଶିଷ୍ଟ ସଂଳାପ ଓ କାହାଣୀ ଲେଖକ ଡ. ରଜନୀ ରଞ୍ଜନ, ଓଡ଼ିଶା ନାଟ୍ୟ ସଂଘ ସଭାପତି ତଥା ବିଶିଷ୍ଟ ମଞ୍ଚ ଅଭିନେତା ଓ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକ, ମଦର୍‌ର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରମୁଖ ଆୟକର କମିସନର ଶରତ କୁମାର ଦାଶ ପ୍ରମୁଖ ଯୋଗଦେବେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଦର ପକ୍ଷରୁ ସୂଚନା ଦିଆଯାଇଛି ।

## ରାଜଧାନୀରେ ହିଟ୍-ଆଣ୍ଡ-ରନ୍

# ବରମୁଣ୍ଡାରୁ ମିଳିଲା ମୁଣ୍ଡବିହୀନ ମୃତଦେହ

ଭୁବନେଶ୍ୱର,୨୬ ।୭ (ସମିସ):

ରାଜଧାନୀରେ ପୁଣି ଏକ ହିଟ୍ ଆଣ୍ଡ ରନ୍ ମାମଲା ସାମ୍ନାକୁ ଆସିଛି । ଏହି ହିଟ୍-ଆଣ୍ଡ-ରନ୍ ମାମଲା ଅତ୍ୟନ୍ତ ଭୟଙ୍କର ଏବଂ ବିଭତ୍ସ ଥିଲା । ପାତ୍ରପଡା ଫୁଟ୍‌ଓଭରବ୍ରିଜ୍ ନିକଟରୁ ବ୍ୟକ୍ତିଙ୍କୁ ଏକ ଟ୍ରକ୍ ବରମୁଣ୍ଡା ଫ୍ଲାଏ ଓଭର ପର୍ଯ୍ୟନ୍ତ ପ୍ରାୟ ଘୋଷାଡି ଆଣିଥିଲା । ଯାହାଫଳରେ ତାଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିଲା । ଏଣୁ ସ୍ଥାନୀୟ ଲୋକେ ପ୍ରଥମେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଥିଲେ । ପରବର୍ତ୍ତି ସମୟରେ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ଛାନ୍‌ବିନ୍ ଆରମ୍ଭ କଲା ପରେ ଏହା ଏକ ହିଟ୍-ଆଣ୍ଡ-ରନ୍ ମାମଲା ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ।

ପୁଲିସ ସୂଚନା ମୁତାବକ, ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଖୋର୍ଦ୍ଧା ବାଘମାରୀ ଅଞ୍ଚଳର ମାଛ ବ୍ୟବସାୟୀ ହାଡୁ ମଲ୍ଲିକ । ସେ ତାଙ୍କ ସହଯୋଗୀ କବି ମଲ୍ଲିକଙ୍କ ସହ ଏକ ଲୁନାରେ ଭୁବନେଶ୍ୱର ମାଛ କିଣିବାକୁ ଆସିଥିଲେ । ତମାଣ୍ଡୋ ପାତ୍ରପଡ଼ା ନିକଟରେ ଏମାନେ ଛିଡ଼ା ହୋଇଥିଲେ । ଏହି ସମୟରେ ୨ଟି କାର୍ ଦ୍ରୁତ ଗତିରେ ଆସିଥିଲେ । ପ୍ରଥମ କାର୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ପରବର୍ତ୍ତୀ କାର୍ ତାଙ୍କ ଲୁନା ଗାଡ଼ି ଉପରେ ଚଢ଼ିଯାଇଥିଲା । ଯାହା ଫଳରେ ଘଟଣାସ୍ଥଳରେ ହାଡୁଙ୍କ ମୃତ୍ୟୁ ହୋଇଥିଲା । କବି ଗୁରୁତର ଭାବେ ଆହତ ହୋଇ ଏମ୍ସରେ ଭର୍ତ୍ତି ହୋଇଛନ୍ତି । ଏହା ପରେ ଏକ ଗାଡ଼ି ଆସିଥିଲା । ଏହି ଗାଡ଼ିଟି ମୃତ ହାଡୁଙ୍କୁ ବରମୁଣ୍ଡାସ୍ଥିତ ଟାଟା ମୋଟର୍ସ ନିକଟସ୍ଥ ଫ୍ଲାଏ ଓଭର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ଗାଡ଼ି ମାଡ଼ରେ ମୃତକଙ୍କ ମୁଣ୍ଡ ଓ ଶରୀରର ଅଧିକାଂଶ ଭାଗ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇ ଶରୀରରୁ ଅଲଗା ହୋଇଯାଇଥିଲା ।

**ମୃତକଙ୍କୁ ୪କି.ମି. ପର୍ଯ୍ୟନ୍ତ ଘୋଷାଡ଼ି ନେଲା**

ଭୋର ସମୟରେ ବରମୁଣ୍ଡା ଅଞ୍ଚଳରେ ମୁଣ୍ଡବିହୀନ ମୃତଦେହ ଦେଖି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା । କେହି ବାହାରେ ହତ୍ୟା କରି ଏଠାରେ ଆଣି ଫୋପାଡ଼ି ଥିବା ଲୋକେ ଅନୁମାନ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା । ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଏହା ଏକ ଦୁର୍ଘଟଣା ବୋଲି ଅନୁମାନ କରାଯାଇଥିଲା । ପରେ ଏମ୍ସରେ ଚିକିତ୍ସିତ ଥିବା ଆହତ କବିଙ୍କୁ ପଚରାଉଚରା ପରେ ହିଟ୍-ଆଣ୍ଡ-ରନ୍ ମାମଲା ସାମ୍ନାକୁ ଆସିଥିଲା । ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଆରମ୍ଭ କରିଛି ।

# ପୁଣ୍ୟତିଥିରେ ବରପୁତ୍ରଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୨୬।୭ (ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପିଏମଜି ଛକଠାରେ ଅବସ୍ଥିତ ପଣ୍ଡିତ ଗୋଦାବରୀଶ ମିଶ୍ର ଏବଂ ଜୟଦେବ ବିହାରଠାରେ ଅବସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପୁଣ୍ୟତିଥି ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କୁ ଆମ ରାଜ୍ୟକୁ ଭାଷା ଭିତ୍ତିକ ରାଜ୍ୟ ମାନ୍ୟତା ପ୍ରଦାନର ମୂଳ ସୂତ୍ରଧର ତଥା ଭାଷା ସୁରକ୍ଷା ଅଭିଯାନର ମୁଖ୍ୟ ପୁରୋଧା ରୂପେ ବର୍ଣ୍ଣନା କରିଥିବା ବେଳେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ଏ ଜାତିର ଭାଷା, ସଂସ୍କୃତି, ସାହିତ୍ୟ ପାଇଁ ଏକ ଚିର ସମର୍ପିତ ସେନାଧ୍ୟକ୍ଷ ଭାବେ ବର୍ଣ୍ଣନା କରାଯାଇଥିଲା ।

ସଭାର ପ୍ରାରମ୍ଭରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଶିକ୍ଷାବିତ୍ କାମଦେବ ମହାପାତ୍ର ମହାପୁରୁଷମାନଙ୍କ ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସଂଯୁକ୍ତା ପାଣିଗ୍ରାହୀ, ସୁରଜିତ ପରିଡା, ସମାଜସେବୀ ମନୋରଞ୍ଜନ ମହାନ୍ତି, ଆଦିକନ୍ଦ ବିଶ୍ୱାଳ, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳ ସିଂ, ପ୍ରାଧାପକ ରଙ୍ଗାଧର ସାହୁ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

## ପୁଞ୍ଜିନିବେଶ ନାଁରେ କୋଟି କୋଟି ଠକେଇ ମାମଲା

# ଅଭିଯୋଗକାରୀଙ୍କ ପରିବାରକୁ ହତ୍ୟା ଧମକ

ଭୁବନେଶ୍ୱର,୨୬ ।୭ (ସମିସ): କୋଟି କୋଟି ଟଙ୍କା ଠକେଇ କରି ଗିରଫ ହେବା ପରେ ଅଭିଯୋଗକାରୀଙ୍କୁ ଧମକ ମିଳିଛି । ତେଣୁ ତାଙ୍କ ପରିବାରକୁ ପୁଲିସ ସୁରକ୍ଷା ଦେବା ପାଇଁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କମିଶନରେଟ୍ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ନିବେଶ ଆଳରେ ଠକେଇ କରିଥିବା ଏକ ସଂସ୍ଥାର ମୁଖ୍ୟ ରାଜୀବ ଲୋଚନ ଦାସ ଓ ତାଙ୍କ ପତ୍ନୀ ସୋନିଆ ତ୍ରିପାଠୀଙ୍କୁ ଜାମିନ ମିଳିବାରେ ସହଯୋଗ କରିବା ସହ ତାଙ୍କ ବିରୋଧରେ କୋର୍ଟରେ ପ୍ରମାଣ ନ ଦେବା ପାଇଁ ଅଭିଯୋଗକାରୀ ଓ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦିଆଯାଉଥିବାରୁ ମାମଲା ଏନ୍‌ଏଚ୍‌ଆର୍‌ସିରେ ପହଞ୍ଚିଛି । ଅଭିଯୋଗକାରୀଙ୍କ ଦୁଇ ନାବାଳିକା ଝିଅଙ୍କୁ ଏସିଡ୍ ପକାଇବାକୁ ମଧ୍ୟ ଧମକ ମିଳିଥିବାରୁ ଜାତୀୟ ଶିଶୁ ସୁରକ୍ଷା ଅଧିକାରୀ ଆୟୋଗ (ଏନ୍‌ସିପିସିଆର୍)ରେ ମଧ୍ୟ ଅଭିଯୋଗ ହୋଇଛି । ଏ ମାମଲାରେ ଜୁଲାଇ ୧୩ରେ ଏନ୍‌ସିପିସିଆର୍‌ର ସଦସ୍ୟ ସଚିବ ଡ. ସଞ୍ଜୀବ ଶର୍ମା ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠିରେ ମାମଲାରେ ହସ୍ତକ୍ଷେପ କରିବାକୁ କହିବା ସହ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଚାରି ସପ୍ତାହ ମଧ୍ୟରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ରିପୋର୍ଟ ଦାଖଲ କରିବାକୁ ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇନ୍‌ଫୋସିଟି ଥାନା ସାଇବରସିଟି ଡିଏଲ୍‌ଏଫ୍ କର୍ପୋରେଟ୍ ହାଉସରେ ଥିବା ଲୁମେକ୍ସ ରିସୋର୍ସେସ୍ ପ୍ରାଇଭେଟ୍ ସଂସ୍ଥା ବିଭିନ୍ନ ବିଦେଶୀ ସଂସ୍ଥାରେ ପୁଞ୍ଜିନିବେଶ କରି ଅଧିକ ରିଟର୍ଣ୍ଣ ଦେବାର ଲୋଭ ଦେଖାଇ ବହୁ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିଲା । ଏହି ମାମଲାରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ୨୦୨୩ ମସିହାରେ ରାଜୀବ ଓ ୨୦୨୪ ମସିହାରେ ତାଙ୍କ ସ୍ତ୍ରୀ ସୋନିଆଙ୍କୁ ଗିରଫ କରିଥିଲା । ଇଓଡବ୍ଲୁ କେସ ନମ୍ବର ୧୧/୨୩ ଓ ୧୨/୨୩ରେ ମାମଲା ରୁଜୁ ହୋଇଥିଲା । ଗତ ୭ ତାରିଖ ଦିନ ଅଭିଯୁକ୍ତମାନେ ଅଭିଯୋଗକାରୀ ପ୍ରଜ୍ଞା ପ୍ରକାଶଙ୍କ ଘରକୁ ଯାଇ ଧମକାଇବାରୁ ସେ ଏନ୍‌ଏଚ୍‌ଆର୍‌ସି ଏବଂ ଏନ୍‌ସିପିସିଆର୍‌ରେ ଅଭିଯୋଗ କରିଥିଲେ ।

**ପୁଲିସ ସୁରକ୍ଷା ନେଇ ଏନଏଚଆରସିଙ୍କ ନିର୍ଦ୍ଦେଶ**

# ସୁନାବେଶ ପାଇଁ ଉତ୍ତରା ଛକରେ ଟ୍ରାଫିକ୍ ଭିଡ଼



ଧଉଳି,୨୬।୭ (ସମିସ): ମହାପ୍ରଭୁଙ୍କ ସୁନାବେଶ ଦେଖିବା ପାଇଁ ଆଜି ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ଟ୍ରାଫିକ ବ୍ୟବସ୍ଥା ଏକ ପ୍ରକାର ଜଟିଳ ହୋଇଥିଲା । ଲିଙ୍ଗିପୁର ଟ୍ରାଫିକଠାରୁ ଉତ୍ତରା ପର୍ଯ୍ୟନ୍ତ ଯାତାୟାତ ଅଣାୟତ ହୋଇପଡ଼ିଥିଲା । ଠାକୁରଙ୍କ ଏହି ବେଶ ଦେଖିବା ପାଇଁ ଭୁବନେଶ୍ୱର, କଟକରୁ ଆସୁଥିବା ଦୁଇଚକିଆ ଠାରୁ ଆରମ୍ଭ କରି ଚାରିଚକିଆ ଯାନର ଲମ୍ବା ଲାଇନ ଲାଗିଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ ବାଲକାଟି ଓ ବାଲିପାଟଣାରୁ ଆସୁଥିବା ଯାନବାହନ ରାସ୍ତାର ଅପରପାର୍ଶ୍ୱକୁ ଯିବାପାଇଁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡିଥିଲା । ଟ୍ରାଫିକ ସମସ୍ୟା ଜଟିଳ ହେଉଥିବା ଖବରପାଇ ପୁଲିସ ମୁଖ୍ୟ ଆୟୁକ୍ତ ଦେବଦତ୍ତ ସିଂ ସମେତ ଅତିରିକ୍ତ ଆୟୁକ୍ତ ଉତ୍ତରା ଓ ଧଉଳି ଛକରେ ସ୍ଥିତି ପରଖିଥିଲେ । ସୁବିଧା ଓ ସହଜରେ ଯାନବାହନ ଚଳାଚଳ ନିମନ୍ତେ ଚାଳକଙ୍କୁ ପରାମର୍ଶ ଦେଇଥିଲେ ।

## ଗାଳ୍ପିକ ପ୍ରଫେସର ଆଦିକନ୍ଦ ସାହୁଙ୍କର ତିନୋଟି ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୬।୭ (ସମିସ): ପକ୍ଷୀଘର ପ୍ରକାଶନୀ ଓ ଜହ୍ନରାତି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗାଳ୍ପିକ ପ୍ରଫେସର ଆଦିକନ୍ଦ ସାହୁଙ୍କର ୩ଟି ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ଔପନ୍ୟାସିକ ପଦ୍ମଜ ପାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ଉଦଘାଟକ ଭାବେ ଯୋଗଦେଇ ଔପନ୍ୟାସିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ପ୍ରଫେସର ମଣିନ୍ଦ୍ର କୁମାର ମେହେର, କବି ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ ଆଦିକନ୍ଦ ସାହୁଙ୍କ ଗଳ୍ପ ଉପରେ ଆଲୋଚନା କରିଥିଲେ । ଏଥିସହିତ ଅତିଥି ଭାବେ କବି ତଥା କେନ୍ଦ୍ର ସାହିତ୍ୟ ଆକାଦେମିର ସଦସ୍ୟ ଅରୁଣ କୁମାର ସାହୁ ମଧ୍ୟ ପୁସ୍ତକର ଆଲୋଚନା କରିଥିଲେ । ପକ୍ଷୀଘର ପ୍ରକାଶିକା ବବିତା ଦାଶ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ପକ୍ଷୀଘର ପ୍ରକାଶନୀର ମୁଖ୍ୟ ବନୋଜ ତ୍ରିପାଠୀ ।

# ବନ୍ଧୁପତ୍ନୀ ସହ ଅନୈତିକ ସମ୍ପର୍କ ରଖି ବନ୍ଧୁଙ୍କୁ ଆକ୍ରମଣ



ଭୁବନେଶ୍ୱର,୨୬ ।୭ (ସମିସ): ବନ୍ଧୁପତ୍ନୀ ସହ ଅନୈତିକ ସମ୍ପର୍କ ରଖି ବନ୍ଧୁକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ତମାଣ୍ଡୋ ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରବି ନାରାୟଣ ମହାନ୍ତି ଓ ପ୍ରଶାନ୍ତ ନାୟକ । ସେମାନଙ୍କ ଠାରୁ ୨ ମୋବାଇଲ ଜବତ ହୋଇଛି ।

**ଅଭିଯୁକ୍ତ ଗିରଫ, ମୋବାଇଲ ଜବତ**

ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ନିଜ ପତ୍ନୀଙ୍କ ସହ ତାଙ୍କ ସାଙ୍ଗ ରବି ନାରାୟଣ ମହାନ୍ତି ଓରଫ ରକିଙ୍କ ସହ ଅନୈତିକ ସମ୍ପର୍କ ଥିବା ଜାଣିବାକୁ ପାଇଥିଲେ । ଗତ ଜାନୁଆରୀ ମାସରେ ରକି ତାଙ୍କୁ କଳିଙ୍ଗ ବିହାରସ୍ଥିତ ଏକ ମଦ ଦୋକାନକୁ ଡାକିଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ସେଠାରୁ ଫେରିବା ବାଟରେ ଟାଟା ଏରିନା ଆପାର୍ଟମେଣ୍ଟ ମୁଖ୍ୟ ଫାଟକ ନିକଟରେ ରକି ଏବଂ ତାଙ୍କ ସହଯୋଗୀ ପ୍ରଶାନ୍ତ ନାୟକ ମିଶି ଅଭିଯୋଗକାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଲୁହା ରଡ୍ ଓ ବାଉଁଶ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ଅଭିଯୋଗକାରୀଙ୍କ ଛାତି ଓ ମୁଣ୍ଡରେ ଗଭୀର ଆଘାତ ହେତୁ ବ୍ରେନ୍ ହାମରେଜ୍ ହୋଇଥିଲା । ସେ ଦୀର୍ଘ ଦୁଇବର୍ଷ ଧରି ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାରୁ ସୁସ୍ଥ ହେବା ପରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ପୁଲିସ ବିଭିନ୍ନ ଡାକ୍ତରୀ ରିପୋର୍ଟ ତଥା ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ କରିଥିଲା । ବିଶ୍ୱସ୍ତ ସୂଚନା ଆଧାରରେ ଅଭିଯୁକ୍ତ ରବି ନାରାୟଣ ମହାନ୍ତି ଓ ପ୍ରଶାନ୍ତ ନାୟକଙ୍କୁ କାବୁ କରାଯାଇ ଥାନାକୁ ଅଣାଯାଇଥିଲା ।

# ୟୁନିଟ ୫ ଜଗନ୍ନାଥ ମନ୍ଦିରରେ ଅଧରପଣା ନୀତି ସମ୍ପନ୍ନ

ଭୁବନେଶ୍ୱର,୨୬।୭ (ସମିସ): ମହାପ୍ରଭୁଙ୍କ ଘୋଷଯାତ୍ରାର ଏକ ପ୍ରମୁଖ ପର୍ବ ଅଧରପଣା ନୀତି ଆଜି ୟୁନିଟ ୫ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥ ଉପରେ ସମ୍ପନ୍ନ ହୋଇଛି । ଏହି ନୀତି ଅନୁଯାଇ ମନ୍ଦିର ବାହାରେ ଥିବା ସମସ୍ତ ଦେବାଦେବୀ, ପୂଜା ଅପୂଜା ସବୁ ଆତ୍ମାଙ୍କ ଉଦ୍ଦେ୍ୟଶରେ ପଣା ହାଣ୍ଡି ଭଂଗାଯାଇ ଭୋଗ ଓ ନୈବେଦ୍ୟ ଭାବେ ସମର୍ପିତ କରାଯାଇଥାଏ । ସନ୍ଧ୍ୟା ଆଳତୀ ପରେ କୁଡୁଆ ମାନଙ୍କରେ ନବକ୍ଷତ, ସାକର, ବିଭିନ୍ନ ପ୍ରକାର ଫଳ, ଗୁଜୁରାତି, ଅଳେଇଚ, ଲବଙ୍ଗ, ଜାଇଫଳ, ଗୋଲମରିଚ, ଆଦି ଅନେକ ଦ୍ରବ୍ୟ ମିଶାଇ ପଣା ପ୍ରସ୍ତୁତ କରାଯାଇଥିଲା । ପଣା କୁଡୁଆ ଗୁଡିକ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମ୍ମୁଖରେ ତାଙ୍କର ଅଧର ପର୍ଯ୍ୟନ୍ତ ସ୍ପର୍ଶ କରାଯାଏ ବୋଲି ତାକୁ ଆଧରପଣା କୁହାଯାଏ । ତେଣୁ ସେପରି ବିଗ୍ରହ ମାନଙ୍କ ଅଧରକୁ ଛୁଇଁଲା ଭଳି କୁଡୁଆ ତାଙ୍କ ଆଗରେ ପଣା ଭରି ରଖି ପୂଜାର୍ଚ୍ଚନା ପରେ କୁଡୁଆ ଗୁଡିକ ରଥ ଉପରେ ବାଡେଇ ଭାଙ୍ଗି ଦିଆଯାଇଥିଲା । ଆସନ୍ତା କାଲି ନୀଳାଦ୍ରି ବିଜେ ହେବ ବୋଲି ମନ୍ଦିର କମିଟି ପ୍ରକାଶ କରିଛି ।

## ରାଜଧାନୀରେ ନକଲି ନୋଟ୍ କାରବାର

# ୧୦୦ଟି ଶହେ ଟଙ୍କିଆ ଜାଲ୍ ନୋଟ୍ ଜବତ

ଭୁବନେଶ୍ୱର,୨୬ ।୭ (ସମିସ):

ରାଜଧାନୀରେ ନକଲି ନୋଟ୍ କାରବାରର ପର୍ଦ୍ଦାଫାସ ହୋଇଛି । ନକଲି ନୋଟ୍ କାରବାର ଅଭିଯୋଗରେ ବଡ଼ଗଡ଼ ଥାନା ପୁଲିସ ୨ବଙ୍ଗୀୟ ଯୁବକଙ୍କୁ ଅଟକ ରଖିଛି । ଏମାନେ ଦୀର୍ଘ ଦିନ ହେବ ଭୁବନେଶ୍ୱରରେ ନକଲି ନୋଟ୍ କାରବାର କରୁଥିଲେ । ଛୋଟ ଦୋକାନୀଙ୍କୁ ଟାର୍ଗେଟ କରି ଏମାନେ ନୋଟ୍ ବଳାଉଥିଲେ । ବଡ଼ଗଡ ଥାନା ଅନ୍ତର୍ଗତ ଚିଲିପୋଖରୀ ନିକଟରେ ଏକ ପାନ ଦୋକାନରେ ନକଲି ନୋଟ ଦେଇ ସାମଗ୍ରୀ କିଣୁଥିବା ବେଳେ ସ୍ଥାନୀୟ ଲୋକମାନେ ଦୁଇ ଯୁବକଙ୍କୁ କାବୁ କରିଛନ୍ତି । ପୁଲିସ ସେମାନଙ୍କୁ କାବୁ କରିବା ପରେ ସେମାନଙ୍କ ଠାରୁ ୧୦୦ଟି ଶହେ ଟଙ୍କିଆ ନକଲି ନୋଟ୍ ମିଳିଛି । ସୋମବାର ଉଭୟଙ୍କୁ ଗିରଫ କରାଯିବ ।

ମିଳିଥିବା ସୂଚନା ମୁତାବକ, ଯୁବକଦ୍ୱୟଙ୍କ ଘର ପଶ୍ଚିମବଙ୍ଗରେ । ଏମାନେ ଏକ ମେସିନ୍‌ରେ ଶହେରୁ ଉର୍ଦ୍ଧ୍ୱ ଜାଲି ନୋଟ ଛାପିଥିଲେ । ଭୁବନେଶ୍ୱରରେ ଭଡ଼ାରେ ରହୁଥିଲେ । ଦୋକାନୀଙ୍କ ପାଖରୁ ବିଗତ କିଛିଦିନ ମଧ୍ୟରେ ଜାଲନୋଟ୍ ସମ୍ପର୍କିତ ଏକାଧିକ ଅଭିଯୋଗ ଆସିଥିଲା । ଏଣୁ ପୁଲିସ ଏମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା । ଜାଲ ନୋଟ୍ ଦେଖିବା ମାତ୍ରେ ତୁରନ୍ତ ଖବର ଦେବାକୁ ପୁଲିସ ଦୋକାନୀଙ୍କୁ ସୂଚନା ଦେଇଥିଲା । ତଦନ୍ତରୁ ଜଣାପଡ଼ିଛି ଏହି ଦୁଇ ଯୁବକ ଭୁବନେଶ୍ୱରରେ ନକଲି ନୋଟ୍‌କୁ ଚଳାଇ ଅସଲି ନୋଟ୍ ସଂଗ୍ରହ କରୁଥିଲେ । ଏଥିପାଇଁ ପାନ ଦୋକାନ ଏବଂ ଚାହା ଦୋକାକୁ ଟାର୍ଗେଟ୍ କରୁଥିଲେ । ଭିଡ଼ ସମୟରେ ସାମଗ୍ରୀ କିଣି ନକଲି ଶହେ ଟଙ୍କିଆ ଦେଉଥିଲେ । ଦୋକାନୀ ଜାଣି ନପାରିବାରୁ ଜିନିଷ ଦେବା ସହ ସେମାନଙ୍କୁ ଅସଲି ଅବଶିଷ୍ଟ ଟଙ୍କା ଫେରାଇ ଦେଉଥିଲେ । ଏଭଳି ଭାବେ ଏହି ଦୁଇ ଠକ ନକଲି ଦେଇ ଅସଲି ସଂଗ୍ରହ କରୁଥିଲେ ।

**■ ୨ବଙ୍ଗୀୟ ଯୁବକଙ୍କୁ ଧରି ପୁଲିସ ଜିମାଦେଲେ**

**■ ଛୋଟ ଦୋକାନୀଙ୍କୁ ଟାର୍ଗେଟ କରି ନୋଟ୍ ବଦଳାଉଥିଲେ**



ଅଟକ ଯୁବକଦ୍ୱୟଙ୍କ ଠାରୁ ଶହେଟି ୧୦୦ ଟଙ୍କିଆ ନୋଟ ଜବତ କରାଯାଇଛି । ତେବେ ଅଟକ ଥିବା ଅଭିଯୁକ୍ତଦ୍ୱୟଙ୍କ ଆଉ କିଛି ସହଯୋଗୀ ଭୁବନେଶ୍ୱରରେ ଘୂରିବୁଲୁଥିବା ପୁଲିସ ସନ୍ଦେହ କରୁଛି । କମିସନରେଟ୍ ପୁଲିସର ବିଭିନ୍ନ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ଛାନ୍‌ଭିନ୍ ଚଳାଇଛି । ଏ ନେଇ ଆସନ୍ତାକାଲି ସୋମବାର ବିସ୍ତୃତ ସୂଚନା ଦିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅପରାହ୍ଣରେ ଏହି ଜାଲ ନୋଟ କାରବାର ହୋଇଥିଲା । ଏହାକୁ ନେଇ ଚିଲିପୋଖରୀ ନିକଟରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ପାନ ଦୋକାନରେ ଜଣେ ମହିଳା ବ୍ୟବସାୟୀ ଥିଲେ । ଗ୍ରାହକ ବେଶରେ ଯୁବକଦ୍ୱୟ ନୋଟ ଦେଇ ସାମଗ୍ରୀ ନେବାକୁ ଚେଷ୍ଟା କରୁଥିଲେ । ତେବେ ଟଙ୍କା ଦେଖି ମହିଳାଙ୍କ ସନ୍ଦେହ ହୋଇଥିଲା । ସେ ସ୍ଥାନୀୟ ଲୋକଙ୍କୁ ଡାକି ଦେଇଥିଲେ । ଏହାପରେ ନକଲି ନୋଟ ଧରି ଯୁବକଦ୍ୱୟ ଖସିଯିବାକୁ ଚେଷ୍ଟା କରୁଥିଲେ । ଲୋକମାନେ ବହୁ ସଂଖ୍ୟାରେ ରୁଣ୍ଡ ହୋଇ ଯୁବକଦ୍ୱୟଙ୍କୁ କାବୁ କରିଥିଲେ । ଖବର ପାଇ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଅଭିଯୁକ୍ତଦ୍ୱଙ୍କୁ ଲୋକମାନେ ଧରି ପୁଲିସରେ ଜିମା ଦେଇଥିଲେ ।



# ଭୁବନେଶ୍ୱର ସିଟି

## ସାହିତ୍ୟ ମାସିକୀରେ ଅନୁଦିତ ପୁସ୍ତକ 'କବିତା ଅଟଳ' ପାଠକାର୍ପିତ

ଭୁବନେଶ୍ୱର,୨୬।୭(ସମିସ): ସହୃଦୟତା, ଅପୂର୍ଣ୍ଣତା ଓ ନିର୍ଭୀକତା ଥିଲା ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପାୟୀଜୀଙ୍କ କବିତ୍ୱର ମୂଳମନ୍ତ୍ର। ତାଙ୍କ କବିତା ଲୋକଙ୍କ ହୃଦୟରେ ଗୁଞ୍ଜରିତ ହେଉଛି ବୋଲି ଅତିଥିମାନେ ମତ ଦେଇଛନ୍ତି। ଗୀତଗୋବିନ୍ଦ ସଦନଠାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ସାହିତ୍ୟ ମାସିକୀରେ ବିଦ୍ୟୁତପ୍ରଭା ଗନ୍ତାୟତଙ୍କ ଦ୍ୱାରା ବାଜାପାୟୀଙ୍କ କବିତାର ଅନୁବାଦ ପୁସ୍ତକ 'କବିତା ଅଟଳ' ପାଠକାର୍ପଣ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ ତଥା ନାଟ୍ୟକାର ପୂର୍ଣ୍ଣ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କବି ବିଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରାବନ୍ଧିକା ଡ. ସଂଘମିତ୍ରା ଭଞ୍ଜ କବିତାଗୁଡିକ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ଅନୁବାଦକା ମଧ ବକ୍ତବ୍ୟ ରଖିଥିଲେ। ପ୍ରିୟଦର୍ଶିନୀ ମହାନ୍ତି ଅଶୋକ ସିଂ, ସୁଶାନ୍ତ ଷଡ଼ଙ୍ଗୀ, ସଞ୍ଜୟ ମହାନ୍ତି ଓ ସନ୍ତାପ ଜେନା ପୁସ୍ତକରୁ କବିତା ପଢିଥିଲେ। କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ବୀଣାପାଣି ମିଶ୍ର ଓ ମଧୁମିତା ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଧ୍ରୁବ ଚରଣ ସେଠୀ, ଚନ୍ଦନ ସିଂ, ଚିତ୍ତରଞ୍ଜନ ବର୍ମା ପ୍ରମୁଖ ସ୍ୱରଚିତ ଲେଖା ପାଠ କରିଥିଲେ।



## ସ୍ୱଭାବକବି ଗଙ୍ଗାଧରଙ୍କ ପୌତ୍ରବଧୂ ପ୍ରେମଶୀଳା ମେହେରଙ୍କ ବିୟୋଗ

ଭୁବନେଶ୍ୱର,୨୬।୭(ସମିସ): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୌତ୍ରବଧୂ ତଥା ସ୍ୱର୍ଗତ କିଶୋର ଚନ୍ଦ୍ର ମେହେରଙ୍କ ଧର୍ମପତ୍ନୀ ପ୍ରେମଶୀଳା ମେହେରଙ୍କ ଗତକାଲି ରାତି ପ୍ରାୟ ୮ଟା ସମୟରେ କଳିଙ୍ଗ ବିହାର ସ୍ଥିତ ବାସଭବନରେ ବିୟୋଗ ହୋଇଛି। ତାଙ୍କର ସୁପୁତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ପାଖରେ ସେ ରହୁଥିଲେ। ଦୀର୍ଘଦିନ ହେଲା ତାଙ୍କ ଦେହ ଅସୁସ୍ଥ ଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ଜଣେ ଅତ୍ୟନ୍ତ ଭଦ୍ର, ଅମାୟିକ, ସାହିତ୍ୟପ୍ରେମୀ, ଭଗବତ୍ ବିଶ୍ୱାସୀ ମହିଳା ଥିଲେ।ଭୁବନେଶ୍ୱର ସତ୍ୟନଗରସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସଂପନ୍ନ ହୋଇଛି। ତାଙ୍କର ଏକମାତ୍ର ପୁତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ମୁଖାଗ୍ନି ଦେଇଥିଲେ। ତାଙ୍କ ଶେଷ ଦର୍ଶନ ସମୟରେ ତାଙ୍କ ପରିବାର ସମେତ ଡ. ସୁଶୀଳ କୁମାର ବାଗ୍, ନିରାକାର ସାହୁ ପ୍ରମୁଖ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଗବେଷକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତା ମେହେରଙ୍କ ପରଲୋକ ଖବର ପାଇ ସାହିତ୍ୟ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ, କବି ମମତା ଦାସ, ପ୍ରଫେସର ଆଦିକନ୍ଦ ସାହୁ ଆଦି ବହୁ ସାହିତ୍ୟିକ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ ଆନ୍ତରିକ ସମବେଦନା ଜ୍ଞାପନ କରିଛନ୍ତି।



## ସାରସ୍ୱତ ସମାଜର ଆଲୋଚନା ଚକ୍ର ଓ କବିତା ଆସର




ଭୁବନେଶ୍ୱର, ୨୬।୭ (ସମିସ): ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ଭୁବନେଶ୍ୱର ସାରସ୍ୱତ ସମାଜ ତରଫରୁ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ତଥା ଗବେଷକ ଡ. ଶରତ ଚନ୍ଦ୍ର ପରିଡ଼ା ଯୋଗଦେଇ ବେଦ ଉପନିଷଦ ଏବଂ ପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବହୁ ଉପାଦେୟ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ କବି ସନ୍ଧ୍ୟାରାଣୀ ପୃଷ୍ଟି ଓ ସନ୍ଧ୍ୟା ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ବହୁ ପ୍ରତିଷ୍ଠିତ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ପ୍ରାବନ୍ଧିକ ଦେବଦତ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୧ ପ୍ରତିଯୋଗୀଙ୍କ କଣ୍ଠରେ ଶ୍ରୀଜଗନ୍ନାଥ ଭଜନ

ଭୁବନେଶ୍ୱର,୨୬।୭(ସମିସ): ଜଗନ୍ନାଥ ହୋ, କିଛି ମାଗୁନାହିଁ ତୋତେ, ଲାଗେନା ଲାଗେନା ଭଲ ତୁମରି ବିନା, ଏପରି ୪୧ ଜଣ ନବ ପ୍ରତିଭାଙ୍କ କଣ୍ଠରେ ଶ୍ରୀଜଗନ୍ନାଥ ଭଜନରେ ତଲ୍ଲୀନ ହୋଇଯାଇଥିଲେ ଦର୍ଶକ। ଅବସର ଥିଲା ତକ୍ଷକ ମିଡିଆ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ଭଜନ ପ୍ରତିଯୋଗିତା 'ଜଗନ୍ନାଥ ହୋ'ର ଗ୍ରାଣ୍ଡ ଫିନାଲେ। ୧୩ ବର୍ଷ ପର୍ଯ୍ୟନ୍ତ ସବଜୁନିଅର ଗ୍ରୁପରେ ୧୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେହିପରି ୧୩ ରୁ ୨୦ ବର୍ଷ ବୟସ ସୀମା ଭିତରେ ଜୁନିଅର ବିଭାଗରେ ୧୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୨୦ ରୁ ୩୫ ବର୍ଷ ମଧ୍ୟରେ ୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ମହାପାତ୍ର ମିନତୀ ଭଞ୍ଜ, ଅନୁସୂୟା ନାଥ, ହରପ୍ରିୟା ସ୍ୱାଇଁ ଓ ସୁକାନ୍ତ କୁମାର କୁଣ୍ଡୁ ସଙ୍ଗୀତଗୁରୁ ଭାବେ ଯୋଗଦେଇ ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କ ନିର୍ବାଚିତ କରିଥିଲେ। ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ, ସାହିତ୍ୟିକ ଦାଶ ବେନେହୁର ଓ ତନୟା ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ



ଡ. ଅଜୟ ପଟ୍ଟନାୟକ, ଓଡିଶା ଲାଇବ ସଂପାଦକ ନୀଳାମ୍ବର ରଥ, ବରିଷ୍ଠ ସାମ୍ବାଦିକ ଧୃତିକାମ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତକ୍ଷକ ମିଡିଆର ସଂପାଦକ ଅପୂର୍ବ କୁମାର ମହାନ୍ତି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଅଭିନେତ୍ରୀ ମଧୁମିତା ମହାନ୍ତି।

# ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି

## ବର୍ଷାଦିନେ ଦୁର୍ଦ୍ଦଶା ଭୋଗୁଛନ୍ତି ଭଗବାନପୁରବାସୀ

ଭୁବନେଶ୍ୱର,୨୬।୭(ସମିସ): ଅସରାଏ ବର୍ଷାରେ ରାସ୍ତା ଉପରେ ଠିଆ ହୋଇଛି ଆଣ୍ଠୁଏ ପାଣି। ଘରୁ ବାହାରିବାକୁ ହେଲେ କାଦୁଅ ପଚପଚ ରାସ୍ତାରେ ଯିବା ଛଡ଼ା ଅନ୍ୟ ଉପାୟ ନାହିଁ। ଛୋଟ ପିଲାମାନେ ସ୍କୁଲଏ ଯିବାକୁ ହେଲେ ଅଭିଭାବକଙ୍କ କାନ୍ଧରେ ବସି ଆସୁଥିବା ବେଳେ ଅନେକ ପାଣିରେ ପଶି ଯାଉଛନ୍ତି। ସେହିପରି ବରିଷ୍ଠ ଲୋକମାନେ ମଧ ବିପଦସଙ୍କୁଳ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଯାନାବାହନ ନେଇ ଚାଳକମାନେ ଏହି ରାସ୍ତା ଦେଇ ଯିବାକୁ ମନବଳାଉ ନାହାନ୍ତି। ଏମିତିକି ଭଡ଼ା ଗାଡ଼ି ଅଞ୍ଚଳ ନାଁ ଶୁଣି ମୁହଁ ଫେରାଇ ନେଉଛନ୍ତି। ବର୍ତ୍ତମାନ ବିଭିନ୍ନ ଗାଁ ଗହଳି ଓ ଅପହଞ୍ଚ ଇଲାକାରେ ପକ୍କା ରାସ୍ତା ନିର୍ମାଣ କରାଯାଉଥିବା ବେଳେ ରାଜଧାନୀ ପାତ୍ରପଡ଼ାସ୍ଥିତ ଭଗବାନପୁରରେ ରାସ୍ତା ଉପରେ କୃତ୍ରିମ ପୋଖରୀ ଦେଖିବାକୁ ମିଳିଛି।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୬୫ ଅଧୀନରେ ରହିଛି ଏହି ଅଞ୍ଚଳ। ଭୁବନେଶ୍ୱର ମହାନଗର ନିଗମ ସହ ଯୋଡ଼ି ହେବା ପରେ ମଧ ଏହି ଅଞ୍ଚଳର ଗମନାଗମନ ବ୍ୟବସ୍ଥା ସୁଗମ ହୋଇପାରି ନାହିଁ। ଅଞ୍ଚଳରେ ଚାଲିଛି ବଡ଼ବଡ଼ ଅଟ୍ଟାଳିକା ନିର୍ମାଣ। ତା ସାଙ୍ଗକୁ ସହର ମଧ୍ୟକୁ ପ୍ରବେଶ କରିବାକୁ ସରକାରୀ ବସ୍ ଯା।ତୟାତ କରୁଥିଲେ ବି ରାସ୍ତାର ଅବସ୍ଥା ସୁଧୁନଥିବା ଅଭିଯୋଗ ହୋଇଛି। ପାତ୍ରପଡ଼ା, ଭଗବାନପୁର ଗାଁ, କଲ୍ୟାଣୀ ନଗର, ଉଦୟଗିରି ବିହାର, କେ-୯ (ଏ), (ବି), ଏମସ୍‌ନଗର, କ୍ରିଷ୍ଣା ବିହାର ଆଦି ଅଞ୍ଚଳରେ ପ୍ରାୟ ଅଧିକାଂଶ ଗଳି କନ୍ଦିରେ ଏବେ ବି ମାଟି ରାସ୍ତା ରହିଥିବା ଦେଖିବାକୁ ମିଳିଛି। ପୂର୍ବରୁ ପଞ୍ଚାୟତ ଅଧୀନରେ ରହିଥିବା ଏହି ଅଞ୍ଚଳ ଗୁଡ଼ିକ ମହାନଗର ଅଧୀନକୁ ଆସିବା ପରେ ଦିନକୁ ଦିନ ଏଠାରେ ଜନଗହଳି ସାଙ୍ଗକୁ ଦୋକାନ ବଜାର ମଧ ବଢ଼ି ଚାଲିଛି। ସବୁଠାରୁ ବଡ଼କଥା ହେଉଛି ଏହାର ଅତି ନିକଟରେ ରହିଛି ଏମସ୍ ହସ୍ପିଟାଲ। ଫଳରେ ଏଠାରେ ଏମସ୍‌ର ଡାକ୍ତର, କର୍ମଚାରୀଙ୍କ ସମେତ ଆମ ବସ୍ ଡିପୋ ଥିବାରୁ ବସ୍ କର୍ମଚାରୀ ମଧ ରହୁଛନ୍ତି। ସେହିପରି ବଡ଼ବଡ଼ ସପିଂମଲ୍, ବିଭିନ୍ନ ପ୍ରତିଷ୍ଠାନ ନିର୍ମାଣ ଯୋଗୁଁ ଏଠାକାର ଲୋକସଂଖ୍ୟା ବି ବୃଦ୍ଧି ପାଇବାରେ ଲାଗିଛି। ହେଲେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ। କେତେକ ସ୍ଥାନରେ ରାସ୍ତା ଗୁଡ଼ିକ ଅଣଓସାରିଆ ହୋଇଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ତ ଦୂରର କଥା ଅଟୋ ମଧ ଯିବାକୁ ରାସ୍ତା ନାହିଁ। ଫଳରେ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସବୁଠୁ ବଡ଼ କଥା ହେଉଛି ରାସ୍ତା ଗୁଡ଼ିକରେ ଖାଲ ଖମା ଭର୍ତ୍ତି ହୋଇଥିବାରୁ ଅସରାଏ ବର୍ଷାରେ କୃତ୍ରିମ ପୋଖରୀ ପାଲଟୁଛି ଚଳାପଥ। ଫଳରେ ସମସ୍ତେ ଅସୁବିଧାର ଶିକାର ହେଉଛନ୍ତି। ତେବେ ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଅନେକ ସ୍ଥାନରେ ନାହିଁ ଡ୍ରେନ୍ ସୁବିଧା। ଫଳରେ ପାଣି ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ଜମି ରହୁଥିବା ଦେଖିବାକୁ ମିଳିଛି। ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।



## କ୍ୟୁବା ସହ ସଂହତି ପାଇଁ ଭୁବନେଶ୍ୱରରେ ରାଜ୍ୟ ସ୍ତରୀୟ କନଭେନସନ୍

### ଆମେରିକୀୟ ଆର୍ଥିକ ଅବରୋଧ ଅବିଳମ୍ବେ ପ୍ରତ୍ୟାହାର ଦାବି

ଭୁବନେଶ୍ୱର,୨୬।୭(ସମିସ): କ୍ୟୁବା ସଂହତି କମିଟି ପକ୍ଷରୁ ଲୋହିଆ ଏକାଡେମୀରେ ଏକ ରାଜ୍ୟସ୍ତରୀୟ କନଭେନସନ୍ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଅମୀୟ କୁମାର ମହାନ୍ତି ଓ ପୁଷ୍ପା ଦାଶ ସଭାପତିମଣ୍ଡଳୀ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। କମିଟିର ଯୁଗ୍ମ ଆବାହକ ଜନାର୍ଦ୍ଦନ ପତି ଭିତ୍ତି ପତ୍ର ଉପସ୍ଥାପନ କରିଥିଲେ। ସଭାରେ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ଦାସ, ଦୁଷ୍ମନ୍ତ କୁମାର ଦାସ, ପ୍ରଫେସର ମାନସ ବେହେରା ପ୍ରମୁଖ ବିଭିନ୍ନ ଗଣ ଆନ୍ଦୋଳନର ନେତୃବୃନ୍ଦ ଉଦବୋଧନ ଦେଇଥିଲେ। ବକ୍ତାମାନେ କହିଥିଲେ ଯେ ବର୍ତ୍ତମାନ ବିଶ୍ୱରେ ଚୀନ, ଭିଏତନାମ, କ୍ୟୁବା, ଲାଓସ ଓ ଉତ୍ତର କୋରିଆ ସମାଜବାଦ ନିର୍ମାଣର ପଥରେ ଅଗ୍ରସର ରାଷ୍ଟ୍ର ଭାବେ ପରିଚିତ। ଛଅ ଦଶନ୍ଧିରୁ ଅଧିକ ସମୟ ଧରି କ୍ୟୁବା ଉପରେ



ଆମେରିକାର ଆର୍ଥିକ, ବାଣିଜ୍ୟିକ ଓ ଆର୍ଥିକ-ବ୍ୟାଙ୍କିଙ୍ଗ ଅବରୋଧ ଏବଂ ଏକତରଫା ପ୍ରତିବନ୍ଧକ କ୍ୟୁବାର ସାଧାରଣ ଜନଜୀବନ ଉପରେ ଗୁରୁତର ପ୍ରଭାବ ପକାଇଛି। ରାଷ୍ଟ୍ରସଂଘ ସାଧାରଣ ପରିଷଦ ବାରମ୍ବାର ଏହି ଅବରୋଧ ଉଠାଇବାକୁ ଆହ୍ୱାନ କରିଥିବା ସତ୍ତ୍ୱେ ଆମେରିକା ତାହାକୁ ଅବ୍ୟାହତ ରଖିଛି। କନଭେନସନ୍ କ୍ୟୁବାର ସାର୍ବଭୌମତ୍ୱ, ସ୍ୱାଧୀନତା, ସମାଜବାଦ ଓ ନିଜସ୍ୱ ସାମାଜିକ-ଆର୍ଥିକ ବ୍ୟବସ୍ଥା ଚୟନ କରିବା ଅଧିକାର ପ୍ରତି ଦୃଢ଼ ସମର୍ଥନ ଜଣାଇବା ସହ ଆମେରିକୀୟ ଅବରୋଧକୁ ଅବିଳମ୍ବେ ପ୍ରତ୍ୟାହାର କରିବାକୁ ଦାବି କରିଛି। ଏଥିରେ ନିଷ୍ପତ୍ତି ନିଆଯାଇଛି ଯେ ଅଗଷ୍ଟ ୧୩ରେ ଫିଡେଲ କାଷ୍ଟ୍ରୋଙ୍କ ଜନ୍ମବାର୍ଷିକୀଠାରୁ ନଭେମ୍ବର ୨୫ରେ ତାଙ୍କ ସ୍ମୃତିଦିବସ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ରାଜ୍ୟବ୍ୟାପୀ କନଭେନସନ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ପାଣ୍ଠି ସଂଗ୍ରହ, ଦସ୍ତଖତ ସଂଗ୍ରହ ଜରିଆରେ ଜନସଚେତନତା ଅଭିଯାନ ଓ ବିଭିନ୍ନ ସଂହତି କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ପ୍ରତ୍ୟେକ ଉଦ୍ୟୋଗୀ ଜଣେ ଜଣେ ରାଷ୍ଟ୍ର ନିର୍ମାତା



### ଓଡିଶା ଉଦ୍ୟୋଗୀ ପରିବାରର ମାସିକ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୬।୭(ସମିସ): ଓଡିଶା ଉଦ୍ୟୋଗୀ ପରିବାରର ମାସିକ ସମୀକ୍ଷା ବୈଠକ ବୁଦ୍ଧମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ଓ ମନୋଜ କୁମାର ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ କାର୍ଗିଲ ବିଜୟ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବରିଷ୍ଠ ଉଦ୍ୟୋଗୀ ଅମୀୟ କୁମାର ମିଶ୍ର ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ସହ କିପରି ନୂତନଉଦ୍ୟୋଗୀମାନେ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗକରି ସେମାନଙ୍କ ଉଦ୍ୟୋଗ ବୃଦ୍ଧି କର ରାଷ୍ଟ୍ରପାଇଁ ନିଜର ଶ୍ରେଷ୍ଠ ଯୋଗଦାନ ଦେଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଉଦ୍ୟୋଗୀଙ୍କ ସମ୍ମାନ, ସୁରକ୍ଷା ସମୃଦ୍ଧି ଉପରେ ଅଧ୍ୟକ୍ଷ ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରି ପ୍ରତି ଉଦ୍ୟୋଗୀ ଜଣେ ଜଣେ ରାଷ୍ଟ୍ର ନିର୍ମାତା ବୋଲି ମତବ୍ୟକ୍ତ କରିଥିଲେ। ଆଇଡିବିଆଇ ଉପ ମହାପ୍ରବନ୍ଧକ ଶ୍ରୀଧର କୁମାର, ବରିଷ୍ଠ ଉଦ୍‌ୟୋଗୀ ବି.ପି. ସିଂ, ମହିଳା ଉଦ୍ୟୋଗୀ ସାସ୍ୱତୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉଦ୍ୟୋଗୀ ସୀତାଂଶୁ ଶେଖର ମହାରଣାଙ୍କ ସହ ଉଦ୍ୟୋଗୀ ପରିବାର ସଦସ୍ୟମାନେ କରିପଚାଳନା କରିଥିଲେ।

## ହେନ୍ତାଳବଣ ପରିସଂସ୍ଥାକୁ ଲୋଡ଼ା ସମନ୍ୱିତ କୀଟ ପରିଚାଳନା



ଭୁବନେଶ୍ୱର,୨୬।୭(ସମିସ): ଓଡ଼ିଶାର ସମୁଦ୍ରତଟ ସୁରକ୍ଷା ପାଇଁ ରହିଥିବା ହେନ୍ତାଳବଣର ସୁରକ୍ଷା ପାଇଁ ମଧ ତହିଁର ସମନ୍ୱିତ ରୋଗପୋକ ପରିଚାଳନା ଆବଶ୍ୟକ। ଜୁଲାଇ ୨୬ ତାରିଖ 'ଅନ୍ତର୍ଜାତୀୟ ହେନ୍ତାଳବଣ ପରିସଂସ୍ଥା ସୁରକ୍ଷା ଦିବସ' ଅବସରରେ ଓୟୁଏଟି ଇମେଜ୍ ସଭାଗୃହରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଭଳି ମତ ପ୍ରକାଶ ପାଇଛି। କଳିଙ୍ଗ କୁସୁମ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷାବିତ୍, ଗବେଷକ, ଅଧିକାରୀ, ପରିବେଶପ୍ରେମୀ, ଛାତ୍ରଛାତ୍ରୀ ଓ ସଂଗଠନ କର୍ମକର୍ତ୍ତାମାନେ ଭାଗ ନେଇଥିଲେ। କୃଷି ମହାବିଦ୍ୟାଳୟ କୀଟତତ୍ତ୍ୱ ବିଭାଗର ପ୍ରଫେସର ଡ. ମନୋଜ କୁମାର ତ୍ରିପାଠୀ କହିଥିଲେ, ହେନ୍ତାଳବଣ ସୁରକ୍ଷା ନିମିତ୍ତ ପେଷ୍ଟିସାଇଡ୍ ବ୍ୟବହାରକୁ ଅନୁମତି ନାହିଁ। ତେଣୁ ପ୍ରାକୃତିକ, ସାଂସ୍କୃତିକ ଓ ସମନ୍ୱିତ ରୋଗପୋକ ପରିଚାଳନା ଜରୁରି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବାରିପଦାର କୁଳପତି ପ୍ରଫେସର ଡ. ମହେନ୍ଦ୍ର କୁମାର ମହାନ୍ତି କହିଲେ ଯେ କୌଣସି ବିଷୟ କ୍ଷେତ୍ର କାହାର ଏକଚାଟିଆ ନୁହେଁ। କେହି ବି କୌଣସି ବିଷୟ କ୍ଷେତ୍ରକୁ ପ୍ରବେଶ କରିପାରିବେ। ଫାଉଣ୍ଡେସନର ଟ୍ରଷ୍ଟି ଇଂ ସଂଜିତ କୁମାର ବେହେରା କହିଲେ ଯେ ଏହି ମହାର୍ଘ କାମ ପାଇଁ ବ୍ୟାପକ ସହଭାଗିତା ଆବଶ୍ୟକ। ପରିଚାଳନା ଟ୍ରଷ୍ଟି ଇଂ. ଦିବ୍ୟଚାନ୍ଦ ଶୁକ୍ଲ ଧନ୍ୟବାଦ ଦେଇଥିଲେ।

### ଏକାମ୍ର କ୍ଷେତ୍ରରେ ଶ୍ରାବଣୀ ଯାତ୍ରା

## ଲିଙ୍ଗରାଜ ମନ୍ଦିରରେ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ଓ ନିଶାମୁକ୍ତ ଦାବି

ଭୁବନେଶ୍ୱର,୨୬।୭(ସମିସ): ଅଗଷ୍ଟ ମାସ ଠାରୁ ଶ୍ରାବଣ ମାସର ପ୍ରଥମ ସୋମବାର ଆରମ୍ଭ ହେବ। ଏହି ଅବସରରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଜଳ ଲାଗି ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆ ଭକ୍ତଙ୍କ ସମାଗମ ହେବ। ତେବେ ଏହି ଭକ୍ତିମୟ ପରିବେଶ ମଧ୍ୟରେ

**ଧର୍ମପୀଠର ପବିତ୍ରତା ନଷ୍ଟ କରୁଛି ପ୍ଲାଷ୍ଟିକ୍ ଓ ନିଶାଦ୍ରବ୍ୟ**

ମନ୍ଦିରର ସ୍ୱଚ୍ଛତା, ପବିତ୍ରତା ଓ ପରିବେଶ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳ ଲାଗି ଯାତ୍ରାକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ଓ ନିଶାମୁକ୍ତ କରିବା ସହ ମନ୍ଦିର ପରିସରକୁ ଆପତ୍ତିଜନକ ସାମଗ୍ରୀ ପ୍ରବେଶ ଉପରେ କଠୋର କଟକଣା ଲଗାଇବାକୁ ପ୍ରଶାସନ ନିକଟରେ ଦାବି ହୋଇଛି। ଅଭିଯୋଗ ଅନୁଯାୟୀ, ଅନେକ ଶ୍ରଦ୍ଧାଳୁ ନିଷ୍ଠାର ସହ ମନ୍ଦିରକୁ ଆସୁଥିଲେ ମଧ୍ୟ କେତେକ ଅମାନିଆ ଭକ୍ତ ସାଥୀରେ ପ୍ଲାଷ୍ଟିକ୍ କଳସ,



ପଲିଥିନ୍ ଜରି, ଶିକା କାଟିବା ପାଇଁ ଧାରୁଆ ବ୍ଲେଡ୍, ଛୁରୀ ଏବଂ ଗଞ୍ଜେଇ, ଗୁଟ୍‌ଖା, ପାନ, ବିଡ଼ି, ସିଗାରେଟ୍ ଭଳି ବିପଜ୍ଜନକ ଓ ନିଶାଦ୍ରବ୍ୟ ଅଣ୍ଟାରେ ଖୋସି ଅତି ସହଜରେ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି। ମନ୍ଦିର କର୍ତ୍ତୃପକ୍ଷ ପ୍ରତିବର୍ଷ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରୁଥିଲେ ସୁଦ୍ଧା ସୁରକ୍ଷା ଯାଞ୍ଚର ଶିଥିଳତା ଯୋଗୁଁ ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରାଯାଉଛି। ଫଳରେ ଯାତ୍ରା ଶେଷରେ ମନ୍ଦିର ସଫେଇ ସମୟରେ ବିପୁଳ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା ଓ ନିଷିଦ୍ଧ ସାମଗ୍ରୀ ଜବତ ହେଉଛି, ଯାହା ଧର୍ମପୀଠର ପବିତ୍ରତାକୁ କ୍ଷୁର୍ଣ୍ଣ କରିବା ସହ ପରିବେଶକୁ ଅତ୍ୟନ୍ତ ଭାବେ ପ୍ରଦୂଷିତ କରୁଛି। ରାଜ୍ୟରେ ଏକକ ବ୍ୟବହାରକ୍ଷମ ପ୍ଲାଷ୍ଟିକ୍ ଉପରେ ସରକାରୀ ନିଷେଧାଦେଶ ରହିଥିଲେ ହେଁ ଧାର୍ମିକ ସ୍ଥଳ ଗୁଡ଼ିକରେ ଏହାର କଡ଼ାକଡ଼ି କାର୍ଯ୍ୟ ହୋଇପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ୍, ମନ୍ଦିର ପ୍ରଶାସନ ଓ କମିଶନରେଟ୍ ପୋଲିସ୍ ତୁରନ୍ତ ତୀକ୍ଷ୍ଣ ନଜର ରଖିବା ସହ ଅମାନିଆ ଭକ୍ତଙ୍କ ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଜୋରିମାନା ଆଦାୟ କରିବାକୁ ପରିବେଶ କର୍ମୀ ସୁଶାନ୍ତ ସାହୁ ଏକ ପ୍ରେସ୍ ବିବୃତ୍ତି ଜରିଆରେ ଦାବି କରିଛନ୍ତି। ଧର୍ମପୀଠର ମର୍ଯ୍ୟାଦା ଓ ପରିବେଶର ସୁରକ୍ଷା ପାଇଁ ସମସ୍ତ ଶ୍ରଦ୍ଧାଳୁ ମଧ ସଚେତନ ହେବାକୁ ସେ ଆହ୍ୱାନ ଦେଇଛନ୍ତି।

### ପୁରୁଣା ଫଟୋ ପୁରୁଣା ସ୍ମୃତି




ଭୁବନେଶ୍ୱର,୨୬।୭(ସମିସ): ସମୟ ସୁଅରେ ଯେପରି କିଛି ସ୍ମୃତି ସବୁବେଳେ ମନରେ ଘର କରି ରହିଯାଏ, ଠିକ୍ ସେହିଭଳି କିଛି ପୁରୁଣା ସିନେମା ମଧ ମନରେ ଛପି ଯାଇଥାଏ। ଏପରି ଅନେକ ଓଡିଆ ଚଳଚ୍ଚିତ୍ର ରହିଛି ଯାହା ଆଜିବି ଲୋକଙ୍କୁ ସେଥିରେ ଥିବା କଳାକାର ଏବଂ ତାଙ୍କ ଅଭିନୟକୁ ଚର୍ଚ୍ଚାର ବିଷୟ ବାରମ୍ବାର ଆଣିବାକୁ ବାଧକରେ। ସେହିପରି ଏକ ଚଳଚ୍ଚିତ୍ର ହେଉଛି 'ଝିଅଟି ସୀତା ପରି'।

୧୯୮୩ ମସିହାରେ ମୁକ୍ତିଲାଭ କରିଥିବା ଏହି ଲୋକପ୍ରିୟ ସିନେମା ବେଶ ଆଦର ସାଉଁଟିଥିଲା। ଏହା ଏକ ପାରିବାରିକ ଡ୍ରାମା ଭିତ୍ତିକ ଚଳଚ୍ଚିତ୍ର ଥିଲା। ଯାହା ଦର୍ଶକଙ୍କ ମଧ୍ୟରେ ବେଶ ଆଦୃତ ହୋଇଥିଲା। ଏହି ସିନେମାରେ ମୁଖ୍ୟ କଳାକାରମାନଙ୍କ ମଧ୍ୟରେ ସୁଧାରାଣୀ, ଉତ୍ତମ ମହାନ୍ତି, ଅପରାଜିତା ମହାନ୍ତି, ବିଜୟ ମହାନ୍ତି, ଜୟୀରାମ ସାମଲ, ଅନିତା ଦାସ ପ୍ରମୁଖ ରହିଥିଲେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଓ ପ୍ରଯୋଜନା ଦେଇଥିଲେ ବିଧୁଭୂଷଣ ନନ୍ଦ। ଏହି କାହାଣୀଟି ଔପନ୍ୟାସିକା ସୁକମିନୀ ନନ୍ଦଙ୍କ ଏକ ଉପନ୍ୟାସ ଉପରେ ଆଧାରିତ। ଏଥିରେ ଥିବା ଗୀତଗୁଡିକ ମଧ ଖୁବ ଲୋକପ୍ରିୟ ହୋଇଥିଲା। ସଙ୍ଗୀତର ନିର୍ଦ୍ଦେଶନା ଦେଇଥିଲେ ସରୋଜ ପଟ୍ଟନାୟକ।

## ଘୁଙ୍ଗିଯୋର ପୋଲ ଉପରେ ୫ ଫୁଟ ବନ୍ୟାଜଳ

# ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ

**ବୀରମହାରାଜପୁର, ୨୬।୭(ସମିସ)**



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣୀ ପଞ୍ଚାୟତର ଭୂତିଆପାଲି ଏବଂ ଲୁତୁରପଙ୍କ ପଞ୍ଚାୟତର ମେଣ୍ଡିଲିପାଲି ମଧ୍ୟରେ ପ୍ରବାହିତ ଘୁଙ୍ଗିଯୋରରେ ବନ୍ୟାଜଳ ଆସିଛି। ଏହାଫଳରେ ଘୁଙ୍ଗିଯୋର ପୋଲ ଉପରେ ପ୍ରାୟ ୫ ଫୁଟ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହା ଯୋଗୁଁ ବୀରମହାରାଜପୁର-ଅମରପାଲି ମଧ୍ୟରେ ସଡ଼କ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ରାତିସାରା ଲଗାଣ ବର୍ଷା ଯୋଗୁଁ ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଛୋଟ ଛୋଟ ନାଳ ଓ ଜଳାଶୟଗୁଡ଼ିକ ଫୁଲି ଉଠିଛି। ଉଚ୍ଛୁଳା ପାଣି ସହ ବିଭିନ୍ନ ନାଳର ଜଳ ଘୁଙ୍ଗିଯୋରରେ ମିଶିବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସମସ୍ତ ପ୍ରକାର ଯାତାୟାତ ବାଧାପ୍ରାପ୍ତ ହୋଇଛି। ପୋଲର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଛି। ମୁର୍ଷୁଣୀରୁ ସମ୍ବଲପୁରକୁ ଚଳାଚଳ କରୁଥିବା ବସ୍ ସମେତ ସୋନପୁର-ରେଢାଖୋଲ, ରେଢାଖୋଲ-ସୋନପୁର ଏବଂ ବୀରମହାରାଜପୁର-ଅମରପାଲି-ଦୁର୍ଜନଟେଲା ରୁଟ୍‌ରେ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହାଫଳରେ ଦୈନନ୍ଦିନ ଯାତାୟାତ, ବ୍ୟବସାୟ ଏବଂ ଜରୁରୀ କାମରେ ଯାଉଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକେ ପରିସ୍ଥିତି ସ୍ୱାଭାବିକ ହେବା ଏବଂ ବନ୍ୟାଜଳ କମିବାକୁ ଅପେକ୍ଷା କରି ରହିଛନ୍ତି।

# କୁକୁରଜଙ୍ଘା ପତିତପାବନ କ୍ଷେତ୍ରର ବାହୁଡ଼ା ଯାତ୍ରା

**ଝାରସୁଗୁଡା, ୨୬।୭(ସମିସ):** ଝାରସୁଗୁଡା ଜିଲ୍ଲା କୁକୁରଜଙ୍ଘାସ୍ଥିତ ଶ୍ରୀ ପତିତପାବନ କ୍ଷେତ୍ରରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ସକାଳୁ ଠାକୁରଙ୍କ ସକାଳ ଧୂପ ସହ ରଥରେ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଦ୍ୱିପ୍ରହର ଅନ୍ନଭୋଗ ଲାଗି ହେବା ପରେ ପହୁଡ଼ ପଡ଼ିଥିଲା। ଅପରାହ୍ନ ସାଢେ ୨ଟାରେ ପହୁଡ଼ ଖୋଲା ଯାଇଥିଲା। ବେହେରାପଲ୍ଲୀର ଗୌନ୍ତିଆ ପରିବାରର ବସନ୍ତ ସାହୁଙ୍କ ଦ୍ୱାରା ବରଣ ହୋଇ ଅନିଲ ଉଦ୍ଧବ ସିଂହ ଭକ୍ତମାନଙ୍କ ଗହଣରେ ଗୁଣ୍ଡିଚା ମନ୍ଦିରକୁ ଆସିଥିଲେ। ସେଠାରେ ମୁଖ୍ୟ ପୁରୋହିତ ଅକ୍ଷୟ ମିଶ୍ର, ଦେବଦାସୀ, ପଞ୍ଚବ୍ରାହ୍ମଣ ଏବଂ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନିଲ ଉଦ୍ଧବ ସିଂଙ୍କ ଦ୍ୱାରା ଛେରା ପହଁରା ନୀତି ସମ୍ପାଦିତ ହୋଇଥିଲା। ଏହାପରେ ମହାପ୍ରଭୁଙ୍କୁ ଟାହିଆ ବାନ୍ଧି ପହଣ୍ଡିବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ପୂଜାର୍ଚ୍ଚନା, ଆଳତି ଏବଂ ପୁଷ୍ପାଞ୍ଜଳି ପ୍ରଦାନ ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ମାନସ ସିହ୍ନା, ବସନ୍ତ ସାହୁ, ରାମକୃଷ୍ଣ ବଢେଇ, ସନ୍ୟାସୀ ପ୍ରଧାନ, ଶତ୍ରୁଘ୍ନ ବାରିକ, ଈଶ୍ୱର ମେହେର, ଗଣେଶ ସାହୁ, ମୋହନ ନାଏକ ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।





ବୌଦ୍ଧ ଜିଲ୍ଲା ଶଗଡ଼ା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଦ୍ୟାଳୟର ଉନ୍ନତି ଓ ବିକାଶ ପାଇଁ ପୂଜାର୍ଚ୍ଚନା।

# ତେଲ୍ ଟ୍ୟାଙ୍କର୍ ସହ କାର୍ ମୁହାଁମୁହିଁ ଧକ୍କା

**୨ ଗୁରୁତର, ୩ ଆହତ**

**ହରଭଙ୍ଗା, ୨୬।୭ (ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଆଡେଣୀଗଡ଼ ଫାଣ୍ଡି -ବଦଲା ନିକଟରେ ଏକ କାର୍ ଓ ଟ୍ୟାଙ୍କର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଆହତ ଯାତ୍ରୀମାନେ ପୁରୀରୁ ଦର୍ଶନ ସାରି ବଲାଙ୍ଗୀର ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ୟାଙ୍କର୍ ସହ କାର୍‌ଟିର ମୁହାଁମୁହିଁ ଧକ୍କା ହୋଇଥିଲା। ବର୍ଷା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଦୁର୍ଘଟଣା ପରେ ସମସ୍ତ ଆହତଙ୍କୁ ପ୍ରଥମେ ଆଡେଣୀଗଡ଼ ଓ ପରେ ପୁରୁଣାକଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆଡେଣୀଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# କମସରା ବାହୁଡ଼ାଯାତ୍ରାରେ ଅଘଟଣ

## ଚାଳ ଖସିଯିବାରୁ ୩ ସେବକ ଆହତ

**ତରଭା, ୨୬।୭(ସମିସ):** ତରଭା ବ୍ଲକ କମସରାରେ ଚାଲିଥିବା ଶ୍ରୀ ଦଧିବାବନଙ୍କ ବାହୁଡା ଯାତ୍ରାରେ ଅଘଟଣ ଘଟିଛି। ଆଜି ରଥଟଣା ପରେ ଠାକୁରଙ୍କୁ ପହଣ୍ଡି ବିଜେ କରି ରଥରୁ ଓହ୍ଲାଉଥିବା ବେଳେ ରଥ ଚାଳ ଖସିଯିବାରୁ ପ୍ରତ୍ୟୁଷ ପୂଜାହାରୀ, ପ୍ରଫୁଲ୍ଲ ପୂଜାହାରୀ ଓ ଶିଶିର ପଣ୍ଡା ପ୍ରମୁଖ ୩ ଜଣ ସେବକ ଆହତ ହୋଇଛନ୍ତି। ଗୁରୁତର ପ୍ରତ୍ୟୁଷ ଓ ଶିଶିରଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ନିଆଯାଇଛି। ରଥ ସହ ଚାଳକୁ ଠିକ୍ ଭାବେ ବନ୍ଧା ଯାଇ ନ ଥିବାରୁ ଏହି ଅଘଟଣ ଘଟିଥିବା କୁହା ଯାଉଛି। ଚାଳରୁ ପଡ଼ି ୩ ଜଣ ସେବକ ଆହତ ହୋଇଥିଲେ ହେଁ ଠାକୁରଙ୍କ ମୂର୍ତ୍ତି ଅକ୍ଷତ ରହିଛି। କେବଳ ମୁକୁଟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି।

# ଜମିବାଡ଼ି ବିବାଦରୁ ଦମ୍ପତିଙ୍କୁ ଆକ୍ରମଣ

**କଣ୍ଟାବାଞ୍ଜି, ୨୬।୭(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଧୀନ ଗଜାବାହାଲ ଗାଁରେ ଜମିବାଡ଼ି ବିବାଦକୁ ନେଇ କାକାଖୁଡ଼ିକୁ ପୁତୁରା ଆକ୍ରମଣ କରିଛି। ଗଜାବାହାଲ ଗାଁର ପୁରୁନ୍ ସଗ୍ରିଆ ଓ ତାଙ୍କ ସ୍ତ୍ରୀ ଗୁରୁବାରୀ ସଗ୍ରିଆଙ୍କୁ ତାଙ୍କ ପୁତୁରା ଭୈରବ ସଗ୍ରିଆ, ବାବୁଲାଲ ସଗ୍ରିଆ, ପାଳତୀ ସଗ୍ରିଆ, ପୁଷ୍ପା ସଗ୍ରିଆ ଜମିବାଡ଼ିକୁ କେନ୍ଦ୍ର କରି ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କିଥିବା ଅଭିଯୋଗ ହୋଇଚି। ବାପା ମାଁ ଙ୍କୁ ଆକ୍ରମଣ କରୁଥିବା ଦେଖି ଛଡ଼ାଇବାକୁ ଯିବାରୁ ତାଙ୍କ ୩ ଝିଅ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ରହିଛି। ଏନେଇ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ ହୋଇଛି।

# ଶଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ମନମୁଣ୍ଡା, ୨୬।୭(ସମିସ):** ଆଜି ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏନେଇ ସକାଳେ ବିଦ୍ୟାଳୟର ଉନ୍ନତି ଓ ବିକାଶ ପାଇଁ ଏକ ପୂଜାର୍ଚ୍ଚନା ଓ ହୋମ୍ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ନବୀନ ଚନ୍ଦ୍ର ମହାକୁଡ଼ ମୁଖ୍ୟ ଅତିଥି ଏବଂ ସମ୍ପାଦକ ସୁରଥ କୁମାର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲା ଜଙ୍ଗଲ ଓ ପାହାଡ଼ ଘେରା ଉପାନ୍ତ ଶଗଡ଼ା ଅଞ୍ଚଳର ଛାତ୍ରଛାତ୍ରୀ ଅର୍ଥାଭାବ ଓ ଗମନାଗମନ ଅସୁବିଧାରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ଶିକ୍ଷାବିତ୍ ସୁରଥ ମିଶ୍ରଙ୍କ ନେତୃତ୍ୱରେ ଅଞ୍ଚଳର ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ମିଳିତ ସହଯୋଗରେ କେମିତି କଷ୍ଟରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ସେ ଉପରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଆଲୋକପାତ କରିଥିଲେ। ଅଧ୍ୟାପକ ବିଭୂତିଭୂଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ତେନ୍ତୁଳିଖୁଣ୍ଟି-ବଡ଼ ତଣ୍ଡାମୁଣ୍ଡା ରାସ୍ତା ଶୋଚନୀୟ

**ବାରମ୍ବାର ମରାମତି ସତ୍ତ୍ୱେ ସୁଧୁରୁନି ଅବସ୍ଥା**

**ପାଣି କାଦୁଅ ସହ ଖାଲଖମାରେ ଭର୍ତ୍ତି**

**ଶଗଡ଼ା, ୨୬।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ତେନ୍ତୁଳୀଖୁଣ୍ଟିରୁ ବଡ଼ ତଣ୍ଡାମୁଣ୍ଡା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଏବେ ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଅନେକ ଖାଲଖମା ଥିବା ବେଳେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ମାସରେ ଯିବା ଆସିବା ସ୍ୱାଭାବିକ ରହୁଥିବା ବେଳେ ବର୍ଷା ଦିନେ ଯାତାୟାତ ଏକ ପ୍ରକାର ବନ୍ଦ ହୋଇଯାଏ। ବର୍ଷା ଦିନେ ରାସ୍ତା ଯୋଗୁଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଏ। ଗାଡ଼ିରେ ଯିବା ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ଥାଏ। ଏହି ମାଟି କାଦୁଅ ରାସ୍ତା ଦେଇ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇଥାନ୍ତି। ପ୍ରତ୍ୟେକ ବର୍ଷ ଏହି ରାସ୍ତା ମରାମତି ପାଇଁ ଅର୍ଥ ଆସିଥାଏ; ହେଲେ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ପାଇଁ ରାସ୍ତା ନିର୍ମାଣ ନିମ୍ନ ମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତାର ଅବସ୍ଥା ଏଭଳି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନିମ୍ନମାନର ନିର୍ମାଣ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଲୋକେ କହିଛନ୍ତି। ସରକାର ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ତଦାରଖର ଅବହେଳା ଯୋଗୁଁ ଲୋକେ ଏହାର ସୁଫଳରୁ ବଞ୍ଚିତ ହେଉଛନ୍ତି। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ କଂକ୍ରିଟ କିମ୍ବା ପିଚୁ ରାସ୍ତା କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।



# ଯୁବକଙ୍କ ଗଳିତ ଶବ ଉଦ୍ଧାର

**ତରଭା, ୨୬।୭(ସମିସ):** ତରଭା ବ୍ଲକ ରଙ୍ଗପୁର ଗ୍ରାମର ଜଣେ ୧୮ ବର୍ଷର ଯୁବକଙ୍କ ଗଳିତ ଶବକୁ ତରଭା ପୁଲିସ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଡାକ୍ତରଖାନାକୁ ପଠାଇଛି। ମୃତକ ହେଲେ ରଙ୍ଗପୁର ଗ୍ରାମର ଅଖିଳ ନାଏକ (୧୮)। ୩ ଦିନ ତଳେ କୁଆଡେ ଯାଉଛି କହି ଘରୁ ବାହାରିଥିଲେ; ହେଲେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଆଜି ତାଙ୍କ ଚାଷ ଜମି ନିକଟରେ ଥିବା ଏକ ପଳାସ ଗଛରେ ଶବ ଝୁଲୁଥିବା ତରଭା ପୁଲିସକୁ ଖବର ମିଳିଥିଲା ବୋଲି ଆଇଆଇସି ଡୋଳାମଣି ନାଏକ ସୂଚନା ଦେଇଛନ୍ତି।

# ପୋଖରୀର ଭ୍ରମ ସୃଷ୍ଟି କରିଛି ରକ୍ସା ଗାଁ ରାସ୍ତା

**ମନମୁଣ୍ଡା, ୨୬।୭(ସମିସ):** ବୌଦ୍ଧ ବ୍ଲକ ରକ୍ସା ଗ୍ରାମର ଏସ.ସି.ପଡ଼ାର ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି। ରାସ୍ତା ଏକ ପୋଖରୀର ଭ୍ରମ ସୃଷ୍ଟି କରିଛି। ୧୦ ଖଣ୍ଡ ଗ୍ରାମର ଲୋକମାନେ ଏହି ରାସ୍ତା ଉପରେ ପ୍ରତିଦିନ ଯାତାୟାତ କରିଥାନ୍ତି। ରାସ୍ତାର ଦୂରାବସ୍ଥା ପାଇଁ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସାମାନ୍ୟ ବର୍ଷାରେ ଏ ଅବସ୍ଥା। ଅତ୍ୟଧିକ ବର୍ଷା ହେଲେ ସ୍କୁଲ ପିଲା ଓ ରୋଗୀମାନଙ୍କୁ ନେବା ଆଣିବାରେ ସମସ୍ୟା ଦେଖାଦେବ। ବାରମ୍ବାର ଗୁହାରି ପରେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ଜନପ୍ରତିନିଧିଙ୍କ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି ଏବଂ ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ



**ବୀରମହାରାଜପୁର, ୨୬।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାଟିକା ବିଭାଗର ମାତୃ ସମ୍ମିଳନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ବିଦ୍ୟାଳୟ ପରିଚାଳନା ପରିଷଦର ଉପ ସଭାପତି ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁରେଶ୍ୱରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ପରିଚାଳନା ପରିଷଦର ସଦସ୍ୟା ସୁଜାତା ପଧାନ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜନକରାମ ପଟେଲ, ଶିଶୁ ବାଟିକା ପ୍ରମୁଖ ଗୋବିନ୍ଦ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁମାନଙ୍କ ବିକାଶରେ ମାଁମାନଙ୍କ ଭୂମିକା, ବିଦ୍ୟାଳୟର ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଗୁରୁମା ନମିତା କର ଧନ୍ୟବାଦ ଅର୍ପଣ କରିଥିଲେ। ଅଲିଭା ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁନି କୁନି ଶିଶୁମାନେ ନୃତ୍ୟ ପରିବେଷଣ କରିଥିଲେ। ରଶ୍ମି ଗୁରୁମା, ସୁଜାତା ଗୁରୁମା, ମହିମା ଗରୁମା ସହଯୋଗ କରିଥିଲେ।

# ପଶ୍ଚିମ ଓଡ଼ିଶା କୁମ୍ଭାର ସମାଜ ମହାସଂଘର କାର୍ଯ୍ୟକାରିଣୀ ବୈଠକ



**ଡୁଙ୍ଗୁରିପାଲି, ୨୬।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ପଶ୍ଚିମ ଓଡ଼ିଶା କୁମ୍ଭାର ସମାଜ ମହାସଙ୍ଘର କାଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା କୁମ୍ଭାର ସମାଜ ମହାସଙ୍ଘର ସଭାପତି ପିତାମ୍ବର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତା ଯୋଗ ଦେଇଥିଲେ। କୁମ୍ଭାର ସମାଜର ପତାକା ଉତ୍ତୋଳନ କରିବା ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ବୈଠକରେ ଶିବ ପ୍ରସାଦ ରାଣ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲାର ପଦାଧିକାରୀ ଉପସ୍ଥିତ ରହି ନିଜ ନିଜର ମତ ବ୍ୟକ୍ତ ପ୍ରକାଶ କରିଥିଲେ। ଏହି ବୈଠକରେ ୧୨ଟି ପ୍ରସ୍ତାବ ଅନୁମୋଦନ କରଯାଇଥିଲା। ଏହି ବୈଠକରେ ପଶ୍ଚିମ ଓଡ଼ିଶା କୁମ୍ଭାର ସମାଜ ମହାସଙ୍ଘର ଉପସଭାପତି ନିରାକାର ରଣା, ସାଧାରଣ ସମ୍ପଦକ ସୁରେଶ ରଣା, ପ୍ରମୋଦ କୁମାର ରଣା, ଓମ୍‌ପ୍ରକାଶ ରଣା, କୋଷାଧ୍ୟକ୍ଷ ଭକ୍ତ ଚରଣ ରଣା, ସମୀକ୍ଷକ ମୁରଲୀଧର ରଣା, ସଭ୍ୟ ବରୁଣ ରଣା, ଶିବ ପ୍ରସାଦ ରଣା, ଅନାମ ଚନ୍ଦ୍ର ନାଏକ, ଅଞ୍ଚଳ ରଣା, କାଙ୍ଗାଲୁ ରଣା, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ରଣାଙ୍କ ସହ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ବ୍ଲକର ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଭାଙ୍ଗିବାର ୨୦ ମାସ ପରେ ମଧ୍ୟ ଆରମ୍ଭ ହୋଇନି କାମ

## ରାବିଡ଼ି ଅଙ୍ଗନବାଡ଼ି କେନ୍ଦ୍ର

**ଶଗଡ଼ା, ୨୬।୭(ସମିସ)**



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ରାବିଡି ଗାଁରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ଦୀର୍ଘ ୨୦ମାସରୁ ଅଧିକ ହେବ ଗାଁର ଅଙ୍ଗନବାଡ଼ି କେନ୍ଦ୍ର ବିପଦପୂର୍ଣ୍ଣ ଥିବାରୁ ତାକୁ ଭାଙ୍ଗି ଦିଆ ଯାଇଛି। କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଘର ଅଭାବରୁ ଗ୍ରାମରେ ଥିବା ବିଦ୍ୟାଳୟରେ କୁନି କୁନି ପିଲାମାନେ ପାଠ ପଢୁଛନ୍ତି। ମହିଳା ଓ ଶିଶୁ ବିକାଶ ଯୋଜନା ଏଠି ଦିଗହରା ସଦୃଶ ମନେ ହୁଏ। ଗାଁର ସ୍କୁଲ ପରିସର ଭିତରେ ଅଙ୍ଗନବାଡି ଘର ବିପଦପୂର୍ଣ୍ଣ ଥିବାରୁ ତାକୁ ଭାଙ୍ଗି ଦିଆ ଯାଇଥିଲା; ହେଲେ ପ୍ରଶାସନର ଅବହେଳା ଯୋଗୁଁ ଏଯାଏ ଘର କାମ ଆରମ୍ଭ ହୋଇ ପାରିନାହିଁ। କୋଠରୀ ଅଭାବରୁ ସ୍କୁଲ ପରିସରରେ ଏକ କୋଠରୀରେ ଅଙ୍ଗନବାଡି କେନ୍ଦ୍ର କରାଯାଇ କୁନି କୁନି ପିଲାଙ୍କୁ ଶିକ୍ଷାଦାନ ସହ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ପାଠ ପଢ଼ା, ଅଫିସ ଘର ସହ ରୋଷେଇ କରିବା ଓ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଆବଶ୍ୟକ ସୁବିଧା ନ ଥିବା ବେଳେ ବାଧ୍ୟ ହୋଇ କରିବାକୁ ପଡୁଛି। ବିଦ୍ୟାଳୟରେ ସ୍ଥାନାଭାବ ଥିବାରୁ କୁନି ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ହେଉଛି। ପିଲାଙ୍କ ପାଇଁ ରୋଷେଇ ଘର କି ଶୌଚାଳୟ ବ୍ୟବସ୍ଥା ମଧ୍ୟ ନାହିଁ। ଅନ୍ୟପଟେ ଅଙ୍ଗନବାଡି କେନ୍ଦ୍ରକୁ ଗର୍ଭବତୀମାନେ ଟୀକାକାରଣ ପାଇଁ ଆସିଥାନ୍ତି। ଟୀକା ନେବାକୁ ଆସିଥିବା ମହିଳା କି ନିଜ ଶିଶୁକୁ ଟୀକା ଦେବାକୁ ଆସିଥିବା ମହିଳା ବସିବା ପାଇ ଜାଗା ଖଣ୍ଡେ ନ ଥିବାରୁ ମହିଳା ଓ ଶିଶୁମାନେ ଆସି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ଅଙ୍ଗନବାଡି କର୍ମୀଙ୍କ ସହ ଅଭିଭାବକମାନେ କହି ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି। ସରକାର ମହିଳା ଓ କୋମଳମତି ଶିଶୁଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଦୃଷ୍ଟିରେ ରଖି ଏହି ଅଙ୍ଗନବାଡି କେନ୍ଦ୍ରକୁ ଖୁବ ଶୀଘ୍ର ନିର୍ମାଣ କରାଯାଇ ସମସ୍ତ ସମସ୍ୟାର ସମାଧାନ କରିବାକୁ ଦାବୀ କରିଛନ୍ତି। ଯଦି ନୂତନ କେନ୍ଦ୍ର ନିର୍ମାଣ ପାଇଁ ଟଙ୍କା ନାହିଁ ତେବେ କାହିଁକି ଘର ଭଙ୍ଗା ଯାଉଥିଲା ବୋଲି ଗ୍ରାମବାସୀ ଓଲଟା ପ୍ରଶ୍ନ ଉଠାଇଛନ୍ତି।

### ତରଳ ପଦାର୍ଥ ପିଆଇ ଭ୍ରୁଣହତ୍ୟା ଅଭିଯୋଗ

## ଅଙ୍ଗନବାଡି କର୍ମୀଙ୍କ ନାମରେ ଥାନାରେ ମାମଲା

**କଲମପୁର, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନାରେ ଏକ ସମ୍ବେଦନଶୀଳ ମାମଲା ପଞ୍ଜିକୃତ ହୋଇଛି। ଏହି ଥାନା ଅଧିନସ୍ଥ ନୂଆଗାଁ ଗ୍ରାମର ପ୍ରଦିପା ନାଏକ ନାମ୍ନୀ ଜଣେ ମହିଳା ତିନି ମାସର ଗର୍ଭବତୀ ହୋଇଥିଲେ, ଏହା ତାଙ୍କର ପ୍ରଥମ ଗର୍ଭ ହୋଇଥିବାବେଳେ ଗତ ୧ତାରିଖ ଦିନ ଅଙ୍ଗନବାଡି ଓ ଆଶାକର୍ମୀ ତାଙ୍କୁ ଟିଟି ଇଞ୍ଜେକସନ୍ ଦେଇଥିଲେ। ପୁଣି ଗତ ୭ତାରିଖ ଦିନ ଡାକିଥିଲେ। ଗର୍ଭବତୀ ପ୍ରଦୀପାଙ୍କ ବ୍ୟତୀତ ଅନ୍ୟ କୌଣସି ସମ୍ପର୍କୀୟଙ୍କୁ ସାଥରେ ଆଣିବାକୁ ମନା କରିଦେଇଥିଲେ। ଏହାପରେ ପ୍ରସୂତି କାର୍ଡ ପାଇଁ ଅଙ୍ଗନବାଡି କର୍ମୀଙ୍କୁ ଦେଖା କରିବା ପାଇଁ କୁହାଯାଇଥିଲା। ସେଠାରେ ଅଙ୍ଗନବାଡି କର୍ମୀ ପ୍ରଦୀପାଙ୍କୁ ଛୋଟ ଜାତିର କହିବା ସହ ତରଳ ପଦାର୍ଥ ପିଇବାକୁ ଦେଇଥିଲେ। ପ୍ରଦୀପା ପିଇବାକୁ ରାଜି ନହେବାରୁ ସୁଗର, ବିପି ମପା ଯାଇ ପାରିବ ନାହିଁ ବୋଲି ଅଙ୍ଗନବାଡ଼ି କର୍ମୀ କହିଥିଲେ। ଏହାପରେ ବାଧହୋଇ ପ୍ରଦୀପା ତରଳ ପଦାର୍ଥକୁ ପିଇ ଦେଇଥିଲେ। ପିଇବାର କିଛି ସମୟ ମଧ୍ୟରେ ମୁଣ୍ଡବ୍ୟଥା ଆରମ୍ଭ ହୋଇଥିଲା। ଏହାପରେ ପରେ ରକ୍ତସ୍ରାବ ହେବା ସହିତ ତଳିପେଟ ଦରଦ ହୋଇଥିଲା। ପ୍ରଦୀପା କୌଣସି ପ୍ରକାରେ ଘରକୁ ଚାଲିଯିବା ବେଳେ ବାଟରେ ଅଚେତ ହୋଇ ପଡ଼ିଥିଲେ। ଘରଲୋକେ ସେଠାରୁ ପ୍ରଦୀପାକୁ କୌଣସି ପ୍ରକାରେ ଉଦ୍ଧାର କରି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପରିସ୍ଥିତି ଜଟିଳ ଥିବାରୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ପ୍ରଦୀପା ଚିକିତ୍ସିତ ହୋଇ ଗତ ୧୧ତାରିଖ ଦିନ କଲମପୁର ଥାନାରେ ମାମଲା ପଞ୍ଜିକୃତ କରିଥିଲେ। କଲମପୁର ଥାନା ଏଏସଆଇ ଶିବ ଶଙ୍କର ମହାନ୍ତି ସମ୍ପୃକ୍ତ ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ଏନେଇ ଥାନାରେ ମାମଲା ପଞ୍ଜିକୃତ ହୋଇଛି। ଏ ସମ୍ପର୍କରେ ଆଶାକର୍ମୀ କହିଛନ୍ତି 'ମୁଁ ଅଙ୍ଗନବାଡି କର୍ମୀଙ୍କ କହିବା ଅନୁସାରେ ଡାକିଦେଇଥିଲି, ତାପରେ କଣ ହେଲା ଜାଣି ନାହିଁ ବୋଲି କହିଛନ୍ତି। ଏନେଇ ଅଙ୍ଗନବାଡି କର୍ମୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଅନ୍ୟପକ୍ଷେ କଲମପୁର ପୁଲିସ ଏହା ଉପରିସ୍ଥ ଅଧିକାରୀଙ୍କ ସ୍ତରରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### କଳାହାଣ୍ଡିର ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ମେଡିକାଲ କଲେଜ ପରେ ବି ୬୫% ଡାକ୍ତର ପଦ ଖାଲି

**ଭବାନୀପାଟଣା, ୨୬।୭ (ସମିସ)**

ଦାରିଦ୍ର୍ୟ, କୁପୋଷଣ, ମାତୃ ଓ ଶିଶୁ ମୃତ୍ୟୁହାର, ମ୍ୟାଲେରିଆ ଏବଂ ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଦୀର୍ଘଦିନ ଧରି ଚର୍ଚ୍ଚାରେ ରହିଆସିଥିବା କଳାହାଣ୍ଡି ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗତ କିଛିବର୍ଷ ମଧ୍ୟରେ ମେଡିକାଲ

### ୮୫୦ ସ୍ୱାସ୍ଥ୍ୟକର୍ମୀ ଅଭାବ

କଲେଜ ସ୍ଥାପନ, ଚିକିତ୍ସାଳୟର ସଂଖ୍ୟା ବୃଦ୍ଧି ଓ ଭିତ୍ତିଭୂମିର ବିକାଶ ହୋଇଥିଲେ ମଧ୍ୟ ମାନବ ସମ୍ବଳର ଅଭାବ ଏବେ ବି ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ଜିଲ୍ଲା ସମ୍ବନ୍ଧୀୟ ସରକାରୀ ତଥ୍ୟ ଦର୍ଶାଉଛି ଯେ, ଡାକ୍ତରଙ୍କଠାରୁ ଆରମ୍ଭ କରି ନର୍ସ, ଲାବରେଟୋରି ଟେକ୍ନିସିଆନ୍, ରେଡିଓଗ୍ରାଫର ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପର୍ଯ୍ୟନ୍ତ ଶହଶହ ପଦ ଖାଲି ପଡ଼ିଥିବାରୁ ସରକାରୀ ସ୍ୱାସ୍ଥ୍ୟସେବା ଉପରେ ଗୁରୁତର ପ୍ରଭାବ ପଡୁଛି। ଜିଲ୍ଲାରେ ଗୋଟିଏ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଟିଏ ଉପଖଣ୍ଡ ଚିକିତ୍ସାଳୟ, ୧୭ଟି ସାମୁଦାୟିକ ସ୍ୱାସ୍ଥ୍ୟକେନ୍ଦ୍ର, ୪୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୪୧ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ରକ୍ତଭଣ୍ଡାର, ଡାଏଲିସିସ୍ ୟୁନିଟ୍, ଆୟୁଷ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ରହିଛି। କିନ୍ତୁ ଏହି ଭିତ୍ତିଭୂମିକୁ ପ୍ରଭାବଶାଳୀ କରିବା ପାଇଁ ଯେତିକି ମାନବସମ୍ବଳ ଆବଶ୍ୟକ, ସେତିକି ଉପଲବ୍ଧ ନାହିଁ। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଜିଲ୍ଲାରେ ୬୦୬ଟି ଡାକ୍ତର ପଦ ମଞ୍ଜୁର ଥିବାବେଳେ କାର୍ଯ୍ୟରତ ଅଛନ୍ତି ମାତ୍ର ୨୧୪ ଜଣ। ଅର୍ଥାତ୍ ୩୯୨ଟି



ପଦ ବା ୬୫ ପ୍ରତିଶତ ଖାଲି। ସେହିପରି ୩୫୬ଟି ନର୍ସିଂ ଅଫିସର ପଦ ମଧ୍ୟରୁ ୧୧୭ଟି, ୧୦୫ଟି ଲାବରେଟୋରି ଟେକ୍ନିସିଆନ୍ ପଦ ମଧ୍ୟରୁ ୬୯ଟି, ୪୬ଟି ରେଡିଓଗ୍ରାଫର ପଦ ମଧ୍ୟରୁ ୨୨ଟି ଏବଂ ୧୩ଟି ଚକ୍ଷୁ ସହାୟକ ପଦ ମଧ୍ୟରୁ ୮ଟି ପଦ ଖାଲି ରହିଛି। ଫଳରେ ରୋଗୀ ସେବା, ପରୀକ୍ଷା, ଜରୁରୀ ଚିକିତ୍ସା ଓ ବିଶେଷଜ୍ଞ ସେବା ପ୍ରଭାବିତ ହେବାର ଆଶଙ୍କା ରହିଛି। କେବଳ ସ୍ଥାୟୀ ପଦ ନୁହେଁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ମଧ୍ୟ ପରିସ୍ଥିତି ଚିନ୍ତାଜନକ। ମୋଟ ୨୧୧୪ଟି ପଦବି ମଧ୍ୟରୁ ୮୫୦ଟି ପଦ ଖାଲି, ଅର୍ଥାତ ପ୍ରାୟ ୪୦ ପ୍ରତିଶତ ପଦରେ କର୍ମଚାରୀ ନାହାନ୍ତି। ଗ୍ରାମାଞ୍ଚଳରେ ଟିକାକରଣ, ମାତୃ-ଶିଶୁ ସ୍ୱାସ୍ଥ୍ୟ, ପୋଷଣ, ଘରକୁ ଘର ସ୍ୱାସ୍ଥ୍ୟସେବା ଓ ରୋଗ ନିରୀକ୍ଷଣ ଭଳି କାର୍ଯ୍ୟକ୍ରମରେ ଏହାର ପ୍ରଭାବ ପଡ଼ିପାରେ। ଏଭଳି ସ୍ଥିତିରେ ଜିଲ୍ଲାବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ କେବଳ ଭିତ୍ତିଭୂମି ନୁହେଁ, ଶୀଘ୍ର ମାନବ ସମ୍ବଳ ପୂରଣ ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରୁ ଦାବି ଉଠୁଛି।

## ବଜ୍ରପାତରେ ମହିଳା ଗୁରୁତର

**ଗୋଲାମୁଣ୍ଡା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମରେ ଆଜି ସକାଳରେ ଘଟିଥିବା ବଜ୍ରପାତରେ ଗ୍ରାମର ଗସାମଣି କେତକୀ (୫୩) ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳେ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ମାରି ଥିବା ସମୟରେ ଗସାମଣି ବାହାରେ ଥିବାବେଳେ ହଠାତ୍ ବଜ୍ରପାତର ଶିକାର ହୋଇଥିଲେ। ଘଟଣାପରେ ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଭବାନୀପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

## ମୋବାଇଲ ଚୋର କୋର୍ଟ ଚାଲାଣ

**କେସିଙ୍ଗା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ବୃଦ୍ଧି ପାଉଥିବା ଲୁଟପାଟ ଘଟଣାରେ ପୁଲିସ୍‌କୁ ବଡ଼ ମିଳିଛି ବଡ଼ ସଫଳତା। ମୋବାଇଲ୍ ଓ ଟଙ୍କା ଲୁଟ୍ ଅଭିଯୋଗରେ ଦୀପୁ ନାୟକ ନାମକ ଜଣେ ଯୁବକଙ୍କୁ କେସିଙ୍ଗା ପୁଲିସ୍ ଗିରଫକରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ହାତୀଖୋଜ ଗ୍ରାମର ଗୀତାଞ୍ଜଳି ସାହୁ କେସିଙ୍ଗା ଆସିଥିବାବେଳେ ରେଳବାଇ ଅଣ୍ଡରବ୍ରିଜ୍ ପାଖରେ ଅଭିଯୁକ୍ତ ଦୀପୁ ତାଙ୍କଠାରୁ ୧୦୦୦ ଟଙ୍କା ଓ ଗୋଟିଏ ସାମ୍‌ସଙ୍ଗ ମୋବାଇଲ୍ ଛଡ଼ାଇ ନେଇଥିଲା। ସେହିପରି ଦୁର୍ଗାମଣ୍ଡପ ନିକଟରୁ ସସ୍ମିତା କୁମାରଙ୍କ ମୋବାଇଲ୍ ମଧ୍ୟ ସେ ଲୁଟ୍ କରିଥିବା ଅଭିଯୋଗ ମିଳିଥିଲା ଅଭିଯୋଗକୁ ଆଧାର କରି କେସିଙ୍ଗା ପୁଲିସ୍ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ ସହ ଲୁଟ୍ ସାମଗ୍ରୀ ଜବତ କରିଛି। ଏହାପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଧର୍ମ ପରାୟଣା ମହିଳାଙ୍କ ପରଲୋକ



**କଲମପୁର, ୨୬।୭ (ସମିସ):** କଲମପୁର ଗ୍ରାମର ଧର୍ମପରାୟଣା ମହିଳା ବିଳାସ ମଞ୍ଜରୀ ପଣ୍ଡା ଗତ ଶନିବାର ରାତିରେ ପ୍ରାଣ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥା ସାଙ୍ଗକୁ ସେ ଦୀର୍ଘ ଦିନ ଧରି ଅସୁସ୍ଥ ରହିଥିଲେ। ସ୍ୱର୍ଗୀୟା ପଣ୍ଡାଙ୍କ ମୃତ୍ୟୁ ବେଳକୁ ୭୬ ବର୍ଷ ହୋଇଥିଲା। ଶେଷକୃତ୍ୟ ସମୟରେ ପୁଅ ବୋହୂ ନାତି ନାତୁଣୀ, ଝିଅ ଜ୍ୱାଇଁ ଜ୍ଞାତି କୁଟୁମ୍ବ ସହ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

## ବନ୍ଦ ପଡ଼ିଥିବା ଟ୍ରାଫିକ ସିଗ୍ନାଲ ଚାଲିବ କେବେ?

**କେସିଙ୍ଗା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା ପାଇଁ ଦୁଇ ବର୍ଷ ତଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଛକରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ଲାଗିଥିବା କମ୍ପ୍ୟୁଟରୀକରଣ ସିଗ୍ନାଲ ବ୍ୟବସ୍ଥା ଚାରିମାସ ହେବ ବନ୍ଦ ପଡ଼ିଛି। ଚଳିତବର୍ଷର ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ସେଡ୍ ନିର୍ଣ୍ଣାଣ ସମୟରେ ୧୧ ଟା ପରେ ପରେ ଟ୍ରାଫିକ ଲାଇଟ ବନ୍ଦ କରି ଦିଆଯାଉଥିଲା, ହେଲେ ଏବେ ଟ୍ରାଫିକ ସିଗ୍ନାଲଟି ପୁରା ବନ୍ଦପଡ଼ିଛି। ଟ୍ରାଫିକ ସିଗ୍ନାଲ ଆଉଥରେ ଚଳାଇବା ପାଇଁ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ଭୁଲି ଯାଇଛି ନା କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚାଲିପାରୁ ନାହିଁ ଉକ୍ତ ବିଷୟ ଉପରେ ନିର୍ବାହୀଯନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ ପ୍ରବଳ ଖରା ପାଇଁ ବନ୍ଦ କରାଯାଇଥିବା ଜଗନ୍ନାଥ ମନ୍ଦିର ଛକର ଥିବା କମ୍ପ୍ୟୁଟରୀକରଣ ସିଗ୍‌ନାଲ ଚାଲୁ କରାଯିବ ବୋଲି କହିଥିଲେ।

### ୧୧ କେଭି ତାରଲାଗି ମହିଳାଙ୍କ ମୃତ୍ୟୁ ଘଟଣା

## ଶକ୍ତି ବିଭାଗ ଓ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବକଲେ ଜାତୀୟ ମାନବାଧିକାର କମିଶନ

**ଭବାନୀପାଟଣା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଡି. ଚେପଟାଘାଟ ଗାଁ ର ମହିଳା ଗୁରୁବାରୀ ଝୋଡ଼ିଆ ୨୦୨୫ ଅକ୍ଟୋବର ୧୫ରେ ନିଜ ବାଡ଼ିରୁ ଅମୃତଭଣ୍ଡା ତୋଳିବା ସମୟରେ ଅଳ୍ପ ଉଚ୍ଚତାରେ ଝୁଲୁଥିବା ୧୧ କେ.ଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ମୃତ୍ୟୁବରଣ କରିବା ଘଟଣା ବାବଦରେ ଜାତୀୟ ମାନବାଧିକାର କମିଶନ ଶକ୍ତି ବିଭାଗ ସଚିବ, କଳାହାଣ୍ଡି ଜିଲ୍ଲାପାଳ ଏବଂ ପୁଲିସ ଏସ୍‌ପିଙ୍କୁ ନୋଟିସ ଜାରିକରି ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି କମିଶନ ଏହି ନୋଟିସ ୨୩ ଜୁଲାଇ ୨୦୨୫ରେ ଜାରି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗୁରୁବାରୀ ଝୋଡିଆ ଘଟଣା ଦିନ ନିଜ ବାଡ଼ି ରେ ଅମୃତଭଣ୍ଡା ତୋଳିବାକୁ ଯାଇ ଥିବା ସମୟରେ ଅଳ୍ପ ଉଚ୍ଚତା ରେ ଝୁଲୁଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ପ୍ରାଣ ହରେଇଥିଲେ। ପୂର୍ବରୁ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗ ଓ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଜଣେଇ ଥିଲେ ମଧ୍ୟ ତାରର ଉଚ୍ଚତା ବଢେଇବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହି ଅଭିଯୋଗକୁ କମିଶନର ସଦସ୍ୟ ପ୍ରିୟଙ୍କ କାନୁନଗୋଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମାନବାଧିକାର ସୁରକ୍ଷା ଆଇନ ର ଧାରା -୧୨ ଅନୁଯାୟୀ ସଜ୍ଞାନକୁ ନେଇ ମାମଲା ଶୁଣାଣି କରିବା ସହିତ ଉପରୋକ୍ତ ୩ ଅଧିକାରୀଙ୍କୁ ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମାଁ ସୁରେଶ୍ୱରୀଙ୍କ ଐତିହାସିକ ଘାଟ ଯାତ୍ରା

**କର୍ଲାମୁଣ୍ଡା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ଅଧୀନ କୁନ୍ଦେଇପାଲି ନିକଟସ୍ଥ ତେଲନଦୀ ଛତିଘାଟ କୂଳରେ ମାଁ ସୁରେଶ୍ୱରୀ ମନଖାଇଙ୍କ ଐତିହାସିକ ଘାଟ ଯାତ୍ରା ଓ ଡଙ୍ଗା ପୂଜା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କେଉଁଟ କୈବର୍ତ୍ତ ସଂଘ ସଭାପତି ହୃଦାନନ୍ଦ ମଲ୍ଲିକ, ମୁଖ୍ୟ ପୁରୋଧା ଦାମୋଦର ନାଏକ, ବ୍ଲକ ସଂଯୋଜକ ସୁଶାନ୍ତ ମଲ୍ଲିକ ଯାତ୍ରା



ପରିଚାଳକ ପୂଜକ ଭଗବାନ ନାଏକ, ସୁରେନ୍ଦ୍ର ନାଏକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବାରଦେହେରିଆ ଭାବରେ ଭମର ନାଏକ, ଗଣ୍ଡାରାମ ନାଏକ, ଗୁଣନିଧି ନାଏକ, ରହିତ ନାଏକ, ବିରମଣି ନାଏକ, ଲିଙ୍ଗରାଜ ନାଏକ, ଖୀରସିନ୍ଧୁ ନାଏକ, ଟିକେଶ୍ୱର ନାଏକ, କୁଜବନ ସାଣ୍ଡ, ନୀଳକଣ୍ଠ କୁମୁରା, ଚିନ୍ତା ପରାପୁଏ, ପ୍ରେମ ରଞ୍ଜନ ଗହିର, ଥବିର ନାଏକ ପ୍ରମୁଖ ସହଯୋଗ କରିଥିଲେ।

## କିସ୍ ପରିସରରେ 'କାର୍ଗିଲ ବିଜୟ ଦିବସ ' ପାଳିତ

**ଭବାନୀପାଟଣା, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅଧୀନ ବାଦିଲିଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ଭାରତୀୟ ସୃଜନଶୀଳ କଳାକାର ନେଟୱାର୍କ ଟ୍ରଷ୍ଟ ତରଫରୁ ' କାର୍ଗିଲ ବିଜୟ ଦିବସ ' ପାଳିତ ହୋଇଯାଇଛି। ପ୍ରଥମେ କିସ୍ ପରିସରରେ ଚାରା ରୋପଣ କରାଯାଇଥିଲା। ପରେ ଏକ ସଭାକାର୍ଯ୍ୟ ଅୟୋଜନ କରାଯାଇଥିଲା। ମୁଖ୍ୟଅତିଥି ମେଜର ଡ. ଜୟଦେବ ସାହୁ, ସମ୍ମାନିତ ଅତିଥି ଡ. ଅଜୟ ମିଶ୍ର ଓ ଉପାଧ୍ୟକ୍ଷ ତରୁଣ ମିଶ୍ର, ବରିଷ୍ଠ ଦେବେନ୍ଦ୍ର ବିଶି, ବରିଷ୍ଠ ସାମ୍ବାଦିକ ରାଜ କୁମାର ସିଂ ଦେଓ, କିସ୍ କଳାହାଣ୍ଡିର ପ୍ରଧାନ ଶିକ୍ଷୟତ୍ରୀ ସୁନୀତା ପଣ୍ଡା ସମେତ ଅନ୍ୟାନ୍ୟ ଅତିଥି ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ ପରେ କିସ୍ ଛାତ୍ରୀ ସ୍ନିଗ୍ଧା, ଦେବଶ୍ରୀ ଓ ହଂସିକା କାର୍ଗିଲ ବିଜୟ ଦିବସ



ଉପରେ ନିଜ ନିଜ ଅଭିଭାଷଣ ରଖିଥିଲା। ମୁଖ୍ୟ ଅତିଥି ଡ. ସାହୁ କିସ୍ ପିଲାଙ୍କ ଶାନ୍ତି ଶୃଙ୍ଖଳା ଆଚାର ବ୍ୟବହାର ଓ ଦେଶ ପ୍ରେମ ଦେଖି ଖୁସି ହେବା ସହ ସୁନ୍ଦର ପରିବେଶରେ ଛାତ୍ରୀ ମାନଙ୍କୁ ରଖି ପାଠ ପଢ଼ାଉଥିବାରୁ କିସ୍ କିଟ୍ ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେବା ସହ ଭୂୟସୀ ପ୍ରଶଂଶା କରିଥିଲା। ସେହିପରି ସମ୍ମାନିତ ଅତିଥି ଡ. ଅଜୟ ମିଶ୍ର 'କାର୍ଗିଲ ବିଜୟ ଦିବସ' ଉପରେ ଛାତ୍ରୀମାନଙ୍କୁ ସୁନ୍ଦର ଭାବରେ ବୁଝେଇଥିଲେ। ପୂର୍ବରୁ ଅୟୋଜନ ହେଇଥିବା ଚିତ୍ରାଙ୍କନ (ବିଷୟ- ପରିବେଶ ସୁରକ୍ଷା ଓ ଦେଶ ପ୍ରେମ) ରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ ପରେ ୪୦ ଗୋଟି ପୋଷ୍ଟ କାର୍ଡରେ କିସ୍ ଛାତ୍ରୀମାନେ ନିଜ ହସ୍ତରେ ଲିଖନକରି କାର୍ଗିଲ ଯୁଦ୍ଧରେ ସହିଦ ହେଇଥିବା ପାରିବାରଙ୍କୁ ପଠେଇ ଥିଲେ। ଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ପରିଚାଳନା କରିଥିବା ବେଳେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## କଂଗ୍ରେସ ପକ୍ଷରୁ ମହମବତୀ ଶୋଭା ଯାତ୍ରା



**ଭବାନୀପାଟଣା, ୨୬।୭ (ସମିସ):** ଛାତ୍ରଛାତ୍ରୀଙ୍କ ସ୍ୱରକୁ ଦମନ କରାଯାଉଥିବା ଅଭିଯୋଗ ନେଇ ଜିଲ୍ଲା ମହିଳା କଂଗ୍ରେସ କଳାହାଣ୍ଡି ପକ୍ଷରୁ ମହମବତୀ ଶୋଭାଯାତ୍ରା ଓ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ନିଟ୍ ପ୍ରଶ୍ନପତ୍ର ଲିକ, ସିବିଏସ୍‌ଇ ପରୀକ୍ଷାରେ ବିଭ୍ରାଟ, ଓଡ଼ିଆ ପାଠ୍ୟ ପୁସ୍ତକରେ ତ୍ରୁଟି ଏବଂ ନ୍ୟାୟ ଦାବି କରୁଥିବା ଛାତ୍ର ଛାତ୍ରୀଙ୍କ ଉପରେ ପୁଲିସର ଦମନଲୀଳା ବିରୋଧରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଗତି ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ମହମବତୀ ଜାଳି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଖରେ ସତ୍ୟାଗ୍ରହ କରିଥିଲେ। ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ଜିଲ୍ଲା କଂଗ୍ରେସ ସଭାପତି, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ, ପୂର୍ବତନ ସଭାପତି, ପୂର୍ବତନ ବିଧାୟକ, ସଦର ବ୍ଲକ ସଭାପତି, କେସିଙ୍ଗା ସଭାପତି, ଭବାନୀପାଟଣା ଟାଉନ ସଭାପତି, ମହିଳା ସଭାନେତ୍ରୀ, ଜିଲ୍ଲା ସମ୍ପାଦକ ସମେତ ଅନେକ କଂଗ୍ରେସ କର୍ମୀ ସାମିଲ ଥିଲେ।

## ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

**ଥୁଆମୂଳ ରାମପୁର, ୨୬।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଧୀନ ବିରିକୋଟ ପଞ୍ଚାୟତର ଗୋଦରାମସ୍କା ଗ୍ରାମର ଜଣେଯୁବକ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଥିବା ଘଟଣା ପରିବାର ପାଇଁ ଗଭୀର ଚିନ୍ତାର ବିଷୟ ପାଲଟିଛି। ନିଖୋଜ ଯୁବକ ଜଣକ ହେଲେ ମଙ୍ଗଳସିଂ ମାଝୀ (୩୦)। ସୂଚନା ଅନୁସାରେ, ମଙ୍ଗଳସିଂ ପରିବାରର ଭରଣପୋଷଣ ପାଇଁ ଗତ ଏପ୍ରିଲ ମାସରେ ଧର୍ମଗଡ଼ ସହରର ଏକ ବେସରକାରୀ ହୋଟେଲରେ କାମ କରୁଥିଲେ। ସେ ସେଠାରୁ ନିୟମିତ ଭାବେ ଫୋନ୍ ଯୋଗେ ପରିବାର ସହ ଯୋଗାଯୋଗରେ ରହୁଥିଲେ। ତେବେ ଚଳିତ ମାସ ୧୬ ତାରିଖରେ ସେ ନିଜ ସମ୍ପର୍କୀୟ ଭାଇଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ପଠାଇ ଘରେ ପହଞ୍ଚାଇବାକୁ କହିଥିଲେ। କିଛି ସମୟ ପରେ ପୁଣି ସେହି ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଏହାର କାରଣ ପଚାରିବାରୁ ଗୋଆ ଯିବା ପାଇଁ ଟଙ୍କାର ଆବଶ୍ୟକତା ଥିବା କହିଥିଲେ। ଏହାପରେ ଜୁଲାଇ ୧୭ ତାରିଖରୁ ତାଙ୍କ ସହ ଆଉ କୌଣସି ଯୋଗାଯୋଗ ହୋଇପାରିନଥିବା ପରିବାର ଲୋକେ କହିଛନ୍ତି।



ପରିବାର ପକ୍ଷରୁ ବାରମ୍ବାର ତାଙ୍କ ମୋବାଇଲ୍ ନମ୍ବରକୁ ଫୋନ୍ କରାଯାଇଥିଲେ ମଧ୍ୟ ସମ୍ପର୍କ ସ୍ଥାପନ ହୋଇପାରିନାହିଁ। ଏପର୍ଯ୍ୟନ୍ତ ମଙ୍ଗଳସିଂଙ୍କ ପକ୍ଷରୁ ମଧ୍ୟ କୌଣସି ଫୋନ୍ କଲ୍ କିମ୍ବା ସୂଚନା ମିଳିନଥିବାରୁ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଶନିବାର ନିଖୋଜ ଯୁବକଙ୍କ ବାପା ରଘୁନାଥ ମାଝୀ ଓ ପରିବାର ସଦସ୍ୟମାନେ ଥୁଆମୂଳ ରାମପୁର ଥାନାରେ ପହଞ୍ଚି ମଙ୍ଗଳସିଂଙ୍କ ସନ୍ଧାନ ପାଇଁ ଏକ ନିଖୋଜ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ଅଭିଯୋଗକୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଝାରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ସିନାପାଲି, ୨୬।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଝାରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଚାନ୍ଦେଲ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ସିନାପାଲି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସିନାପାଲି ପୁଲିସ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି। ପ୍ରକାଶ ଯୋଗ୍ୟ ଯେ, ଗତ କିଛିଦିନ ତଳେ ଝାରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲୁହାରେ ତିଆରି ୪ଟି ଖଟ ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ବେଳେ ଚାନ୍ଦେଲ ବିଦ୍ୟାଳୟରୁ ପାଣି ଆରୋ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ହେଲେ ବର୍ତ୍ତମାନ ସୁଦ୍ଧା ଚୋରି କରିଥିବା ସାମଗ୍ରୀ କିମ୍ବା ଚୋର ମାନେ ଧରା ପଡ଼ି ନାହାନ୍ତି। ଏ ସମ୍ପର୍କରେ ସିନାପାଲି ଗୋଷ୍ଠୀ ଶିକ୍ଷା ସିଆରସିସି ଜଗଦୀଶ ତାଣ୍ଡିଙ୍କୁ ପଚାରିବାର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

### ନିର୍ମାଣ ର ୫ ମାସ ପୂରିନି, ରାସ୍ତା ଫାଳ ଫାଳ

# ନିମ୍ନମାନର କାମ ଅଭିଯୋଗ; ଅସନ୍ତୋଷ ପ୍ରକାଶ କଲେ ଅଞ୍ଚଳବାସୀ

**ନୂଆପଡ଼ା/ ସିନାପାଲି, ୨୬।୭ (ସମିସ)**



ଗ୍ରାମାଞ୍ଚଳକୁ ଯୋଗାଯୋଗ ସୁଗମ କରିବା ପାଇଁ ରାଜ୍ୟ ରାଜକୋଷରୁ ପକ୍କା ରାସ୍ତା ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ହେଲେ ନିମ୍ନମାନର କାମ ସାଙ୍ଗକୁ ବିଭଗୀୟ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ତଦାରଖ ଅଭାବ ଯୋଗୁଁ ରାସ୍ତାନିର୍ମାଣର ୫ ମାସ ନ ପୁରୁଣୁ ରାସ୍ତା ଫାଳଫାଳ ହୋଇ ପଡୁଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯୋଗ୍ୟ ଯେ, ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଘାଟମାଳ ପଞ୍ଚାୟତର ଚିତାରମା, ଝୋଲାପଡ଼ା ଦେଇ ସୀମାନ୍ତ କୁ ସଂଯୋଗ କରୁଥିବା ରାସ୍ତା ଗତ ୫ ମାସ ପୂର୍ବେ କାର୍ଯ୍ୟ ସରିଥିଲା। ଦୁର୍ଗମ୍ ତଥା ବିଚ୍ଛିନ୍ନ ଅଞ୍ଚଳ ହୋଇଥିବାବେଳେ ଅଞ୍ଚଳର ଲୋକେ ବହୁବାର ପ୍ରସାଶନ ନିକଟରେ ଦାବି ଜଣାଇବାପରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ନଙ୍ଗଲବୋଡ, ଘାଟମାଳ, ଚିତାରମା, ଝୋଲାପଡ଼ା ଦେଇ ଉକ୍ତ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଖଡ଼ିଆଳ ଦ୍ୱାରା ଅନୁମୋଦିତ ହୋଇଥିଲା। ଏହି ରାସ୍ତା ନିର୍ମାଣ ପାଇଁ ୪୦୨.୭୯ ଲକ୍ଷ ଅଟକଳ ବ୍ୟୟ ମଞ୍ଜୁରୀ ହୋଇଥିଲା। ହେଲେ ଏହି ଠିକା ସଂସ୍ଥା ସିନାପାଲି ଅଞ୍ଚଳର କିଛି ପେଟି ଠିକାଦାରଙ୍କୁ କାର୍ଯ୍ୟ ସମ୍ପାଦନ ପାଇଁ ଦେଇଛି। ଠିକାଦାରମାନେ ଭାଗଭାଗ କରି ରାସ୍ତା କାର୍ଯ୍ୟ କରିଥିଲେ। ସର୍ବମୋଟ ୬.୯୮୦ କିଲୋମିଟର ଦୈର୍ଘ୍ୟ ରହିଥିବାବେଳେ ୨୦୨୩ ମସିହାରେ ଆରମ୍ଭ ହୋଇ ୨୦୨୩ ଅକ୍ଟୋବରରେ କାର୍ଯ୍ୟ ସମାପ୍ତ ହେବା ପାଇଁ ସରକାରୀ ଧାର୍ଯ୍ୟ ସମୟ ରହିଥିଲା। ହେଲେ ଚିତାରମା - ଝୋଲାପଡ଼ା ରାସ୍ତା ନିର୍ମାଣ ପାଇଁ ଦାୟିତ୍ୱ ନେଇଥିବା ଠିକାଦାରଙ୍କ ଅବହେଳା ଓ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବ ଯୋଗୁଁ ଧାର୍ଯ୍ୟ ସମୟଠାରୁ ୨ ବର୍ଷ ପରେ ଅର୍ଥାତ ୨୦୨୫ ମସିହାରେ ସମାପ୍ତ ହୋଇଥିଲା। ତାହାପୁଣି ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ନିମ୍ନ ମାନର ସାମଗ୍ରୀ, ଆବଶ୍ୟକତା ଅନୁଯାୟୀ ସାମଗ୍ରୀ ନ ଦେବାଫଳରେ ଅଳ୍ପ କିଛି ମାସ ପରେ ରାସ୍ତା ରେ ଫାଟ ସୃଷ୍ଟି ହେବା ସହିତ ଫାଳଫାଳ ହୋଇ ପଡ଼ିଛି। ଏହି ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୨୦.୩୧ ଲକ୍ଷ ଅଟକଳ ମୂଲ୍ୟ ରହିଛି। ଯାହା ୯/୧୦/୨୦୨୩ ରୁ ଆରମ୍ଭ ହୋଇ ୮/୧୦/୨୦୨୮ ପର୍ଯ୍ୟନ୍ତ ରହିଥିବାବେଳେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣକୁ ଦୁଇବର୍ଷ ଲାଗିଥିଲା। ଯାହା ୫ ବର୍ଷ ରକ୍ଷଣାବେକ୍ଷଣ ହେବାକୁ ଥିବାବେଳେ ଏବେ ବାକି ରହିଛି ୨ ବର୍ଷ। ଏ ଦିଗରେ ପ୍ରସାଶନିକ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତଦନ୍ତ କରିବା ସହ ରାସ୍ତା ନିର୍ମାଣର ମାନ ଯାଞ୍ଚକରି ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ପୁଲିସର 'ଅନ୍ୱେଷଣ-୩'; ୪୧ ମହିଳା ଓ ଶିଶୁ ଉଦ୍ଧାର

**ନୂଆପଡ଼ା, ୨୬।୭ (ସମିସ):** ଓଡ଼ିଶା ପୁଲିସର ସ୍ୱତନ୍ତ୍ର 'ଅନ୍ୱେଷଣ-୩' ଅଭିଯାନ ଅଧୀନ ନୂଆପଡ଼ା ପୁଲିସ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମାତ୍ର ତିନିଦିନ ମଧ୍ୟରେ ୪୧ ଜଣ ନିଖୋଜ ମହିଳା ଓ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପରିବାର ସହ ପୁନର୍ମିଳନ କରାଯାଇଛି। ଉଦ୍ଧାର ପାଇଥିବା ମଧ୍ୟରେ ୮ ଜଣ ନାବାଳିକା ଓ ୩୩ ଜଣ ମହିଳା ରହିଛନ୍ତି। ଏହି ସଫଳତା ନୂଆପଡ଼ା ପୁଲିସର ତତ୍ପରତା, ପେଶାଦାର କାର୍ଯ୍ୟଦକ୍ଷତା ଏବଂ ମାନବିକ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛି। ବିଶେଷକରି କୋମନା ଥାନା ପୁଲିସ ଦୁଇଟି ନିଖୋଜ ନାବାଳିକା ମାମଲାରେ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ସଫଳତାର ସହ ଖୋଜି ବାହାର କରି ସେମାନଙ୍କୁ ସୁରକ୍ଷିତ ଭାବେ ପରିବାରଙ୍କୁ ହସ୍ତାନ୍ତର କରିଛି। ଏହି ଅଭିଯାନରେ ନୂଆପଡ଼ା ପୁଲିସ ଓଡ଼ିଶା ବାହାରେ ମଧ୍ୟ ବ୍ୟାପକ ତଲାସି ଚଳାଇ ଆନ୍ଧ୍ରପ୍ରଦେଶର ତିରୁପତି ଏବଂ ତେଲେଙ୍ଗାନାର ସେକୁନ୍ଦରାବାଦ ଭଳି ସ୍ଥାନରୁ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାରେ ସଫଳ ହୋଇଛି। ଏହି ସଫଳତା ପାଇଁ ନୂଆପଡ଼ା ପୁଲିସର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧାରଣ ମହଲରୁ ପ୍ରଶଂସା କରାଯାଉଛି।

# ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ୨ ଫୁଟର ପାଣି

ନିମାପଡ଼ା,୨୬।୭(ସମିସ)

ଲଘୁଚାପ ଜନିତ ଲଗାଣ ବର୍ଷାରେ ନିମାପଡ଼ା ବଜାରରେ ଠିଆ ହୋଇଛି ୨ ଫୁଟ ଉଚ୍ଚର ବର୍ଷାଜଳ। ନିମାପଡ଼ା ପୁରୁଣା ବସଷ୍ଟାଣ୍ଡ ନିକଟରେ ଠିକାଦାର ଖାଲୁଆ ଜାଗାରେ ଉଚ୍ଚା ନ କରି ସ୍ଲାବ୍ ପକାଇ ଦେଇଥିବାରୁ ଦୁଇ ଫୁଟରୁ ଊର୍ଦ୍ଧ୍ୱ ବର୍ଷା ଜଳ ପ୍ରବାହିତ ହେଉଥିବା ବେଳେ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। କେତେକ ବ୍ୟକ୍ତି ରାସ୍ତା ଉପରେ ଜାଲ ପକାଇ ମାଛ ଧରୁଥିବା ଦେଖିବାକୁ ମିଳିଛି। ଏପରିକି ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ କୋଲୋନୀରେ ଲୋକଙ୍କ ଘରେ ପାଣି ପଶିଛି। ଯାହାକି କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି କରିଛି। ହୋଇଥିବା ବେଳେ ଏହାର ପ୍ରତିକାର ହୋଇପାରୁ ନାହିଁ। ଦୀର୍ଘଦିନ ହେବ ଡ୍ରେନେଜ୍ କାର୍ଯ୍ୟ ଚାଲୁଥିବା ବେଳେ । ନିମାପଡ଼ା ପୁରୁଣା ବସଷ୍ଟାଣ୍ଡ ନିକଟରେ ଦୁଇ ଫୁଟର ବର୍ଷା ଜଳ ରାସ୍ତା ଉପରେ ଜମି ରହିବା ଦ୍ୱାରା ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ନିମାପଡ଼ା ଥାନା ସମ୍ମୁଖ ଗୋଧନ ବାଛୁଡ଼ା ପଡ଼ିଆରେ ପାଣି ଲହଡ଼ି ମାରୁଥିବା ବେଳେ ନିକଟରେ ଥିବା ମନ୍ଦିରକୁ ପାଣି ଉଠି ସାରିଛି। ପାଟପୁର କାଳୀ ଘର ଠାରୁ ଶନି ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବୁଡ଼ି ରହିଛି। ବୁଲୁ ଛକ, ଡେଲଙ୍ଗା ଛକ ଆଦି ଅଞ୍ଚଳରେ ବର୍ଷା ପାଣିର ବିପାଟ ଦେଖା ଦେଇଛି। ଅନେକ କୋଲୋନୀକୁ

**ଜାଲ ପକାଇ ମାଛ ଧରିଲେ ଲୋକେ**

ବର୍ଷା ପାଣି ପଶି ଯିବା ଦ୍ୱାରା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲିପାଟଣା-ନିମାପଡ଼ା ମୁଖ୍ୟ ରାସ୍ତା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିକଟରେ ବର୍ଷା ପାଣି ରାସ୍ତାରେ ଲହଡ଼ି ମାରୁଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବର୍ଷା ପାଣି ଜମି ରହିବା ଦ୍ୱାରା ରୋଗୀଙ୍କୁ ଆଣି ଆସୁଥିବା ଲୋକମାନେ



ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳା କଲେଜ ରାସ୍ତାରେ ତିନି ଫୁଟର ବର୍ଷା ଜଳ ପ୍ରବାହିତ ହେଉଛି। ଦୀର୍ଘଦିନ ହେବ ଏହାର ପ୍ରତିକାର ପାଇଁ ଦାବି ହେଉଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଜଳ ନିଷ୍କାସନର ପଥ ବାହାରି ପାରୁ ନାହିଁ। ଯାହାକୁ ନେଇ ପରିଷଦ ଅଞ୍ଚଳର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତା ବୁଡ଼ିବା ସଙ୍କଟକୁ ଦ୍ୱିଗୁଣିତ କରିଛି। ପର୍ଯ୍ୟଟକମାନେ ଏହି ପାଣିକୁ ଦେଖି ଯାତାୟାତ କରିବାକୁ ଭୟ କରୁଛନ୍ତି। ପୁରୀ ଶ୍ରୀଜଗନ୍ନାଥଙ୍କର ଅଧର ପଣା, ନୀଳାଦ୍ରି ବିଜେ ଥିବାରୁ ନିମାପଡ଼ା ରାସ୍ତା ଦେଇ ଅନେକ ପର୍ଯ୍ୟଟକ ଗାଡ଼ି ଯାତାୟାତ କରୁଛି। ମାତ୍ର ରାସ୍ତାରେ ପାଣି ଜମିଥିବାରୁ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଏହି ସମସ୍ୟାର କେବେ ସ୍ଥାୟୀ ପ୍ରତିକାର ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରୁଥିବାବେଳେ ଏଥିପ୍ରତି ବିଭାଗ ଉଦାସୀନ ଥିବା ଅଭିଯୋଗ ହେଉଛି।

# ସର୍ପାଘାତରେ ବୃଦ୍ଧାଙ୍କ ମୃତ୍ୟୁ

ନିମାପଡ଼ା,୨୬।୭(ସମିସ): ସର୍ପାଘାତରେ ଗୁରୁତର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଶଗଡ଼ା ଗ୍ରାମର ସୁଲୋଚନା ସାହୁ (୬୬)। ସାପ କାମୁଡ଼ିବା ପରେ ଶନିବାର ଗୁରୁତର ଅବସ୍ଥାରେ ତାଙ୍କୁ ନିମାପଡ଼ା ସାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିବା ବେଳେ ଆହତଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବ ଜବତ କରିବା ସହ ୧୪/୨୭ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

# କଣାସରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ୨୭ରେ

କଣାସ,୨୬।୭(ସମିସ): କଣାସ ପଞ୍ଚାୟତ ସମିତି ସଭାଗୃହରେ ଆସନ୍ତା ୨୭ତାରିଖ ସୋମବାର ଦିନ ୧୦ଟା ଠାରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଜିଲ୍ଲାର ସମସ୍ତ ବିଭାଗର ମୁଖ୍ୟ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କଣାସ ବ୍ଲକର ୨୮ ଗ୍ରାମ ପଞ୍ଚାୟତର ଯେଉଁ ଜନସାଧାରଣଙ୍କର ଯଦି କିଛି ଅଭିଯୋଗ ଥାଏ ସେମାନେ ଉପସ୍ଥିତ ହୋଇ ଅଭିଯୋଗ ଦାଖଲ କାରିବାକୁ ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ ଅନୁରୋଧ କରିଛନ୍ତି ।

# ଦବୁଛି ଦୟାନଦୀ ବନ୍ଧ



କଣାସ,୨୬।୭(ସମିସ): କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ପ୍ରତିବର୍ଷ ବନ୍ୟା ସମୟରେ ଆତଙ୍କ ସୃଷ୍ଟି କରୁଥିବାବେଳେ କ୍ରମାଗତ ଚାରିବର୍ଷ ଧରି ଦୟା ନଦୀର ବାମ ପାଶ୍ୱର୍ ବସନ୍ତପୁର ଠାରେ ଦବି ଦବି ଯାଉଛି। ଦବୁଥିବା ସ୍ଥାନର ମାଟି ନଦୀ ଗର୍ଭକୁ ଚାଲିଯାଉଛି। ପ୍ରଶାସନ ପକ୍ଷରୁ ଦବୁଥିବା ସ୍ଥାନରେ ପୁନଶ୍ଚ ବନ୍ଧ କାମ କରାଯାଉଛି। ଚଳିତବର୍ଷ ୧୫ ଦିନ ତଳେ ଉକ୍ତ ସ୍ଥାନର କିଛି ଦୂରରେ ପୁନଶ୍ଚ ନଦୀ ବନ୍ଧ ଦବି ଯାଇଥିଲା। ପରେ ବିଭାଗୀୟ କରକର୍ତ୍ତାମାନେ ଡଷ୍ଟ ପକାଇ ଉକ୍ତ ସ୍ଥାନକୁ ପୂରଣ କରିଥିବା ବେଳେ ତିନିଦିନ ଧରି ଲଗାଣ ବର୍ଷା ହେବାରୁ ପୁନଶ୍ଚ ନଦୀବନ୍ଧ ଦବିବାରେ ଲାଗିଛି। ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଉକ୍ତ ସ୍ଥାନ ବିପଦସଂକୁଳ ଅବସ୍ଥାରେ ରହିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଦବିଥିବା ସ୍ଥାନ ପରିଦର୍ଶନ କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# 'ଫନି'ରେ ଉଜୁଡ଼ା ଜଙ୍ଗଲରେ ବୃକ୍ଷରୋପଣ ପାଇଁ ଗ୍ରାମବାସୀଙ୍କ ଦାବି



କଣାସ,୨୬।୭(ସମିସ): କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ୨୦ ଏକରରୁ ଊର୍ଦ୍ଧ୍ୱ କଣ୍ଟିତୋଟା ଏବଂ ୧୦ଏକରରୁ ଊର୍ଦ୍ଧ୍ୱ ଗାଁ ମୁଣ୍ଡ ତୋଟା ୨୦୧୯ ମସିହା ସାମୁଦ୍ରିକ ଝଡ଼ ଫନିରେ ଉଜୁଡ଼ିଯାଇଥିବାବେଳେ ଏହାକୁ ପୁନରୁଦ୍ଧାର କରିବାକୁ ବୃକ୍ଷରୋପଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଫନିରେ ବଡ଼ ବଡ଼ ପୁରାତନ ଗଛ ଉପୁଡ଼ି ପଦା ହୋଇ ଯାଇଛି। ବନ ବିଭାଗ ପକ୍ଷରୁ ବୃକ୍ଷ ଚାରା ରୋପଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ଦୁଇ ତୋଟା ୩୦ଏକରରୁ ଊର୍ଦ୍ଧ୍ୱ ଜାଗାରେ ଗଛ ଲଗାଇବା ପାଇଁ ଗ୍ରାମବାସୀ ଏହି ଦାବି କରିଛନ୍ତି। ବନ ବିଭାଗ ପକ୍ଷରୁ ଗଛ ଲଗାଯିବା ପରେ ଗ୍ରାମବାସୀ ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ବୋଲି ଗ୍ରାମର ସମାଜସେବୀ ପ୍ରଭାତ କୁମାର ଦାସ କହିଛନ୍ତି।

# ଲୋକକଳାରେ ଶିଶୁ ସୁରକ୍ଷା ସଚେତନତା

ପୁରୀ,୨୬।୭(ସମିସ): ରଥଯାତ୍ରାଠାରୁ ବାହୁଡ଼ା ପର୍ଯ୍ୟନ୍ତ ବଡଦାଣ୍ଡ, ରେଳ ଷ୍ଟେଶନ, ସମୁଦ୍ର କୂଳ ଆଦି ସ୍ଥାନରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ଲୋକକଳାର ମାଧ୍ୟମରେ ଶିଶୁ ସୁରକ୍ଷା ସଚେତନତା ସୃଷ୍ଟି କରାଯାଇଛି। ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସୂଚନା କେନ୍ଦ୍ର ସାହାଯ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂସ୍କୃତି ବିଭାଗ ସହଯୋଗରେ ଲୋକକଳା ଗୋଷ୍ଠୀଙ୍କ ସହାଭାଗିତାରେ ଦାସକାଠିଆ, ପାଲା, ଘୋଡାନାଚ, ସଂକୀର୍ତ୍ତନ, ଚକୁଳିଆ ପଣ୍ଡା ଆଦି ପରିବେଷଣ କରାଯାଇଥିଲା। ବାଲ୍ୟ ବିବାହ ରୋକିବା, ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା ଦେବା, ଶିଶୁ ଶ୍ରମିକ ବିଲୋପ, ଶିଶୁ ଚାଲାଣ ନିଷେଧ କରିବା ସହିତ ଶିଶୁ ଅଧିକାରକୁ ସୁନିଶ୍ଚିତ କରାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ଶିଶୁମାନଙ୍କ ସୁରକ୍ଷା ନିମିତ୍ତ ସରକାରଙ୍କ ତରଫରୁ ହାତକୁ ନିଆଯାଇଥିବା ଏପରି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି। ଏହା ସହିତ ଉକ୍ତ ସ୍ଥାନରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପଲାଇନ କର୍ମକର୍ତ୍ତା ଶିଶୁ ସୁରକ୍ଷା ପ୍ରଚାରପତ୍ର ବଣ୍ଟନ କରି ଦର୍ଶକଙ୍କୁ ସଚେତନ କରାଇଥିଲେ। ୧୮ଟି ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାବ୍ୟତୀତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପ୍ରୟାସରେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ନେଇ ଜଗନ୍ନାଥ ସଂସ୍କୃତି, ରଥଯାତ୍ରା ଶିଶୁ ଅଧିକାର ସମ୍ପର୍କିତ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାହୁଡ଼ା ଯାତ୍ରା ଅବସରରେ ଆଭାସୀ ବକ୍ତୃତା, ଚିତ୍ରାଙ୍କନ, ସାଧାରଣଜ୍ଞାନ ପ୍ରତିଯୋଗିତାରେ ଶିଶୁ ଯତ୍ନ ଅନୁଷ୍ଠାନର ପ୍ରାୟ ୬୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଆସନ୍ତା ଜିଲ୍ଲାସ୍ତରୀୟ ମହକ ଓ ଉତ୍ସାହ ୨୦୨୬ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

# ମହିଳା ସଶକ୍ତୀକରଣ ଓ ଡ୍ରେନେଜ୍ ସମସ୍ୟା ସମାଧାନ ପ୍ରତିଶ୍ରୁତି



ପିପିଲି,୨୬।୭(ସମିସ): ପିପିଲି ବ୍ଲକ୍ ଗୁଡ଼ିଆପୋଖରୀ ନିକଟସ୍ଥ ଓରକଳ ଶକ୍ତି କେନ୍ଦ୍ରର ରୀତା ଭ୍ୟାଲିଠାରେ ରବିବାର 'ମନ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଥ୍ ନଂ୧୭୦ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ କୌଶଲ୍ୟାଗଙ୍ଗ ମଣ୍ଡଳର ଦଳୀୟ ପଦାଧିକାରୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ 'ମନ କି ବାତ୍' ଶୁଣିଥିଲେ। ଦେଶରେ କୃତିତ୍ୱ ମହିଳା ମାନଙ୍କ ବିଭିନ୍ନ ସଫଳତାର ଉଦାହରଣ ଉପସ୍ଥାପନ କରି ଉପସ୍ଥିତ ମହିଳାମାନଙ୍କୁ ଆନନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବା ସହ ସ୍ୱୟଂ ରୋଜଗାର ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟପକ୍ଷରେ ବିଧାୟକ ଆଶ୍ରିତ ପଟ୍ଟନାୟକ ରୀତା ଭ୍ୟାଲି ଅଞ୍ଚଳର ଦୀର୍ଘଦିନର ଡ୍ରେନେଜ୍ ସମସ୍ୟା ସମେତ ବିଭିନ୍ନ ଜନସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ଜିଲ୍ଲା ଉପସଭାପତି ଶୁଭାଶିଷ ରଥ, ରାଜ୍ୟ ପରିଷଦ ସଦସ୍ୟ ପ୍ରଦୀପ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ତପନ ପ୍ରଧାନ, ପ୍ରଭାରୀ ଦୀନବନ୍ଧୁ ବେଉରିଆ, ଓରକଳ ଶକ୍ତିକେନ୍ଦ୍ର ପ୍ରମୁଖ ମନୋଜ ଗୁରୁ, ରୀତା ଭ୍ୟାଲିର ସମସ୍ତ ଜନସାଧାରଣ କୌଶଲ୍ୟାଗଙ୍ଗ ମଣ୍ଡଳର ଦଳୀୟ ପଦାଧିକାରୀ ଓ ଅନ୍ୟାନ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସାକ୍ଷୀଗୋପାଳ ମନ୍ଦିରରେ ହରିଶୟନ ନୀତି

ସାକ୍ଷୀଗୋପାଳ,୨୬।୭(ସମିସ): ଶନିବାର ବିଳମ୍ବିତ ରାତିରେ ଶ୍ରୀସାକ୍ଷୀଗୋପାଳ ମନ୍ଦିରରେ ପୂଜା ପାଉଥିବା ନାରାୟଣ ବିଗ୍ରହଙ୍କ ହରି ଶୟନ ନୀତି ଅନୁଷ୍ଠିତ ହୋଇଛି। ହରିଶୟନ ଏକାଦଶୀ ତିଥିରେ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ବଡ଼ସିଂହାର ଧୂପ ସମାପନ କରାଯିବା ପରେ ରତ୍ନ ସିଂହାସନରେ ଠାକୁରଙ୍କ ଆଳତି ଉପଚାର ସହ ବନ୍ଦାପନା କରାଯାଇଥିଲା। ନାରାୟଣ ବିଗ୍ରହଙ୍କୁ ନୂତନ ବସ୍ତ୍ର, ଫୁଲହାର, ଚନ୍ଦନ ଲାଗି କରାଯିବା ସହ ଗର୍ଭଗୃହ କାନ୍ଥରେ ରହିଥିବା କାନ୍ଥକୁଡ଼ାରେ ପ୍ରସ୍ତୁତ ଶଯ୍ୟାରେ ନାରାୟଣଙ୍କୁ ଶୟନ କରାଇ କବାଟ ବନ୍ଦ କରି ଦିଆଯାଇଥିଲା। ପୂଜାପଣ୍ଡା ନାରାୟଣ ମହାପାତ୍ର, ସିଂହାରୀ ଅଶୋକ ଖୁଣ୍ଟିଆ, ପାଳିଆ ପତ୍ରୀ ପୂର୍ଣ୍ଣଚନ୍ଦ୍ର ନନ୍ଦ, ଭଣ୍ଡାର ମେକାପ ତନ୍ମୟ କୋଠାରୀ ଏବଂ ଅନ୍ୟ ପାଳିଆ ଶୟନ ନୀତି ସମ୍ପାଦନ କରିଥିଲେ। ସେହି କାନ୍ଥକୁଡ଼ାରେ ଶୟନରତ ନାରାୟଣଙ୍କ କବାଟରେ ରହିଥିବା ଜଳା ବାଟରେ ସ୍ନାନ ଓ ପୂଜାବିଧି କାର୍ତ୍ତିକ ମାସ ଦେବ ଉତ୍ଥାପନ ଏକାଦଶୀ ପର୍ଯ୍ୟନ୍ତ କରାଯିବାର ବିଧି ରହିଛି ବୋଲି ମନ୍ଦିର ସୁପର ଭାଇଜର ବିଶ୍ୱନାଥ ମହାପାତ୍ର କହିଛନ୍ତି।



# ରଥଯାତ୍ରାରେ ଏମ୍‌ସିଏଲ୍ ଓ ଏକେଏସ୍‌ଏସ୍ ପକ୍ଷରୁ ଭକ୍ତଙ୍କୁ ଖାଦ୍ୟ ପରିବେଷଣ



କଣାସ,୨୬।୭(ସମିସ) : ବିଶ୍ୱ ବିଖ୍ୟାତ ପୁରୀ ରଥଯାତ୍ରାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନଙ୍କୁ ଏମ୍‌ସିଏଲ୍ ଓ କଣାସ ବ୍ଲକ୍‌ରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକେଏସ୍‌ଏସ୍ ପକ୍ଷରୁ ଗୁଣ୍ଡିଚାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପୁରୀରେ ରନ୍ଧା ଖାଦ୍ୟ ଭକ୍ତମାନଙ୍କୁ ପରିବେଷଣ କରାଯାଇଛି। ପୁରୀ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଚିଠି ନମ୍ବର ୩୩୭୧/୧୦/୭/୨୬ ରିଖ ଅନୁସାରେ ଏହି ଖାଦ୍ୟ ପରିବେଷଣ ଓ ପାଣି ବୋତଲ ବଣ୍ଟନ କାର୍ଯ୍ୟକ୍ରମ ଗୁଣ୍ଡିଚା ଠାରୁ ଆରମ୍ଭ ହୋଇ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୪୭ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ରନ୍ଧା ଖାଦ୍ୟ ଦିଆଯିବା ସହିତ ୬୫ହଜାରରୁ ଅଧିକ ପାଣି ବୋତଲ ବଣ୍ଟନ କରାଯାଇଛି। ଖାଦ୍ୟ ହିସାବରେ ରୁଟି, ଚଣା ମସଲା, ବୁଟ ଡାଲି ତରକାରୀ, ତାଡ଼ିଆ, ଖଟା ଦିଆଯାଇଥିଲା। ଏହି କାର୍ଯ୍ୟ ପରିବେଷଣ ସେବାକୁ ଦିବାକର ପାତ୍ର ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଇଜିଡିୟର ସୀମାନନ୍ଦ ପରିଡ଼ା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏକେଏସ୍‌ଏସ୍‌ର ସଭାପତି ପ୍ରମୋଦ ହରିଚନ୍ଦନ, ବିମ୍ବାଧର ସେନାପତି, କୃପାସିନ୍ଧୁ ପାଇକରାୟ, ସୁଜାତା ବାହୁବଳେନ୍ଦ୍ର, ରଜନୀ କାନ୍ତ ପାଢ଼ୀ, ପ୍ରେମାନନ୍ଦ ଜାଲି, ରାଧାଶ୍ୟାମ ବିଶ୍ୱାଳ, ପ୍ରସାଦିନୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ସ୍ୱାଇଁ (ବାବୁନି), ଗୌରୀ ଦାସ, ରଜନୀ ମାର୍ଥା, ସଂଯୁକ୍ତା ପ୍ରଧାନ, ପିଏସ୍‌କିୟରିଅର ଓ ମଦର ଇଣ୍ଡିଆ ସ୍କୁଲର ଶିକ୍ଷୟତ୍ରୀମାନେ ସାମିଲ ହୋଇଥିଲେ। ୪୫ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଅଗଷ୍ଟ ୯ରେ ପିପିଲି ବଜାର ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ପିପିଲି,୨୬।୭(ସମିସ): ଚଳିତବର୍ଷ ପିପିଲି ବଜାର ବ୍ୟବସାୟୀ ସଂଘର ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ ଅଗଷ୍ଟ ୧ ତାରିଖରୁ ଅଗଷ୍ଟ ୩ ତାରିଖ ୨୦୨୬ ବ୍ୟବସାୟ ସଂଘର କାର୍ଯ୍ୟାଳୟଠାରେ ନାମାଙ୍କନପତ୍ର ଦାଖଲ କରାଯିବ। ନିର୍ବାଚନ ପରିଚାଳନା ପାଇଁ କର୍ପୂର ଚନ୍ଦନ ଜେନାଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଭାବେ ମନୋନୀତ କରାଯାଇଛି। ନିର୍ବାଚନ ଅଧିକାରୀଙ୍କ ନିକଟରେ ଦିବା ୧୦ଟାରୁ ୧ ଟା ଏବଂ ଦିବା ୪ଟାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରି ପାରିବେ। ଅଗଷ୍ଟ ୪ରେ ନାମାଙ୍କନପତ୍ର ପ୍ରତ୍ୟାହାର ଏବଂ ନିରୀକ୍ଷଣ ସମାପ୍ତ କରାଯିବ। ଅଗଷ୍ଟ ୫ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ନିର୍ବାଚନରେ ଅଂଶ ଗ୍ରହଣ କରିଥିବା ପ୍ରାର୍ଥୀମାନେ ପ୍ରଚାର କରିପାରିବେ। ଅଗଷ୍ଟ ୯ ତାରିଖ ରବିବାର ଦିନ ଦିବା ୯ଟା ରୁ ଦିବା ୫ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ। ସେହିଦିନ ସନ୍ଧ୍ୟା ୫ ଟା ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ଏହି ନିର୍ବାଚନ ପ୍ରକ୍ରିୟା ରେ କୌଣସି ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ପ୍ରଶୟ ଦିଆଯିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏହି ନିର୍ବାଚନ ପ୍ରକ୍ରିୟା କର୍ପୂର ଚନ୍ଦନ ଜେନାଙ୍କ ଅଧ୍ୟକ୍ଷତାରେ ଏବଂ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମାପନ କରାଯିବ। ବୈଠକରେ ଚୟନ କରାଯାଇଥିବା ଅନ୍ୟ ପ୍ରିଜାଇଡିଂ ଅଫିସରମାନେ ହେଲେ ହରିଶ୍ଚନ୍ଦ୍ର ପତି, ଦିଲ୍ଲୀପ ରଥ, ଅନୁପ ପରିଡ଼ା, ପ୍ରଭାକର ପରିଡ଼ାଙ୍କୁ ନିଯୁକ୍ତି ଦିଆଯାଇଛି।

## 'ମୋ ଆଶା'ର ରଥ ସଂଖ୍ୟା ଉନ୍ମୋଚିତ

# ଶ୍ରୀମନ୍ଦିରର ଗାଥା ଶିଶୁ ସାହିତ୍ୟକୁ ରୁଦ୍ଧିମନ୍ତ କରିଛି

ପୁରୀ,ନିମାପଡ଼ା,୨୬।୭(ସମିସ)

ଶ୍ରୀମନ୍ଦିରର ଗାଥା ଓ ଜଗନ୍ନାଥ ସଂସ୍କୃତି ଏ ସମାଜକୁ ପରିଚୟ ଦେଇଛି। ଜଗନ୍ନାଥ ସଂସ୍କୃତିର ପ୍ରତିଟି କଥା ବସ୍ତୁ ଆମ ଶିଶୁ ସାହିତ୍ୟକୁ ଅଧିକ ରୁଦ୍ଧିମନ୍ତ କରି ଗଢି ତୋଳିଛି ବୋଲି ନିମାପଡାର ଅଗ୍ରଣୀ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ପ୍ରକାଶ ପାଉଥିବା "ମୋ ଆଶା'ର ରଥ ସଂଖ୍ୟା ଉନ୍ମୋଚନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ରବିବାର ସିଂହଦ୍ୱାର ସମ୍ମୁଖରେ ପତ୍ରିକା ଉନ୍ମୋଚିତ ହେବା ଅବସରରେ ଅତିଥିମାନଙ୍କ କଥା ଉପସ୍ଥିତ ପାଠକ ଓ ସାହିତ୍ୟ ଅନୁରାଗୀଙ୍କୁ ବେଶ୍ ବିମୋହିତ କରିଥଲା। ଏହି ଅବସରରେ ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା, ସହ ସମ୍ପାଦିକା ଉର୍ମିଳା ମହାରଣା, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ଗ୍ରୁପର



ସଭ୍ୟ ସୁନନ୍ଦ ରାଉତରାୟ, ଶିଶୁ ପାଠକ ପାଠିକା ପ୍ରମୁଖ ଯୋଗଦେଇ ପତ୍ରିକାକୁ ଉନ୍ମୋଚନ କରିଥିଲେ। ସୂଚନାଯୋଗ୍ୟ ଯେ, ପତ୍ରିକାର ସମ୍ପାଦକ ଶ୍ରୀ ମହାରଣାଙ୍କ ବଳିଷ୍ଠ ସମ୍ପାଦନାରେ ଦୀର୍ଘ ୨୫ ବର୍ଷ ଧରି ଲିଟିଲ ଷ୍ଟାର ଗ୍ରୁପ୍ ପିଲାମାନଙ୍କ ପାଇଁ ନାନା ବିଧ କାର୍ଯ୍ୟକ୍ରମ କରିଆସୁଥିବା ବେଳେ ସାହିତ୍ୟ ଓ ସଂସ୍କୃତି ରକ୍ଷା ପାଇଁ "ମୋ ଆଶା' ପ୍ରକାଶ ପାଇ ଆସୁଛି। ଚଳିତ "ମୋ ଆଶା'ସଂଖ୍ୟାରେ ଓଡିଶାର ବହୁ ଲବ୍ଧ ପ୍ରତିଷ୍ଠିତ ଲେଖକ ଲେଖିକାଙ୍କ ଜଗନ୍ନାଥଙ୍କ ଲୀଳା ଖେଳାକୁ ନେଇ ବହୁ ଶିକ୍ଷଣୀୟ ଗଳ୍ପ ଓ କବିତା ସ୍ଥାନ ପାଇଥିବା ବେଳେ ପିଲାମାନଙ୍କ ପାଇଁ ଅନ୍ୟ ବହୁ ଶିକ୍ଷଣୀୟ ବିଷୟ ବସ୍ତୁ ରହିଛି। ଏଥିସହ ସେମାନଙ୍କ ଚିତ୍ର ଆଉ ଫଟୋକୁ ମଧ୍ୟ ସ୍ଥାନ ଦିଆଯାଇଛି।

# ଦିବାଲୋକରେ ଯୁବକଙ୍କୁ ସଂଘବଦ୍ଧ ଖଣ୍ଡା ଚୋଟ

ପୁରୁଷୋତ୍ତମପୁର, ୨୬।୭(ସମିସ)

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଏନ୍‌ଏସିସ୍ଥିତ କାଳୀ ମନ୍ଦିର ନିକଟସ୍ଥ ଗ୍ୟାରେଜରେ ମୋଟରସାଇକଲ ମରାମତି କରୁଥିବା ବେଳେ ଜଣେ ଯୁବକଙ୍କୁ ତିନି ଜଣ ଯୁବକ ଖଣ୍ଡାରେ ହାଣି ଲହୁଲୁହାଣ କରି ଫେରାର ହୋଇଛନ୍ତି। ଯୁବକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ବଡଖରିଡା ଗ୍ରାମର ବଣ୍ଟି ବାରିକ(୨୬)। ତାଙ୍କୁ ପ୍ରଥମେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ଆମ୍ବୁଲାନ୍ସରେ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ପୁରୁଷୋତ୍ତମପୁର ଏସଡିପିଓ ସୁଜିତକୁମାର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଆହତଙ୍କ ବୟାନ ନେବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି। ସୂଚନା ଅନୁସାରେ, ଦୀର୍ଘ ଦିନ ହେଲା ବଣ୍ଟିଙ୍କ ସହ ରାଜପୁର ଗ୍ରାମର କିଛି ବ୍ୟକ୍ତି ସହ ଶତ୍ରୁତା ଲାଗିରହିଛି। ସେମାନେ ବଣ୍ଟିଙ୍କୁ ହତ୍ୟା କରିବା ଲାଗି ଛକିରହି ସୁଯୋଗ ଖୋଜୁଥିଲେ। ବଣ୍ଟି



ନିଜଗ୍ରାମରୁ ପୁରୁଷୋତ୍ତମପୁର ଆସି ଏକ ଗ୍ୟାରେଜରେ ମୋଟର ସାଇକଲକୁ ମରାମତି କରୁଥିବା ବେଳେ ଏକ ସ୍କୁଟିରେ ତିନିଜଣ ଯୁବକ ଆସି ଅତର୍କିତ ଭାବରେ ଖଣ୍ଡାରେ ହାଣିପକାଇଥିଲେ। ଉପସ୍ଥିତ ଲୋକେ ପାଟି କରିବାରୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗତ ୨୦୨୪ମେ' ୨୬ ତାରିଖରେ ବଡଖରିଡା କାଳେଶ୍ୱର ମନ୍ଦିରରେ ଯଜ୍ଞ ଚାଲିଥିବା ବେଳେ ମନ୍ଦିର ପରିସରରେ ବଣ୍ଟିଙ୍କୁ ଏପରି ନିର୍ମମ ଭାବରେ ହାଣିଦେଇଥିବା ବେଳେ ବର୍ତ୍ତମାନ ପୁଣି ହାଣି ପକାଇଛନ୍ତି।

# ଶୁଣିଲାନି ପ୍ରଶାସନ; କାଦୁଅ ରାସ୍ତାରେ ଲଗାଇଲେ ଧାନ ତଳି



ବାଲିଗୁଡ଼ା, ୨୬।୭(ସମିସ): କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତର କପୁଗୁଡ଼ା ଗ୍ରାମବାସୀ ଅଭିନବ ପ୍ରତିବାଦ ସ୍ୱରୂପ କାଦୁଅ ରାସ୍ତାରେ ଧାନ ତଳି ଲଗାଇଥିବା ଦେଖିବାକୁ ମିଳିଛି। ଅଞ୍ଚଳବାସୀ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ପରେ ନିରାଶ ହେବା ପରେ ଶେଷରେ କାଦୁଅ ରାସ୍ତାରେ ଧାନ ତଳି ରୋପଣ କରି ସରକାରଙ୍କୁ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଗାଁକୁ ନିର୍ମାଣ ହୋଇଥିବା ମାଟି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବା ଖରା ବର୍ଷା ଏହି ଖାଲଖମା ରାସ୍ତା ଉପରେ ଯାତାୟାତ କରୁଛନ୍ତି। ଏହି ରାସ୍ତାଟି ମଗଡ଼ିଙ୍ଗିଆ ସ୍କୁଲ ଛକଠାରୁ କପୂଗୁଡ଼ା, ମାହାଗୁଡ଼ା, ଅଲିକୁଟି, କେହେଲିଗାଣ୍ଡା, ଦେଇ ଉପର କଙ୍ଗେରିକିଆ ଗ୍ରାମକୁ ୩ କିଲୋ ମିଟର ପଥର ଓ ମାଟି ରାସ୍ତା ଉପରେ ସାତ ଶହରୁ ଉର୍ଦ୍ଧ ଜନସାଧାରଣ ଏହି ମାଟି ରାସ୍ତା ଉପରେ ନିର୍ଭର କରନ୍ତି। ଜରୁରିକାଳୀନ ସେବା ପାଇଁ ରାସ୍ତା କାଦୁଅ ପଚପଚ ଯୋଗୁଁ ଗ୍ରାମକୁ ଆମ୍ବୁଲାନସ ଆସି ପାରୁ ନଥିବା କହିଛନ୍ତି ଅଞ୍ଚଳବାସୀ। ପ୍ରଶାସନ ଗ୍ରାମବାସୀଙ୍କ ସମସ୍ୟା ହୃଦବୋଧ କରି ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ସହ ନୂତନ ରାସ୍ତା ନିର୍ମାଣ ପାଇଁ ନିରାକାର ପ୍ରଧାନ, ବିଜୟଚନ୍ଦ୍ର ପ୍ରଧାନ, ଶିଖଚନ୍ଦ୍ର ପ୍ରଧାନ, ସୁରଥ ବଗର୍ତ୍ତୀ, ଭିମରାଜ ମଲିକ, ଯୁବରାଜ ମଲିକ, ଗୌରଚନ୍ଦ୍ର ବିଦ୍ଧାଣି, ସୁବର୍ଣ୍ଣ ବେହେରା, ପବିତ୍ର ବେହେରା, ଭମରାଜ ପ୍ରଧାନ, ଗୋପବନ୍ଧୁ ଦିଗାଲ ଦାବି କରିଛନ୍ତି।

# ତିନି ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ


ଶେରଗଡ଼, ୨୬।୭(ସମିସ): ଶେରଗଡ଼ର ପ୍ରସିଦ୍ଧ ବାହୁଡା ଯାତ୍ରା ରବିବାର ଶେଷ ହୋଇଛି। ନିଆରା ପରମ୍ପରା ଅନୁଯାୟୀ ଏକାଦଶୀ ତିଥିରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରଥକୁ ଶ୍ରଦ୍ଧାଳୁମାନେ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିବା ପରେ ତିନି ଭାଇ ଭଉଣୀଙ୍କୁ ପୋଡ ପିଠା ଖାଇବା ଲାଗି ଦିଆଯାଇଥିଲା। ଆଜି ଅପରାହ୍ନ ୫ଟାରେ ଅଟକିଥିବା ରଥକୁ ଭକ୍ତମାନେ ଟାଣି ଟାଣି ନେଇ ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ।



ଏହାପରେ ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କ ସହ ଠାକୁରଙ୍କ ଭେଟ ହୋଇଥିଲା। ନିଜ ମନ୍ଦିରକୁ ଆସିବା ଲାଗି ମା' ଲକ୍ଷ୍ମୀ ନିମନ୍ତ୍ରଣ କରିବା ପରେ ଭକ୍ତମାନେ ରଥକୁ ଟାଣି ଟାଣି ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ଆଜି ତିନି ଠାକୁରଙ୍କ ଲାଗି ଅଧରପଣା ଲାଗୁ କରାଯିବା ପରେ ଆସନ୍ତାକାଲି ଠାକୁରଙ୍କ ପହଣ୍ଡି କରାଯାଇ ମନ୍ଦିର ବିଜେ କରାଯିବ। ଚଳିତ ବର୍ଷ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ ଓ ଭକ୍ତମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ରଥ ଉପରେ ଅଧର ପଣା ନୀତି

ପାରଳାଖେମୁଣ୍ଡି, ୨୬।୭ (ସମିସ): ପାରଳାଖେମୁଣ୍ଡି ଟାଉନ୍ ହଲ୍ ନିକଟରେ ରହିଥିବା ତିନି ରଥ ଉପରେ ଶ୍ରୀଜୀଉ ମାନଙ୍କ ଅଧରପଣା ଭୋଗ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉପାନ୍ତ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ପାରଳାଖେମୁଣ୍ଡି ଯାତ୍ରାରେ ମଧ୍ୟାହ୍ନ ଅଧରପଣା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମଠରୁ ପ୍ରଦତ୍ତ ଛାଚି, ସର, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୁର, ଜାଇଫଳ ଆଦି ପଣା ଦ୍ରବ୍ୟ ସାମଗ୍ରୀ ପ୍ରସ୍ତୁତ କରି ତିନି ରଥାରୂଢ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଇଥିଲା। ମହାପ୍ରଭୁ ମାନଙ୍କ ଅଧର ଉଚ୍ଚ ଥିବା ତୁମ୍ବି ଆକୃତି ଭଳି ମାଟିର ତିନୋଟି ହାଣ୍ଡି ରଖି ପୂଜା କରାଯାଇଥିଲା। ଏହାପରେ ରୀତିନୀତି ଅନୁଯାଇ ଭଙ୍ଗାଯାଇଥିଲା; ଯାହାକୁ ଅଧରପଣା ନୀତି କୁହାଯାଉଛି। ଜଗନ୍ନାଥଙ୍କ ରଥରେ ପ୍ରଦୀପ ବଡ଼ପଣ୍ଡା, ସରୋଜ କୁମାର ପାଢ଼ୀ ଓ ସନ୍ତୋଷ କୁମାର ଗନ୍ତାୟତ ସୁଭଦ୍ରାଙ୍କ ରଥରେ ପୂର୍ଣ୍ଣ ପଣ୍ଡା ଓ ବିନୋଦ ପାଢ଼ୀ ଏବଂ ବଡ଼ ଠାକୁର ବଳଦେବ ରଥଙ୍କ ରଥରେ ମୁଖ୍ୟ ସେବାୟତ ସଞ୍ଜୁ ପାଢ଼ୀ, ସୁନୀଲ ବଡପାତ୍ର, ବଳରାମ ଅଧିକାରୀ ଓ ପ୍ରଲାଦ ସୁଆର ପ୍ରମୁଖ ତିଆରି କରି ରଖିଥିଲେ। ପରେ ଆଳତି ଗଡ଼ିଲା ପରେ ଭୋଗ ଲଗାଯାଇଥିଲା। ସେହିପରି ଆଜି ତିନି ରଥରେ ଥିବା ଶ୍ରୀ ଜିଉଙ୍କୁ ଦେଖିବାପାଇଁ ପ୍ରବଳ ଭିଡ ଜମିଥିଲା। ଝିପି ଝିପି ବର୍ଷା ସତ୍ତ୍ୱେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



# ୨ ବାଇକ୍ ମୁହାଁମୁହିଁ ଧକ୍କା; ୩ ଆହତ

ଗଞ୍ଜାମ, ୨୬।୭ (ସମିସ): ବେଗୁନିଆପଡ଼ାଠାରୁ କେ ବରିଡ଼ା ମଝିରେ ଥିବା ଗୌଡ଼ ଗୌଡୁଣୀ ମନ୍ଦିର ମୁଖ୍ୟରାସ୍ତାରେ ସଡ଼କ ଦୁର୍ଘଟଣା ଘଟି ତିନି ଜଣ ଆହତ ହୋଇଛନ୍ତି। ଗୋଟିଏ ବୁଲେଟ ସହ ଗୋଟିଏ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଆହତ ହୋଇଛନ୍ତି। ଆହତଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ଏସ୍ ଛଚିନା ଗ୍ରାମର ବାପ ପୁଅ ବୋଲି ସୂଚନା ମିଳିଛି। ବାପା ଘନଶ୍ୟାମ ସାହୁ ଓ ପୁଅ ଆଦିତ୍ୟ ସାହୁ କୋଦଳାରୁ ଏସ୍ ଛଚିନା ଆସୁଥିବା ବେଳେ ଗୌଡ଼ ଗୌଡୁଣୀ ମନ୍ଦିର ନିକଟସ୍ଥ ମୁଖ୍ୟ ରାସ୍ତାରେ ଅପରପଟୁ ଆସୁଥିବା ଏକ ବୁଲେଟ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବୁଲେଟ ଚାଳକ କେ ବରିଡ଼ାର ସନ୍ତୋଷ ଗିରି ବୋଲି ସୂଚନା ମିଳିଛି। ସମସ୍ତ ୩ ଆହତଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ବ୍ୟବସାୟୀଙ୍କ ଅକାଳ ବିୟୋଗରେ କ୍ୟାଣ୍ଡଲ ଶ୍ରଦ୍ଧାଞ୍ଜଳି



ପାତ୍ରପୁର, ୨୬।୭ (ସମିସ): ଗଞ୍ଜାମ ଜିଲ୍ଲା ପାତ୍ରପୁର ଗ୍ରାମର ୟୁଥ କ୍ଲବ୍ ପକ୍ଷରୁ ଯୁବ ସୁନା ବ୍ୟବସାୟୀଙ୍କ ଅକାଳ ବିୟୋଗରେ କ୍ୟାଣ୍ଡଲ ଶୋଭାଯାତ୍ରା ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସାଜା ଉଦ୍ଦିନ ମାଲିକ୍ (୪୦) ଯୁବ ବୟସରେ ସୁଦୂର କୋଲକୋତାରୁ ଆସି ପାତ୍ରପୁର ଗ୍ରାମରେ ରହି ଆସୁଥିବା ବେଳେ ସୁନା ଅଳଙ୍କାର ତିଆରି କରିବା ସହିତ ବ୍ୟବସାୟ କରିଆସୁଥିଲେ। ଗତ ବାହୁଡ଼ା ରଥଯାତ୍ରା ଦିନ ବ୍ୟବସାୟ କାମରେ ଟିକିଟି ଟାମଣା ଘାଟି ରାସ୍ତାରେ ପାତ୍ରପୁରରୁ ବ୍ରହ୍ମପୁର ଯାଉଥିବା ବେଳେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ କ୍ରିକେଟ୍ ଖେଳରୁ ଆରମ୍ଭ କରି ଗଣେଶ ପୂଜା, ବିଶ୍ୱକର୍ମା ପୂଜା ପ୍ରମୁଖ ବିଭିନ୍ନ ପର୍ବ ପର୍ବାଣୀରେ ଯୁବ ପିଲାଙ୍କ ସହ ସାମିଲ ହେଉଥିଲେ। ତାଙ୍କର ଅକାଳ ବିୟୋଗରେ ପାତ୍ରପୁର ୟୁଥ୍ କ୍ଲବ ପକ୍ଷରୁ ଆଜି ପାତ୍ରପୁର ତଳ ବସଷ୍ଟାଣ୍ଡଠାରୁ ଶ୍ରୀ ମାଲିକଙ୍କ ଭଡ଼ା ଘର ପର୍ଯ୍ୟନ୍ତ ଏକ କ୍ୟାଣ୍ଡଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପାତ୍ରପୁର ଓ ଆଖପାଖ ଗ୍ରାମର ବହୁ ଯୁବକ ସାମିଲ ହୋଇଥିଲେ।

# ଲାୟନ୍ସ କ୍ଲବ୍ ପକ୍ଷରୁ ମହିଳାଙ୍କୁ ସହାୟତା



କବିସୂର୍ଯ୍ୟନଗର, ୨୬।୭(ସମିସ): କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ପକ୍ଷରୁ ସିଆଳିଆ ଗ୍ରାମସ୍ଥିତ ଆଶ୍ରିତ ବୃଦ୍ଧାଶ୍ରମରେ ଲାୟନ୍ସ କ୍ଲବ ସଭାପତି ଇଂ କୃପାସିନ୍ଧୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଂସ୍ଥାପନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀ ସ୍ୱାଇଁ ସଂସ୍ଥାପନ ଉତ୍ସବ ସମ୍ପର୍କରେ ବିଷଦ ଆଲୋଚନା, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରଭାସ ନାହାକ ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଥମିକ ସଂଗୀତ ଗାନ କରିଥିଲେ ନିକିତା ପ୍ରିୟଦର୍ଶିନୀ ପ୍ରଧାନ। ବରିଷ୍ଠ ଲାୟନ୍ସ ଇଂ ଦିଲୀପ କୁମାର ଖଣ୍ଡୁଆଳ କ୍ଲବର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ କହିଥିଲେ। ମୁଖ୍ୟ ଅତିଥି ଆଇପିଡ଼ିଜି ଡା. ହେମନ୍ତ ଖୁଣ୍ଟିଆ କାର୍ଯ୍ୟକ୍ରମ, ଉତ୍ତରଦାୟିତ୍ୱ ସମ୍ପର୍କରେ ବିଷଦ ଭାବରେ ଅଭିଭାଷଣ ରଖିଥିଲେ। ଇନଷ୍ଟାଲେସନ ଅଫିସର ଶ୍ରୀଖୁଣ୍ଟିଆ ନୂତନ ସଭାନେତ୍ରୀ ପୁଷ୍ପାଞ୍ଜଳି ମହାପାତ୍ର ଓ ସମ୍ପାଦିକା ସୁପ୍ରଭା ଶତପଥୀଙ୍କୁ ଶପଥ ପାଠ କରିବା ସହ ଦାୟିତ୍ୱ ନିର୍ବାହ ପାଇଁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆଳିଆ ସମିତି ସଭ୍ୟ କମ୍ବୁପାଣି ନାହାକ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ସୁକୁମାର ମାଝୀ, ନିର୍ଦ୍ଦେଶକ ଭାଗୀରଥି ଶତପଥୀ, ନିର୍ଦ୍ଦେଶକ ଅକ୍ଷୟ ମିଶ୍ର ଉପସ୍ଥିତ ଥିଲେ। କ୍ଲବ ପକ୍ଷରୁ ବହୁ ମହିଳାଙ୍କୁ ଖାଦ୍ୟ, ବସ୍ତ୍ର ବଣ୍ଟନ କରାଯାଇଥିଲା।

# ଘର ସମ୍ମୁଖରେ ବାପାମାଆଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ବେଲଗୁଣ୍ଠା, ୨୬।୭ (ସମିସ): ଆଜିକାଲି ସନ୍ତାନମାନେ ନିଜ ବାପାମାଆଙ୍କ ସେବା କରିବାକୁ ପଛଘୁଞ୍ଚା ଦେଇ ବୃଦ୍ଧାଶ୍ରମରେ ଛାଡ଼ି ଦେବାକୁ ପଛାଉ ନଥିବା ବେଳେ ଏହାର ଏକ ବ୍ୟତିକ୍ରମ ଦେଖାଦେଇଛି ବେଲଗୁଣ୍ଠା ସହରର ରଘୁନାଥ ବିହାରରେ। ପୁଅଟିଏ ନିଜ ବାପାଙ୍କ ନାମରେ ଏକ କଲୋନୀ ପ୍ରତିଷ୍ଠା କରିବା ସହିତ ନିଜ ବାପା ମାଆଙ୍କ ପ୍ରତିମୂର୍ତ୍ତିକୁ ଏକ ସ୍ୱତନ୍ତ୍ର ମନ୍ଦିରରେ ସ୍ଥାପନ କରିଛନ୍ତି। ଏହି ମହତ୍ କାର୍ଯ୍ୟ କରି ଅଞ୍ଚଳରେ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ବେଲଗୁଣ୍ଠା ନିବାସୀ ସ୍ୱର୍ଗତ ରଘୁନାଥ ପ୍ରଧାନ ଏବଂ ପ୍ରଫୁଲା କୁମାରୀ ପ୍ରଧାନଙ୍କ ସୁପୁତ୍ର ସୁଶାନ୍ତ କୁମାର ପ୍ରଧାନ। ଏହି କାର୍ଯ୍ୟକ୍ରମରେ ବେଲଗୁଣ୍ଠା ତହସିଲଦାର କକାକୃଷ୍ଣ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପ୍ରତିମୂର୍ତ୍ତି ଦୁଇଟିକୁ ଉନ୍ମୋଚନ କରିଥିଲେ। ଆସିକା ପଞ୍ଚାୟତସମିତିର ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟା ଅନିମା ପରିଡ଼ା, ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀ, ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ମହାପାତ୍ରଙ୍କ ସମେତ ବହୁ କାଉନସିଲର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ସାହୁ, ଯୁବ ସମାଜସେବୀ ମନ୍ମୟ ଖଟେଇ, ନାତି ଶୋହନ ପ୍ରଧାନ, ଆଦ୍ୟାଶା ପ୍ରଧାନ, ଅସ୍ତସ୍ୟା ପ୍ରଧାନ, ସୁଶାନ୍ତଙ୍କ ଭଉଣୀ ନନ୍ଦିନୀ ପ୍ରଧାନ, ଭିଣୋଇ ଲକ୍ଷ୍ମୀକାନ୍ତ ପ୍ରଧାନ, ଭାଣିଜୀ ଆଶ୍ରୀଶି ପ୍ରଧାନ, ଟୁଟୁ ପଟନାୟକ, କାଲୁ ବରାଡଙ୍କ ସମେତ ବନ୍ଧୁବାନ୍ଧବ, ସାହି ବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ରଘୁନାଥ ଜଣେ ଆଦର୍ଶ ଶିକ୍ଷକ ଥିବାରୁ ତାଙ୍କ ସୁପ୍ରଭାବ ସୁଶାନ୍ତଙ୍କ ଉପରେ ପଡ଼ିଥିବା ନେଇ ଆଲୋଚନା ହୋଇଥିଲା। ପ୍ରତିମୂର୍ତ୍ତି ଦୁଇଟି ଏକ ଲକ୍ଷ ଟଙ୍କା ବିନିମୟରେ କଳା ମୁଗୁନି ପଥରରେ ନୟାଗଡ଼ରେ ନିର୍ମାଣ ହୋଇ ଆସିଥିବା ସୂଚନା ମିଳିଛି।



# ଟ୍ରାକ୍ ତାରରେ ପାରା; ୨ ଘଣ୍ଟା ଅଟକିଲା ଏକ୍ସପ୍ରେସ୍ ଟ୍ରେନ୍


ରମ୍ଭା, ୨୬।୭(ସମିସ): ରମ୍ଭା ରେଲୱେ ଗେଟ ନିକଟରେ ଡାଉନ (୧୨୭୦୪) ଗୁଣ୍ଟୁର ହାଓଡା ଏକ୍ସପ୍ରେସ (ଫାଲକାନାମା) ଟ୍ରାକ ତାରରେ ପାରା ବସି ସର୍ଟସର୍କିଟ ଯୋଗୁଁ ଦୀର୍ଘ ୨ ଘଣ୍ଟା ଧରି ଅଟକ ରହିଥିବା ଖବର ମିଳିଛି। ଯଦ୍ୱାରା ଯାତ୍ରୀମାନେ ନାହିଁ ନ ଥିବା ହଟହଟା ହେବା ସହ ପଥଚାରୀମାନେ ହନ୍ତସନ୍ତ ହୋଇଥିବା ଜଣାପଡ଼ିଛି। ଉପରୋକ୍ତ ଟ୍ରେନ ଅଟକି ରହିବା ଦ୍ୱାରା ରମ୍ଭା ରେଲୱେ ଗେଟ (ସାବୁଳିଆ)ର ଉଭୟପଟରେ ଅନେକ ଯାତ୍ରୀବାହୀ ଓ ମାଲବୋଝେଇ ଯାନବାହନ ଅଟକି ରହିଥିଲା। ଡ୍ରାଇଭର ଉପସ୍ଥିତ ବୁଦ୍ଧି ଯୋଗୁଁ ଅନେକ ଯାତ୍ରୀ ଆସନ୍ନ ମୃତ୍ୟୁ ମୁଖରୁ ବଞ୍ଚିଥିବା ଜଣାଯାଇଛି। ରମ୍ଭା ଷ୍ଟେସନ କାର୍ଯ୍ୟାଳୟରୁ ପ୍ରକାଶ ଯେ ସକାଳ ୮.୪୦ରେ ୧୨୭୦୪ ଗୁଣ୍ଟୁର-ହାଓଡ଼ା ଡାଉନ ଫାଲକାନାମା ଏକ୍ସପ୍ରେସ ରହି ୧୦.୧୫ ମିନିଟରେ ଛାଡିଥିବା ସୂଚନା ମିଳିଛି। ବିଶ୍ୱଜିତ ଖୁଣ୍ଟିଆ ଏସଏସଇ (ଟିଆରଡି), ସତ୍ୟ ମହାପାତ୍ର ଏଏସଆଇ ବି. କେ ଡୋରା ଆରପିଏଫ ପ୍ରମୁଖ ଘଟଣାର ସୂଚନା ଗଣମାଧ୍ୟମଙ୍କୁ ପ୍ରଦାନ କରିଛନ୍ତି।



# ଭଞ୍ଜନଗର ସଙ୍କୁଳ ସଙ୍ଗୀତ କର୍ମଶାଳା ଉଦ୍‌ଯାପିତ

ଭଞ୍ଜନଗର,୨୬।୭ (ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଭଞ୍ଜନଗର ସଙ୍କୁଳ ପକ୍ଷରୁ ଦୁଇଦିନିଆ ସଙ୍ଗୀତ କର୍ମଶାଳା ରବିବାର ଉଦଯାପିତ ହୋଇଯାଇଛି। ଭଞ୍ଜନଗର ସଙ୍କୁଳ ପ୍ରମୁଖ ପ୍ରସନ୍ନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ କନ୍ଧମାଳ ସହଜିଲ୍ଲା ପ୍ରମୁଖ ତ୍ରିନାଥ ଗୌଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଞ୍ଜନଗରର ପ୍ରଧାନଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଉତ୍ତମ କୁମାର ମହାରଣା ଅତିଥି ଓ ପ୍ରଶିକ୍ଷକମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ଭାଗ ସଙ୍ଗୀତ ପ୍ରମୁଖ ବାଲାଜୀ କୁମାର ସାହୁ ଏବଂ ସଙ୍କୁଳ ସଙ୍ଗୀତ ପ୍ରମୁଖା ଶର୍ମିଷ୍ଠା କୁମାରୀ ସାହୁ କର୍ମଶାଳାରେ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଗୁରୁଜୀ ସୁରେନ୍ଦ୍ର ନାଥ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳା ୨୫ ଓ ୨୬ ଜୁଲାଇ ଦୁଇ ଦିନ ଧରି ଆୟୋଜିତ ହୋଇଥିଲା। ସଙ୍କୁଳ ଅନ୍ତର୍ଗତ ବିଭିନ୍ନ ଶିଶୁ ମନ୍ଦିରର ସଙ୍ଗୀତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଓ ଶିଶୁ ଭାଇ ଭଉଣୀମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

# ଜି.ଉଦୟଗିରି ସିର୍କୀ ଘାଇରେ ଜଳସ୍ତର ବୃଦ୍ଧି



ଜି.ଉଦୟଗିରି, ୨୬।୭(ସମିସ): ଜି.ଉଦୟଗିରି ବ୍ଲକର କାକାଲବାକି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯୋଜନା ଅନ୍ତର୍ଗତ ସିର୍କୀ ଘାଇଠାରେ ଜଳସ୍ତର ବଢ଼ିବାରେ ଲାଗିଛି। ସ୍ଥାନୀୟ ଚାଷୀକୁଳ ଖୁସି ପ୍ରକଟ

## କେନାଲ ନିର୍ମାଣ କାର୍ଯ୍ୟ ଜାରି


କରିବା ସହ ଆଗାମୀ ଦିନରେ ଜଳ ସଙ୍କଟ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଚଳିତ ବର୍ଷ ପ୍ରବଳ ମାତ୍ରାରେ ଲଘୁଚାପ ଜନିତ ଲଗାଣ ଲଘୁଚାପ ବର୍ଷା ହେଉଥିବା ଯୋଗୁଁ ସିର୍କୀ ଘାଇରେ ପୂର୍ଣ୍ଣମାତ୍ରାରେ ଜଳସ୍ତର ଗଚ୍ଛିତ ରହିଛି। ଅନ୍ୟପଟେ କେନାଲ ବନ୍ଧ ଭାଙ୍ଗି ଯାଇଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦ୍ୱାରା ବିଗତ ଦିନରେ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଦାବି କରିବା ସହ ଘାଇର ପୁନରୁଦ୍ଧାର ନିମନ୍ତେ ବିଭିନ୍ନ ଖବର କାଗଜରେ ଖବର ପରିବେଷଣ ପରେ ସରକାରୀ ନିୟମ ଅନୁସାରେ ଟେଣ୍ଡର ପ୍ରକ୍ରିୟା ଜାରି ହୋଇଥିଲା। ଟେଣ୍ଡର ପାଇ ଉକ୍ତ କେନାଲ ବନ୍ଧର ପୁନରୁଦ୍ଧାର କାର୍ଯ୍ୟକ୍ରମ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କୌଣସି କାରଣ ବଶତଃ କିଛି ଦିନ ହେଲା ଏହି କେନେଲ ବନ୍ଧ କାର୍ଯ୍ୟ ନିର୍ମାଣରେ ବିଳମ୍ବ ହୋଇଛି। ଉକ୍ତ ସିର୍କୀ ଘାଇର କେନାଲ ବନ୍ଧ ପୁନଃନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଶେଷ ହୋଇ ତଳିଆ ଅଞ୍ଚଳରେ ଜଳସେଚିତ ହେଲେ ଚାଷୀକୁଳ ଉପକୃତ ହେବେ ବୋଲି ଦାବି ରଖିଛନ୍ତି। ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି ଠିକା କାର୍ଯ୍ୟରେ ନିୟୋଜିତ କାର୍ଯ୍ୟରତ କର୍ମଚାରୀ।

## କ୍ଷତ୍ରୀୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

# 'ଏହା ସ୍ୱପ୍ନର ଜନ୍ମଭୂମି, ସଫଳତାର ସୋପାନ ଓ ସ୍ମୃତିର ଅମର ଠିକଣା'

ବେଲଗୁଣ୍ଠା, ୨୬।୭(ସମିସ)

ରବିବାର ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷତ୍ରୀୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠାନର ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ କହିଥିଲେ, ଏହି ବିଦ୍ୟା ବିହାର ଏକ ଅନୁଷ୍ଠାନ ନୁହେଁ, ଏହା ସ୍ୱପ୍ନର ଜନ୍ମଭୂମି, ସଫଳତାର ସୋପାନ ଓ ସ୍ମୃତିର ଅମର ଠିକଣା ବୋଲି ସେ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ରୂପେ ଭଞ୍ଜନଗର ଉପଜିଲ୍ଲାପାଳ ତଥା ଅନୁଷ୍ଠାନର ପରିଚାଳନା ପରିଷଦ ସଭାପତି ଉମାଶଙ୍କର ବେହେରା ସାମ୍ପ୍ରତିକ



ଡ଼ିଜିଟାଲ୍ ଯୁଗ ପୃଷ୍ଠଭୂମି ଅଧାରରେ ଛାତ୍ରଛାତ୍ରୀ କିପରି ନିଜକୁ ଉତ୍ତମ ମାର୍ଗର ପଥିକ କରିପାରିବେ ଓ ନିଜ ଦକ୍ଷତାର ବିକାଶ କରି ଶ୍ରେଷ୍ଠ ହେବେ ସେ ସମ୍ବନ୍ଧୀୟ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରୂପେ ପାଟପୁର କଲେଜ ରସାୟନ ବିଭାଗ ମୁଖ୍ୟ ଡ. କୈଳାସଚନ୍ଦ୍ର ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ଆଧାତ୍ମିକ ମାର୍ଗ ଅନୁସରଣ କରି ନିଜର ଭବିଷ୍ୟତ ଗଠନ ପାଇଁ ସୁନ୍ଦର ମାର୍ଗଦର୍ଶନ କରାଇଥିଲେ। ସମ୍ମାନିତ ଅତିଥି ରୂପେ ଉତ୍ତର ଘୁମୁସର ବନ ଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ବେଲଗୁଣ୍ଠା ବ୍ଲକ ଆର୍.ଡି, ଏସ.ଡି.ଓ ତଥା ଅନୁଷ୍ଠାନର ଜଣେ ପୂର୍ବତନ ଛାତ୍ରୀ ହିତାଞ୍ଜଳି ପଣ୍ଡା ଯୋଗ ଦେଇଥିଲେ। ପ୍ରଭୁ ଗଜାନନଙ୍କ ନିକଟରେ ପୂଜା କରାଯିବା ସହ ଅନୁଷ୍ଠାନ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅମୂଲ୍ୟ ଦାସଙ୍କ ପ୍ରତିମୂର୍ତ୍ତି ଏବଂ ପୂର୍ବତନ ଇତିହାସ ବିଭାଗ ଅଧ୍ୟାପକ ପ୍ରଦୀପ ତ୍ରିପାଠୀଙ୍କ ଫଟୋରେ ଅତିଥିଗଣ ପୁଷ୍ପ ମାଲ୍ୟ ପ୍ରଦାନ କରିଥିଲେ। କାରଗିଲ ବିଜୟ ଦିବସ ସ୍ମୃତିରେ ସମସ୍ତ ନିମନ୍ତ୍ରିତ ଅତିଥି, ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀଗଣ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ପରେ ସାଂସ୍କୃତିକ ପରିଷଦର ଉପସଭାପତି ସୁଶାନ୍ତ ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ରୁନିବାଳା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟାବଳୀରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଅନୁଷ୍ଠାନର କିଛି କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ପୂର୍ବତନ ଶୈକ୍ଷିକ କର୍ମଚାରୀ, ଅଣଶୈକ୍ଷିକ କର୍ମଚାରୀ ଏବଂ ଅନୁଷ୍ଠାନ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରଖିଥିବା କିଛି ସ୍ଥାନୀୟ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସାଂସ୍କୃତିକ ଉପସଭାପତି କିରନ କହଁର ଧନ୍ୟବାଦ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ପଟ୍ଟନାୟକ, ଦେବେଶଚନ୍ଦ୍ର ମହାପାତ୍ର, ତ୍ରିନାଥ ବେହେରା ସହଯୋଗ କରିଥିଲେ। କ୍ଷତ୍ରିୟବରପୁର ଡ଼ିଗ୍ରୀ କଲେଜର ଅଧ୍ୟକ୍ଷ ଡ. ଗିରିଧାରୀ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।